# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-305 ◆BHUBANESWAR ◆WEDNESDAY ◆1 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୫ ◆ଭୁବନେଶ୍ୱର ◆ବୁଧବାର ◆୧ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## 'ସକାଳ'ର ଛୁଟି

ଶ୍ରମ ଦିବସ ଉପଲକ୍ଷେ ମେ ୧ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୨ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୩ ତାରିଖ ଶୁକ୍ରବାର ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ


Symphony®

Thinking of Tomorrow

# ଭାରତର ନଂ.1 କୁଲର୍ ସିମ୍ଫୋନୀ!*



Diet 3D 30i
MRP (1N) : ₹11,299/-
Offer Price (1N) : ₹10,391/-

Winter 80 XL
MRP (1N) : ₹16,499/-
Offer Price (1N) : ₹12,991/-

Sumo 75XL
MRP (1N) : ₹15,499/-
Offer Price (1N) : ₹13,491/-

୪0+ ବର୍ଷର କୁଲିଂ କ୍ଷେତ୍ରରେ ଅଭିଜ୍ଞତା

60+ ଦେଶରେ ସେବାଯୋଗାଣ

25 ମିଲିୟନ୍+ ସୁଖୀ ଗ୍ରାହକ

*ଜୁଲାଇ '22 ରୁ ଜୁନ୍ '23 ମେଟ୍ରିକ୍ସ ରିସର୍ଚ୍ଚ ରିପୋର୍ଟ ଉପରେ ଆଧାରିତ. **ସମସ୍ତ ଟ୍ୟାକ୍ସର MRP ଅନ୍ତର୍ଭୁକ୍ତ

www.symphonylimited.com

କଷ୍ଟମର କେୟାର

symphonylimited.com/care | Call: 079-35235235 / 9510976161 | WhatsApp 'Hi' on: 9510976161

ଏଠାରେ କିଣାକିଣି କରନ୍ତୁ

Available at all leading outlets &

Symphony e-Shop shop.symphonylimited.com | PATRA ELECTRONICS | RAJ ELECTRONICS | GUPTA DISTRIBUTORS | BHARAT ELECTRONICS & HOME APPLIANCES | Reliance digital | croma | amazon | Flipkart

For Trade Enquiries and More Details, Contact : BHUBANESWAR, CUTTACK : 93377 84286, 93378 90169, 93376 10435, ANGUL : 9337112118, 9776220220

For bulk enquiries: institutional@symphonylimited.com

# ଯୋଡ଼ି ଶଙ୍ଖର ବିଜୟ ଧ୍ୱନୀରେ ପ୍ରକମ୍ପିତ ସମ୍ବଲପୁର ରାଜରାସ୍ତା



- ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ପ୍ରକାଶଙ୍କ ପ୍ରାର୍ଥୀପତ୍ର ଦାଖଲ
- ପ୍ରଣବଙ୍କ ସହ ରୋହିତ ପୂଜାରୀ ଓ ସୁଦର୍ଶନ ହରିପାଳ କଲେ ନାମାଙ୍କନ
- ପ୍ରଚଣ୍ଡ ଖରା ସତ୍ତ୍ୱେ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକ ସାମିଲ

**ସମ୍ବଲପୁର, ୩୦।୪(ସମିସ):** ଯୋଡ଼ି ଶଙ୍ଖର ଜୟଧ୍ୱନୀରେ ପ୍ରକମ୍ପିତ ସମ୍ବଲପୁର ରାଜରାସ୍ତା। ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ପ୍ରଣବ ପ୍ରକାଶ ଦାସ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଛି ସାରା ସମ୍ବଲପୁର। ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ଭାବରେ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ବିଧାନସଭା ଆସନ ନିମନ୍ତେ ରୋହିତ ପୂଜାରୀ ଓ ରେଙ୍ଗାଲି ବିଧାନସଭା ଆସନ ନିମନ୍ତେ ସୁଦର୍ଶନ ହରିପାଳ ଆଜି ନିଜର ନାମାଙ୍କନ ଦାଖଲ





କରିଛନ୍ତି। ୪୨ ଡ଼ିଗ୍ରୀ ଖରାରେ ନବୀନ ସେନାର ସେନାପତି ତଥା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରାର୍ଥୀପତ୍ର ଦାଖଲ ସମୟରେ ସହରରେ ଯେପରି ଜନ ସମୁଦ୍ର ସୃଷ୍ଟି ହୋଇଛି ତାହା ବିରୋଧୀମାନଙ୍କ ନିଦ ହଜାଇ ଦେଇଛି।

ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ କାର୍ଯ୍ୟାଳୟରେ ୩ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆଜି ସକାଳ ପ୍ରାୟ ୮ ଟାରେ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପ୍ରଣବ ପ୍ରକାଶ ଦାସ ଓ ରୋହିତ ପୂଜାରୀ ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବା ପରେ ଜେଲ ଛକରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନିଜର ପ୍ରିୟ ନେତା ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ଜାଣି ତାଙ୍କୁ ସର୍ମଥନ ଦେବାକୁ ବାଲିବନ୍ଧାଠାରେ ହଜାର ହଜାର ସମର୍ଥକଙ୍କ ସମାଗମ ହୋଇଥିଲା। ପୁରୁଷ, ମହିଳା, ଯୁବ ଭୋଟର ଓ ବିଭିନ୍ନ ବର୍ଗର ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ଶୋଭାଯାତ୍ରାରେ ଯୋଗ ହୋଇଥିଲେ। ବାଲିବନ୍ଧାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଭବ୍ୟ ଶୋଭଯାତ୍ରା ବାହାରିଥିଲା। ସମ୍ବଲପୁରୀ ବାଜାର ତାଳେ ତାଳେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ନାରା ଓ ସ୍ଲୋଗାନ୍‌ରେ କମ୍ପିଉଠିଥିଲା ସମ୍ବଲପୁର ସହର। ପ୍ରଣବ ପ୍ରକାଶ କେବଳ ଗୋଟିଏ ନିର୍ବାଚନମଣ୍ଡଳୀର ନୁହନ୍ତି, ସେ ହେଉଛନ୍ତି ନବୀନ ସେନାର ସେନାପତି। ସାରା ରାଜ୍ୟରେ ବିଜୁ ଜନତା ଦଳର ସଙ୍ଗଠନକୁ ସୁଦୃଢ କରିବାକୁ କାମ କରୁଛନ୍ତି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ତେଣୁକରି ପ୍ରଣବ ପ୍ରକାଶଙ୍କ ଲୋକପ୍ରିୟତା ସାରା ରାଜ୍ୟରେ ରହିଛି। ସମ୍ବଲପୁରରେ ନାମାଙ୍କନ ପାଇଁ ଶୋଭାଯାତ୍ରାରେ ଯିବା ସମୟରେ ଲୋକଙ୍କ ଭଲପାଇବାର ସେହି ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଣବ ପ୍ରକାଶଙ୍କ ଉପରେ ପୁଷ୍ପବର୍ଷା କରି ସମ୍ବଲପୁରର ଜନତା ସ୍ୱାଗତ ଜଣାଇଥିଲେ। ଶୋଭାଯାତ୍ରା ସମୟରେ ବାଟରେ ଅଟକି ସମ୍ବଲପୁରର ପ୍ରସିଦ୍ଧ ସରସତିଆ ଖାଇଥିଲେ ପ୍ରଣବ ପ୍ରକାଶ ଓ ରୋହିତ। ଝାଡୁଆପଡ଼ାଠାରେ ପହଞ୍ଚିବା ପରେ ବ୍ରହ୍ମପୁରା ଗୁଡିକୁ ଯାଇ ଦର୍ଶନ କରିଥିଲେ। ବାଲିବନ୍ଧା ଠାରୁ ଶୋଭାଯାତ୍ରା ବାହାରି କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ହାଟପଡ଼ା, ଦଲେଇପଡ଼ା ଓ ମ୍ୟୁନିସିପାଲଟି ଛକଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଣବପ୍ରକାଶଙ୍କ ନାମାଙ୍କନରେ ପ୍ରସ୍ତାବକ ଭାବେ ଦଳ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଭୁବନେଶ୍ୱର କିସାନ, ବବିତା ପ୍ରଧାନ, ଅରୁଣିମା ରହିଛନ୍ତି। ସେହିପରି ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡି ନେତା ରୋହିତ ପୂଜାରୀ ଉପ ଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡା ଓ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଳ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ପାଖରେ ୩ ସେଟ୍ ଲେଖାଏଁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

### ଅଲ୍ ଦି ବେଷ୍ଟ ବବି

ସମ୍ବଲପୁର ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡ଼ିଓ କଲ୍‌ରେ ମୁଖ୍ୟମନ୍ତ୍ରୀ ପ୍ରଣବଙ୍କୁ 'ଅଲ୍ ଦି ବେଷ୍ଟ ବବି' ବୋଲି ଉଲ୍ଲେଖ କରି ତୁମେ ନିଶ୍ଚିତ ବିଜୟୀ ହେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଭିଡ଼ିଓ କଲ୍‌କୁ ନିଜର ଆଶୀର୍ବାଦ ବୋଲି ଉଲ୍ଲେଖ କରି ପ୍ରଣବ ପ୍ରକାଶ ସମ୍ବଲପୁରରେ ବିଜେଡିର ବିଜୟ ଅବଧାରିତ ବୋଲି କହିଛନ୍ତି। ଆଜି ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ଛତ୍ରପୁର ଯାଉଥିବା ସମୟରେ ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇବାକୁ ଭୁଲି ନଥିଲେ। ଏକ ଭିଡିଓ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଥିଲେ, 'ଅଲ ଦ ବେଷ୍ଟ ବବି', ମୁଁ ନିଶ୍ଚିତ ଯେ ତୁମେ ଏହି ନିର୍ବାଚନରେ ବିଜୟଲାଭ କରିବ। ମୁଖ୍ୟମନ୍ତ୍ରୀଙ୍କର ଏହି ସଂକ୍ଷିପ୍ତ ଶୁଭେଚ୍ଛା ବାର୍ତ୍ତା ବେଶ୍ ଗୁରୁତ୍ୱବହନ କରୁଛି। ବିଜେଡିର ସେନାପତି ପ୍ରଣବ ପ୍ରକାଶ ଦାସ ଓରଫ ବବି ସମ୍ବଲପୁର ଲୋକସଭା ଆସନରୁ ବିଜେପି ସାଂସଦ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଲଢୁଛନ୍ତି।

## ବିଶ୍ୱାସର ଶୋଭାଯାତ୍ରା, ଭଲପାଇବାର ଭିଡ଼: ପ୍ରଣବ ପ୍ରକାଶ

ନାମାଙ୍କନ ସମୟରେ ସମ୍ବଲପୁରରେ ବିଶାଳ ଶୋଭାଯାତ୍ରା ଓ ସାଧାରଣ ଲୋକଙ୍କ ଯୋଗଦାନ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି ପ୍ରଣବ ପ୍ରକାଶ ଦାସ। ସେ କହିଛନ୍ତି ଯେ ଏହା ବିଶ୍ୱାସର ଶୋଭାଯାତ୍ରା, ଭଲପାଇବାର ଭିଡ। ବିଗତ ନିର୍ବାଚନରେ ସମ୍ବଲପୁରରୁ ଯେଉଁ ଦୁଇନେତା ନିର୍ବାଚିତ ହୋଇଥିଲେ ସେମାନେ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଭୁଆଁ



ବୁଲାଇଛନ୍ତି। ଅପରପକ୍ଷେ ରାଜ୍ୟ ସରକାରଙ୍କ ସମଲେଇ ପ୍ରକଳ୍ପ ଦ୍ୱାରା ସମଲେଇ ପୀଠର ଭବ୍ୟ ରୂପାନ୍ତରଣ, ଭିସୁଟ ଓ ଭିମସାରର ଉନ୍ନତିକରଣ, ପର୍ଯ୍ୟଟନସ୍ଥଳୀ ଗୁଡିକର ଉନ୍ନତିକରଣ, '୫-ଟି' ସ୍କୁଲ ଜରିଆରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ କରାଯାଇଛି। ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ରୋଜଗାରକ୍ଷମ କରିବା, କଳା, ସଂସ୍କୃତିର ସୁରକ୍ଷା, ଗ୍ରାମାଞ୍ଚଳର ଲୋକଙ୍କୁ ରୋଜଗାର ଯୋଗାଇବା, ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଏଭଳି ଅନେକ କ୍ଷେତ୍ରରେ ଉନ୍ନତିମୂଳକ କାମ କରାଯାଇଛି। ତେଣୁକରି ଏଥର ବିଜୁ ଜନତା ଦଳ ପ୍ରତି ଲୋକଙ୍କ ଆଶା ବିଶ୍ୱସ ବଢ଼ିଛି। ସମ୍ବଲପୁରବାସୀ ଏହା ନିଷ୍ପତ୍ତି ନେଇସାରିଛନ୍ତି ଯେ ଚଳିତ ନିର୍ବାଚନରେ ଯୋଡିଶଙ୍ଖ ଚିହ୍ନରେ ଭୋଟ ଦେବେ। ବିଜୁ ଜନତା ଦଳକୁ ବିପୁଳ ବ୍ୟବଧାନରେ ବିଜୟୀ କରିବେ। ମା' ସମଲେଶ୍ୱରୀଙ୍କ ଡୋରି ଲାଗିବାରୁ ମୁଁ ଏ ମାଟିର ସେବା କରିବା ପାଇଁ ଆସିଛି। ମୁଖ୍ୟମନ୍ତ୍ରୀ ମତେ ସମ୍ବଲପୁର ପଠାଇଛନ୍ତି। ମା'ଙ୍କ ଆଶୀର୍ବାଦ ରହିଛି। ଆମେ ନିଶ୍ଚୟ ଜୟଯୁକ୍ତ ହେବୁ ଏବଂ ସମୃଦ୍ଧ ସମ୍ବଲପୁର ଗଢିବା ଦିଗରେ କାମ କରିବୁ ବୋଲି ପ୍ରଣବ ପ୍ରକାଶ ଦାସ କହିଛନ୍ତି।

### ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

## ୭୨୮୯ଟି ବୁଥ୍; ୬,୨୮୭,୨୨୨ ମତଦାତା

**ଭୁବନେଶ୍ୱର, ୩୦।୪(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ (ଦେଶରେ ଚତୁର୍ଥ ପର୍ଯ୍ୟାୟ) ମତଦାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା କ୍ଷେତ୍ରରେ ମତଦାନ ହେବାକୁ ଯାଉଛି।

ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟ ପାଇଁ ୪ଟି ସଂସଦୀୟ କ୍ଷେତ୍ର ଅଧିନରେ ମୋଟ ୬, ୨୮୭, ୨୨୨ ଜଣ ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରେ ୩, ୦୯୭, ୫୨୭ ଜଣ ପୁରୁଷ, ୩, ୧୮୯, ୦୬୦ ଜଣ ମହିଳା ଓ ୬୩୫ ଜଣ ତୃତୀୟଲିଙ୍ଗୀ ରହିଛନ୍ତି। ଏହି ୪ଟି ଲୋକସଭା କ୍ଷେତ୍ରରେ ୧୮ରୁ ୧୯ ବର୍ଷ ବୟସର ୧, ୭୫, ୧୩୫ ଜଣ ନୂତନ ଭୋଟର ରହିଥିବାବେଳେ ୨୦-୨୯ ବର୍ଷ ବୟସର ୧୪, ୬୮, ୫୦୪ ଜଣ ଯୁବ ଭୋଟର ରହିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ମୋଟ ୭୨୮୯ଟି ବୁଥ୍ ଓ ୧୪ଟି ଅତିରିକ୍ତ ବୁଥ୍ ବ୍ୟବସ୍ଥା କରାଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ ଦ୍ୱାରା ଏହି ସମସ୍ତ ମତଦାତାଙ୍କୁ ମତଦାତା ସୂଚନା ପତ୍ର (ଭୋଟର ଇନ୍‌ଫରମେସନ୍ ସ୍ଲିପ୍) ଯୋଗାଇ ଦିଆଯିବ। ଏହି ସୂଚନାପତ୍ରରେ ମତଦାତାଙ୍କ ନାମ, ପାର୍ଟ ସଂଖ୍ୟା, କ୍ରମିକ ନମ୍ବର, ପୋଲିଂ ବୁଥ୍‌ର ନାମ, ମତଦାନ ତାରିଖ ଆଦି ସମସ୍ତ ଜରୁରୀ ସୂଚନା ରହିଛି। ମତଦାତାଙ୍କ ସୁବିଧା ନିମନ୍ତେ ଏଥିରେ ଇପିକ୍ ନମ୍ବର ଏବଂ ବୁଥ୍‌ର ରୋଡ୍ ମ୍ୟାପ୍ ମଧ୍ୟ ପ୍ରଦତ୍ତ ରହିବ। ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଏହି ମତାଦାନ ସୂଚନା ପତ୍ର ସହ 'ମତଦାତା ମାର୍ଗଦର୍ଶିକା' ଓ 'ଅଂଶୁଘାତ ସଚେତନତା ସୂଚନା ପତ୍ର' ବଣ୍ଟନ କରିବେ। ଏହି ଜରୁରୀ ସୂଚନାପତ୍ର ଓ ମାର୍ଗଦର୍ଶିକାଗୁଡ଼ିକ ସମସ୍ତ ଶତପ୍ରତିଶତ ମତଦାତାଙ୍କୁ ଯୋଗାଇ ଦେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ନିର୍ଦ୍ଦେଶ ଦେଇଛନ୍ତି।

## ୨୮ ବିଧାନସଭା କ୍ଷେତ୍ର ପାଇଁ ୨୪୩ ପ୍ରାର୍ଥୀ

### ୧୩ ପ୍ରାର୍ଥୀ କଲେ ପ୍ରାର୍ଥୀପତ୍ର ପ୍ରତ୍ୟାହାର

**ଭୁବନେଶ୍ୱର, ୩୦।୪(ସମିସ):** ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୨୪୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ପାଇଁ ଗତ ୧୮ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଥିଲା। ଗତ ୨୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୨୫୬ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ବୈଧ ରହିଥିଲା। ତେବେ ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାବେଳେ ୧୩ ଜଣ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ଅତଏବ ୨୮ ବିଧାନସଭା କ୍ଷେତ୍ର ପାଇଁ ମୋଟ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ନେଇ ସ୍ପଷ୍ଟ ହୋଇଛି। ୨୪୩ ପ୍ରାର୍ଥୀଙ୍କ ମଧ୍ୟରୁ ବ୍ରହ୍ମପୁର ବିଧାନସଭା ପାଇଁ ସର୍ବାଧିକ ୧୭ ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ଦିଗପହଣ୍ଡି ଆସନ ପାଇଁ ୧୩ ଜଣ, ନର୍ଲା, ଗୁଣପୁର, କୋରାପୁଟ ଆସନ ପାଇଁ ୧୨ ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି। ଜୟପୁର, ଲକ୍ଷ୍ମୀପୁର, ଭବାନୀପାଟଣା ଓ ଧର୍ମଗଡ଼ ଆସନ ପାଇଁ ୧୧ ଜଣ ଏବଂ ଛତ୍ରପୁର, ଗୋପାଳପୁର, ରାୟଗଡ଼ା ଓ ପାରଳାଖେମୁଣ୍ଡି ଆସନ ପାଇଁ ୧୦ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ହୀନ ରାଜନୀତି କରୁଛି ରାଜ୍ୟ ବିଜେପି

### ଆଶା, ଅଙ୍ଗନବାଡ଼ି ଓ ମିଶନ୍ ଶକ୍ତି ମା'ଙ୍କ ମନୋବଳ ଭାଙ୍ଗିବା ଉଦ୍ୟମ

**ଭୁବନେଶ୍ୱର, ୩୦।୪(ସମିସ):** ଆଶା, ମିଶନ୍ ଶକ୍ତି ଏବଂ ଅଙ୍ଗନବାଡିକର୍ମୀ ହେଉଛନ୍ତି ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ। ସମଗ୍ର ବିଶ୍ୱ ଏହି ମଡେଲକୁ ଅନୁକରଣ କରୁଛି। କିନ୍ତୁ ଓଡ଼ିଶା ବିଜେପି ନେତା ରାଜନୀତି ପାଇଁ ଏହି ମହିଳାମାନଙ୍କୁ ଟାର୍ଗେଟ କରୁଛି। ସେମାନଙ୍କ ମର୍ଯ୍ୟାଦାହାନି ସହ ସେମାନଙ୍କ ମନୋବଳକୁ ଭାଙ୍ଗିବା ପାଇଁ ହୀନ ପ୍ରୟାସ କରୁଛନ୍ତି ବିଜେପି ନେତା। ଏଣୁ ରାଜ୍ୟ ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ବିଜେଡି ଦାବି କରିଛି।

**ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ଆଗରୁ କାର୍ଯ୍ୟାନୁଷ୍ଠାନ ଲାଗି ବିଜେଡିର ଦାବି**

ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡି ପକ୍ଷରୁ ଦିଆଯାଇ ଥିବା ଦାବିପତ୍ରରେ କୁହାଯାଇଛି ଯେ ଆଶା, ଅଙ୍ଗନବାଡି ଏବଂ ମିଶନ୍ ଶକ୍ତିର କର୍ମୀମାନେ ତୃଣମୂଳ ସ୍ତରରେ ସେବା ଯୋଗାଇ ଦେଉଛନ୍ତି। କୋଭିଡ୍ ମହାମାରୀ ସମୟରେ ସେମାନଙ୍କ କାମକୁ ସାରା ଦୁନିଆ ଦେଖିଥିଲା। ରାଜ୍ୟବାସୀ ବିଶେଷକରି ଅବହେଳିତ ବର୍ଗଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବାରେ ଏହି ମହିଳାମାନେ ବଡ଼ ଭୂମିକା ନିର୍ବାହ କରୁଛନ୍ତି। ନିଜ ଜୀବନକୁ ବାଜିରେ ଲଗାଇ ସେମାନେ ଲୋକଙ୍କ ସେବା କରୁଛନ୍ତି। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ଓଡ଼ିଶା ବିଜେପି ସେହି ମହିଳାମାନଙ୍କ ବିରୋଧରେ ମିଥ୍ୟା ଆରୋପ ଆଣୁଛନ୍ତି। ଭିତ୍ତିହୀନ ଅଭିଯୋଗ କରି ସେମାନଙ୍କ ମନୋବଳ ଭାଙ୍ଗିବାକୁ ଉଦ୍ୟମ କରୁଛନ୍ତି। ରାଜନୀତି କରିବାକୁ ଯାଇ ବିଜେପି ନେତାଙ୍କ ଏତାଦୃଶ କାର୍ଯ୍ୟକଳାପ ଆମ ସମାଜକୁ ଦୁର୍ବଳ କରିଦେବ। ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ। ବିଜେପିର ଏପରି ହୀନ ଆଚରଣକୁ ଓଡ଼ିଶାବାସୀ ବରଦାସ୍ତ କରିବେ ନାହିଁ। ଏପରି ସମ୍ବେଦନଶୀଳ ମାମଲାରେ ତୁରନ୍ତ ହସ୍ତକ୍ଷେପ ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ଡ଼ ସସ୍ମିତ ପାତ୍ର, ସ୍ୱୟମ ପ୍ରକାଶ ମହାପାତ୍ର, ମାହିକ୍ଷୀତା ମିଶ୍ର, ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେପି

**ନୟାଗଡ଼, ୩୦।୪(ସମିସ):** ନୟାଗଡ଼ ବିଜେପିକୁ ପ୍ରଚାର ପାଇଁ ଲୋକ ମିଳୁନାହାନ୍ତି। ଛୋଟ ଛୋଟ ଶିଶୁଙ୍କୁ ନେଇ ନିଜର ଗୁଣଗାନ କରାଉଛନ୍ତି ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ। ଡାଲା ଅଟୋରେ ଶିଶୁଙ୍କୁ ବିପଜ୍ଜନକ ଭାବେ ଚଢ଼ାଇ ବିଜେପି ଜିନ୍ଦାବାଦ ଓ ରାଣୀ ମା' ଜିନ୍ଦାବାଦ ନାରା ପକାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରତ୍ୟୁଷା ଏବଂ ବିଜେପି ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହୋଇଛି।

ନୟାଗଡ଼ ବ୍ଲକ ଅନ୍ତର୍ଗତ ନଡିଆଳି ପଞ୍ଚାୟତ ଗବନଳ ଗାଁକୁ ନୟାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରଚାର ପାଇଁ ଯାଇଥିଲେ। ଉକ୍ତ ପ୍ରଚାର କାର୍ଯ୍ୟରେ କିଛି ଶିଶୁଙ୍କୁ ଏକ ଡାଲା ଅଟୋରେ ଚଢ଼ାଇ ନାରାବାଜି କରାଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଶିଶୁମାନେ ବିଜେପି ଜିନ୍ଦାବାଦ, ରାଣୀ ମା' ଜିନ୍ଦାବାଦ ନାରା ଦେଉଥିବା ଦେଖିବାକୁ ମିଳିଛି। ଏହି ଭିଡିଓଟି ପ୍ରତ୍ୟୁଷାଙ୍କ ଫେସବୁକ୍ ଆକାଉଣ୍ଟରେ ମଧ୍ୟ ଭାଇରାଲ ହୋଇଛି। ଯାହାକୁ ନେଇ ନୟାଗଡ଼



**ଶିଶୁଙ୍କୁ ନେଇ ପ୍ରଚାର କରୁଛନ୍ତି ପ୍ରତ୍ୟୁଷା ଡାଲା ଅଟୋରେ ବିପଦଜନକ ସ୍ଥିତିରେ ଶିଶୁ ମୁହଁରେ ବିଜେପି ଓ ରାଣୀ ମା' ଜିନ୍ଦାବାଦ ନାରା**

ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ନେଇ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ଅବୋଧ ଶିଶୁଙ୍କୁ ନେଇ ବିଜେପି ରାଜନୀତି କରୁଛି। ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ବିଜେପି ଦଳ ନାବାଳକଙ୍କୁ ନେଇ ହୀନ ରାଜନୀତି କରୁଛନ୍ତି। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରୁଛି।

ଏହାସହ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟୁଷାଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ପୌରପରିଷଦ ଅଧ୍ୟକ୍ଷା କହିଛନ୍ତି। ଏହି ପ୍ରଚାରରେ ବିଜେପି ନେତା ନସିର ଅହମ୍ମଦ ମଧ୍ୟ ସାମିଲ ଥିବା ଦେଖାଯାଇଛି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେପି ନେତ୍ରୀ ଇରାନୀ ରାୟ ବିଜୁ ଜନତା ଦଳକୁ ଆସିବା ପରେ ୧୭ ଶହ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇ ସାରିଛନ୍ତି। ନୟାଗଡ଼ ବିଜେପିକୁ ଏବେ ପ୍ରଚାର କରିବା ପାଇଁ କର୍ମୀ ଅଭାବ ପରିସ୍ଥିତି ଦେଖିବାକୁ ମିଳିଛି। ଯାହାକୁ ନେଇ ନୟାଗଡ଼ ବିଜେପି ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ କଳେ ବଳେ ଓ କୌଶଳେ ଉଦ୍ୟମ କରୁଛି। ନୟାଗଡ଼ରେ ବିଜେପି ପକ୍ଷରୁ ଆଖିଦୃଶିଆ ପ୍ରଚାରପ୍ରସାର ନଥିବା ବେଳେ ଶିଶୁଙ୍କୁ ସାମିଲ କରିବା ଅତ୍ୟନ୍ତ ଅଶୋଭନୀୟ ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଏଭଳି ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବା ପ୍ରକିୟାରୁ ରୋକ ଲଗାଇବା ଆବଶ୍ୟକ ବୋଲି ଅନେକ ବିଜେଡି ନେତା ଦାବି କରିଛନ୍ତି।

### ଅଙ୍ଗନବାଡ଼ି ସହାୟିକା ସେବାନିବୃତ୍ତ

**ନୟାଗଡ଼, ୩୦।୪(ସମିସ):** ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେପି ପକ୍ଷରୁ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହେବା ଜଣେ ଅଙ୍ଗନବାଡି ସହାୟିକାଙ୍କୁ ମହଙ୍ଗା ପଡ଼ିଛି। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱାଧାଦେବ ସିଂ ତାଙ୍କୁ କାର୍ଯ୍ୟରୁ ସେବା ନିବୃତ୍ତ କରିଛନ୍ତି। ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ହୋଇଥିଲା। ଉକ୍ତ ସମାବେଶରେ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ ଗ୍ରାମର ଅଙ୍ଗନବାଡି ସହାୟିକା ସୁମତି ଆଲଟିଆ ସାମିଲ ହୋଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ କରି ଜିଲ୍ଲାପାଳ ତାଙ୍କୁ ସେବା ନିବୃତ୍ତ କରିଥିବା ସୂଚନା ମିଳିଛି।

## ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି ପ୍ରଭାତୀ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କୁ ଫେରାଦ ହେଲା ବିଜେଡି




**ଭୁବନେଶ୍ୱର, ୩୦।୪(ସମିସ):** ଛୋଟ ପିଲାଙ୍କୁ ନିର୍ବଚନ ପ୍ରଚାରରେ ବ୍ୟବହାର କରୁଛନ୍ତି ବିଜେପିର ନିମାପଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା। ଜଣେ ଛୋଟ ପିଲା ଗୀତ ଗାଇ ପ୍ରଭାତୀଙ୍କ ପାଇଁ ଭୋଟ୍ ପ୍ରାର୍ଥନା କରୁଥିବା ଦେଖାଯାଇଛି। ଏହାକୁ ନିଜ ସେସିଆଲ୍ ମିଡିଆ ଆକାଉଣ୍ଟରେ ମଧ୍ୟ ସେ ଅପଲୋଡ୍ କରିଛନ୍ତି। ଛୋଟ ପିଲାଙ୍କୁ ରାଜନୈତିକ କାର୍ଯ୍ୟରେ ବ୍ୟବହାର କରିବାକୁ ଅନୈତିକ ଦର୍ଶାଇବା ସହ ଶିଶୁ ଅଧିକାର ଆଇନ ଓ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଉଲ୍ଲଙ୍ଘନ କରୁଥିବା ଦର୍ଶାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ରାଜନୈତିକ ଫାଇଦା ପାଇଁ ରାଜ୍ୟ ବିଜେପି ନେତାମାନେ ନିୟମିତ ଭାବେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି। ପ୍ରଭାତୀଙ୍କ ପୂର୍ବରୁ କେନ୍ଦ୍ରାପଡ଼ା, ସମ୍ବଲପୁର ଓ ଭୁବନେଶ୍ୱର ଲୋକସଭାରୁ ବିଜେପି ସାଂସଦ ପ୍ରାର୍ଥୀ ହେଇଥିବା ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ ଓ ଅପରାଜିତା ଷଡ଼ଙ୍ଗୀ ଛୋଟ ପିଲାଙ୍କୁ ବ୍ୟବହାର କରୁଥିବା ଦେଖାଯାଇଛି। ଏଣୁ ରାଜ୍ୟ ବିଜେପି ନେତାଙ୍କ ବିରେଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସହିତ ମହିକ୍ଷିତା ମିଶ୍ର, ଡ଼ ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ ପ୍ରମୁଖ ସାମିଲ ଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-305 ♦BHUBANESWAR ♦WEDNESDAY ♦1 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୦୫ ♦ଭୁବନେଶ୍ୱର ♦ବୁଧବାର ♦୧ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




# ସବୁ ରେକର୍ଡ ଭାଙ୍ଗିଲା ବାରିପଦା

## ୪୬.୪ ଡିଗ୍ରୀ ସହ ବିଶ୍ୱର ଦ୍ୱିତୀୟ ଉତ୍ତପ୍ତ ସହର

| ସହର | ତାପମାତ୍ରା (ଡିଗ୍ରୀ) |
|---|---|
| ଯୋବା(ଓମାନ୍) | ୪୯.୨ |
| ବାରିପଦା (ଓଡ଼ିଶା) | ୪୬.୪ |
| ବାଲେଶ୍ୱର (ଓଡ଼ିଶା) | ୪୬.୦ |
| ଏନ୍‌ଜାମେନା | ୪୬.୦ |
| ଚୌକ୍ (ମିଆଁମାର୍) | ୪୫.୮ |
| ବିଲ୍‌ମା (ନାଇଜେରିଆ) | ୪୫.୫ |
| ଜାମସେଦ୍‌ପୁର (ଭାରତ) | ୪୫.୫ |
| ମିଦ୍‌ନାପୁର୍ (ଭାରତ) | ୪୫.୫ |
| ଏନ୍ ଜିମି (ନାଇଜେରିଆ) | ୪୫.୫ |
| ଭୁବନେଶ୍ୱର (ଓଡ଼ିଶା) | ୪୫.୪ |

- ବିଶ୍ୱର ୧୦ ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାର ୩
- ୪୫.୬ ଡିଗ୍ରୀ ସହ ସିଝିଲା ଭୁବନେଶ୍ୱରର
- ୧୫ ସହରରେ ୪୪ ଡିଗ୍ରୀ ଉପରେ ତାତି
- ୧୬ ଦିନ ଧରି ଜାରି ରହିଛି ଗ୍ରୀଷ୍ମ ପ୍ରବାହ
- ପୂର୍ବରୁ ୫୦ ଡିଗ୍ରୀ ଅତିକ୍ରମ କରିଛି ଓଡ଼ିଶା

■ ଭୁବନେଶ୍ୱର, ୩୦।୪ (ସମିସ): ତତଲା କଡ଼େଇରେ ସାରା ଓଡ଼ିଶା। ଆକାଶରୁ ନିଆଁ ବର୍ଷା ଭଳି ଖରା ଅନୁଭୂତ ହେଉଛି। ସକାଳ ୮ଟାରୁ ସାରା ରାଜ୍ୟ ପାଲଟି ଯାଉଛି ଅଗ୍ନିପିଣ୍ଡୁଳା। ଦିନ ୧୧ଟା ସୁଦ୍ଧା ତାତି ୪୦ ଡିଗ୍ରୀ ଡେଇଁ ଯାଉଥିବା ବେଳେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକଙ୍କୁ କଲବଲ କରୁଛି। ରାଜ୍ୟରେ ହାତଗଣତି କିଛି ସହରକୁ ଛାଡ଼ିଦେଲେ ବାକି ସବୁ ସ୍ଥାନରେ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ବଢ଼ିବା ଯୋଗୁଁ ପ୍ରାୟ ମାସେ ହେବ ରାଜ୍ୟବାସୀ କଲବଲ ହେଉଛନ୍ତି।

ମଙ୍ଗଳବାର ରାଜ୍ୟରେ ଅନୁଭୂତ ହୋଇଥିବା ତାତି ଦୀର୍ଘ ବର୍ଷର ଏକାଧିକ ରେକର୍ଡ ଭାଙ୍ଗିଛି। ମଙ୍ଗଳବାର ବିଶ୍ୱର ସବୁଠୁ ୧୦ ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାରୁ ୩ଟି ସହର ସାମିଲ ଥିବା ବେଳେ ଦେଶର ୧୦ ଉତ୍ତପ୍ତ ▶ପୃଷ୍ଠା-୯

# ନାମାଙ୍କନ କଲେ ନବୀନ

## ମା’ ତାରାତାରିଣୀଙ୍କ ଆଶିଷ ନେଇ ପ୍ରାର୍ଥିପତ୍ର ଦାଖଲ

■ ବ୍ରହ୍ମପୁର/ଛତ୍ରପୁର/ପୁରୁଷୋତ୍ତମପୁର, ୩୦।୪ (ସମିସ): ଦକ୍ଷିଣ ଓଡ଼ିଶାର ଆରାଧ୍ୟ ଦେବୀ ତାରାତାରିଣୀଙ୍କ ଆଶିଷ ନେଇ ନିଜର ପାରମ୍ପରିକ ହିଞ୍ଜିଳି ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଛତ୍ରପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନିଜର ୪ସେଟ୍ ନାମାଙ୍କନ ପତ୍ର ନିର୍ବାଚନ ରିଟର୍ଣ୍ଣିଂ ଅଫିସର ତଥା ଛତ୍ରପୁର ଉପଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ପତ୍ରରେ କବିରାଜ ପ୍ରଧାନ, ସୁରେନ୍ଦ୍ର ନାଥ ପ୍ରଧାନ, ଶରତ ଚନ୍ଦ୍ର ପାତ୍ର ଓ ସୁବାସ ଚନ୍ଦ୍ର ପଲେଇ ପ୍ରମୁଖ ପ୍ରସ୍ତାବକ ଏବଂ ସମର୍ଥକ ରହିଛନ୍ତି। ଏହି ଅବସରରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ଅର୍ଥମନ୍ତ୍ରୀ ବିକ୍ରମ



ଆରୁଖ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଆସିକା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ▶ପୃଷ୍ଠା-୯

## କଣ୍ଟାବାଞ୍ଜିରୁ ଗୁରୁବାର

■ ଭୁବନେଶ୍ୱର, ୩୦।୪ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବଲାଙ୍ଗିର ଗସ୍ତରେ ଯାଇ କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ। ମୁଖ୍ୟମନ୍ତ୍ରୀ ୨ ତାରିଖ ପୂର୍ବାହ୍ନରେ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି ତୁଷରା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ଏହା ପରେ ଟିଟିଲାଗଡ଼ ସ୍ଥିତ ସିଟି ହାଇସ୍କୁଲ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେଠାରୁ ଟିଟିଲାଗଡ଼ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିବେ।

### ଟିକିଟି ଓ ମୋହନାରେ ପାଣ୍ଡିଆନଙ୍କ ହାଇଭୋଲ୍‌ଟେଜ୍ ପ୍ରଚାର

# ବେଲ୍‌ରେ ଥିବା ବ୍ୟକ୍ତିଙ୍କୁ ସଂସଦ ନୁହେଁ; ଜେଲ୍ ପଠାନ୍ତୁ

## ନାମ ଉଲ୍ଲେଖ ନ କରି ବିରୋଧୀ ଦଳ ନେତାଙ୍କୁ ତୀବ୍ର ସମାଲୋଚନା

■ ବ୍ରହ୍ମପୁର/ ଚିକିଟି/ ମୋହନା, ୩୦।୪ (ସମିସ): ସଂସଦ ବା ବିଧାନସଭା ପରି ପବିତ୍ର ଗୃହରେ ଜେଲ ଫେରନ୍ତାଙ୍କ ସ୍ଥାନ ନାହିଁ; ସେମାନଙ୍କ ସ୍ଥାନ ଜେଲ୍‌ରେ। ଯେଉଁମାନେ ଜେଲ୍‌ରୁ ବେଲ୍‌ରେ ଆସି ସାଂସଦ ହେବାକୁ ନିର୍ବାଚନ ଲଢ଼ୁଛନ୍ତି, ସେମାନଙ୍କୁ ସଂସଦ ନୁହେଁ; ଜେଲକୁ ପଠାଯିବା ଆବଶ୍ୟକ ବୋଲି ଚିକିଟିର ବିଶାଳ ଜନସମାବେଶରେ ଆହ୍ୱାନ ଦେଇଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଗଞ୍ଜାମ ଜିଲ୍ଲାର ମୋହନା ଓ ଚିକିଟିରେ ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ମୋହନା ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଓ ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପଦେବଙ୍କ ନିମନ୍ତେ ପ୍ରଚାର ଅବସରରେ ଶ୍ରୀ ପାଣ୍ଡିଆନ ବିରୋଧୀଙ୍କୁ ଅତ୍ୟନ୍ତ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ପ୍ରାର୍ଥୀମାନେ ଆସୁଛନ୍ତି ଆଉ ଲୋକଙ୍କୁ ମିଛ କହି ଠକୁଛନ୍ତି। ତେଣୁ ଆପଣମାନେ ସତର୍କ ରୁହନ୍ତୁ। ଅପରାଧୀମାନଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ ହେଉଛି ଜେଲ୍; କିନ୍ତୁ ବିରୋଧୀ ତାଙ୍କୁ ପ୍ରାର୍ଥୀ କରୁଛନ୍ତି। ଆମେ ତାଙ୍କୁ ତାଙ୍କର ଉଚିତ ସ୍ଥାନ ଦେଖାଇବା। ବିରୋଧୀ ସବୁବେଳେ ବଡ ▶ପୃଷ୍ଠା-୯

**ମୁଖ୍ୟମନ୍ତ୍ରୀ ଆପଣଙ୍କୁ ଭଲ ପାଆନ୍ତି; ବିରୋଧୀଙ୍କ କଥା ବଡ଼, କାମ ଶୂନ: ପାଣ୍ଡିଆନ**



- ମା’ ମାନଙ୍କୁ ନୂଆ ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ
- ଆପଣଙ୍କ ପିଲାଙ୍କ ଭବିଷ୍ୟତ ପାଇଁ ସେ ହାଇସ୍କୁଲ ରୂପାନ୍ତର କରିଛନ୍ତି
- ଚିକିଟିରେ ଚାଲିଛି ୪୫ କୋଟିର କାମ, ମୋହନାରେ ୧୮୦ କୋଟି
- ଲୋକଙ୍କୁ ସମସ୍ତ କାମର କଡ଼ାଗଣ୍ଡା ହିସାବ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ବିଜେଡିକୁ ବିପୁଳ ବ୍ୟବଧାନରେ ବିଜୟୀ କରିବାକୁ କଲେ ଅନୁରୋଧ

## ଡବଲ ଇଞ୍ଜିନ୍ ୩୦୦ ନବୀନ ଇଞ୍ଜିନ ୧୦୦୦

ଚିକିଟି ଓ ମୋହନାରେ ଦଳୀୟ ପ୍ରଚାର ଅବସରରେ ବିରୋଧୀଙ୍କ ‘ଡବଲ ଇଞ୍ଜିନ୍’ ପ୍ରଚାରକୁ କଟାକ୍ଷ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ। ସେ କହିଛନ୍ତି ଯେ ବିରୋଧୀମାନେ ଡବଲ ଇଞ୍ଜିନ୍, ସିଙ୍ଗଲ ଇଞ୍ଜିନ୍ ଆଦି କେତେ କଥା କହୁଛନ୍ତି; କିନ୍ତୁ ଓଡ଼ିଶାବାସୀ ନବୀନ ଇଞ୍ଜିନ୍‌ର ଶକ୍ତି ଦେଖିଛନ୍ତି। ବିରୋଧୀମାନେ ବାରମ୍ବାର ଡବଲ ଇଞ୍ଜିନ କଥା କହୁଛନ୍ତି; କିନ୍ତୁ ଗରିବ ଲୋକଙ୍କୁ ଭତ୍ତା ଦେଲା ବେଳକୁ ଦେଉଛନ୍ତି ମାତ୍ର ୩୦୦ ଟଙ୍କା। ଅନ୍ୟ ପକ୍ଷରେ ଓଡିଶାରେ ନବୀନ ଇଞ୍ଜିନ ଗରିବ ଲୋକମାନଙ୍କୁ ୧୦୦୦ ଟଙ୍କା ପ୍ରଦାନ କରୁଛନ୍ତି। ପୂର୍ବରୁ ଗରିବ ଲୋକମାନଙ୍କୁ ଶହେ, ଦୁଇଶହ, ତିନିଶହ ଟଙ୍କା ଭତ୍ତା ରାଶି ମିଳୁଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ଗରିବ ଲୋକମାନଙ୍କ ମନ କଥା ▶ପୃଷ୍ଠା-୯

# ଶ୍ରମିକଙ୍କ ‘ସଖା’ ନବୀନ

## ବିଜେପି ଶାସିତ ରାଜ୍ୟଠାରୁ ଓଡ଼ିଶାର ସର୍ବନିମ୍ନ ମଜୁରି ଅଧିକ

■ ଭୁବନେଶ୍ୱର, ୩୦।୪ (ସମିସ): ସବୁ ବର୍ଗର ଲୋକେ ଖୁସିରେ ବଞ୍ଚିବେ, ସମ୍ମାନର ସହ ବଞ୍ଚିବେ। ଗତ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାରର ଏହା ହିଁ ପ୍ରମୁଖ ଲକ୍ଷ୍ୟ। ରାଜ୍ୟର ସବୁ ବର୍ଗର ମଙ୍ଗଳ ଏବଂ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବୀ ପଦକ୍ଷେପ ନେଇ

- ନିର୍ମାଣ ଶ୍ରମିକଙ୍କ ପାଇଁ କଲ୍ୟାଣ ବୋର୍ଡ
- ସର୍ବନିମ୍ନ ୧୦୦୦ ଟଙ୍କାର ପେନ୍‌ସନ୍
- କେନ୍ଦୁପତ୍ର ଶ୍ରମିକଙ୍କୁ ୫୦% ବୋନସ୍
- କୃଷି ଶ୍ରମିକଙ୍କୁ ‘କାଳିଆ’ ସହାୟତା

ଆସୁଛନ୍ତି। ଏହିକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମରେ ସବୁଠାରୁ ଅଧିକ ଲାଭାନ୍ୱିତ ହୋଇଛନ୍ତି ରାଜ୍ୟର ଶ୍ରମିକ ବର୍ଗ। ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, କେନ୍ଦୁପତ୍ର ଶ୍ରମିକଙ୍କ ସଶକ୍ତୀକରଣ ଓ ସେମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ରାହା ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରମଜୀବୀଙ୍କ ପାଇଁ ସମର୍ପିତ ମୁଖ୍ୟମନ୍ତ୍ରୀ ଶ୍ରମିକଙ୍କ ସଖା ପାଲଟିଛନ୍ତି। ନିକଟରେ ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି କରି ସେମାନଙ୍କୁ ବଡ଼ ଉପହାର ପ୍ରଦାନ କରିଥିଲେ। ଅଣକୁଶଳୀ ବର୍ଗର ଶ୍ରମିକଙ୍କ ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୁଶଳୀ ଶ୍ରମିକଙ୍କ ▶ପୃଷ୍ଠା-୯

**ସର୍ବନିମ୍ନ ଶ୍ରମିକ ମଜୁରୀ (ଅଣକୁଶଳୀ)**

| ରାଜ୍ୟ | ଦୈନିକ ମଜୁରୀ |
|---|---|
| ମହାରାଷ୍ଟ୍ର | ୪୬୫.୩୮ |
| ଓଡ଼ିଶା | ୪୫୨.୦୦ |
| ତାମିଲନାଡ଼ୁ | ୪୦୦.୯୬ |
| ଉତ୍ତରପ୍ରଦେଶ | ୩୯୫.୧୯ |
| ବିହାର | ୩୮୮.୦୦ |
| ପଶ୍ଚିମବଙ୍ଗ | ୩୭୯.୦୦ |
| ମଧ୍ୟପ୍ରଦେଶ | ୩୭୭.୮୮ |
| ଗୁଜରାଟ | ୩୬୩.୦୦ |

## ଦିନେଶ ତ୍ରିପାଠୀ ନୌସେନା ମୁଖ୍ୟ



■ ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଆଡ୍‌ମିରାଲ ଦିନେଶ କୁମାର ତ୍ରିପାଠୀ ଭାରତୀୟ ନୌସେନାର ମୁଖ୍ୟ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ନୌସେନାର ଉପମୁଖ୍ୟ ଭାବେ ଦାୟିତ୍ୱ ନିଭାଇ ଆସିଥିବା ଆଡ୍‌ମିରାଲ ଦିନେଶ ହେଉଛନ୍ତି ଭାରତୀୟ ନୌସେନାର ୨୬ତମ ମୁଖ୍ୟ। ନୌସେନା ମୁଖ୍ୟ ଆର.ହରିକୁମାରଙ୍କ ଅବସର ପରେ ବର୍ତ୍ତମାନ ତାଙ୍କ ସ୍ଥାନରେ ଦିନେଶଙ୍କୁ ନିଯୁକ୍ତି ମିଳିଛି। ରେୱା ସୈନିକ ସ୍କୁଲ ଏବଂ ନ୍ୟାସନାଲ ଡିଫେନ୍ସ ଏକାଡେମୀରୁ ଉତ୍ତୀର୍ଣ୍ଣ ହେବା ▶ପୃଷ୍ଠା-୯

### ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା

# ଫେରିଲେ ପନ୍ତ, ରାହୁଲ ନିରାଶ

■ ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଜୁନ ୧ରୁ ଆରମ୍ଭ ହେବ। ଫଟାଫଟ୍ କ୍ରିକେଟ୍‌ର ଏହି ମେଗା ଇଭେଣ୍ଟ ଲାଗି ମଙ୍ଗଳବାର ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ



ଦଳ ଘୋଷଣା କରାଯାଇଛି। ରୋହିତ୍ ଶର୍ମାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିବାବେଳେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଉପ-ଅଧିନାୟକ ଭାର ସମ୍ଭାଳିବେ। ଏହି ଦଳରେ ଅଭିଜ୍ଞ ୱିକେଟ୍‌ରକ୍ଷକ ଋଷଭ ପନ୍ତଙ୍କୁ ସ୍ଥାନ ମିଳିଛି। ଡିସେମ୍ବର ୨୦୨୨ରେ କାର ▶ପୃଷ୍ଠା-୯

### ଟିକଟ ଅସନ୍ତୋଷ

# ବିଜେପିରେ ଇସ୍ତଫା ଝଡ଼

- ଦଳ ଛାଡ଼ିଲେ ଖୋର୍ଦ୍ଧାର ଟାଣୁଆ ନେତା କାଳୁଚରଣ
- ଇସ୍ତଫା ଦେଲେ ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ
- ବାଲିକୁଦା-ଏରସମା, ସୋର, ଧର୍ମଶାଳାରେ ବିଦ୍ରୋହ
- ରାଜ୍ୟ ନେତୃତ୍ୱକୁ ହିନ୍ଦୋଳ, ବ୍ରଜରାଜନଗର ଚିନ୍ତା
- ସ୍ୱାଧୀନ ନାମାଙ୍କନ କରିଛନ୍ତି ଅନେକ ଅସନ୍ତୁଷ୍ଟ

■ ଭୁବନେଶ୍ୱର, ୩୦।୪ (ସମିସ): ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ମାତ୍ର ବିଜେପିର ପ୍ରଥମ ପର୍ଯ୍ୟାୟ ଟିକଟ ଘୋଷଣା ପରଠାରୁ ଦଳ ଭିତରେ ଲାଗି ରହିଥିବା ଅସନ୍ତୋଷ, ବିଦ୍ରୋହ ଥମିବାର ନାଁ ଧରୁନାହିଁ। ଘୋଷିତ ପ୍ରାର୍ଥୀ ତାଲିକାକୁ ବିରୋଧରେ କରି ପ୍ରତିଦିନ ରାଜ୍ୟର ଏକାଧିକ ନିର୍ବାଚନମଣ୍ଡଳୀର ଆଶାୟୀ, ଛାମୁଆ ନେତା ଓ କର୍ମୀ ଦଳ ଛାଡୁଛନ୍ତି। ଆଉ ୧୨ ଦିନ ପରେ ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ହେବାକୁ ଥିବାବେଳେ ବିଜେପିର ଏହି ଟିକଟ ସଙ୍କଟ ଦଳ ପାଇଁ ଆତ୍ମଘାତୀ ପରିଣତ ହୋଇଛି।

ସୋମବାର ଦଳର ଏକାଧିକ ଛାମୁଆ ନେତା ଓ କର୍ମୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଖୋର୍ଦ୍ଧା ବିଜେପିର ଟାଣୁଆ ନେତା କାଳୁଚରଣ ଖଣ୍ଡାୟତରାୟ ସାମ୍ବାଦିକ ସମ୍ମିଳନୀରେ ଦଳ ଛାଡ଼ିବା ଘୋଷଣା କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ କାଳୁ ଖୋର୍ଦ୍ଧାରୁ ୭୫ ହଜାରରୁ ଅଧିକ ଭୋଟ ପାଇ ଅଳ୍ପ ବ୍ୟବଧାନରେ ପରାଜୟ ବରଣ କରିଥିଲେ। ତାଙ୍କ ପରି ଟାଣୁଆ ନେତା ଦଳ ଛାଡ଼ିବା ବିଜେପିକୁ ଶକ୍ତ ଧକ୍କା ବୋଲି କୁହାଯାଉଛି। ସେହିପରି ଆଜି ମୋହନାର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ ମଧ୍ୟ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଦଳରେ ମହିଳା ନେତ୍ରୀଙ୍କୁ ଉଚିତ୍ ସମ୍ମାନ ଦିଆଯାଉ ନାହିଁ ବୋଲି କ୍ଷୋଭ ପ୍ରକାଶ କରି ସେ ଦଳତ୍ୟାଗ କରିଛନ୍ତି। ▶ପୃଷ୍ଠା-୯


DADLS-08



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ମଇ ଦିବସ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)

OIPR-15001/13/0019/2425






# ରଥୀ ଏବେ ଯୋଦ୍ଧାଙ୍କ ସାରଥୀ

- ନିର୍ବାଚନ ନ ଲଢ଼ି ନେଉଛନ୍ତି ନିର୍ଣ୍ଣାୟକ ଭୂମିକା
- ଦଳ ଓ ପ୍ରାର୍ଥୀଙ୍କ ସପକ୍ଷରେ ଜୁଟାଉଛନ୍ତି ସମର୍ଥନ
- ପରଦା ପଛରେ ରହି କରୁଛନ୍ତି ଗୋଟି ଚାଳନା

**ଭୁବନେଶ୍ୱର, ୩୦।୪(ସମିସ):** ଦିନ ଥିଲା, ବିଚକ୍ଷଣ ଗୋଟିଚାଳନା କରୁଥିଲେ, ନିର୍ବାଚନ ବୈତରଣୀ ପାର ହେଉଥିଲେ। ଦଳୀୟ ଟିକଟ ପାଇଁ ତାଲିକାର ସର୍ବାଗ୍ରେ ତାଙ୍କ ନାମ ରହୁଥିଲା। ସେମାନଙ୍କ ଧୁରନ୍ଧର ରଣନୀତି ଆଗରେ






ବିରୋଧୀଙ୍କ ସବୁ ଚାଲ୍ ଫସର ଫାଟି ଯାଉଥିଲା। ଏବେ ସେମାନେ ଟିକଟ ପାଇନାହାନ୍ତି, କିନ୍ତୁ ଦଳର ବିଜୟ ପାଇଁ ଖଟାଇ ଦେଇଛନ୍ତି ବଳ। ଦଳୀୟ ଯୋଦ୍ଧାଙ୍କ ରଥରେ ସାରଥୀ ହୋଇ ଯୁଦ୍ଧ ଭୂଇଁରେ ଅବତୀର୍ଣ୍ଣ ହୋଇଛନ୍ତି। କିଏ ନିଜ ପରିବାରର ଉତ୍ତରଦାୟାଦଙ୍କ ବିଜୟ ପାଇଁ ନିର୍ବାଚନ ରାଜନୀତିରେ ସକ୍ରିୟ ଅଛନ୍ତି ତ ଆଉ କିଏ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର୍ ପ୍ରଚାର କରୁଛନ୍ତି। ଏପରିକି, ସେମାନଙ୍କ ସମ୍ପୃକ୍ତି ଅନେକ ଆସନରେ ବଡ଼ ପ୍ରଭାବ ପକାଇବ ବୋଲି କୁହାଯାଉଛି।

ବର୍ଷିଆନ୍ ରାଜନେତା ବିଜୟ ମହାପାତ୍ର ଏଥର ନିର୍ବାଚନ ଲଢୁନଥିଲେ ସୁଦ୍ଧା ନିଜ ପୁଅ ଅରବିନ୍ଦ ମହାପାତ୍ରଙ୍କ ବିଜୟ ନକ୍ସା ଆଙ୍କିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପାଟକୁରା ବିଧାନସଭା ଆସନରେ ବିଜେଡିର ବଡ଼ ବିଜୟରେ ବିଜୟଙ୍କ ଭୂମିକା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ୍ ନେତା ସୁରେଶ କୁମାର ରାଉତରାୟ ପୂର୍ବ ଘୋଷଣା ଅନୁସାରେ ନିର୍ବାଚନ ଲଢୁ ନାହାନ୍ତି; କିନ୍ତୁ ବିଜେଡି ଟିକଟରେ ଭୁବନେଶ୍ୱର ଲୋକସଭା ଆସନ ପାଇଁ ଲଢୁଥିବା ନିଜ ସାନ ପୁଅ ମନ୍ମଥ ରାଉତରାୟ ଏବଂ ନିମାପଡ଼ାରୁ କଂଗ୍ରେସ୍ ପ୍ରାର୍ଥୀ ହୋଇଥିବା ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟଙ୍କ ପାଇଁ ସକାଳୁ ରାତି ଯାଏ ବୁଲି ବୁଲି ପ୍ରଚାର କରୁଛନ୍ତି। ଏପରିକି ଦଳରୁ ନିଲମ୍ବନକୁ ସେ ଭ୍ରୂକ୍ଷେପ କରିନାହାନ୍ତି। କଟକ ବାରବାଟୀର ଚର୍ଚ୍ଚିତ ବିଧାୟକ ମହମ୍ମଦ ମୋକିମ୍ ଅଦାଲତୀ ମାମଲା ପାଇଁ ଏଥର ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହେବା ପରେ ଝିଅ ସୋଫିଆ ଫିରଦୋଷଙ୍କ ପାଇଁ ମଇଦାନକୁ ଓହ୍ଲାଇଛନ୍ତି। ବଡ଼ଚଣା ଟିକଟରୁ ବଞ୍ଚିତ ହୋଇଥିବା ବରିଷ୍ଠ ବିଜେଡି ନେତା ଅମର ପ୍ରସାଦ ଶତପଥୀ ଏବେ ଦଳୀୟ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀଙ୍କ ସପକ୍ଷରେ ମଇଦାନକୁ ଓହ୍ଲାଇଛନ୍ତି।

ଗଞ୍ଜାମ ଜିଲ୍ଲାର ଭେଟେରାନ୍ ରାଜନେତା ଏବଂ ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ ଏଥର ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି; କିନ୍ତୁ ଗଞ୍ଜାମ ଜିଲ୍ଲାରେ ବିଜେଡିର ବିଜୟ ସୁନିଶ୍ଚିତ କରିବାରେ ତାଙ୍କର ବଡ଼ ଯୋଗଦାନ ରହିବ ବୋଲି କୁହାଯାଉଛି।। ସେହିପରି କୋରାପୁଟ ବିଜେଡିର ତୁଙ୍ଗନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ପତ୍ନୀ ଇନ୍ଦିରା ନନ୍ଦଙ୍କ ପାଇଁ ବେଶ୍ ସକ୍ରିୟ ଅଛନ୍ତି। ଅପରପକ୍ଷେ ଏକଦା ବିଜେଡିରେ ଅଖଣ୍ଡ କ୍ଷମତା ରଖୁଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଦୀର୍ଘ କିଛି ଦିନ ପୂର୍ବେ ବିଜେପିରୁ ଇସ୍ତଫା ଦେଇଛନ୍ତି। ଯଦିଓ ସେ ବିଜେଡିରେ ସକ୍ରିୟ ନାହାନ୍ତି କିନ୍ତୁ ବିଜେଡି ପ୍ରାର୍ଥୀଙ୍କ ବିଜୟରେ ଶ୍ରୀ ମହାନ୍ତି ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି କୁହାଯାଉଛି।

ଅପରପକ୍ଷେ ରାଜ୍ୟ ସରକାରରେ ଏକାଧିକ ବିଭାଗର ମନ୍ତ୍ରୀ ଥିବା ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ଜେନା ବିଜେଡି ଟିକଟରେ ନିଜ ପିତାଙ୍କ ଆଧିପତ୍ୟ ଅକ୍ଷୁଣ୍ଣ ରଖିବା ଲକ୍ଷ୍ୟରେ ଅଛନ୍ତି। ଅଙ୍କିତ ରାଜନୀତିରେ ନବାଗତ ହୋଇଥିଲେ ସୁଦ୍ଧା ନିର୍ବାଚନୀ ବୈତରଣୀ ପାର ହେବାରେ ତାଙ୍କ ବାପା ବଡ଼ ସାହାରା ହେବେ। ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଏଥର ନିର୍ବାଚନ ଦୌଡ଼ରେ ନାହାନ୍ତି ସତ, କିନ୍ତୁ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଯୋଗାଡ଼ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଢେଙ୍କାନାଳ ରାଜ ପରିବାରର ବୋହୂ ସସ୍ମିତା ସିଂଦେଓ କଂଗ୍ରେସ ପ୍ରାର୍ଥିନୀ ଭାବେ ଢେଙ୍କାନାଳ ଆସନରୁ ବିଧାନସଭା ପାଇଁ ନିର୍ବାଚନ ଲଢୁଛନ୍ତି। ସେ ହେଉଛନ୍ତି ବର୍ଷିଆନ୍ କଂଗ୍ରେସ୍ ନେତା କାମାକ୍ଷା ପ୍ରସାଦ ସିଂଦେଓଙ୍କ ପୁତୁରା ବୋହୂ। ଯଦିଓ ସ୍ୱାସ୍ଥ୍ୟଗତ କାରଣରୁ ଶ୍ରୀ ସିଂଦେଓ ଗତ କିଛି ବର୍ଷ ହେଲା ସକ୍ରିୟା ରାଜନୀତିରୁ ସନ୍ୟାସ ନେଇଛନ୍ତି, ତଥାପି ନିଜ ପରିବାର ସଦସ୍ୟଙ୍କ ବିଜୟ ପାଇଁ ଢେଙ୍କାନାଳ କଂଗ୍ରେସ୍ ସଂଗଠନର ସଦୁପଯୋଗ ଉପରେ ଗୁରୁତ୍ୱ ଦେଇପାରନ୍ତି।

ଅନ୍ୟପକ୍ଷରେ, ସୁନ୍ଦରଗଡ଼ର ରଘୁନାଥପାଲି ଆସନରୁ ପତ୍ନୀ ଅର୍ଚ୍ଚନା ବେହେରାଙ୍କ ପାଇଁ ବିଧାୟକ ସୁବ୍ରତ ତରାଇ, ପାରାଦ୍ୱୀପ ଆସନରୁ ପ୍ରାର୍ଥୀ ହୋଇଥିବା ପତ୍ନୀଙ୍କ ପାଇଁ ସମ୍ବିତ ରାଉତରାୟ, ବୀରମିତ୍ରପୁର ଆସନରୁ ପୁଅ ଯୋଶେଫ ପାଇଁ ଜର୍ଜ ତିର୍କୀ, ସାନଖେମୁଣ୍ଡିରୁ ନିଜ ଝିଅ ପାଇଁ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ପତ୍ନୀଙ୍କ ପାଇଁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଝିଆରୀ ଉପାସନା ମହାପାତ୍ରଙ୍କ ପାଇଁ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଝିଅ ପାଇଁ ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ହେଭିୱେଟ୍‌ଙ୍କ ଫୋକସରେ ରାୟଗଡ଼ାର ୩ ବିଧାନସଭା ଆସନ

- ୩ରେ ରାୟଗଡ଼ା ଆସିବେ ରାହୁଲ ଗାନ୍ଧୀ
- ୪ରେ ଟିକିରି ଗସ୍ତରେ ନବୀନ ପଟ୍ଟନାୟକ

**ରାୟଗଡ଼ା,୩୦।୪(ସମିସ):** ବିଜେଡି, କଂଗ୍ରେସ ଓ ବିଜେପି ତିନି ପ୍ରମୁଖ ରାଜନୈତିକ ଦଳର ହେଭିୱେଟ୍ ନେତାଙ୍କ ଫୋକସରେ ରହିଛି କୋରାପୁଟ ସଂସଦୀୟ କ୍ଷେତ୍ରର ବହୁଚର୍ଚ୍ଚିତ ରାୟଗଡ଼ା ଜିଲ୍ଲାର ତିନିଟି ବିଧାନସଭା ଆସନ। ୩ଟି ଯାକ ଆସନ ଯଥା ରାୟଗଡ଼ା, ବିଷମକଟକ ଓ ଗୁଣୁପୁରରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି।




୨୦୧୯ ସାଧାରଣ ନିର୍ବାଚନରେ ତିନି ପ୍ରମୁଖ ଦଳ ରାୟଗଡ଼ା ବିଧାନସଭା ଆସନକୁ ଦଖଲ କରିପାରି ନଥିଲେ। ସ୍ୱାଧୀନ ପ୍ରାର୍ଥୀ ଏଠି ବିଜୟ ବାନା ଉଡ଼ାଇଥିଲେ। ତେଣୁ ଚଳିତ ସାଧାରଣ ନିର୍ବାଚନରେ ଏହି ଆସନକୁ ନିଜ ଦଖଲକୁ ନେବା ପାଇଁ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଓ ନେତାମାନେ ଜୋରଦାର କସରତ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୪ ତାରିଖରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାୟଗଡ଼ା ଗସ୍ତରେ ଆସୁଛନ୍ତି। କାଶୀପୁର ବ୍ଲକ୍ ଟିକିରିଠାରେ ଆୟୋଜିତ ହେବାକୁ ଥିବା ନିର୍ବାଚନୀ ସଭାରେ ସେ ଲୋକଙ୍କୁ ସମ୍ବୋଧନ କରିବେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦିନକ ପୂର୍ବରୁ ଅର୍ଥାତ୍ ୩ ତାରିଖ ଦିନ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ରାୟଗଡ଼ା ସହରର ବାରିଖୋଲାସ୍ଥିତ ଆଇଏସିଆର ପଡ଼ିଆଠାରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀଙ୍କ ସହିତ ପିସିସି ସଭାପତି ଶରତ ପଟ୍ଟନାୟକ, ଏଆଇସିସି ସାଧାରଣ ସମ୍ପାଦକ ଅଜୟ କୁମାର, ଓଡ଼ିଶା ସହ ପ୍ରଭାରୀ ମୀନାକ୍ଷୀ ନଟରାଜନ୍, ଏଆଇସିସି ସମ୍ପାଦକ ଶାହଜାଦ୍ ଚୌଧୁରୀଙ୍କ ସମେତ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା ଏବଂ ତିନିଟି ବିଧାନସଭା ଆସନର ବିଧାୟକ ପ୍ରାର୍ଥୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ସେହିପରି ବିଜେପି ପକ୍ଷରୁ ମେ' ୨ରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁରଜୀଙ୍କ ଗୁଣୁପୁରଠାରେ ନିର୍ବାଚନୀ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ତାହା ବାତିଲ ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ଏନ୍.ଭାସ୍କର ରାଓ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ବିଜେଡି ସରକାର ଅମଳରେ ଏ ଅଞ୍ଚଳରେ ଯେତିକି ବିକାଶ ହୋଇଛି, ତାହା ଆଗାମୀ ମତଦାନରେ ୩ଟି ଯାକ ବିଧାନସଭା ଆସନରେ ନିଶ୍ଚୟ ପ୍ରତିଫଳିତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ରେମୁଣା ବିଧାନସଭା ଆସନ

# ୨ ପୁରୁଖାଙ୍କୁ ଟକ୍କର୍ ଦେବେ ବିଦ୍ୟାସ୍ମିତା

**ବାଲେଶ୍ୱର,୩୦।୪(ସମିସ):** ନିର୍ବାଚନ ଦିନ ଯେତେ ପାଖେଇ ଆସୁଛି, ପ୍ରଚାର ସେତେ ଜୋରଦାର ହେବାରେ ଲାଗିଛି। ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଚର୍ଚ୍ଚିତ ଆସନ ରେମୁଣାରେ ଏଥର ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ଜଣେ ନବାଗତ ମହିଳା ପ୍ରାର୍ଥୀ। ସରପଞ୍ଚରୁ ବିଧାୟିକା ଭାବେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ବିଜେଡିର ବିଦ୍ୟାସ୍ମିତା ମହାଳିକ। ବିଜେପି ଓ କଂଗ୍ରେସ ପୁରୁଣା ମୁହଁକୁ ଏଥର ମଇଦାନକୁ ଛାଡ଼ିଛି। ବିଜେପି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ମଧ୍ୟ ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କୁ ପ୍ରାର୍ଥୀ କରିଛି। ଫଳରେ ଦୁଇ ପୁରୁଖାଙ୍କ ସହ ନବାଗତ ବିଦ୍ୟାସ୍ମିତାଙ୍କ ଲଢ଼େଇ ଏଥର ଦେଖିବେ ରେମୁଣାବାସୀ।

୩୬୦ଟି ପଞ୍ଚାୟତ ଏବଂ ମୋଟ ୨୩୯ଟି ବୁଥ୍‌କୁ ନେଇ ଗଠିତ ରେମୁଣା ସଂରକ୍ଷିତ ବିଧାନସଭା ଆସନରେ ଅଛନ୍ତି ୨,୨୭,୦୦୪ଜଣ ମତଦାତା। ସେମାନଙ୍କ ମଧ୍ୟରେ ୧,୧୧,୭୪୨ଜଣ ମହିଳା, ୧, ୧୫, ୨୩୮ ଜଣ ପୁରୁଷ ଓ ୨୪ ଜଣ ଅନ୍ୟାନ୍ୟ ମତଦାତା ରହିଛନ୍ତି। ସୀମା ନିର୍ଦ୍ଧାରଣ ପରେ ୨୦୦୯ ପ୍ରଥମ ନିର୍ବାଚନରେ ବିଜେଡିରୁ ସୁଦର୍ଶନ ଜେନା, ବିଜେପିରୁ ଗିରିଧାରୀ ଦାସ, କଂଗ୍ରେସରୁ ତରୁଣ କୁମାର ଦାସ ପ୍ରାର୍ଥୀ ହୋଇଥିଲେ। ଗୋବିନ୍ଦଚନ୍ଦ୍ର ଦାସ ଓ ଶତ୍ରୁଘ୍ନ ମଲ୍ଲିକ ସ୍ୱାଧୀନ ଭାବେ ଲଢୁଥିଲେ। ଏଥିରେ ସ୍ୱାଧୀନ ପ୍ରାର୍ଥୀ ଗୋବିନ୍ଦଙ୍କୁ ୩୦, ୭୨୩ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ସୁଦର୍ଶନ ଜେନା





ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ସେହିପରି ୨୦୧୪ ନିର୍ବାଚନରେ ବିଜେଡି ସୁଦର୍ଶନଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ପ୍ରାର୍ଥୀ ବଦଳାଇ ପୂର୍ବରୁ ସ୍ୱାଧୀନ ଭାବେ ଲଢ଼ିଥିବା ଗୋବିନ୍ଦ ଦାସଙ୍କୁ ପ୍ରାର୍ଥୀ କରିଥିଲା। ଏଥର ବାଜି ଜିତିନେଇଥିଲେ ଗୋବିନ୍ଦ। ଗୋବିନ୍ଦ ୭୦, ୯୭୩ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ସୁଦର୍ଶନ ଜେନା ୫୭, ୧୧୪ ଓ କଂଗ୍ରେସ ପ୍ରାର୍ଥୀ ପ୍ରତ୍ୟୁଷ ରଞ୍ଜନ ଜେନା ୧୩, ୭୧୬ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ସୁଦର୍ଶନଙ୍କ ବଦଳରେ ସୁଧାଂଶୁ ଶେଖର ପରିଡ଼ାଙ୍କୁ ପ୍ରାର୍ଥୀ କରିଥିଲା। ସୁଧାଂଶୁଙ୍କୁ ୭୯, ୦୯୭ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେପି ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ୭୪, ୯୭୯ ଖଣ୍ଡ ଭୋଟ ଏବଂ କଂଗ୍ରେସ ପ୍ରାର୍ଥୀ ପ୍ରତାପ ସେଠୀଙ୍କୁ ୯, ୪୫୪ଖଣ୍ଡ ଭୋଟ ମିଳିଥିଲା। ସୁଧାଂଶୁ ଗୋବିନ୍ଦଙ୍କଠାରୁ ଅଧିକ ୪,୧୧୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତେବେ ଚଳିତ ୨୦୨୪ ନିର୍ବାଚନରେ ବିଜେପି ପୁଣି ଗୋବିନ୍ଦଙ୍କୁ ଭରସା କରି ପ୍ରାର୍ଥୀ କରିଥିବା ବେଳେ ସୁଦର୍ଶନ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ବିଜେଡିରୁ ନୂଆ କରି ବିଦ୍ୟାସ୍ମିତା ମହାଳିକଙ୍କୁ ପ୍ରାର୍ଥୀ କରାଯାଇଛି।

ନିର୍ବାଚନକୁ ନେଇ ଭୋଟର ଓ ସଚେତନ ନାଗରିକମାନଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ବିଶେଷକରି ପ୍ରାର୍ଥୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଆଲୋକୀକରଣ ସମସ୍ୟା ଭଳି ଜନସାଧାରଣଙ୍କର ମୌଳିକ ସମସ୍ୟା ଉପରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ପୂର୍ବରୁ ଉଭୟ ଗୋବିନ୍ଦ ଓ ସୁଦର୍ଶନ ଥରେଥରେ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ପୂର୍ବର ଅଭିଜ୍ଞତାକୁ ଦୋହରାଇ ଲୋକଙ୍କ ଆସ୍ଥାଭାଜନ ହେବାକୁ ପ୍ରଚେଷ୍ଟା ଚଳାଇଥିବା ବେଳେ ନୂଆ କରି ବିଧାୟକ ପ୍ରାର୍ଥୀ ହୋଇଥିବା ବିଦ୍ୟାସ୍ମିତା ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକୁ ନେଇ ଲୋକମାନଙ୍କ ପାଖରେ ପହଞ୍ଚୁଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ଅଧିକ ଆଗକୁ ନେବାକୁ ଚେଷ୍ଟା ମଧ୍ୟ କରୁଛନ୍ତି। ଏପରିକି ବିଦ୍ୟାସ୍ମିତା କହିଛନ୍ତି ଯେ ପୂର୍ବରୁ ପତ୍ରିପାଳ ତାଙ୍କ ପରିବାର ଥିଲା କିନ୍ତୁ ଏବେ ସମଗ୍ର ନିର୍ବାଚନମଣ୍ଡଳୀ ତାଙ୍କ ପରିବାର। ରେମୁଣା ନିର୍ବାଚନମଣ୍ଡଳୀରେ କିପରି ଅଧିକ ବିକାଶ କାର୍ଯ୍ୟ ହୋଇପାରିବ, ସେ ନେଇ ଅଧିକ ଧ୍ୟାନ ଦେଉଛନ୍ତି।

## ଢେଙ୍କାନାଳ ଓ ହିନ୍ଦୋଳରେ ବିଜେପି ଖଣ୍ଡଖଣ୍ଡ

# ଗୋଳିଆ ପାଣିରୁ ମାଛ ଧରିବାକୁ ମହେଶ-ସୁଧୀରଙ୍କ ଗୋଟିଚାଳନା

**ଢେଙ୍କାନାଳ, ୩୦।୪ (ସମିସ):** ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀର ଢେଙ୍କାନାଳ, ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ଦଳରେ ଅସନ୍ତୋଷ, ଅନ୍ତଃଦ୍ୱନ୍ଦ୍ୱ ଏବଂ ଗୋଷ୍ଠୀକନ୍ଦଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଢେଙ୍କାନାଳରେ ୫ଥର ହାରିଥିବା ନେତାଙ୍କୁ ନେଇ ଦଳ ଭିତରେ ଗୋଷ୍ଠୀକନ୍ଦଳ ରହିଥିବା ବେଳେ ହିନ୍ଦୋଳରେ ବହୁ ପୁରୁଣା ବିଜେପି ନେତାଙ୍କୁ ଅଣଦେଖା କରି ସୀମାରାଣୀଙ୍କୁ ଟିକଟ ଦିଆଯିବା ପରେ ବିଜେପି କର୍ମୀ ଏବଂ ପୁରୁଖା ନେତାମାନେ ପ୍ରାର୍ଥୀଙ୍କଠାରୁ ମୁହଁ ଫେରାଉଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହି ଦୁଇ ଆସନରେ ବିଜେପିର ଏଭଳି ଗୋଳମାଳିଆ ସ୍ଥିତିରୁ ବିଜେଡି ଫାଇଦା ନେବାକୁ ଗୋଟିଚାଳନା କରିଥିବା ବେଳେ ବିଜେଡିର ଲୋକସଭା ପ୍ରାର୍ଥୀଙ୍କୁ ମଧ୍ୟ ଏହା ସହାୟ ହେବ ବୋଲି କୁହାଯାଉଛି।

> କୃଷ୍ଣଚନ୍ଦ୍ର ଓ ସୀମାରାଣୀଙ୍କ ପ୍ରାର୍ଥିତ୍ୱକୁ ନେଇ ପଦ୍ମ ଶିବିରରେ ପୁଳାପୁଳା ଅସନ୍ତୋଷ

ଢେଙ୍କନାଳ ବିଧାନସଭା ଆସନରେ ବିଜେପିର କୃଷ୍ଣଚନ୍ଦ୍ର ପାତ୍ର ଲଗାତାର ୨୦୦୪, ୨୦୦୯, ୨୦୧୪, ୨୦୧୯ ଏବଂ ୧୯୯୫ରେ ହାରିଛନ୍ତି। ଏହା ସତ୍ତ୍ୱେ ବିଜେପି ୨୦୨୪ ପାଇଁ ତାଙ୍କୁ ପୁଣିଥରେ ପ୍ରାର୍ଥୀ କରିଛି। ଏହାକୁ ନେଇ ଢେଙ୍କାନାଳ ବିଜେପି ଦୁଇ ଭାଗ ହୋଇଯାଇଛି। ଗୋଟିଏ ଦଳ କୃଷ୍ଣଚନ୍ଦ୍ରଙ୍କୁ ସମର୍ଥନ କରୁଥିବା ବେଳେ ଏକ ବଡ଼ଗୋଷ୍ଠୀ ତାଙ୍କୁ ଖୋଲାଖୋଲି ବିରୋଧ କରୁଛନ୍ତି। ନବୀନ ନନ୍ଦଙ୍କ ସମେତ ବହୁ ପୁରାତନ ଓ ନୂତନ କର୍ମୀ ଓ ନେତା କୃଷ୍ଣଚନ୍ଦ୍ରଙ୍କ ପ୍ରାର୍ଥିତ୍ୱ ଉପରେ ପ୍ରଶ୍ନ କରିଛନ୍ତି। ବିଜେପିର ଏହି ଅନ୍ତଃକନ୍ଦଳର ଫାଇଦା ନେବାକୁ ବିଜେଡି ପ୍ରାର୍ଥୀ ସୁଧୀର କୁମାର ସାମଲ ଚେଷ୍ଟା ଚଳାଇଛନ୍ତି।

ସେହିପରି ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ହିନ୍ଦୋଳ ନିର୍ବାଚନମଣ୍ଡଳୀ ୨୦୦୦ ମସିହାଠାରୁ ବିଜେଡି ଦଳର ଅଭେଦ୍ୟ ଦୁର୍ଗ ରହି ଆସିଛି। ୨୦୧୪ ଓ ୨୦୧୯ରେ ଏଠାରୁ ବିଜେଡିର ସୀମାରାଣୀ ନାୟକ ବିଜୟୀ ହୋଇଥିଲେ। କିନ୍ତୁ ୨୦୨୪ ପାଇଁ ଦଳ ମହେଶ ସାହୁଙ୍କୁ ଟିକଟ ଦେଇଥିବାରୁ ସୀମାରାଣୀ ରାତାରାତି ବିଜେଡି ଛାଡ଼ି ପଦ୍ମ ପୋଖରୀରେ ବୁଡ଼ ପକାଇଛନ୍ତି। ବିଜେପି ବି ତାଙ୍କୁ ଏଠାରୁ ପ୍ରାର୍ଥୀ କରି ମଇଦାନକୁ ଓହ୍ଲାଇଛି। ତେବେ ସୀମାରାଣୀ ପ୍ରାର୍ଥୀ ହେବା ପରେ ଗତ ୬ ବର୍ଷ ଧରି ସଂଗଠନ ଚଳାଇ ଆସିଥିବା ତଥା ଟିକଟ ଆଶାୟୀ ଥିବା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ଓ ତାଙ୍କ ସମର୍ଥକମାନେ ଦଳର ଏ ଅବିଚାରକୁ ସହିପାରୁନାହାନ୍ତି। ଏଠି ବି ବିଜେପିର ସଂଗଠନ ଦୁଇଫାଳ ହୋଇଯାଇଥିବା କୁହାଯାଉଛି। ତେଣୁ ବିଜେଡି ପ୍ରାର୍ଥୀ ମହେଶ ସାହୁ ଏଥିରୁ ଫାଇଦା ନେଇ ଭୋଟ୍ ବ୍ୟବଧାନକୁ ଅଧିକ ବଢ଼ାଇବା ପାଇଁ ଜୋରଦାର୍ କସରତ ଚଳାଇଛନ୍ତି।

# ବିଜେଡିରେ ଯୋଗଦେଲେ ମୋହନାର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ

- ପ୍ରଦୀପ ପାଣିଗ୍ରାହୀ ମୋ ବିରୋଧରେ ଚକ୍ରାନ୍ତ କରିଥିଲେ
- ତାଙ୍କୁ ବିଜେପି କୋଳେଇ ନେବାରୁ ଇସ୍ତଫା ଦେବାକୁ ଉଚିତ ମଣିଲି

**ଭୁବନେଶ୍ୱର, ୩୦।୪(ସମିସ):** ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଆଜି ଶଙ୍ଖଭବନରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ବାସନ୍ତୀ ମଲ୍ଲିକଙ୍କ



ଯୋଗଦାନ ଫଳରେ ମୋହନା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବାସନ୍ତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ ୨୦୧୪ରୁ ୨୦୧୯ ବିଧାୟିକା ଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶରେ ଲୋକମାନଙ୍କ ସହ ସମସ୍ତ ପ୍ରକାର ଜନମଙ୍ଗଳ ଯୋଜନାରେ ନିଜକୁ ସାମିଲ କରିଥିଲି। କିନ୍ତୁ ୨୦୧୯ ନିର୍ବାଚନ ବେଳେ ଗୋପାଳପୁରର ବିଧାୟକ ଡକ୍ଟର ପ୍ରଦୀପ ପାଣିଗ୍ରାହୀ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତି ହେଲା ପରେ ଚକ୍ରାନ୍ତ କରି ମୋର ଟିକଟ କାଟିଥିଲେ। ଫଳରେ ଦଳକୁ ମଧ୍ୟ ପରାଜୟ ବରଣ କରିବାକୁ ପଡ଼ିଲା। ଏଥିରେ ମର୍ମାହତ ହୋଇ ବିଜେପିରେ ଯୋଗଦାନ କରିଥିଲି। କିନ୍ତୁ ପ୍ରଦୀପ ପାଣିଗ୍ରାହୀଙ୍କ ଜନବିରୋଧୀ ବ୍ୟକ୍ତି (ଯିଏ ଚାକିରି କରାଇଦେବା ନାଁରେ ସାଧାରଣ ଲୋକଙ୍କୁ ଠକି ଟଙ୍କା ଖାଇଥିଲେ, ଦୁର୍ନୀତି ଅଭିଯୋଗରେ ଜେଲ ଯାଇଥିଲେ, କୋଭିଡ୍ ମହାମାରୀ ବେଳେ ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଥିଲେ)ଙ୍କୁ ବିଜେପି ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ଟିକଟ ଦେଇଛି, ମୁଁ ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେବାକୁ ଉଚିତ ମଣିଲି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ମୋତେ ସର୍ବଦା ଅନୁପ୍ରାଣିତ କରିଥିଲା ଏବଂ ଆଜି ମଧ୍ୟ ଜନସେବା ପାଇଁ ପ୍ରେରଣା ଦେଉଛି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ, ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ନବୀନଙ୍କୁ ୬ଷ୍ଠଥର ମୁଖ୍ୟମନ୍ତ୍ରୀ କରିବା :ଉଷା ଦେବୀ

- ବିକାଶର ଧାରାକୁ ସହ୍ୟ କରିପାରୁନାହାନ୍ତି ବିରୋଧୀ: ଭୃଗୁ
- ସମାବେଶରେ ସାମିଲ ହେଲେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ

**ବ୍ରହ୍ମପୁର, ୩୦।୪(ସମିସ):** ରାଜ୍ୟରେ ଚାଲିଥିବା ସ୍ୱଚ୍ଛ, ନିର୍ମଳ ଓ ଦୁର୍ନିତିମୁକ୍ତ ନବୀନ ସରକାର ଓ ୫ଟି ରୂପାନ୍ତରଣ ଜରିଆରେ ଜାରି ରହିଥିବା ବିକାଶର ଧାରାକୁ ବିରୋଧୀ ସହ୍ୟ କରିପାରୁ ନାହାନ୍ତି। ରାଜ୍ୟରେ ଏହି ଧାରାକୁ ଆଗେଇ ନେବାକୁ ହେଲେ ଉଭୟ ଲୋକସଭା ଓ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ହେବ। ଚଳିତ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବା ସହ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ହେବ। ଚିକିଟିଠାରେ ଆୟୋଜିତ ଏକ ଜନ ସମାବେଶରେ ବିଜେଡିର ଷ୍ଟାର ପ୍ରଚାରକ ତଥା ୫ଟି ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଇଛନ୍ତି। ସଭାରେ ମନ୍ତ୍ରୀ ତଥା ଚିକିଟି ରାଣୀ ଉଷା ଦେବୀ ସମାବେଶରେ ଉପସ୍ଥିତ ଲୋକଙ୍କୁ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେବା ସହ ଭୃଗୁ ଓ ଯୁବରାଜ ଶ୍ରୀରୂପ ଦେବଙ୍କୁ ଦୁଇଟି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାରେ ସାଂସଦ ପ୍ରାର୍ଥୀ



ଭୃଗୁ ବକ୍ସିପାତ୍ର ବିରୋଧୀଙ୍କ ଅସହିଷ୍ଣୁତା ସମ୍ପର୍କରେ ବିଷ ଓଗାଳିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଦେଶ ଗସ୍ତ କରାଇବା ଓ ବିଏସକେୱାଇ ଭଳି ସ୍ୱାସ୍ଥ୍ୟସେବାକୁ ବିରୋଧ କରି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ତଥା ବିକାଶର ଧାରାରେ ବାଧା ସୃଷ୍ଟି କରୁଥିବା କହିଥିଲେ। ତେବେ ବିରୋଧୀଙ୍କ କୌଣସି ଚାଲ କାମ କରିବନି ଯେତେବେଳେ ଲୋକେ ସଚେତନ ହେବେ ଏବଂ ଅପରାଧିକ ପୃଷ୍ଠଭୂମି ଥିବା ତଥା ଜନବିରୋଧୀ ଆଖ୍ୟାରେ ଜେଲ ଯାଇଥିବା ବ୍ୟକ୍ତିଙ୍କୁ ପ୍ରତ୍ୟାଖ୍ୟାନ କରିବେ। ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରାଇବାକୁ ଆହ୍ୱାନ ଦେଇ ଉଭୟ ଲୋକସଭା ଓ ବିଧାନସଭାରେ ବିଜେଡିକୁ ଭୋଟ ଦେବାକୁ ଯୋଡହସ୍ତରେ ନିବେଦନ କରିଥିଲେ। ଅନୁରୂପ ଭାବେ ଚିକିଟି ଯୁବରାଜ ତଥା ବିଧାନସଭା ପ୍ରାର୍ଥୀ ଶ୍ରୀରୂପ ଦେବ ଉପସ୍ଥିତ ଜନ ସମାବେଶରେ ସମସ୍ତଙ୍କୁ ନିଜ ପରିବାରର ଲୋକ ବୋଲି ଆହ୍ୱାନ କରି ସମସ୍ତଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ। ଏହି ସମାବେଶରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏ ଅବସରରେ ଓଲିଉଡ଼ର ବିଭିନ୍ନ ତାରକାମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ଆଶୀର୍ବାଦ କରିବାକୁ କହିଥିଲେ। ସେହିଭଳି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ପାଖରେ ପାଇ ବହୁ ମହିଳା, ଯୁବ ଓ ଛାତ୍ରମାନେ ସେଲଫି ନେବା ସହ ବିଜେଡି ପ୍ରତିଥିବା ସମର୍ଥନ ଦର୍ଶାଇଥିଲେ।

● କଂଗ୍ରେସ ଲୋକସଭା ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କୁ ବିରୋଧ

## ଟିକଟ ଫେରାଇଲେ ଆଠଗଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ

**ଟିଗିରିଆ,୩୦ ।୪(ସମିସ):** ୮୯-ଆଠଗଡ଼ ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ରୂପେ ଟିକଟ ପାଇଥିବା ଆଠଗଡ଼ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମେହବୁବ୍ ଅହେମ୍ମଦ ଖାଁ ଆଜି ତାଙ୍କ ଟିକଟକୁ ରାଜ୍ୟ କଂଗ୍ରେସ ସଭାପତିଙ୍କୁ ଫେରସ୍ତ କରି ଦେଇଥିବାର ସୂଚନା ହସ୍ତଗତ ହୋଇଛି। ଆଠଗଡ଼ କଂଗ୍ରେସ ସହ ଦୀର୍ଘ ଦିନ ଧରି ଜଡ଼ିତ ରହି ଆସିଥିବା ବରିଷ୍ଠ କଂଗ୍ରେସ ନେତା ବିଭୂତି ମିଶ୍ରଙ୍କୁ କଟକ ସଂସଦୀୟ କ୍ଷେତ୍ର ପାଇଁ ସାଂସଦ ଟିକଟ ପ୍ରଦାନ କରାଯାଇ ନ ଥିବାରୁ ଏଥିରେ ଅସନ୍ତୁଷ୍ଟ ହୋଇ ଅହେମ୍ମଦ ନିଜର ଟିକଟ ଫେରସ୍ତ କରିଦେଇଥିବା ଜଣାପଡ଼ିଛି। ଏନେଇ ସେ ରାଜ୍ୟ କଂଗ୍ରେସ ସଭାପତିଙ୍କୁ ଏକ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ରାଜ୍ୟ କଂଗ୍ରେସ ସଭାପତିଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଚିଠିରେ ସେ ଦର୍ଶାଇଛନ୍ତି ଯେ ଦୀର୍ଘଦିନ ଧରି ବିଭୂତି ମିଶ୍ର ଆଠଗଡ଼ କଂଗ୍ରେସ ସହ ଜଡ଼ିତ ଅଛନ୍ତି। ଶ୍ରୀ ମିଶ୍ର ଆଠଗଡ଼ ନିର୍ବାଚନମଣ୍ଡଳୀର ଜଣେ ଆଗଧାଡ଼ିର ବରିଷ୍ଠ ନେତା ହୋଇଥିବା ବେଳେ ସେ କଟକ ସାଂସଦ ପ୍ରାର୍ଥୀ ପାଇଁ ଯୋଗ୍ୟ ଥିଲେ ହେଁ ତାଙ୍କ ପ୍ରତି ବଦଳରେ ନଗର କଂଗ୍ରେସ ସଭାପତି ତଥା ଆଠଗଡ଼ ବିଧାନସଭାମଣ୍ଡଳୀରୁ ଦୁଇଦୁଇଥର କଂଗ୍ରେସ ଦଳରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସୁରେଶ ମହାପାତ୍ରଙ୍କୁ ଟିକଟ ମିଳିବା ନେଇ ଅହେମ୍ମଦ ଅସନ୍ତୋଷ ପ୍ରକାଶ କରି ନିଜର ଟିକଟ ଫେରାଇଥିବା ଜଣାପଡ଼ିଛି। ତେବେ ଏଥିନେଇ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।


To,
The President Odisha Pradesh Congress Committee,
Bhubaneswar, Odisha.

(Sub-Surrender of the MLA ticket from 89 Athagarh Assembly constituency)

Respected Sir,

With due respect, I Mahebub Ahamad Khan, the ticket holder of MLA candidate from Athagarh Assembly constituency, is very much thankful to Indian National Congress as well as Odisha Pradesh Congress Committee for giving me such opportunity to contest as MLA candidate from Athagarh Assembly constituency.

Now I want to draw your kind attention that Sj Bibhuti Mishra, the most talented, capable and efficient member of the party has been deprived of getting the ticket to contest as MP candidate from Cuttack Parliamentary constituency even if most deserving candidate. It is quite injustice towards him, as well as to Party's dedicated workers.

So as a Protest to it, I humbly surrender my ticket as MLA candidate from Athagarh Assembly constituency, because without him as the MP candidate it would be a digestor to the party's prospect's.

This is for your kind information and necessary action.

Thanking You,
Yours faithfully,
Mahebub Ahamad Khan

Date-30/04/2024

C.C-President Indian National Congress
C.C-PCC Prabhari Odish Pradesh Committee
C.C-Jila President Cuttack District

## ଖୋର୍ଦ୍ଧାରେ କାଲୁଙ୍କ ବଜ୍ରଶପଥ

# ମୁଁ ପଛେ ହାରିଯାଏ, ପାଇକମାଟିରୁ ଅପରାଜିତାଙ୍କୁ ବିଦା କରିବି

● ସ୍ୱାଧୀନ ଲଢ଼ିବି, ସାଂସଦଙ୍କୁ ହରାଇବାକୁ ଘରକୁ ଘର ବୁଲି ପ୍ରଚାର କରିବି

● କାଲୁଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ କର୍ମୀ ଦେଲେ ସମୂହ ଇସ୍ତଫା

**ଖୋର୍ଦ୍ଧା, ୩୦।୪ (ସମିସ):** ମୁଁ ପଛେ ହାରିଯାଏ, କିନ୍ତୁ ଅପରାଜିତାଙ୍କୁ ଏ ପାଇକ ମାଟିରୁ ବିଦା କରିବି। ବିଜେପି ଦ୍ୱାରା ଟିକଟ ପ୍ରତାରଣାର ଶିକାର ହୋଇଥିବା କାଲୁ ଖଣ୍ଡେଇତରାୟ, ସାଂସଦ ଅପରାଜିତାଙ୍କ ବିରୋଧରେ ଏମିତି ରଣହୁଙ୍କାର ଦେଇଛନ୍ତି। ଆଜି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କାଲୁ ଏମିତି ବୟାନ ଦେଇ ଖୋର୍ଦ୍ଧା ରାଜନୀତିକୁ ଆହୁରି ଉଷ୍ମ କରିଦେଇଛନ୍ତି।




ଖୋର୍ଦ୍ଧା ବିଜେପିରୁ ଟିକଟ କଟିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଶ୍ରୀ ଖଣ୍ଡାୟତରାୟ। ମଙ୍ଗଳବାର ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ଭୀଷଣ ବର୍ଷିଛନ୍ତି। ସେ କହିଛନ୍ତି, ମୋ ବିରୋଧରେ ସାଂଘାତିକ ଷଡ଼ଯନ୍ତ୍ର କରାଯାଇଛି। ୧୦ବର୍ଷ ବିଜେପି ପାଇଁ ସମୟ ଦେଇ ଆସିଛି। କିନ୍ତୁ ସେ ସବୁକୁ ଉପେକ୍ଷା କରି ଦଳ ୧୦ ଦିନ ତଳେ ଯୋଗ ଦେଇଥିବା ଜଣେ ଦାଗୀ, ଅପରାଧୀଙ୍କୁ ଟିକଟ ଦେଇଛି। ଏହା ପଛରେ ସାଂସଦ ଅପରାଜିତାଙ୍କର ଚକ୍ରାନ୍ତ ରହିଛି। ଜଣେ ଦାଗୀ, ଅପରାଧୀ ସହ ଅପରାଜିତାଙ୍କ କି' ସଂପର୍କ ରହିଛି ଯେ ସେ ଖୋର୍ଦ୍ଧାରେ ବିଜେପିକୁ ବୁଡ଼ାଉବାକୁ ତିଳେମାତ୍ର ପଛାଇ ନାହାନ୍ତି ବୋଲି ଶ୍ରୀ ଖଣ୍ଡେଇତରାୟ କହିଛନ୍ତି।

ସେ ଆହୁରି କହିଛନ୍ତି, ମୁଁ ପାଇକ ମାଟିର ପୁଅ। ଏଇ ପାଇକ ମାଟିର ଦ୍ୱାହି ଦେଇ କହୁଛି, ମୋ ସହିତ ଛଳନା କରି ମୋତେ ଧୋକା ଦେଇଥିବା ଅପରାଜିତାଙ୍କୁ ହରାଇବା ପାଇଁ ପ୍ରଚାର କରିବି। ମୁଁ ପଛେ ହାରିଯାଏ, କିନ୍ତୁ ଅପରାଜିତାଙ୍କୁ ହରାଇ ତାଙ୍କ ଘର ବିହାରକୁ ନିଶ୍ଚିତ ପଠାଇବି। ମୁଁ ଖୋର୍ଦ୍ଧାରୁ ସ୍ୱାଧୀନ ଭାବେ ଲଢ଼ିବି। ବିଜେପି ରାଜ୍ୟ ସଭାପତି ବି ମୋ ସହ ଖେଳୁଛନ୍ତି। ଏଭଳି ଗୋଟିକ ପରେ ଗୋଟିଏ ଅଭିଯୋଗ ଆଣି କୋହଭରା କଣ୍ଠରେ କାଲୁ ବିଜେପି ଓ ଅପରାଜିତାଙ୍କ ବିରୋଧରେ ବିଷ ଉଗାରିଥିଲେ।

## ଗଛରେ ପିଟି ହେଲା ସ୍କର୍ପିଓ, ଦମ୍ପତି ମୃତ

**ରାଇକିଆ/ଫୁଲବାଣୀ, ୩୦।୪ (ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ସତ୍‌ସଙ୍ଗବିହାର ନିକଟରେ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହେବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକମାନେ



ହେଲେ, ରାଇକିଆ ଟିଚର କଲୋନୀର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁବାସ ସିଂ ଓ ତାଙ୍କ ପତ୍ନୀ ନଳିନୀ ନାୟକ।

ସୂଚନା ଅନୁଯାୟୀ, ଏହି ଦମ୍ପତି ଆନ୍ଧ୍ରପ୍ରଦେଶରେ ପାଠ ପଢ଼ୁଥିବା ତାଙ୍କ ଝିଅକୁ ଛାଡ଼ିବା ପାଇଁ ବ୍ରହ୍ମପୁର ଯାଇଥିଲେ। ବ୍ରହ୍ମପୁର ଷ୍ଟେସନରେ ଝିଅକୁ ଛାଡ଼ି ଫେରୁଥିବା ବେଳେ ବେଳେ ଦିନ ପ୍ରାୟ ଗୋଟାଏ ବେଳେ ରାଇକିଆ ସତ୍‌ସଙ୍ଗ ବିହାର ନିକଟରେ ସେମାନଙ୍କ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ଉଭୟେ ଗୁରୁତର ଆହତ ହୋଇଥିଲେ। ରାଇକିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ହୋଇଛି। ଟାଉନ୍ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ବାଳକୃଷ୍ଣ ସ୍ୱାଇଁ ସୂଚନା ଦେଇଛନ୍ତି।

ସୁବାସ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ଚାକିରିରୁ ଅବସର ନେଇଥିବା ବେଳେ ନଳିନୀ ରାଇକିଆ ହାଟପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିଲେ। ଏହି ଘଟଣାକୁ ନେଇ ରାଇକିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦିନକରେ ୪ ଦୁର୍ନୀତିଖୋର୍‌ଙ୍କୁ ଜେଲ୍ ଦଣ୍ଡ

### ପୂର୍ବତନ ନରେଗା ସହାୟକଙ୍କୁ ୪ ବର୍ଷ ଏବଂ ଷ୍ଟାଟିଷ୍ଟିକ୍ ସହାୟକ ଡିଆଇ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କୁ ୩ବର୍ଷ ଲେଖାଏଁ ଜେଲ୍

**ଭୁବନେଶ୍ୱର/କେନ୍ଦୁଝର, ୩୦।୪(ସମିସ):** ଲାଞ୍ଚ ନେବା ମାମଲାରେ ଆଜି ଗୋଟିଏ ଦିନରେ ୪ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଜେଲ୍‌ଦଣ୍ଡ ହୋଇଛି। ପୂର୍ବତନ ନରେଗା ସହାୟକଙ୍କୁ ୪ ବର୍ଷ ଜେଲ୍ ହୋଇଥିବା ବେଳେ ଷ୍ଟାଟିଷ୍ଟିକ୍ ସହାୟକ ଏବଂ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କୁ ୩ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ହୋଇଛି।

ଏକ ନିର୍ମାଣ କାମର କାର୍ଯ୍ୟାଦେଶ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପୂର୍ବତନ ନରେଗା ସହାୟକଙ୍କୁ ୪ବର୍ଷ ଜେଲଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଏହି ମାମଲାର ଶୁଣାଣି କରି ସାହାରପଡ଼ା ବ୍ଲକ ପୂର୍ବତନ ନରେଗା ସହାୟକ ଲଳିତ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ମାମଲାର ବିବରଣୀରୁ ଜଣାଯାଏ ଯେ, ମନେରଗା ଯୋଜନାରେ ଅଭିଯୋଗକାରୀଙ୍କ ନାମରେ ଏକ କାର୍ଯ୍ୟାଦେଶ ଜାରି କରିବା ପାଇଁ ପୂର୍ବତନ ନରେଗା ସହାୟକ ଶ୍ରୀ ମହାନ୍ତ ୧୦ହଜାର ଟଙ୍କା ଲାଞ୍ଚ ନେଇଥିଲେ।

ସେହିପରି ପୂର୍ବତନ ଷ୍ଟାଟିଷ୍ଟିକ୍ ସହାୟକ ଡିଆଇ(ଭୁବନେଶ୍ୱର) ଦୁର୍ଗା ଚରଣ ଷଡ଼ଙ୍ଗୀଙ୍କୁ ୩ବର୍ଷ ଜେଲ ଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ଶୁଣାଇଛନ୍ତି। ସମସ୍ତ ପ୍ରମାଣ ଏବଂ ସାକ୍ଷୀ ବିଚାରକୁ ନେଇ ଭୁବନେଶ୍ୱର ସ୍ପେଶାଲ କୋର୍ଟ ଏହି ରାୟ ଦେଇଛନ୍ତି। ସ୍କଲାରସିପ୍ ପରୀକ୍ଷାରେ ହାଜର କରିବା ପାଇଁ ଆଡମିଟ୍‌କାର୍ଡ ଇସ୍ୟୁ କରିବା ପାଇଁ ସେ ଲାଞ୍ଚ ନେଇଥିଲେ। ସେହିପରି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ପୂର୍ବତନ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପାଢ଼ୀ ଏବଂ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କୁ ୩ ବର୍ଷ ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଏଥିସହ ଉଭୟଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮-୦୯ ମସିହାରେ ଏଫ୍‌ଡିଆର ସ୍କିମ୍ ମାଧ୍ୟମରେ ରାସ୍ତା କରିବା ବାହାନାରେ ଟଙ୍କା ଜାଲିଆତି କରି ହଡ଼ପ କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଉଭୟଙ୍କୁ ଗିରଫ କରାଯାଇଥିଲା।

## ୨୫ପେପରଲେସ୍ କୋର୍ଟ ଉଦଘାଟିତ

### କାଗଜବିହୀନ ଅଦାଲତ ସଂଖ୍ୟା ୩୪୧ରେ ପହଞ୍ଚିଲା

**କଟକ,୩୦ ।୪(ସମିସ):** ବିଚାର ବିଭାଗରେ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ହୋଇଆସୁଛି। ଏହି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ହୋଇଛି। ନିମ୍ନ ଅଦାଲତଗୁଡ଼ିକୁ ପେପରଲେସ କୋର୍ଟ(କାଗଜ ବିହୀନ ଅଦାଲତ) କରିବା ପାଇଁ ପ୍ରତି ମାସରେ ନିରନ୍ତର ଉଦ୍‌ଘାଟନ ପ୍ରକ୍ରିୟା ଜାରି ରହିଛି। ଏକାଦଶ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୫ଟି ପେପରଲେସ କୋର୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଏହାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥାକୁ କାଗଜବିହୀନ କରିବା ପର୍ଯ୍ୟନ୍ତ ପ୍ରତି ମାସରେ କିଭଳି ଅଧିକରୁ ଅଧିକ ପେପରଲେସ୍ କୋର୍ଟ ଉଦ୍‌ଘାଟନ କରାଯିବ, ସେ ଦିଗରେ ବିଚାର ବିଭାଗ ଅଗ୍ରସର ହେଉଛି। ପେପରଲେସ କୋର୍ଟ ଦ୍ୱାରା ସମୟ ଓ ମାନବ ସମ୍ବଳର ଆବଶ୍ୟକତା କମ୍ ପଡ଼ୁଛି ବୋଲି ଜଷ୍ଟିସ୍ ଶରଣ ସିଂହ କହିଛନ୍ତି। ଜିଲ୍ଲା ବିଚାର ବିଭାଗ ପାଇଁ ଅନଲାଇନ୍ ଆରଟିଆଇ ପୋର୍ଟାଲର ଶୁଭାରମ୍ଭ କରିଥିଲେ ମୁଖ୍ୟ ବିଚାରପତି।

ସୂଚନାନୁସାରେ, ବିଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୪୧ଟି ପେପରଲେସ କୋର୍ଟ ଉଦ୍ଘାଟନ ହେଲାଣି। ପ୍ରାୟ ୧୪ଟି ଜିଲ୍ଲାର ସମସ୍ତ ଅଦାଲତଗୁଡ଼ିକ ସମ୍ପୂର୍ଣ୍ଣ ପେପରଲେସ୍ ହୋଇପାରିଛି। ଭର୍ଚୁଆଲରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ। ପ୍ରକାଶଥାଉକି ପ୍ରଥମ ପର୍ଯ୍ୟାୟରେ ଗତ ୨୦୨୨ସେପ୍ଟେମ୍ବର ୧୭ରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ରାଜ୍ୟରେ ୩୪ଟି ପେପରଲେସ କୋର୍ଟ ଉଦଘାଟନ କରିଥିଲେ। ଏହା ପରଠାରୁ ମୋଟ ୧୧ଗୋଟି ପର୍ଯ୍ୟାୟରେ ପେପରଲେସ କୋର୍ଟ ସଂଖ୍ୟା ୩୪୧ ହୋଇଛି।

■ ବେଲଗାଁ ରାଜସ୍ୱ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ

## ଭାରପ୍ରାପ୍ତ ଆର୍‌ଆଇ ଓ ମଧ୍ୟସ୍ଥି ଗିରଫ

**ବଲାଙ୍ଗିର, ୩୦।୪(ସମିସ):** ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ତହସିଲ ଅଧୀନରେ ଥିବା ବେଲଗାଁ ରାଜସ୍ୱ ସର୍କଲର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରେଶମା ମାଝି ଜଣେ ମଧ୍ୟସ୍ଥିଙ୍କ ଜରିଆରେ ଟଙ୍କା ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଜମି ପଟ୍ଟା ମାମଲାର ଯାଞ୍ଚ ରିପୋର୍ଟ ପ୍ରଦାନ କରିବାକୁ ସେ ଏହି ଟଙ୍କା ତାଙ୍କ କାର୍ଯ୍ୟାଳୟର ଜଣେ ଯୁବକଙ୍କ ଜରିଆରେ ନେଉଥିଲେ। ଉକ୍ତ ମଧ୍ୟସ୍ଥି ବାବୁଲାଲ ନନ୍ଦଙ୍କୁ ମଧ ଭିଜିଲାନ୍ସ ଗିରଫ କରିଛି।

ସୂଚନା ଅନୁସାରେ ସଇଁନ୍ତଲା ଅଧୀନରେ ଥିବା ବେଲଗାଁ ରାଜସ୍ୱ ସର୍କଲର ବାସୁଦେବ ରଣା ଜମିଜମା କାଗଜପତ୍ର ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଧାଉଁଥିଲେ। ଜମିପଟ୍ଟା ମାମଲାର ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପାଇଁ ବେଲଗାଁ ଆରଆଇ ରେଶମା ମାଝି ତାଙ୍କ କାର୍ଯ୍ୟାଳୟରେ କାମ କରୁଥିବା ଜଣେ ବାହାରିଆ ଯୁବକ ବାବୁଲାଲ ନନ୍ଦଙ୍କ ଜରିଆରେ ଟଙ୍କା ମାଗିଥିଲେ। ଏଥିପାଇଁ ସେ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ସଂପର୍କରେ ବାସୁଦେବ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ମୁତାବକ, ମଙ୍ଗଳବାର ବାସୁଦେବ ରଣା ଉକ୍ତ ଟଙ୍କା ନେଇ ବାବୁଲାଲ ନନ୍ଦଙ୍କୁ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଚଢ଼ଉ କରି ରସାୟନବୋଳା ଟଙ୍କା ବାବୁଲାଲଙ୍କ ପାଖରୁ ଜବତ କରିଥିଲେ। ତେବେ ଏହି ଟଙ୍କା ଆରଆଇଙ୍କ କହିବା ଅନୁସାରେ ସେ ମାଗିଥିବା କହିବା ପରେ ଭିଜିଲାନ୍ସ ଟିମ ଆରଆଇ ରେଶମା ମାଝିଙ୍କୁ ମଧ ପଚରାଉଚରା କରି ଗିରଫ କରିଥିଲା। ଭିଜିଲାନ୍ସ ଡିଏସ୍‌ପି ଏହି ସୂଚନା ଦେଇଛନ୍ତି।

## ନାବାଳକ ଯୌନ ଉତ୍ପୀଡ଼ନ ମାମଲାରେ ଦୋଷୀକୁ ୨୦ ବର୍ଷ ଜେଲ୍

### ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତିଙ୍କ ନିର୍ଦ୍ଦେଶ

**ବରଗଡ଼, ୩୦।୪(ସମିସ):** ବରଗଡ଼ ଜିଲ୍ଲା ପକ୍‌ସୋ ଅଦାଲତ ବିଚାରପତି ସତ୍ୟ ରଞ୍ଜନ ପ୍ରଧାନ ଏକ ନାବାଳକ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଟୁନୁ ମିର୍ଦ୍ଧା ଓରଫ୍ କେଶବକୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛି। ଏହାସହ ତାକୁ ୫୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ନାବାଳକକୁ ସରକାରଙ୍କ ଥଇଥାନ ଯୋଜନାରେ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ବରପାଲି ଥାନା ଅଧୀନ ଏକ ପ୍ରାଥମିକ ସ୍କୁଲରେ ପଢ଼ୁଥିବା ଜଣେ ନାବାଳକ ଛାତ୍ର ସହ ଟୁନୁ ଅପ୍ରାକୃତିକ ଯୌନକ୍ରିୟା କରିଆସୁଥିବା ଅଭିଯୋଗ ହୋଇଥିଲା। ୨୦୨୨ ଅକ୍ଟୋବର ୩୦ରେ ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରି ପକ୍‌ସୋ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ପୁଲିସ ତାକୁ ହାଜତକୁ ପଠାଇ ଦେଇଥିଲା। ତେବେ ବରପାଲି ପୁଲିସ ଚାର୍ଜସିଟ ଦାଖଲ କରିବା ପରେ ଅଦାଲତ ଏହି ମାମଲାର ବିଚାର ପ୍ରକ୍ରିୟା ଆରମ୍ଭ କରିଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ବିମଳ କିଶୋର ଦେବତା ଓ ସହକାରୀ ଏପିପି ଦ୍ୟୁତିଶ ଆଚାର୍ଯ୍ୟ ଏ ନେଇ ୩୦ଟି ଦଲିଲ ଉପସ୍ଥାପନ କରିଥିଲେ। ୨୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ଅଦାଲତ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ମାମଲା ପରିଚାଳନାରେ ଶ୍ରୀ ଆଚାର୍ଯ୍ୟଙ୍କୁ ଆଇନଜୀବୀ ସନକ ଦାଶ ସହଯୋଗ କରିଥିଲେ।

● ମାମଲା ଶୁଣାଣି ବେଳେ ପକ୍ଷ ରଖିବାକୁ କେନ୍ଦ୍ର ସରକାରଙ୍କ ତରଫରୁ କେହି ଉପସ୍ଥିତ ରହୁନାହାନ୍ତି

## ଉଦ୍‌ବେଗ ପ୍ରକାଶ କଲେ ହାଇକୋର୍ଟ

**କଟକ, ୩୦। ୪(ସମିସ):** ବିଭିନ୍ନ ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ତରଫରୁ କେହି ଉପସ୍ଥିତ ନ ରହିବା ପ୍ରସଙ୍ଗକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୨୨ରୁ ବିଚାରାଧୀନ ଏକ ମାମଲାରେ କେନ୍ଦ୍ର ସରକାର ପ୍ରତିପକ୍ଷ ରହିଛନ୍ତି। ହେଲେ ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ତରଫରୁ କେହି ଉପସ୍ଥିତ ନଥିଲେ। ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ତରଫରୁ ପକ୍ଷ ରଖିବାକୁ ପ୍ରାୟ ୪୦ଜଣ ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ କାଉନସେଲ୍ ରହିଛନ୍ତି। ବହୁ ସମୟରେ ମାମଲା ଡକାଯିବା ବେଳେ ଅଦାଲତଙ୍କୁ ସହଯୋଗ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କେହି ଉପସ୍ଥିତ ରହୁ ନଥିବା ଦେଖାଯାଉଛି ବୋଲି ହାଇକୋର୍ଟ ଏକ ଟିପ୍ପଣୀ ଦେଇଛନ୍ତି। ଏପରିକି ଏହି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି କେନ୍ଦ୍ର ଆଇନ ଓ ନ୍ୟାୟ ବିଭାଗ ସଚିବଙ୍କୁ ଅବଗତ କରିବାକୁ କହିଛନ୍ତି। ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜେ.ଏସ. ବଳିଆରସିଂହଙ୍କ ପକ୍ଷରୁ ରୁଜୁ ଏକ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗକୁ କେନ୍ଦ୍ର ଆଇନ ଓ ନ୍ୟାୟ ବିଭାଗ ସଚିବ ଆଇନ ଅନୁସାରେ ଅନୁଧ୍ୟାନ କରିବେ ବୋଲି ରାୟରେ ଉଲ୍ଲେଖ ରହିଛି।

## କଣ୍ଟାବାଞ୍ଜି ପାଇଁ ବିଜେଡିର ନିର୍ବାଚନ ସଂଯୋଜକ

**ଭୁବନେଶ୍ୱର, ୩୦।୪(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦୁର୍ଗାପ୍ରସାଦ ସାମନ୍ତରାୟ ଏବଂ କିଶୋର ଚନ୍ଦ୍ର ନାଏକଙ୍କୁ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ପାଇଁ ବିଜେଡିର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

## ଦ୍ୱିତୀୟ ଥର ଶିକ୍ଷକ ନିଯୁକ୍ତି ଆବେଦନ ଘୁଞ୍ଚାଇଲା ଓଏସ୍‌ଏସ୍‌ଏସ୍‌ସି

**ଭୁବନେଶ୍ୱର, ୩୦।୪(ସମିସ):** ଅନୁସୂଚିତ ଜନଜାତି ଓ ଜାତି ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗରେ ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ପୁଣି ଘୁଞ୍ଚିଛି। ମାର୍ଚ୍ଚ ୧୧ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୧ ତାରିଖରୁ ଆବେଦନ ଆରମ୍ଭ ହେବାର ଥିଲା। ଇତି ମଧ୍ୟରେ ୨ଥର ଆବେଦନ ପ୍ରକ୍ରିୟା ଆରମ୍ଭ ତାରିଖକୁ ଘୁଞ୍ଚାଯାଇଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ଜୁନ୍ ୧୨ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆଶାୟୀମାନେ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ସୂଚନାଯୋଗ୍ୟ, କଳା ଓ ବିଜ୍ଞାନରେ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ(ଟିଜିଟି), ସଂସ୍କୃତ, ହିନ୍ଦୀ ଓ ପିଇଟି ପାଇଁ ୨୬୨୯ଶିକ୍ଷକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରଥମେ ଏପ୍ରିଲ ୧ରେ ଆବେଦନ ହେବାକୁ ଧାର୍ଯ୍ୟ ହେଇଥିବା ବେଳେ ଆବେଦନ ଆରମ୍ଭର ପୂର୍ବ ଦିନ ଏଥିରେ ପରିବର୍ତ୍ତନ କରାଯାଇଥିଲା। ପରିବର୍ତ୍ତିତ ବିଜ୍ଞପ୍ତି ଅନୁଯାୟୀ ମେ' ୧ ତାରିଖରୁ ଆବେଦନ ଆରମ୍ଭ ହେବାକୁ ଥିବା ବେଳେ ପୁଣି ତାର ପୂର୍ବଦିନ ଅର୍ଥାତ ଆଜି ଏଥିରେ ପରିବର୍ତ୍ତନ କରାଯାଇଛି।

## ରାଜ୍ୟରେ ବଢ଼ୁଛି ଅଗ୍ନିକାଣ୍ଡ

# ବର୍ଷକରେ ୧୨୬ କୋଟିର ସମ୍ପତ୍ତି ସ୍ୱାହା

**ଭୁବନେଶ୍ୱର, ୩୦।୪(ସମିସ):** ଚାଳ ଛପରରୁ ଉଚ୍ଚ ଅଟ୍ଟାଳିକା। ବାଉଁଶ ଓ କାଠ ବନ୍ଧରୁ କଂକ୍ରିଟ୍‌ର ଢ଼ଳେଇ। ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ; ଛାଳ ଛପର ଘରକୁ ଭାଙ୍ଗି ନିର୍ମାଣ କରାଯାଉଛି କୋଠା ଘର। ସୁରକ୍ଷା ଲାଗି ସମସ୍ତ ପ୍ରକାରର ବନ୍ଦୋବସ୍ତ କରାଯାଉଛି। ଅଗ୍ନିକାଣ୍ଡ ରୋକିବାକୁ ଘରଗୁଡ଼ିକରେ ଅତ୍ୟାଧୁନିକ ସ୍ପ୍ରିଙ୍କଲର୍ ବ୍ୟବସ୍ଥା କରାଯାଉଛି। ଏସବୁ ସତ୍ତ୍ୱେ ରାଜ୍ୟରେ ପ୍ରତିବର୍ଷ ଅଗ୍ନିକାଣ୍ଡ କ୍ରମଃଶ ବଢ଼ି ଚାଲିଛି। କିଛି କ୍ଷେତ୍ରରେ ଅଗ୍ନିକାଣ୍ଡ ଘଟିଲେ ଖବର କିମ୍ବା ପହଞ୍ଚିବାରେ ବିଳମ୍ବ ହେବାରୁ ନିଆଁରେ ପୋଡ଼ି ପାଉଁଶ ହୋଇଯାଉଛି ସମ୍ପତ୍ତି। ନିଆଁର ଜ୍ୱାଳାରେ ସୁନାଗହଣା, ଟଙ୍କା, ଧନ ସହ ଘରର ଆସବାବପତ୍ର ପୋଡ଼ି ଯାଉଛି। ଘରେ ଥିବା ଜିରାଠୁ ହିରା ଯାଏ ପୋଡ଼ି ପାଉଁଶ ହୋଇଯାଉଛି। ଅଗ୍ନିକାଣ୍ଡ ଘଟିଲେ ଧନୀ ହେଉ କି ଗରିବର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥାଏ। ତଥାପି ଅଗ୍ନିଶମ ବାହିନୀ ସବୁବେଳେ ସଜାଗ୍ ରହି ଧନଜୀବନ ରକ୍ଷାକୁ ପ୍ରାଧାନ୍ୟ ଦେଇଆସୁଛି।

ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୩୪୫ଟି ଫାୟାର ଷ୍ଟେସନ କାର୍ଯ୍ୟକ୍ଷମ ହେଉଛି। ୨୦୨୩ ମସିହାରେ ସାରା ରାଜ୍ୟରେ ୨୭ହଜାର ୩୨୨ଟି ଅଗ୍ନିଶମଜନିତ ଦୁର୍ଘଟଣା ଘଟିଛି। ନିଆଁର ଜ୍ୱାଳାରେ ୧୨୬ କୋଟି ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିଶମ କେନ୍ଦ୍ରଗୁଡ଼ିକ ଅଞ୍ଚଳରେ ଅନେକ ଘର, ଦୋକାନ, ମାର୍କେଟ୍, ଅଟ୍ଟାଳିକ, ହସ୍ପିଟାଲ ସହ ଅନ୍ୟାନ୍ୟ ସ୍ଥାନରେ ଅଗ୍ନିକାଣ୍ଡ ଘଟି ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ସେଭଳି ଠିକ୍ ସମୟରେ ପହଞ୍ଚି ୪ଶହ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତିକୁ ସୁରକ୍ଷା ଦେବାରେ

### ରକ୍ଷା ହୋଇଛି ୪ଶହ କୋଟିର ସମ୍ପତ୍ତି, ନୂଆ ଜୀବନ ପାଇଛନ୍ତି ୨୫୯ ଜଣ

ସଫଳ ହୋଇଛି ଅଗ୍ନିଶମ ବିଭାଗ। ଅନୁରୂପ ଭାବେ ମଣିଷ ଜୀବନ ବଞ୍ଚାଇବା କ୍ଷେତ୍ରରେ ଅଗ୍ନିଶମ କର୍ମଚାରୀଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଇଛି। ଗଭୀର ପାଣି ହେଉ କି ନିଆଁ ଭିତରୁ ଜୀବନ ରକ୍ଷା କରିବା ଅଗ୍ନିଶମ ଅଧିକାରୀଙ୍କ ପ୍ରାଥମିକତା ରହିଛି। ସର୍ଚ୍ଚ କ୍ୟାମେରା, ସ୍କୁବା ଡ୍ରାଇଭର, ନାଇଟ୍ ଭିଜନ କ୍ୟାମେରା ସହ ଜୀବନରକ୍ଷା ଲାଗି ଅତ୍ୟାଧୁନିକ ବନ୍ଦୋବସ୍ତ କରାଯାଉଛି। ପ୍ରତିଟି ଜୀବନ ମୂଲ୍ୟବାନ ନାରାରେ ଅଗ୍ନିଶମ କର୍ମଚାରୀ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥାନ୍ତି। ଅଗ୍ନିଶମ କର୍ମଚାରୀଙ୍କ ଦୃଢ଼ ମନବଳ, ସାହସିକତା ଯୋଗୁ ଅନେକ ଜୀବନ ବଞ୍ଚିଯାଉଛି। ଏହି କ୍ରମରେ ଗଲା ବର୍ଷ ସାରା ରାଜ୍ୟରୁ ୨୫୯ଜଣଙ୍କୁ ନୂଆ ଜୀବନ ଦେଇଛି ଅଗ୍ନିଶମ ବିଭାଗ। କିନ୍ତୁ ବିଡ଼ମ୍ବନାର ବିଷୟ, କିଛି କ୍ଷେତ୍ରରେ ଅଗ୍ନିଶମ କର୍ମଚାରୀ ଜୀବନ ବଞ୍ଚାଇ ପାରିବାରେ ଅସଫଳ ହୋଇଛନ୍ତି। ଅତି ବିଳମ୍ବରେ ଖବର ପାଇ ପହଞ୍ଚିଲା ବେଳକୁ ନିଆଁର ଜ୍ୱଳା କିମ୍ବା ନଦୀର ଗର୍ଭରେ ମଣିଷର ସଲିଳ ସମାଧି ହୋଇଯାଉଛି। ଏହି ସମୟ ଅବଧିରେ ରାଜ୍ୟରେ ୩୨ଜଣଙ୍କ ଜୀବନ ଚାଲିଯାଇଛି। ଏହି ଅଗ୍ନିକାଣ୍ଡରେ କିନ୍ତୁ ଅଗ୍ନିକାଣ୍ଡ ଜନିତ ଅଘଟଣରେ ୩୨ଜଣଙ୍କ ଜୀବନ ଚାଲିଯାଇଛି। କେବଳ ମଣିଷ ନୁହଁ, ଗୃହପାଳିତ ପଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି ଆଗ୍ନିକ। ୧୦ ହଜାରରୁ ଅଧିକ ଗୃହପାଳିତ ପଶୁଙ୍କ ଜୀବନ ବି ରକ୍ଷା କରାଯାଇଛି। ସେଭଳି ଦୁର୍ଘଟଣା ହେବା ପରେ ଅଗ୍ନିଶମ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସେବା ଡାକରାରେ ସହାୟତା ଲୋଡ଼ା ଯାଉଛି। ଦୁର୍ଘଟଣା ପରେ ଟ୍ରକ କିମ୍ବା ଭାରୀଯାନରେ ଚାଳକ କିମ୍ବା ଯାତ୍ରୀ ଫସିଥିଲେ, ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପହଞ୍ଚାଯାଉଛି। ଏଥିରେ ଅନେକଙ୍କ ଜୀବନ ରକ୍ଷା ପାଇଯାଉଥିବା ବେଳେ କିଛି ଲୋକଙ୍କ ମୃତ୍ୟୁ ହୋଇଛି। ଅନୁରୂପ ଭାବେ ୨୦୨୨ ମସିହାରେ ୨୪୦୩୪ ଅଗ୍ନି ଘଟଣା ଓ ୨୧୦୩୬ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତିରେ ପହଞ୍ଚି ଆଗ୍ନିକମାନେ ସେବା ଯୋଗାଇଥିଲେ। ଏଥିରେ ୮୬୪୮ ମଣିଷ ଜୀବନ, ୧୦୯୭୪ ଗୋରୁ ଜୀବନ ଓ ୩୪୯, ୨୪, ୧୮, ୪୮୦ ମୂଲ୍ୟର ସମ୍ପତ୍ତି ରକ୍ଷା କରାଯାଇଥିଲା।

ଅନ୍ୟପକ୍ଷରେ ପରମାଣୁ, ରାସାୟନିକ ଓ ଜୈବିକ ବିପର୍ଯ୍ୟୟର ମୁକାବିଲା ଲାଗି ପ୍ରସ୍ତୁତ ରହିଛି। ରେଳ ଦୁର୍ଘଟଣା ହେଉ ଅବା ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଆଗ୍ନିକଙ୍କ ଆବଶ୍ୟକତା ଢ଼େର୍ ଅଧିକ। ମଣିଷ ତଥା ପଶୁପକ୍ଷୀଙ୍କ ଜୀବନ ରକ୍ଷା ଦିଗରେ ରାଜ୍ୟ ଅଗ୍ନିଶମ ବାହିନୀ ସବୁବେଳେ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଆସୁଛି। ତ୍ୱରିତ ଏବଂ ପ୍ରଭାବୀସେବା ଲାଗି ଓଡ଼ିଶା ଅଗ୍ନିଶମ ବାହିନୀ ବିଭିନ୍ନ ସମୟରେ ଜାତୀୟ ସ୍ତରରେ ପ୍ରଶଂସା ସାଉଣ୍ଟିଛି। ବିପର୍ଯ୍ୟୟ କ୍ଷେତ୍ରରେ ଓଡ଼ିଶା ଅଗ୍ନିଶମ ବିଭାଗର ପ୍ରଦର୍ଶନକୁ ନେଇ ଶତମୁଖ ସାରାଦେଶ। ଓଡ଼ିଶା ଅଗ୍ନିଶମ ବାହିନୀ ବିଭିନ୍ନ ସମୟରେ ଜାତୀୟ ସ୍ତରରେ ପ୍ରଶଂସା ବି ମିଳୁଛି। ଭିତ୍ତିଭୂମି ଓ ଦକ୍ଷତା ବୃଦ୍ଧି ଏବଂ ସଶକ୍ତୀକରଣ ଦିଗରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। କୋଠା ଅବା ଉଚ୍ଚ ଅଟ୍ଟାଳିକାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ହାଇଡ୍ରୋଲିକ୍ କ୍ରେନ୍ ସହ ଜମ୍ପିଂ କୁସନ ଆଣିବାକୁ ଯୋଜନା ହୋଇଛି। ଫଳରେ ଜଣେ ଉଚ୍ଚସ୍ଥାନରୁ ତଳକୁ ଡେଇଁଲେ ମଧ ଆହତ ହେବା ସମ୍ଭାବନା କ୍ଷିଣ ରହିଛି। ଏଥିସହ ଏନ୍‌ଡିଆର୍‌ଏଫ୍ ଭିତ୍ତିରେ ଓଡ଼ିଶାର ଏସ୍‌ଡିଆର୍‌ଏଫ୍ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର।

# ମା’ ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ତାଳଚେର, ୩୦।୪(ସମିସ)





ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ଶୀତୁଳା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବଡ଼ି ଭୋରରୁ ମା’ଙ୍କ ଦର୍ଶନ କରିବା ପାଇଁ ଉଭାସ୍ଥଳୀରେ ବହୁ ଶ୍ରଦ୍ଧାଳଙ୍କ ଭିଡ଼ ହୋଇଥିଲା। କିଛି ଶ୍ରଦ୍ଧାଳୁ ଛୋଟ ଶିଶୁଙ୍କର ଚୁଟି ମୁଣ୍ଡନ ମଧ କରିଥିଲେ। ମଧାହ୍ନରେ ପ୍ରଚଣ୍ଡ ଖରା ଯୋଗୁଁ ଶ୍ରଦ୍ଧାଳୁଙ୍କ ଭିଡ଼ ସାମାନ୍ୟ କମ୍ ଥିବା ବେଳେ ସନ୍ଧ୍ୟାବେଳେ ମା’ଙ୍କ ପୀଠ ପରିସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମା’ ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଲମଦ୍ୱୟଙ୍କୁ ଦିଅଁଘରୁ ବଡ଼ମଣ୍ଡପକୁ ଏକ ଭବ୍ୟ ଶୋଭାଯାତ୍ରାରେ ଅଣାଯାଇଥିଲା। ସେଠାରେ ମୁଖ୍ୟ ଦେହୁରୀ କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା କରି ମା’ ହିଙ୍ଗୁଳାଙ୍କ ଆରାଧନା କରିଥିଲେ। ପୀଠ ପରିସରରେ ଥିବା ପାଞ୍ଚ ପୀଢ଼ ଯଥା ମା’ ହିଙ୍ଗୁଳା, ମା’ କରଡ଼େଇ, କୁଟେଇଶୁଣୀ, ଖୁମ୍ବେଶ୍ୱରୀ ଓ କଳାପାଟଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା। ସନ୍ଧ୍ୟାରେ ମା’ ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଉଭାସ୍ଥଳୀକୁ ଏକ ଭବ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ମୁଖ୍ୟ ଦେହୁରୀ ପାରମ୍ପରିକ ରୀତିନୀତି ଅନୁଯାୟୀ ମା’ ଅଗ୍ନିରୂପାଙ୍କ ପଞ୍ଚପୋଚାର ପୂଜା କରିବା ସହ ଉଖୁଡ଼ା, ଗୁଡ଼, ଘିଅ, ମହୁ, ଛିଟ, ନୈବେଦ୍ୟ ଆଦି ଅର୍ପଣ କରି ମା’ଙ୍କ ଶୀତୁଳା ପୂଜା କରିଥିଲେ। ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା’ଙ୍କ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହାପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି ହୋଇଥିଲା। ଆଜି ପ୍ରଚଣ୍ଡ ଖରା ସତ୍ତ୍ୱେ ମା’ ହିଙ୍ଗୁଳାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରାସ୍ଥଳରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ଦହି ସରବତ, ଅନ୍ନ ଭୋଗ ବଣ୍ଟନ କରାଯାଉଥିବାର ଦେଖାଯାଇଥିଲା। ଏହାସହିତ ସନ୍ଧ୍ୟାରେ ୨୦ତମ ଲୋକ ମହୋତ୍ସବର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ମା’ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଏନଟିପିସି କଣିହାଁର ମୁଖ୍ୟ ମହାପ୍ରବନ୍ଧକ ଅଶୋକ କୁମାର ସହେଗଲ ଓ ସମ୍ମାନିତ ଅତିଥି ଭାବରେ ମାନବ ସମ୍ବଳ ବିଭାଗ ଅତିରିକ୍ତ ମହାପ୍ରବନ୍ଧକ ନବନୀତ କୁମାର, ରୋହିତ କୁମାର ଓ ବିପାଶା ଦେ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଗଗନ ସାହୁ, ସଞ୍ଜୟ ସାହୁ, ଅରୁଣ କୁମାର ପ୍ରଧାନ ଓ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିବେକାନନ୍ଦ ବିଦ୍ୟା ମନ୍ଦିରର କୁନି କୁନି କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ଓ ନୃତ୍ୟ ଶ୍ରୀଧାରା ଅନୁଷ୍ଠାନର କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣି ନେଇଥିଲେ। ସେହିପରି ବରଗଡ଼ର ଟିକେଶ୍ୱରୀ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଧୁଡୁକି ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ପୁରୀର ମୟୂରୀ ଡ୍ୟାନ୍ସ ଏକାଡେମୀ ଓ ଶ୍ରୀକାନ୍ତ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତାଳଚେର ସହକାରୀ ଜିଲ୍ଲାପାଳ ନାରାୟଣ ସେଠୀ, ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁମତି ଦେହୁରୀ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ଓ ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡାଦେଶ

**ଅନୁଗୋଳ ୩୦।୪(ସମିସ):** ଜଣେ ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଆଜି ବିଚାରପତି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୦୦୭ମସିହାରେ ଅନୁଗୋଳ ଥାନା ଅନ୍ତର୍ଗତ ଶାବଳ ଭଙ୍ଗା ଗ୍ରାମର ନିନ୍ଦ୍ରା ସାହୁଙ୍କ ଝିଅ ରଶ୍ମିତା ତୁମୁଣୀ ଗ୍ରାମର ସୁର ବିଶ୍ୱାଳଙ୍କ ପୁଅ ବାବୁ ବିଶ୍ୱାଳଙ୍କୁ ବୈଦ୍ଧିକ ରୀତିରେ ବିବାହ କରିଥିଲେ। ବିବାହ ପରେ ନିନ୍ଦ୍ରା ସାହୁଙ୍କ କୌଣସି ପୁଅ ନଥିବାରୁ ବାବୁ ବିଶ୍ୱାଳ ଘର ଜ୍ୱାଇଁ ହୋଇ ରଶ୍ମିତାଙ୍କ ସହିତ ତାଙ୍କ ଘରେ ଆସି ରହୁଥିଲେ। ସେଠାରେ ରହିବା ପରେ ବାବୁ ବିଶ୍ୱାଳ ରଶ୍ମିତାଙ୍କ ସହ ଚାରି ପାଞ୍ଚଥର ମାଡ଼ପିଟ କରିଥିଲେ। ପରେ ଗାଁ ଲୋକଙ୍କ ବୁଝାସୁଝା ପରେ ମିଳାମିଶା ହୋଇଥିଲା। କିନ୍ତୁ କିଛିଦିନ ପରେ ପୁଣି ବାବୁ ବିଶ୍ୱାଳ ରଶ୍ମିତା ଏବଂ ତାଙ୍କ ମା’ ନିନ୍ଦ୍ରାଙ୍କୁ ମାଡପିଟ କରି ନିନ୍ଦ୍ରାଙ୍କୁ ଘରୁ ତଡ଼ି ଦେଇଥିଲା। ଫଳରେ ଭୟଭୀତ ହୋଇ ନିନ୍ଦ୍ରା ସେଠାରୁ ଯାଇ ନିଜ ବାପଘର ଶଙ୍ଖପୁର ଗ୍ରାମରେ ରହୁଥିଲେ। ହଠାତ ଦିନେ ଶାବଳ ଭଙ୍ଗା ଗ୍ରାମର ଦୁଇଜଣ ବ୍ୟକ୍ତି ନିନ୍ଦ୍ରା ସାହୁଙ୍କୁ ଖବର ଦେଇଥିଲେ ଯେ, ତାଙ୍କ ଝିଅ ରଶ୍ମିତାଙ୍କୁ ତା’ର ସ୍ୱାମୀ ବାବୁ ତଣ୍ଟିଚିପି ହତ୍ୟାକରି ଘରଠାରୁ ୨୦୦ମିଟର ଦୂର ଏକ ବିଲରେ ପକେଇଦେଇଛି। ଖବର ପାଇ ନିନ୍ଦ୍ରା ଶାବଳଭଙ୍ଗା ଗ୍ରାମକୁ ଆସି ଦେଖିବାରୁ ତାଙ୍କ ଝିଅ ରଶ୍ମିତା ଉକ୍ତ ବିଲରେ ମରିପଡ଼ିଛି। ଫଳରେ ନିନ୍ଦ୍ରା ସାହୁ ଏନେଇ ବନ୍ତଳା ଥାନାକୁ ଜଣାଇବା ସହ ବାବୁ ବିଶ୍ୱାଳ ତାଙ୍କ ଝିଅ ରଶ୍ମିତାକୁ ହତ୍ୟା କରିଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ଫଳରେ ପୁଲିସ ଦଫା ୩୦୨/୪୯୮(ଏ )ରେ ଏକ ମାମଲା ରୁଜୁକରି ହତ୍ୟାକାରୀ ବାବୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନ ଠାରୁ ବାବୁ ବିଚାରାଧୀନ କଏଦୀ ଭାବେ ସଜା କାଟୁଥିଲେ। କିନ୍ତୁ ଆଜି ଅତିରିକ୍ତ ଜିଲ୍ଲା ଓ ସେସନ ଜଜ୍ ରଞ୍ଜିତା ଜ୍ୟୋତିଶି ଏହି ମାମଲାର ଶୁଣାଣି କରି ୧୨ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାରକରି ହତ୍ୟାକାରୀ ବାବୁ ବିଶ୍ୱାଳକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ଗୋଟେ ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ପୁଲିସ ପାଟ୍ରୋଲିଂ ନାହିଁ; ବଢୁଛି ଅପରାଧ

**ବଇଣ୍ଡା, ୩୦।୪(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ କିଛିଦିନ ହେବ ଅସମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଛି। ହଣ୍ଡପା କିମ୍ବା ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ ୧ ମାସ ହେବ ପାଟ୍ରୋଲିଂ କରାଯାଉ ନଥିବା ଯୋଗୁଁ ଅସମାଜିକ ବ୍ୟକ୍ତିଙ୍କ ଆତଙ୍କରାଜ ବଢିବାରେ ଲାଗିଛି। ଘଟଣାରୁ ଜଣାପଡିଛି ଯେ, ନିର୍ବାଚନ ପାଖେଇ ଆସୁଥିବା ବେଳେ ଅନେକ ଗ୍ରାମରେ ବାହାର ଅଞ୍ଚଳରୁ ଲୋକେ ଆସି ଭିଡ଼ ଜମାଇଛନ୍ତି। ବିଶେଷ କରି ବଇଣ୍ଡା ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳ ଭାବରେ ପରିଚିତ ଥିବା ବେଳେ ପୁଲିସ ପ୍ରଶାସନ ସୁରକ୍ଷା ଯୋଗାଇଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବଇଣ୍ଡା ଠାରେ ଏକ ଫାଣ୍ଡି ଥିଲେ ମଧ ଏଠାରେ ସଠିକ ଭାବରେ ଅଧିକାରୀମାନେ ରହୁ ନଥିବା ବେଳେ ସନ୍ଧ୍ୟାରେ ବଇଣ୍ଡା ତଥା ଆଖ ପାଖ ଅଞ୍ଚଳରେ ମଦ୍ୟପଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଶେଷ କରି ଏକ ସପ୍ତାହ ହେବ କିଛି ଅସମାଜିକ ବ୍ୟକ୍ତି ବୁଲୁଥିବା ବେଳେ ସେମାନଙ୍କୁ କାବୁ କରିବାରେ ପୁଲିସ ବିଫଳ ହୋଇଛି। ରାତିରେ ପାଟ୍ରୋଲିଂ ଏକ ମାସ ହେବ କରାଯାଉ ନଥିବା ଯୋଗୁଁ ଲୁଟେରା ସକ୍ରିୟ ହୋଇପଡିଛନ୍ତି। ଯେଉଁ ଅଞ୍ଚଳରେ ଆଇନଶୃଙ୍ଖଳା ବିଗୁଡୁଛି ସେହି ଅଞ୍ଚଳବାସୀ ବଇଣ୍ଡା ଫାଣ୍ଡିକୁ ସୁରକ୍ଷା ଯୋଗାଇଦେବା ପାଇଁ ଆପତ୍ତି କଲେ ମଧ ସେମାନଙ୍କୁ ସୁରକ୍ଷା ଯୋଗାଯାଉ ନଥିବା ନୁନୁକାପଶି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୁଲିସ ସିଥଳତା ଯୋଗୁଁ ଅବାଧ ମଦ ସହ ଗଞ୍ଜେଇ ଚାଲାଣ ବଢିବାରେ ଲାଗିଛି। ହଣ୍ଡପା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ କାରବାର କରାଯାଉଥିବା ବେଳେ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟିଦେଇ ରାତି ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ କୁହନ୍ତି, ଫାଣ୍ଡିରେ ଯେଉଁ ଗାଡ଼ି ଥିଲା, ତାହା ୧୫ ବର୍ଷ ହୋଇଯାଇଥିବା ଯୋଗୁଁ ଅଚଳ ହୋଇପଡିଛି। ନୂତନ ଗାଡ଼ି ପୂଜା ସରିବା ପରେ ପାଟ୍ରୋଲିଂ କରାଯିବ।

# ଏସ୍‌ୟୁସିଆଇ ପକ୍ଷରୁ ରମଣୀ ରଞ୍ଜନଙ୍କ ପ୍ରାର୍ଥିପତ୍ର ଦାଖଲ



**କିଶୋରନଗର, ୩୦।୪(ସମିସ):** ଆଠମଲ୍ଲିକ ବିଧାନସଭା ଏସୟୁସିଆଇ(କମ୍ୟୁନିଷ୍ଟ) ର ବିଧାୟକ ପ୍ରାର୍ଥୀ ରମଣୀ ରଞ୍ଜନ ପ୍ରଧାନ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ଆଠମଲ୍ଲିକ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଜଳସେଚନ, ପାନୀୟ ଜଳଯୋଗାଣ, ବିଦ୍ୟୁତ ସେବା, ହାତୀ ଉପଦ୍ରବ, ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଲଗାତାର ଭାବେ ଆନ୍ଦୋଳନ ଜାରି ରହିଛି।। ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସମସ୍ୟାକୁ ବିଧାନସଭାରେ ଉପସ୍ଥାପନା କରିବା ପାଇଁ ଚଳିତ ନିର୍ବାଚନରେ ଏସୟୁସିଆଇ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛି ବୋଲି ରମଣୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଆଜି ମନୋନୟନପତ୍ର ଦାଖଲ ସମୟରେ ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ତୀର୍ଥବାସୀ ଭୋଇ, ନବକିଶୋର ପ୍ରଧାନ, ସରେଜିନୀ ନାୟକ, ଲକ୍ଷ୍ମଣ ବେହେରା, ପିତାମ୍ବର ପ୍ରଧାନ, ରବିନାରାୟଣ ବାରିକ୍, ସୁରୁଚି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବିଜେଡିର ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ

# ବିଜେପି ଓ କଂଗ୍ରେସର ୫୦ କାର୍ଯ୍ୟକର୍ତ୍ତା ସାମିଲ




**କଣିହାଁ/ଡେରଙ୍ଗ, ୩୦।୪(ସମିସ):** ପାଲଲହଡ଼ା ନିର୍ବାଚନମଣ୍ଡଳୀ କଣିହା ବ୍ଲକ ଡେରଙ୍ଗ ପଞ୍ଚାୟତ ଝରିଆ ସାହି ବିଜେଡି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅପରାହ୍ନରେ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ପୁରୁଷୋତ୍ତମ ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ, କଣିହା ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ହିମାଞ୍ଚଳ ପଣ୍ଡା, ଜିଲ୍ଲା ଉପ ସଭାପତି ବାବୁଲା ପ୍ରଧାନ, ପ୍ରାକ୍ତନ ବ୍ଲକ ଉପାଧକ୍ଷ ବିଷ୍ଣୁ ଦାସ, ଯୁବ ସଭାପତି ସୁବାଷ ଚନ୍ଦ୍ର ମହାନ୍ତି, ଗଗନ ବିହାରୀ ରାଉତ, ଯୁବନେତା ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କିଭଳି ଭାବେ ଡେରଙ୍ଗ ପଞ୍ଚାୟତ ବିଜେଡି ତରଫରୁ ଯୋଡ଼ି ଶଙ୍ଖ ଚିହ୍ନରେ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଓ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ସମସ୍ତ ସକ୍ରିୟ ସଦସ୍ୟ ଓ ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ଶ୍ରୀ ପାଳ ନିବେଦନ କରିଥିଲେ। ଉପସ୍ଥିତ କର୍ମୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତର ପ୍ରତ୍ୟେକଟି ପରିବାରକୁ ସଚେତନତା କରିବା ପାଇଁ ଅତିଥିମାନେ ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ ଯୋଜନା ଏବଂ ପାଲଲହଡ଼ା ବିଧାୟକ ଶ୍ରୀ ପାଲଙ୍କ ଦକ୍ଷ ସଂଗଠନ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଘଣ୍ଟିଆନାଳୀ ଓ ଡେରଙ୍ଗ ଗ୍ରାମର ବିଜେପି ଓ କଂଗ୍ରେସ ଦଳର ୫୦ ଜଣ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଜୁ ଜନତା ଦଳର ଯୁବନେତା ସୁଶାନ୍ତ ସାହୁ, ମୁନା ସାହୁ, ନିଲୁ ସାହୁ, ଘଣ୍ଟିଆନାଳୀ ଗ୍ରାମ୍ୟ ସଭାପତି ଟଙ୍କଧର ପ୍ରଧାନ, ଯୋଗେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ତତଲା କଡ଼େଇରେ ସିଝୁଛନ୍ତି ତାଳଚେରବାସୀ



**ତାଳଚେର ସଦର, ୩୦।୪(ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଆଜି ସକାଳେ ୮.୩୦ ମିନିଟ୍ ସମୟରେ ସର୍ବନିମ୍ନ ତାପମାତ୍ରା ୨୮.୮ ରହିଥିବା ବେଳେ ଅପରାହ୍ଣରେ ଏହା ବୃଦ୍ଧି ପାଇ ୪୪.୫ ଡିଗ୍ରୀରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଆଜି ସକାଳ ୮ଘଟିକା ସମୟରେ ଅଗ୍ନିବର୍ଷା ସହ ତତଲା ଝାଞ୍ଜି ପବନ ଅଞ୍ଚଳବାସୀଙ୍କୁ ନାକେଦମ କରିଦେଇଥିବା ବେଳେ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ସହ ଘନଘନ ବିଜୁଳିକାଟ୍ ଲୋକଙ୍କୁ ଅତିଷ୍ଠ କରିପକାଇଥିଲା। ଦିନ ୧୧ଘଟିକା ସମୟରେ ରାସ୍ତା ଜନଶୂନ୍ୟ ହୋଇପଡ଼ିଥିଲା। ସେହିପରି ଦୋକାନ ବଜାର ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଜଳର ଉତ୍କଟ ସମସ୍ୟା ଯୋଗୁଁ ଜୀବଜଗତ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ତାପମାତ୍ରା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚରେ ପ୍ରାୟ ୪୮ଡିଗ୍ରୀ ରହିଥିବା କୁହାଯାଉଛି। ତେବେ ଆଗାମୀ ଦିନରେ ଏହି ତାପମାତ୍ରା ୫୦ ଡିଗ୍ରୀ ଛୁଇଁବାକୁ ଆଉ ବେଶୀ ସମୟ ଲାଗିବ ନାହିଁ ବୋଲି କୁହାଯାଉଛି।

# ଟ୍ରକ୍ ଲୁଟ୍ ବେଳେ ୫ ଲୁଟେରାଙ୍କୁ କାବୁକଲା ପୁଲିସ

**ତାଳଚେର ସଦର, ୩୦।୪(ସମିସ):** ତାଳଚେର ପୁଲିସ ଦ୍ୱାରା ୫ ଆନ୍ତଃଜିଲ୍ଲା ଲୁଟେରା ଗିରଫ ହୋଇଛନ୍ତି। ଜାତୀୟ ରାଜପଥ ୧୪୯ ସନ୍ଥପଡ଼ା ନିକଟରେ ୯ ଜଣ ଯୁବକ ମାରଣାସ୍ତ୍ର ଧରି ଟ୍ରକଗୁଡ଼ିକୁ ଅଟକାଇ ଲୁଟ୍ ଯୋଜନା କରୁଥିବା ବେଳେ ଖବର ପାଇ ତାଳଚେର ପୁଲିସ ଘଟଣାସ୍ଥଳରେ ପହଞ୍ଚି ୫ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ବାକି ୪ ଜଣ ଲୁଟେରା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗିରଫ ୫ ଜଣଙ୍କ ପାଖରୁ ବିଭିନ୍ନ ମାରଣାସ୍ତ୍ର ସହ ଏକ ବନ୍ଧୁକ ଜବତ ହୋଇଛି। ଲୁଟେରାମାନେ ଢେଙ୍କାନାଳ ଜିଲ୍ଲା କମଳାଙ୍ଗ ଅଞ୍ଚଳର ପିଙ୍କୁ ନାଏକ, ବିମଳ ନାଏକ, ବଂଶୀଧର ନାଏକ, ତାଳଚେର ଥର୍ମାଲ ଜଗନ୍ନାଥପୁର ଅଞ୍ଚଳର ବିଶ୍ୱଜିତ୍ ନାଏକ, ତାଳଚେର ଡେରା ଅଞ୍ଚଳର ଅମରେଶ ନାଏକ, ଅଭିମନ୍ୟୁ ନାଏକ, ବଅଁରପାଳ ଅଞ୍ଚଳର ଦିଲୁ ନାଏକ ଏବଂ ଢେଙ୍କାନାଳ ପରଜଙ୍ଗ ଅଞ୍ଚଳର ଚନ୍ଦନ ନାଏକ ଏବଂ ସରୋଜ ନାଏକ ବୋଲି ତାଳଚେର ପୁଲିସ ସୂଚନା ଦେଇଛି।

# ମୋବାଇଲ ଟାୱାରରୁ ଚୋରି

ବଇଣ୍ଡା, ୩୦।୪(ସମିସ): ହଣ୍ଡପା ଥାନା ନାକିଚି ଅଞ୍ଚଳରେ ଥିବା ଏକ ଘରୋଇ ମୋବାଇଲ ଟାୱାରରୁ ବେଟେରି ଚୋରି ହୋଇଯାଇଥିବା ଉକ୍ତ ମୋବାଇଲ ଟାୱାରର କର୍ମଚାରୀ ବିଭୁଦତ୍ତ ସାହୁ ହଣ୍ଡପା ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ନମ୍ବର ୧୬୯/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ କହିଛି ଯେ , ଉକ୍ତ ମୋବାଇଲ ଟାୱାରରୁ କିଛିବ୍ୟକ୍ତି ୫ ଟି ବେଟେରି ଚୋରି କରିନେଇଛନ୍ତି, ଯାହାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ହଣ୍ଡପା ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉ ନଥିବା ଯୋଗୁଁ ବାରମ୍ବାର ମୋବାଇଲ ଟାୱାରରୁ ଚୋରି ହେଉଥିବା ନାକିଚି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମଦ ଜବତ, ୩ ଗିରଫ

**ବଇଣ୍ଡା, ୩୦।୪(ସମିସ):** ହଣ୍ଡପା ଓ ଠାକୁରଗଡ଼ ପୁଲିସ ସୋମବାର ବିଭିନ୍ନ ଗ୍ରାମରେ ଚଢ଼ଉ କରି ଚୋରା ଦେଶୀ ମହୁଲି ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେରେଣ୍ଡା ଗ୍ରାମରେ ଚଢ଼ଉ କରି ପ୍ରଭାସିନୀ ବେହେରାଙ୍କ ଘରୁ ୧୫ ଲିଟର ଚୋରାମଦ ଜବତ କରି ତାକୁ ଗିରଫ କରାଯାଇଛି। ସେହିପରି ସାତପେରେଢ଼ିଆ ଗ୍ରାମର ଭକ୍ତଚରଣ ପ୍ରଧାନଙ୍କ ଘରୁ ୧୧ ଲିଟର ଚୋରାମଦ ଜବତ କରାଯାଇଛି। ସେହିପରି ଠାକୁରଗଡ଼ ପୁଲିସ ପିତାବଳି ବାହଳ ଗ୍ରାମରେ ଚଢ଼ଉ କରି ଲୋଚନ ବେହେରାଙ୍କ ଘରୁ ୧୦ ଲିଟର ମଦ ଜବତ କରିବା ସହ ଏମାନଙ୍କୁ ଗିରଫ କରାଯାଇଛି।

## ■ ୫୫ ନଂ. ଏନ୍‌ଏଚ୍‌ରେ ପୁଣି ୩ ଅଣ୍ଡରପାସ୍ ନିର୍ମାଣ ଦାବି

# ଆନ୍ଦୋଳନ ପାଇଁ ବଇଣ୍ଡା ଗ୍ରାମବାସୀଙ୍କ ଚେତାବନୀ



**ଅନୁଗୋଳ/ବଇଣ୍ଡା, ୩୦।୪(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ବ୍ୟବସାୟିକ କେନ୍ଦ୍ରସ୍ଥଳ ବଇଣ୍ଡା ବଜାରର ବ୍ୟବସାୟୀଙ୍କ ଚିନ୍ତା ବଢୁଛି। ବଇଣ୍ଡାଠାରେ ୫୫ନଂ. ଜାତୀୟ ରାଜପଥ ଉପରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହେଉଥିବା ବେଳେ ତଳେ ଯାତାୟାତ ପାଇଁ ମାତ୍ର ୨ ଟି ଅଣ୍ଡର ପାସ୍ ନିର୍ମାଣ କରାଯାଇଛି। ତେଣୁ ବ୍ୟବସାୟକୁ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇପଡିଛନ୍ତି। ଯଦି ଅଣ୍ଡରପାସ୍ ସଂଖ୍ୟା ଆଉ ୩ଟି ବଢ଼ା ନ ଯାଏ, ତା’ହେଲେ ଏହି ବ୍ୟବସାୟିକ ପେଣ୍ଠସ୍ଥଳରେ ବ୍ୟବସାୟ ପ୍ରଭାବିତ ହେବ। ଶତାଧିକ ବ୍ୟବସାୟୀ କ୍ଷତି ସହିବେ। ବଜାରରେ ଯାତାୟାତ ବାଧାପ୍ରାପ୍ତ ହେବ। ତେଣୁ ଏଠାରେ ଆଉ ୩ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ମଙ୍ଗଳବାର ବଇଣ୍ଡାବାସୀ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଗ୍ରାମର ଜିତେନ୍ଦ୍ର ବେହେରା, ବିନୀତ ସାହା, ଗିରିଶ ଚନ୍ଦ୍ର ବେହେରା, ଜାମ୍ବେଶ୍ୱର ସାହୁ, ମାନସ ସାହୁ, , ଉଗ୍ରେସନ ସେଠୀ, ରାଜା ଶର୍ମା, ସନ୍ତୋଷ ଦେହୁରି, ବିକ୍ରମ ସାହୁ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ସମ୍ବଲପୁର ସ୍ଥିତ ଏନଏଚଆଇର ପିଡି ଡି ସିଂ ଚୌଧୁରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଅନୁଗୋଳ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଅଞ୍ଚଳବାସୀ ଉକ୍ତ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବଇଣ୍ଡା ବଜାର ରହିଛି। ଆଠମଲ୍ଲିକ ଉପଖଣ୍ଡର ଏହା ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳ। ସକାଳୁ ବିଳମ୍ବିତ ରାତିଯାଏ ଏଠାରେ ଗହଳିଚହଳି ଲାଗି ରହିଥାଏ। ଏହାକୁ ଦୃଷ୍ଟିରେ ରଖି ବଇଣ୍ଡା ଛକରେ ଜାତୀୟ ରାଜପଥ ଉପରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହେଉଛି। ଏହି ଫ୍ଲାଏ ଓଭରବ୍ରିଜ କଦଳୀମୁଣ୍ଡାଠାରୁ ଆରମ୍ଭ ହୋଇ ଦେଢ଼ କିଲୋମିଟର ଆନନ୍ଦମୁଣ୍ଡା ପର୍ଯ୍ୟନ୍ତ ଲମ୍ବିଛି। ଏହାର ଉଭୟ ପାର୍ଶ୍ୱରେ ଶତାଧିକ ଦୋକାନ ଓ ବାସଗୃହ ରହିଛି। ବ୍ୟବସାୟିକ ଅଞ୍ଚଳରେ ହେଉଥିବା ଏହି ଫ୍ଲାଏ ଓଭରବ୍ରିଜ ତଳେ ଯାତାୟାତ ପାଇଁ ବର୍ତ୍ତମାନ ୨ ଟି ମାତ୍ର ଅଣ୍ଡରପାସ ନିର୍ମାଣ କରାଯାଉଛି। ଏହାକୁ ନେଇ ବଜାରର ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ଆଉ ୩ ଟି ଅଣ୍ଡରପାସ୍ କରାଯିବାର ଆବଶ୍ୟକତା ଥିବାବେଳେ ଏନଏଚ ଆଇ ଦୃଷ୍ଟି ଦେଉ ନଥିବା ଯୋଗୁଁ ଆଗାମୀ ଦିନରେ ବ୍ୟବସାୟ ଗଭୀର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଥିସହ ବଜାରକୁ ଯାତାୟାତରେ ମଧ ବ୍ୟାପକ ଅସୁବିଧା ଉପୁଜିବ। ତେଣୁ ଆଉ ୩ ଟି ସ୍ଥାନରେ ଅଣ୍ଡରପାସ ନିର୍ମାଣ ପାଇଁ ବଇଣ୍ଡା ଗ୍ରାମବାସୀ ବହୁବାର ଆଠମଲ୍ଲିକ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ବଇଣ୍ଡା ଅଞ୍ଚଳରେ ଆଉ ୩ ଟି ଅଣ୍ଡରପାସ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପାଣି ପାଇଁ ତହକବିକଳ

# ମନରବେଡ଼ା ଗ୍ରାମବାସୀଙ୍କୁ ଚୁଆ ପାଣି ଭରସା

କିଶୋରନଗର, ୩୦।୪(ସମିସ)



ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ଲାଗି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କନ୍ଧପଡ଼ା ପଞ୍ଚାୟତର ମନରବେଡ଼ା

**● ୨ଟି ନଳକୂପରୁ ବାହାରୁଛି ଗୋଳିଆ ପାଣି**

ଗାଁରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୮୦ ପରିବାର ବସବାସ କରୁଥିବା ଏହି ଗ୍ରାମବାସୀଙ୍କ ପାଇଁ ୨ ଟି ନଳକୂପ ଏକମାତ୍ର ଭରସା ଥିଲା। ହେଲେ ୨ଟି ନଳକୂପରୁ ଗୋଳିଆ ପାଣି ବାହାରୁଥିବା ଯୋଗୁଁ ପିଇବା ଉପଯୋଗୀ ହୋଇ ଆଉ ରହିନାହିଁ। ଗ୍ରାମର ମହିଳାମାନେ ପ୍ରଚଣ୍ଡ ଖରାରେ ଅଧ କିଲୋମିଟର ରାସ୍ତା ଚାଲିଚାଲି ନଈକୁ ଆସି ଚୁଆ ଖୋଳି ପିଇବା ପାଣି ନେଇଥାନ୍ତି। ଏହି ନଈକୁ ଖରାଦିନେ ହାତୀପଲ୍ଲ ପାଣି ପିଇବାକୁ ଆସିଥାନ୍ତି। ହାତୀପଲ୍ଲଙ୍କୁ ଦେଖି ମହିଳାମାନେ ଦିନେ ଦିନେ ଭୟରେ ନଈରୁ ପିଇବା ପାଣି ନନେଇ ଘରକୁ ଫେରିଥାନ୍ତି। ଏହି ଗ୍ରାମବାସୀଙ୍କୁ କେବେ ବିଶୁଦ୍ଧ ପିଇବା ପାଣି ମିଳିବ, ତାକୁ ହିଁ ଅପେକ୍ଷା। ପ୍ରଶାସନ ପକ୍ଷରୁ ଏହି ଗ୍ରାମବାସୀଙ୍କ ଦୁଃଖ ଲାଘବ ଲାଗି ପ୍ରୟାସ କରାଯିବା ସହ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବାକୁ ଦାବି ହୋଇଛି।

# ବେଣିପୁର ପଞ୍ଚାୟତରେ ପାଣି ପାଇଁ ତହକବିକଳ




**ପଞ୍ଚୁପାଣ୍ଡବ,୩୦।୪(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତରେ ଦୀର୍ଘଦିନ ହେବ ପାଣିର ଅଭାବ ଯୋଗୁ ଲୋକ ତହକ ବିକଳ ହେଉଛନ୍ତି। କିଛିଦିନ ହେବ ଓଡ଼ିଶାରେ ପ୍ରଚଣ୍ଡ ଖରାଯୋଗୁ ପାଣିପାଇଁ ଲୋକମାନେ ହାହାକାର ହେଉଛନ୍ତି। ସରକାର ପାଣି ସମସ୍ୟା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ କିଛି ଠିକାଦର ଓ ପ୍ରଶାସକଙ୍କ ଖାମଖିଆଲ ନୀତି ଯୋଗୁ ଲୋକାମନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବେଣିପୁରରେ ହୋଇôବା ୧୦୦୦୦୦ ଲିଟର କ୍ଷମତା ସମ୍ପନ୍ନ ଉଚ୍ଚ ପାଣି ଟାଙ୍କିର କାମ ସରିଥିଲେ ବି ଏହା କାମରେ ଲାଗୁନାହିଁ। ସେହିପରି ସଦାନନ୍ଦପୁର ଗ୍ରାମ ହାଟପଡ଼ିଆ ଠାରେ ଚାଲୁଥିବା ଓଭର ହେଡ୍ ପାଣିଟାଙ୍କି କାମ ସରିବାର ନାଁ ଧରୁନାହିଁ। ସଦାନନ୍ଦପୁର ଗ୍ରାମରେ ଆଗରୁ ହୋଇଥିବା ବସୁଧା ପାଣି ଆଇରନ ପଡୁଥିବାରୁ ଲୋକମାନେ ଏହି ପାଣିକୁ ବ୍ୟବହାର କରି ପାରୁନାହାଁନ୍ତି। ବେଣିପୁର ପଞ୍ଚାୟତର ସଦାନନ୍ଦପୁର, ରାଇତୁଣ୍ଡି, ବେଣୀପୁର, ଏବଂ ବଜାର ଗ୍ରାମର ୧୩ଟି ୱାଡର୍‌ର ହଜାର ହାଜର ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଶୀଘ୍ର ପାଣିର ସମସ୍ୟା ସମାଧାନ ନହେଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ପାଇଁ ଶିଶିର ମଳିକ, ରାମଚନ୍ଦ୍ର ସାହୁ, ବାବାଜୀ ନାୟକ, ଲୋଭାବତୀ ସାହୁ, ଶୈଳେନ୍ଦ୍ର ସାହୁ, ଅଚ୍ୟୁତାନନ୍ଦ ସାମଲ ଓ ଭଗବାନ ଘଡ଼େଇ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ହାଣ୍ଡିମାଠିଆ ଧରି ବ୍ଲକ୍ ଘେରିଲେ ମହିଳା

ଡେରାବିଶ,୩୦।୪(ସମିସ)

ଏବେ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ଲୋକମାନେ ସତେ ଯେପରି ତତଲା କଡ଼େଇରେ ଭାଜି ହେଉଛନ୍ତି। ଏହାକୁ ବଳି ଯାଇଛି ପାନୀୟ ଜଳ ସମସ୍ୟା। କେଉଁଠି ପାନୀୟ ଜଳ ପ୍ରକଳ୍ପରୁ ଆଇରନ ଯୁକ୍ତ ପଙ୍କୁଆ ପାଣି ବାହାରୁଛିତ କେଉଁ ଗ୍ରାମକୁ ପାଣି ନଯିବାରୁ ଲୋକମାନେ କଷ୍ଟ ଭୋଗୁଛନ୍ତି। ଆଜି ଦୀର୍ଘଦିନ ହେବ ପାନୀୟ ଜଳ କଷ୍ଟ ଭୋଗୁଥିବା ଗ୍ରାମବାସୀ ପାନୀୟ ଜଳ ଟିକିଏ ପାଇବା ପାଇଁ ଗରା ମାଠିଆ ଧରି ଡେରାବିଶ ବ୍ଲକ କାର୍ଯ୍ୟାଳୟକୁ ଘେରିଥିଲେ। ଘଟଣାରୁ ପ୍ରକାଶ ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରବାଟିଆ ଓ ନରଣପୁର ଗ୍ରାମର ଅଧିବାସୀମାନେ ଦୀର୍ଘ ୪ ମାସ ଧରି ଜଳକଷ୍ଟ ଭୋଗ କରୁଥିଲେ। ଏ ସମ୍ବନ୍ଧରେ ଗ୍ରାମବାସୀମାନେ ଗ୍ରାମର ୱାଡର୍ ମେମ୍ବର ଓ ସରପଞ୍ଚଙ୍କୁ ବାରମ୍ବାର କହୁଥିଲେ ମଧ ସେମାନଙ୍କ ଜଳକଷ୍ଟ ଦୂର ହୋଇପାରୁନଥିଲା। ଆଜି ସେମାନଙ୍କର ଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲେ। ଗ୍ରାମରେ ବସବାସ କରୁଥିବା ପ୍ରାୟ ୨୫ ଘରର ୧୦୦ରୁ ଉଦ୍ଧର୍ ପୁରୁଷ ଓ ମହିଳା ହାଣ୍ଡି, ମାଠିଆ ଓ ବାଲିଟି ଇତ୍ୟାଦି ଧରି ଡେରାବିଶ ବ୍ଲକ କାର୍ଯ୍ୟାଳୟକୁ ପଶି ବିଡ଼ିଓଙ୍କ



କାର୍ଯ୍ୟାଳୟ ସମ୍ମୁଖରେ ପାଣି ପାଇବା ନିମନ୍ତେ ବସି ରହିଥିଲେ। ସେମାନଙ୍କ ପାନୀୟ ଜଳ ଯୋଗାଇ ଦିଆନଯିବା ପର୍ଯ୍ୟନ୍ତ ସେମାନେ ବ୍ଲକ କାର୍ଯ୍ୟାଳୟରୁ ଉଠିବେ ନାହିଁ ବୋଲି ଜିଦ୍ ଧରିଥିଲେ। ସେମାନଙ୍କ କହିବା କଥା ହେଉଛି ତାଙ୍କ ଗ୍ରାମକୁ ବାଘିଲୋ ବାବନପୁର ଠାରେ ଥିବା ପାଣିପମ୍ପରୁ ପାଣି ଯୋଗାଣ ପାଇଁ ପାଇପ୍ ବିଛା ଯାଇଛି। କିନ୍ତୁ ଦୀର୍ଘ ୪ ମାସ ହେବ ଏହି ଗ୍ରାମକୁ ପାଇପ୍ ଯୋଗେ ପାଣି ଆସୁନାହିଁ। ଏହାର ପ୍ରତିକାର କରିବା ପାଇଁ ବାରମ୍ବାର ଦାବି କଲେ ମଧ ଫଳ ଶୂନ। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ନିଳିକଣା ଠାରେ ନିର୍ମିତ ପମ୍ପ ହାଉସ୍‌ରୁ ସେମାନଙ୍କୁ ଗ୍ରାମକୁ ପାନୀୟ ଜଳ ସଂଯୋଗ ଯୋଗାଇ ଦିଆଗଲେ ସେମାନଙ୍କ ଗ୍ରାମକୁ ପାଣି ଆସିପାରନ୍ତା ବୋଲି ଗ୍ରାମର ମହିଳା ଓ ପୁରୁଷମାନେ ପ୍ରକାଶ କରିଛନ୍ତି। ଏହି ଘେରାଉ କାର୍ଯ୍ୟକ୍ରମରେ ମିନତୀ ମଲିକ, ଗୀତାଞ୍ଜଳି ମଲିକ, ସାଇ ସ୍ୱରୁପା ମଲିକ, ଅରବିନ୍ଦ ମଲିକ, ମୋହନ ମଲିକ, ଶୁଭଙ୍କର ମଲିକ, ବିନିତା ମଲିକ, ଅଳି ମଲିକ, ମଧୁସ୍ମିତା ମଲିକ ପ୍ରମୁଖ ଶତାଧିକ ପୁରୁଷ ମହିଳା ସାମିଲ ଥିଲେ। ତେବେ ବ୍ଲକରେ ବିଡ଼ିଓ ଓ ଅନ୍ୟାନ୍ୟ ଅଧିକାରୀମାନେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟରେ ବ୍ୟସ୍ତ ରହିଥିବାରୁ ବ୍ଲକ ମୁଖ୍ୟ କିରାଣୀ ପ୍ରମୋଦ କୁମାର ଦାସ ଲୋକମାନଙ୍କୁ ବୁଝାଇ ଘରକୁ ଫେରାଇଥିଲେ। ଏ ସମ୍ପର୍କରେ କାଉପଡ଼ା ସରପଞ୍ଚ ପ୍ରତାପ ବେହେରାଙ୍କୁ ପଚାରିବାରୁ ସେ କହିଲେ ଉପରୋକ୍ତ ଦୁଇଟି ଗ୍ରାମକୁ ପାଣି ପହଞ୍ଚୁଛି କିନ୍ତୁ ଶେଷ ମୁଣ୍ଡରେ ରହିଥିବା କାରଣରୁ ଏଠାରେ ପାଣିର ସ୍ରୋତ କମି ଯାଉଛି। ସେହିପରି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ ଏହି ଗ୍ରାମ ଦୁଇଟିକୁ ପାଣି ନିୟମିତ ଭାବେ ଯୋଗାଣ କରାଯାଉଛି। କିନ୍ତୁ କିଛି ଅସାଧୁ ବ୍ୟକ୍ତି ମୋଟର ଲଗାଇ ଏହି ପାଣିକୁ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ଶେଷ ମୁଣ୍ଡରେ ପାଣିର ପ୍ରବାହ କମ୍ ରହୁଛି। ଆସନ୍ତା କାଲି ସେ ଗ୍ରାମକୁ ଯାଇ ଏହାର ତଦାରଖ କରିବା ସହ ଅସାଧୁ ଭାବେ ପାଣି ନଷ୍ଟ କରୁଥିବା ଲୋକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ

**କେନ୍ଦ୍ରାପଡା,୩୦।୪(ସମିସ):** ଆଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଜାଙ୍ଗର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଣ୍ଡା ଅବସର ଗ୍ରହଣ କରିଛନ୍ତି। ୧୯୮୬ ମସିହାରେ ପ୍ରଥମେ ଗୁଲନଗର ଉଚ୍ଚ ପ୍ରାଥମିକ, ଗରାପୁର ପ୍ରାଥମିକ, କପାଳେଶ୍ୱର ଉଚ୍ଚ ପ୍ରାଥମିକ ଓ ଶେଷରେ ଜଜାଙ୍ଗ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ ୩୮ ବର୍ଷ ଚାକିରୀ କରିବା ପରେ ଆଜି ଅବସର ନେଇଛନ୍ତି। କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ତାଙ୍କୁ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳେଇ ସମ୍ବର୍ଦ୍ଧିତ କରି ତାଙ୍କର ପେନସନ୍ ନିର୍ଦ୍ଦେଶନାମା ପ୍ରଦାନ କରିଥିଲେ। ଶ୍ରୀମତୀ ପଣ୍ଡା ଅବସର ନେଲାବେଳେ ଭାବବିହ୍ୱଳ ହୋଇପଡିଥିଲେ। ଏହି ଅବସରରେ ବି.ଆର୍.ସି.ସି. ହିରଣ୍ୟ କୁମାର ବାରିକ ଜଜାଙ୍ଗ କ୍ଲଷ୍ଟର ସଂଯୋଜିକା ସ୍ନେହଲତା ପରିଡା, ମହେନ୍ଦ୍ର କୁମାର ସେଠୀ, ଅଜମର ଅଲ୍ଲୀ, ଅନନ୍ତ କୁମାର ପରିଡା, ସେକ୍ ଫୟାଜୁଦ୍ଦିନ, ସେକ୍ ଗୟାସୁଦ୍ଦିନ ଓ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦିକା ଶୈଳବାଳା ସାମଲ ପ୍ରଭୃତି ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ବ୍ଲକ୍ ବିଜେଡି ତରଫରୁ ବନ୍ଧୁମିଳନ

କେନ୍ଦ୍ରାପଡା,୩୦।୪(ସମିସ)

କେନ୍ଦ୍ରାପଡା ସହର କାକଟଠାରେ କେନ୍ଦ୍ରାପଡା ବ୍ଲକ ବିଜେଡି ପକ୍ଷରୁ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ଏକ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଧିରେନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଆଲୋକ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା,





ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଯୁବ ବିଜେଡି ସଭାପତି ରାଜେଶ ଦାସ, ବିଧାନସଭା ମଣ୍ଡଳୀ ସଂଯୋଜକ ଦୁର୍ଗାଶୀଷ ମହାନ୍ତି, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ବ୍ଲକ ଯୁବ ସଭାପତି ସଙ୍ଗମ କେଶରୀ ସାମଲ, ବ୍ଲକ ଛାତ୍ର ସଭାପତି ପ୍ରକାଶ ସାହୁ, ଜିଲ୍ଲା ଛାତ୍ର ସଭାପତି ପ୍ରଦୀପ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଶିବପ୍ରସାଦ ଭୋଳ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ମଧୁଛନ୍ଦା ମହାନ୍ତି, ରଶ୍ମିରଞ୍ଜନ ରାଉତ, ଲିଲିତା ଦାସ, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ ପରିଡା, ରବିନ୍ଦ୍ର ପଣ୍ଡା, ରାଜୁ କୁବେର, ନରହରି ପାଣି, ମୋହନ ଆଚାର୍ଯ୍ୟ, ଲୋପାମୁଦ୍ରା ବାରିକ, ନାରାୟଣ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ସୁଧୀର କୁମାର ସ୍ୱାଇଁ, ମମତା ରାଣୀ ଧଳ, କୃତୀବାସ ରାଉତ, ମିନତୀ ପରିଡା, ଅଜୟ କୁମାର ମହାନ୍ତି, ଅକ୍ଷୟ ପାଣି, ଅକ୍ଷୟ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ବିଧାନସଭା ଓ ଲୋକସଭା ପ୍ରାର୍ଥୀମାନଙ୍କୁ ବହୁ ଭୋଟ୍ ବ୍ୟବଧାନରେ ଜିତାଇବାକୁ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଧାନସଭା ପ୍ରାର୍ଥୀ ଓ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବିଜେଡିକୁ ଜିତାଇ ଆଣିବା ସଙ୍ଗେସଙ୍ଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ଗାଦିସୀନ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡା ବ୍ଲକ ସରପଞ୍ଚ ସଂଘ, କେନ୍ଦ୍ରାପଡା ବ୍ଲକ ଅଧକ୍ଷ, ଉପାଧକ୍ଷ, ସମିତି ସଭ୍ୟ/ସଭ୍ୟା, ବିଜୁ ଜନତା ଦଳ ବ୍ଲକ କମିଟି, କେନ୍ଦ୍ରାପଡା ବ୍ଲକ ଯୁବ ଛାତ୍ର କମିଟି, ସମବାୟ ସଭାପତି, କେନ୍ଦ୍ରାପଡା ବ୍ଲକ ମହିଳା କମିଟି ପକ୍ଷରୁ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ଓଡିଶା ମୋ ପରିବାରର ଜିଲ୍ଲା ସଂଯୋଜକ ହିରଣ୍ୟ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅନନ୍ତ ସେଠୀ, ଭକ୍ତିମୟୀ କର, ପ୍ରିୟଙ୍କା ପ୍ରିୟଦର୍ଶନୀ, ନୀଳିମା ଧଳ, ଶୈଳବାଳା ଦାସ, ଚିତ୍ତରଞ୍ଜନ ସାହୁ, ସୀତାସୁନ୍ଦରୀ ମଲ୍ଲିକ, ସୁରେନ୍ଦ୍ର ସାହୁ, ତ୍ରିଲୋଚନ ଦାଶ, ଚିନ୍ମୟୀ ସାହୁ, ତପନ ଦାସ, ହଳଧର ସାହୁ, ଦେବାଶୀଷ ଦାସ, ଅଭିମନ୍ୟୁ ମହାନ୍ତି, ଧରଣୀଧର ରାଉତ, ମନୋରଞ୍ଜନ ଦାସ ପ୍ରମୁଖ ୫ଶହରୁ ଉର୍ଦ୍ଧ୍ୱ କର୍ମୀ, କାର୍ଯ୍ୟକର୍ତ୍ତା ଓ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ସୁରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ଡେରାବିଶ,୩୦।୪(ସମିସ)

ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକରେ ଆଜି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟକୁରାର ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଆଜି ପୂର୍ବାହ୍ନରେ ବ୍ଲକ ଗୁଆଳସିଂ ପଞ୍ଚାୟତ ଉଦୟନଗର ଗ୍ରାମଦେବତୀ ମା ନାରାୟଣୀଙ୍କ ପୀଠରୁ ପୂଜାର୍ଚ୍ଚନା ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଶ୍ରୀ ମହାପାତ୍ର ଶତାଧିକ ଦଳୀୟ କର୍ମୀଙ୍କ ସହ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଉଦୟନଗର, ଭାଟଭାଗ, ମିର୍ଜାପାଟଣା, ଛାଞ୍ଚୁଣିଆ, ଠାକୁରପାଟଣା, ଅଁଳାବାଙ୍କ ବାଜିପଡ଼ା ଓ ଗୁଆଳସିଂ ଆଦି ଗ୍ରାମର ଘରକୁ ଘର ଯାଇ ଦଳୀୟ ପ୍ରଚାର ପତ୍ର ବଣ୍ଟନ କରିବା ସହ ନବୀନ ପଟ୍ଟନାୟକଙ୍କ ସୁଶାସନ ବିଷୟରେ କହିବା ସହ ଆସନ୍ତା ନିର୍ବାଚନରେ ଶଙ୍ଖଚିହ୍ନକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଅନୁରୋଧ କରଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ, ସମିତିସଭ୍ୟ ନିଳମଣି ନାଥ, ସରୋଜକାନ୍ତ ନାୟକ, ବ୍ଲକ ଯୁବ ବିଜେଡ଼ି ସଭାପତି ଗୋଲଖ ସାହୁ, କେଲୁ ଚରଣ ନାଥ, ବଟକୃଷ୍ଣ ସେଠୀ, ଦିଲ୍ଲିପ ଦାସ, ସରଳରେଖା ସାହୁ ଅଶୋକ ସାହୁ ପ୍ରମୁଖ ଶାତାଧିକ କର୍ମୀ ଉପସ୍ଥିତ ରହିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୩୦।୪(ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଲୋକନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ମହାନ୍ତି ଆଜି ଅବସର ନେଇଛନ୍ତି। ସେ ଜଣେ ପ୍ରକୃତିପ୍ରେମୀ। ଅବସରପ୍ରାପ୍ତ ଶିକ୍ଷକ ପୂର୍ବରୁ ବନବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ପାଇସାରିଛନ୍ତି। ଆଜି ଅବସରଦିନ ନିମ୍ନ ମାଧମିକ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ନିମ୍ନ ମାଧମିକ ଶିକ୍ଷକ ସଂଘର ଉପଦେଷ୍ଟା ବିଜୟ କୁମାର ଜେନା, ଶିକ୍ଷକନେତା ସୁଶାନ୍ତ ପ୍ରଧାନ, ଚିତ ରଂଜନ ସାହୁ, ହେମନ୍ତ କୁମାର ବାରିକ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



## କେନ୍ଦ୍ରାପଡ଼ାରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ମହାସଚିବ

# ‘ସାମାଜିକ ସୁରକ୍ଷା ଓ ଦକ୍ଷତା ବିକାଶରେ ଓଡ଼ିଶା ଦେଶରେ ଆଗୁଆ’

କେନ୍ଦ୍ରାପଡା,୩୦।୪(ସମିସ)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ବର୍ଷ ମଧ୍ୟରେ ଏକକାଳୀନ ଦୈନିକ ମଜୁରୀ ୧୦୦ ଟଙ୍କା ବୃଦ୍ଧିକରି ଇତିହାସ ରଚିଛନ୍ତି ବୋଲି ଆଜି କେନ୍ଦ୍ରାପଡା ଗୌରୀଶଙ୍କରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ଓ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଦୈନିକ ମଜୁରୀ ଓଡିଶାରେ ୩୩୬ ଟଙ୍କାରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧିକରି, ମାନ୍ୟବର ମୁଖ୍ୟମନ୍ତ୍ରୀ ସରକାରୀ, ଅର୍ଦ୍ଧସରକାରୀ ଓ ଶିଳ୍ପ ସଂସ୍ଥା, ଘରୋଇ କାର୍ଯ୍ୟ ଏବଂ ସବୁସ୍ତରରେ ପ୍ରାୟ ୧କୋଟି ଶ୍ରମିକ ଏହି ମଜୁରୀ ବୃଦ୍ଧିରେ ଉପକୃତ ହେବେ। ବିଶେଷ କରି ମୁନିସିପାଲିଟିରେ କାର୍ଯ୍ୟରତ ଶ୍ରମିକ, ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଶ୍ରମିକ, ପରିବହନ ବିଭାଗରେ କାର୍ଯ୍ୟରତ ଶ୍ରମିକ, ବିଭିନ୍ନ କମ୍ପାନୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ଏହାଦ୍ୱାରା ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ “ନୂଆ ଓଡିଶା” ରାଜ୍ୟ ତମାମ ରୁପାନ୍ତିକରଣ, ଶିଳ୍ପ ବିକାଶ ଧାରାରେ ଶ୍ରମିକମାନଙ୍କର ଭୂମିକା ସବୁଠାରୁ ପ୍ରଶଂସନୀୟ ସେମାନଙ୍କ ମଜୁରୀ ଓ ସାମାଜିକ ସୁରକ୍ଷା



ଯୋଗାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଶ୍ରୀ ସିଂ ପ୍ରକାଶ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା “ମା” ମାନଙ୍କ ପାଇଁ ୧୦ ଲକ୍ଷ ଏବଂ ସଂପୂର୍ଣ୍ଣ ପରିବାର ପାଇଁ ୫ ଲକ୍ଷ ଟଙ୍କା, ଶ୍ରମିକ ଶ୍ରେଣୀର ଲୋକଙ୍କପାଇଁ ଏକ ବଡ ସୁରକ୍ଷା ପ୍ରଦାନ କରିପାରିଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସମଗ୍ର ରାଜ୍ୟରେ ଆଜିସୁଧା ୪୨ ଲକ୍ଷ ୪୮ ହଜାର ଶ୍ରମିକ ପଞ୍ଜିକୃତ ହୋଇଛନ୍ତି, ସେମାନଙ୍କୁ ବିଭିନ୍ନ ଯୋଜନାରେ ୩ ହଜାର ୫୨୪ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇପାରିଛି। ଅଣସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇ ସବୁ ସ୍ତରରେ ଶ୍ରମିକ ଏପରିକି ଡୋମେଷ୍ଟିକ ଶ୍ରମିକ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଛି। ଓଡିଶାରେ ପରିବହନ କ୍ଷେତ୍ରରେ କାର୍ଯ୍ୟରତ ସବୁପ୍ରକାର ଚାଳକ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ କରାଯାଇ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଇ ପାରୁଅଛି। କେନ୍ଦୁପତ୍ର ତୋଳାଳି ଓ ବୁଣାକାରମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯାଇଛି। ଚଳିତ ବର୍ଷ ୫୦ ଭାଗ ରାଶି ବୃଦ୍ଧି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ପାଣିପାଇପ ମିସ୍ତ୍ରୀମାନଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ ସ୍ୱତନ୍ତ୍ର ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଯାହାଫଳରେ ସେମାନେ ବାହାର ରାଜ୍ୟରେ କାମକଲେ ଉପଯୁକ୍ତ ମଜୁରୀ ପାଇପାରିବେ। ବାହାର ଦେଶରେ କାର୍ଯ୍ୟରତ ଶ୍ରମିକମାନେ ନିଜ ନିଜ ଘରକୁ ଫେରିବା ପାଇଁ ସ୍ୱତନ୍ତ୍ର ଉଡାଜାହାଜର ବ୍ୟବସ୍ଥା ସୁଲଭ ମୁଲ୍ୟରେ କରାଇ ମୁଖ୍ୟମନ୍ତ୍ରୀ ଇତିହାସ ରଚିଛନ୍ତି। ବିଶେଷ କରି ଦୁବାଇ, ସିଙ୍ଗାପୁର ଯିବା ଆସିବା କରିବା ଶ୍ରମିକ ଭାଇମାନଙ୍କ ପାଇଁ ସହଜ ହୋଇପାରିବ। ସେହିପରି କେନ୍ଦ୍ରାପଡା ସହରରେ କାର୍ଯ୍ୟରତ ମୁନ୍ସିପାଲଟି କର୍ମଚାରୀ, ହୋଟେଲ ବ୍ୟବସାୟରେ କାର୍ଯ୍ୟରତ ଶ୍ରମିକ, ବିଭିନ୍ନ ଦୋକାନ ବଜାର ଓ କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ଦୈନିକ ମଜୁରୀ ବୃଦ୍ଧିର ବଡ ସହାୟତା ପାଇପାରିବେ। ଏହାଛଡା ଅଟୋ ଚାଳକ, ଫଟୋଗ୍ରାଫର, ଘରୋଇ କାର୍ଯ୍ୟରତ ଶ୍ରମିକ, ଅଣସଂଗଠିତ ଶ୍ରମିକ ବୋର୍ଡରେ ସାମିଲ ହୋଇ ସବୁ ପ୍ରକାର ସହାୟତା ପାଇବାକୁ ହକଦାର ହୋଇପାରିବେ ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲ୍ଲା ସଂଯୋଜକ ଆଇନଜୀବୀ ନଳିନୀ ତ୍ରିପାଠୀ ପ୍ରକାଶ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଉପଦେଷ୍ଟା ରାଜୀବ ମହାନ୍ତି ଉପସ୍ଥିତ ରହି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।

# ରାଜସ୍ୱ ନିରୀକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା,୩୦।୪(ସମିସ):** କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବଡଜରିଆ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଭାବେ କିଶୋର ଚନ୍ଦ୍ର ଖଟୁଆ ଦୀର୍ଘ ୩୨ବର୍ଷ ଧରି କାର୍ଯ୍ୟକରି ଆଜି ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ତହସିଲ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲିପ କୁମାର ନାୟକ ଅତିଥି ଭାବେ ଯୋଗଦେଇ ରାଜସ୍ୱ ନିରୀକ୍ଷକ ଶ୍ରୀ ଖଟୁଆଙ୍କ କର୍ମମୟ ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ତାଙ୍କର ଅବସରକାଳୀନ ଜୀବନ ଦୀର୍ଘ ଓ ନିରାମୟ ହେଉ ବୋଲି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ବେହେରା, ପ୍ରଦ୍ୟୁମ୍ନ ସ୍ୱାଇଁ, ଜନ ୱିଲିୟମ ବରାଳ, ବିଶ୍ୱବିଜୟୀ ପରିଡା, ସୁଧାଂଶୁ ଶେଖର ମହାନ୍ତି, ସୀତାକାନ୍ତ ସେଠୀ, ଅଞ୍ଜନା ନାଥ, ଝଞ୍ଜାରାଣୀ ରାମ ପ୍ରମୁଖ ଏହି ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୁନିତାରାଣୀ ବେହେରା ସଭା ପରିଚାଳନା କରିଥିବା ବେଳେ ପ୍ରିୟଙ୍କା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଶ୍ରୀ ଖଟୁଆଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା



ଜ୍ଞାପନ କରାଯାଇଥିଲା। ଶ୍ରୀ ଖଟୁଆ ବଡଜରିଆ ରାଜସ୍ୱ ସର୍କଲରେ ଦୀର୍ଘଦିନର କାର୍ଯ୍ୟକାଳ ମଧ୍ୟରେ ଜନସାଧାରଣଙ୍କ ପ୍ରିୟପାତ୍ର ସାଜିବା ସହ ଘରେ ଘରେ ପରିଚିତ ଥିଲେ।

ସୁନା ରୁପା ନୁହେଁ, ଶ୍ରମ ଦ୍ୱାରା ହିଁ ପୃଥିବୀର ଯେକୌଣସି ସମ୍ପଦକୁ ବାସ୍ତବରେ କିଣାଯାଇପାରିବ।
-ଆଦାମ୍ ସ୍ମିଥ୍



ସକାଳ
THE SAKALA

## ରାଜ୍ୟବ୍ୟାପୀ ଅସାଧୁ ଡାକ୍ତର ଧରପଗଡ଼

# ନକଲି ଡାକ୍ତରଙ୍କୁ ସାବଧାନ!

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ନକଲି ଡାକ୍ତର ନିରୋଧୀ ଦଳ ବା ସ୍କ୍ୱାଡ୍ ଗଠନ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କେବଳ ସ୍କ୍ୱାଡ୍ ଗଢ଼ି ଦେଲେ ଯଥେଷ୍ଟ ହେବନାହିଁ। ଏହା କିପରି ପ୍ରଭାବୀ ଢଙ୍ଗରେ କାମ କରି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ କରିବ ସେ କାମ ସୁନିଶ୍ଚିତ କରିବା ଦାୟିତ୍ୱ ପ୍ରଶାସନର। ଏଥିରେ ଅଦାଲତ ନିର୍ଦ୍ଦେଶ ପାଳନ ଅପେକ୍ଷା ଜନସ୍ୱାସ୍ଥ୍ୟ ସୁରକ୍ଷା ଦାୟିତ୍ୱ ଅଧିକ।

ନକଲି ଚିକିତ୍ସା ବା କ୍ୱାକେରି ଏକ ପୁରୁଣା ଠକାମୀ ବ୍ୟବସାୟ। ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ 'କ୍ୱାକ୍' ବା 'ଭଣ୍ଡବଇଦ' କୁହାଯାଏ। ଏହା ପୁଣି ଅଞ୍ଚଳ ଓ ସଂସ୍କୃତି ବିଶେଷରେ କେଉଁ ଆଦି କାଳରୁ ପ୍ରଚଳିତ ହୋଇଆସୁଛି। ବିଶେଷକରି ଆଦିବାସୀ ଇଲାକାରେ ଦିଶାରୀ, ଅନ୍ୟ ଅଞ୍ଚଳରେ ଗୁଣିଆ ଏବଂ ଉପକୂଳରେ ଏମାନେ 'ହାତୁ ବଇଦ' ନାମରେ ପରିଚିତ। ହୋମିଓପାଥି, ଆୟୁର୍ବେଦ, ଏଲୋପାଥି ଆଦି ଚିକିତ୍ସା ପଦ୍ଧତିର ବିକାଶ ସତ୍ତ୍ୱେ 'କ୍ୱାକ'ଙ୍କ ସଂଖ୍ୟା ଓ ପ୍ରାଦୁର୍ଭାବ ବଢ଼ିବାର ମୁଖ୍ୟ କାରଣ ହେଲା ଗ୍ରାମାଞ୍ଚଳରେ ଆଧୁନିକ ଓ ସରକାରୀ ମାନ୍ୟତାପ୍ରାପ୍ତ ଚିକିତ୍ସା ସୁବିଧା ଓ ପ୍ରକୃତ ଡାକ୍ତରଙ୍କ ଅଭାବ। ସରକାର ଏଲୋପାଥୀ, ଆୟୁଷ ଆଦି ଚିକିତ୍ସାକୁ ମାନ୍ୟତା ଦେଇଛନ୍ତି। ତେବେ ଜନସଂଖ୍ୟା ଆଧାରରେ ଯେତିକି ମାନ୍ୟତାପ୍ରାପ୍ତ ଚିକିତ୍ସକ ଓ ଚିକିତ୍ସାକର୍ମୀ ରହିବା କଥା ତାହାର ଅଭାବ ରହିଛି। ତେଣୁ ଏହା ସ୍ୱାଭାବିକ ଯେ ଡାକ୍ତରଙ୍କ ଅଭାବ ରହିଲେ ନକଲି ଡାକ୍ତରଙ୍କ ସଂଖ୍ୟା ବଢ଼ିବ ଏବଂ ଜନସାଧାରଣ ଏହାର ପରାଭବ ଭୋଗିବେ।

ଆଜିକାଲି ଜାଲ୍ ଡାକ୍ତରୀ ଓ ଫାର୍ମାସୀ ସାର୍ଟିଫିକେଟ ହାସଲ କରି ଅନେକ ବଡ଼ବଡ଼ ସହର ଓ ଗ୍ରାମାଞ୍ଚଳରେ ଭଣ୍ଡ ଡାକ୍ତରମାନେ ନିଜର ଠକ ଚିକିତ୍ସା ବ୍ୟବସାୟ ଚଳାଇଛନ୍ତି। ଅନେକ ବିନା ଡିଗ୍ରୀପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା ଅନେକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ମଧ୍ୟ ଚାଲିଛି। ଅନ୍ୟପକ୍ଷରେ ଡିଗ୍ରୀ ଓ ଅଭିଜ୍ଞତା ନ ଥାଇ ଅନେକ ନିଦାନ ବା ପାଥୋଲୋଜି କାମ କରୁଛନ୍ତି। ସେମାନେ ଚିକିତ୍ସା ସେବା ଯୋଗାଇଲେ ସାଧାରଣ ଓ ଅସଚେତନ ରୋଗୀ କେବଳ ଆର୍ଥିକ ଓ ମାନସିକ ଶୋଷଣର ସମ୍ମୁଖୀନ ହେବେ ନାହିଁ, ଅକାଳ ମୃତ୍ୟୁ ମଧ୍ୟ ଲଭିବେ।

ସମ୍ପ୍ରତି ସ୍ୱାସ୍ଥ୍ୟ ସେବା କ୍ଷେତ୍ର କେବଳ ବ୍ୟୟବହୁଳ ନୁହେଁ, ଏହା ସମସ୍ୟା ଜର୍ଜରିତ। ଏ କ୍ଷେତ୍ରରେ ନିୟନ୍ତ୍ରଣ ତଥା ନିୟାମକ ବ୍ୟବସ୍ଥା ସୁଦୃଢ଼ ହେବା ଉଚିତ। ଏହାର ଅଭାବରେ କ୍ୱାକମାନେ ନିଜର ପ୍ରଭାବ ବିସ୍ତାର କରିବା ସହ ଏକ ସମାନ୍ତରାଳ ଚିକିତ୍ସା ବ୍ୟବସ୍ଥା ଚଳାଇଛନ୍ତି। ଅନେକ ସ୍ଥାନରେ ଏଭଳି ଠକାମୀ ବ୍ୟବସ୍ଥା ପଛରେ ଏକ ଶକ୍ତିଶାଳୀ ରାକେଟ କାମ କରୁଛି। ନିଜ ବ୍ୟବସାୟ ସାମ୍ରାଜ୍ୟର ସୁରକ୍ଷା ପାଇଁ ସେମାନେ ନିରୀହ ଜନତାଙ୍କୁ ଠକି ଠୁଳ କରିଥିବା ପ୍ରଚୁର ଅର୍ଥର ଏକ ନିର୍ଦ୍ଦିଷ୍ଟ ଅଂଶ ଖର୍ଚ୍ଚ କରିଥା'ନ୍ତି।

ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରତି ଜିଲ୍ଲାରେ ଏକ ଆଣ୍ଟି କ୍ୱାକେରୀ ସେଲ ଗଠନ ନିଷ୍ପତ୍ତି ନିଆଯାଇଛି। ଏହି ଟିମ୍‌ରେ ପାଞ୍ଚଜଣ ସଦସ୍ୟ ରହିବେ। ସେମାନେ ହେଲେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଆଇଏମଏର ମନୋନୀତ ସଦସ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବା ସିଡିଏମଓଙ୍କ ପ୍ରତିନିଧି। ଏହି ସେଲ୍‌ଫ ଜିଲ୍ଲାସ୍ତରରେ ଏକ ନିୟନ୍ତ୍ରଣକାରୀ ସଂସ୍ଥା ଭାବେ କାମ କରିବା ସହିତ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରି ପ୍ରତିକାର ବ୍ୟବସ୍ଥା କରିବ। ଏହାଛଡ଼ା ପ୍ରତି ତିନିମାସରେ ଥରେ ଏହି ସେଲ୍‌ଫ ନିଜ କାମର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ପଠାଇବ। ନକଲି ଡାକ୍ତରଙ୍କ ଗତିବିଧି ଉପରେ ନଜର ରଖି ସେମାନଙ୍କୁ ଧରିବା କାମ ମଧ୍ୟ କରିବ। ଏହା ଭଲ ନିଷ୍ପତ୍ତି। ସେଲ୍‌ଫର ସଦସ୍ୟମାନେ ନିରପେକ୍ଷ, ସଚ୍ଚୋଟ ଓ ସକ୍ରିୟ ହୋଇ କାମ କଲେ କ୍ୱାକ୍‌ଙ୍କ ପ୍ରଭାବ ଯଥେଷ୍ଟ କମିଯିବ। ତେଣୁ ସେଲ୍‌ଫ ସଦସ୍ୟଙ୍କ ସାଧୁତା ଓ ନିଷ୍ଠା ଉପରେ ଅନେକ କିଛି ନିର୍ଭର କରୁଛି।

ସମ୍ପ୍ରତି କୋଭିଡ୍ ମହାମାରୀ ଉତ୍ତରକାଳରେ ଉଭୟ ଚିକିତ୍ସା ବ୍ୟବସ୍ଥା ତଥା ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ ସାରା ବିଶ୍ୱରେ ଉପଲବ୍ଧି ହୋଇଛି। କୋଭିଡ୍ ମହାମାରୀ ଭଳି ମାରାତ୍ମକ ପରିସ୍ଥିତିରେ ନକଲି ଡାକ୍ତର, ଗାଁ ବଇଦ, ଗୁଣିଗାରେଡ଼ି ବାଲା ତଥା ନିଜେ ନିଜେ ଔଷଧ ଦୋକାନୀକୁ ପଚାରି ନିଜ ଚିକିତ୍ସା କରୁଥିବା ବ୍ୟକ୍ତିମାନେ ସମାଜର କେତେ ଯେ କ୍ଷତି ପହଞ୍ଚାଇ ଥିବେ ତାହା ସହଜରେ ଅନୁମେୟ। ବଡ଼ ବଡ଼ ସହରର ବଡ଼ ବଡ଼ ଡାକ୍ତରଖାନାମାନଙ୍କରେ ଯେତେବେଳେ କୋଭିଡ୍ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଚିକିତ୍ସା ପ୍ରଣାଳୀର ସୂଚନା ମଧ୍ୟ ନଥିଲା ଏବଂ ସେଥିଯୋଗୁଁ ବିଭିନ୍ନ ଅସିଦ୍ଧ ପରୀକ୍ଷା ନିରୀକ୍ଷା ଦ୍ୱାରା ଚିକିତ୍ସା କରାଯାଉଥିଲା, ସେତେବେଳେ ଭାବି ଦେଖନ୍ତୁ ସମାଜରେ ଥିବା ଅସଂଖ୍ୟ ନକଲି ଡାକ୍ତର କିଭଳି ରୋଗୀ ମୃତ୍ୟୁର କାରଣ ହୋଇ ନଥିବେ! ତା'ସାଙ୍ଗକୁ କୋଭିଡ ସଂକ୍ରମଣ ପ୍ରତି କୋକୁଆ ଭୟ ପରିସ୍ଥିତିକୁ ଆହୁରି ଭୟଙ୍କର କରିଥିଲା। ଈଶ୍ୱର ନ କରନ୍ତୁ ଏଭଳି ଦୁର୍ଦ୍ଦିନ ଆଉ ନ ଆସୁ। କିନ୍ତୁ ଆଜିକାଲିର ଜୀବନଶୈଳୀ ତଥା ଲୋକଙ୍କର ବେପରୁଆ ମନୋଭାବ ସାଙ୍ଗକୁ ଯଦି ସବୁଆଡ଼େ ଅପାଠୁଆ ଠକ ଡାକ୍ତରଙ୍କ ପ୍ରାଦୁର୍ଭାବ ଥିବ ତେବେ ଆମ ସମାଜର ଅବସ୍ଥା କ'ଣ ହେବ? ଉଚ୍ଚଶିକ୍ଷିତ ତଥା ପ୍ରଶିକ୍ଷିତ ଡାକ୍ତରମାନେ ବ୍ୟକ୍ତିଗତ ଆର୍ଥିକ ଲାଭ ପାଇଁ କିଭଳି କିଡ୍‌ନୀ ବିକ୍ରି ରାକେଟ୍ ଓ ଶିଶୁ କନ୍ୟା ଭ୍ରୂଣ ଚିହ୍ନଟ ତଥା ଗର୍ଭପାତ ଆଦି ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି ତାହାର ଚମକପ୍ରଦ ଖବର ଆମକୁ ଚକିତ କରେ।

ଏଭଳି ପୃଷ୍ଠଭୂମିରେ ଡାକ୍ତରୀ ତଥା ଆନୁସଙ୍ଗିକ ସେବା ଯୋଗାଉଥିବା ବ୍ୟକ୍ତିମାନଙ୍କର ସଠିକ୍ ଯାଞ୍ଚ କରି ଅସାଧୁ ବ୍ୟକ୍ତିମାନଙ୍କୁ ଦଣ୍ଡ ଦେବା ବ୍ୟବସ୍ଥାକୁ ସମସ୍ତେ ମୁକ୍ତକଣ୍ଠରେ ସ୍ୱାଗତ କରିବେ। ଏଭଳି ଅସାଧୁ ବ୍ୟକ୍ତିଙ୍କ ପ୍ରାଦୁର୍ଭାବରୁ ରକ୍ଷା କରିବା ପାଇଁ ରାଜ୍ୟରେ ଚିକିତ୍ସା ସେବା ଓ ଜନସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ଅଧିକ ବିସ୍ତାର ଆବଶ୍ୟକ। ଏ କ୍ଷେତ୍ରରେ ଆମ ରାଜ୍ୟରେ ଅନେକ ପ୍ରଭାବୀ ପଦକ୍ଷେପ ନିଆଯାଇଛି ସତ, କିନ୍ତୁ ଏହା ଯଥେଷ୍ଟ ମନେ ହୁଏ ନାହିଁ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସର୍ବାଦୌ ପାଳନୀୟ ତଥା ରାଜ୍ୟବ୍ୟାପୀ ଜନସଚେତନତା ଓ ଠକ ଡାକ୍ତର ଖବର ସଂଗ୍ରହ ପାଇଁ ପ୍ରଭାବୀ ଡିଜିଟାଲ୍ ଆପ୍ ବ୍ୟବସ୍ଥା ଆଦି ଅତିଶୀଘ୍ର ପ୍ରଚଳନ କରାଯିବା ଉଚିତ। ଜିଲ୍ଲାମାନଙ୍କର ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ବିଶେଷ ଦାୟିତ୍ୱ ନିଷ୍ଠାପର ଭାବେ ନିର୍ବାହନ କରିବା ଆବଶ୍ୟକ। ସେମାନେ ମନେ ରଖିବା କଥା ଯେ ପ୍ରତ୍ୟେକ ଜୀବନ ମୂଲ୍ୟବାନ।

# ସ୍ୱଚ୍ଛ ବାୟୁ, ସୁସ୍ଥ ଶରୀର



ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ
ଭୁବନେଶ୍ୱର, ମୋ: ୯୪୩୭୦୭୭୧୦୦

'ବାୟୁର୍ବିଶ୍ୱମିଦଂ ସର୍ବଂ ପ୍ରଭୁର୍ବାୟୁଶ୍ଚ କୀର୍ତ୍ତିତଃ'। ଏହି ଶ୍ଳୋକର ଅର୍ଥ: 'ବାୟୁ ହିଁ ହେଉଛି ସମ୍ପୂର୍ଣ୍ଣ ବିଶ୍ୱ ଏବଂ ବାୟୁକୁ ଏହି ସଂସାରର ସ୍ୱାମୀ ବା ଈଶ୍ୱର ରୂପେ ଗଣ୍ୟ କରାଯାଏ।' ଜୀବନ ନିମନ୍ତେ ବାୟୁ ହିଁ ଅମୃତ; ଏହା ବିନା ଜୀବନର ସ୍ଥିତି ମୁହୂର୍ତ୍ତକ ମଧ୍ୟରେ ଅସମ୍ଭବ ବୋଧ ହେବ। ଯେପର୍ଯ୍ୟନ୍ତ ବାୟୁ ବିଦ୍ୟମାନ ଅଛି, ସେପର୍ଯ୍ୟନ୍ତ ହିଁ ଜୀବନର ଅସ୍ତିତ୍ୱ ରହିଛି। ଏ ସମସ୍ତ ଉକ୍ତି ଯେଉଁ 'ବାୟୁ'ର ବିବରଣ ପ୍ରଦାନ କରେ, ତାହା ହେଉଛି ସ୍ୱଚ୍ଛ, ଶୁଦ୍ଧ ବାୟୁ, ଯାହା ପ୍ରକୃତି ସୃଷ୍ଟ। ବିଭିନ୍ନ ବାଷ୍ପ, ଜଳୀୟକଣା, ଧୂଳିକଣା ଇତ୍ୟାଦିର ସମ୍ମିଶ୍ରଣରେ ପ୍ରକୃତି ସୃଷ୍ଟ ବାୟୁ ଜୀବନଧାରଣ ନିମନ୍ତେ ପ୍ରଶ୍ୱାସ ଗ୍ରହଣର ମୌଳିକ ଉପାଦାନ ହେବା ସହ ଅନ୍ୟାନ୍ୟ ବହୁ ଅବଶ୍ୟକତା ପୂରଣର ମାଧ୍ୟମ ଅଟେ। ବାୟୁରେ ଅମ୍ଳଜାନ, ଅଙ୍ଗାରକାମ୍ଳ, ଯବକ୍ଷାରଜାନ ପ୍ରଭୃତି କେତେ ପରିମାଣରେ ହେବା ବାଞ୍ଛନୀୟ, ତାହା ପ୍ରକୃତି ନିର୍ଦ୍ଧାରିତ। ମନୁଷ୍ୟ, ଅନ୍ୟ ପ୍ରାଣୀ ଏବଂ ଉଦ୍ଭିଦ ସମସ୍ତେ ନିଜର ଜୀବନ ଧାରଣ ନିମନ୍ତେ ସ୍ୱଚ୍ଛ ବାୟୁ ସହିତ ଖାଦ୍ୟ, ଜଳ ଆବଶ୍ୟକ କରନ୍ତି। କିନ୍ତୁ ମାନବ ସଭ୍ୟତାର ବିକାଶ ପ୍ରକ୍ରିୟାରେ ଶିଳ୍ପ ବିପ୍ଳବ ପରବର୍ତ୍ତୀ ସମୟରେ ଯେପରି ଭାବରେ ବିଶ୍ୱ ପରିବେଶରେ ନକାରାତ୍ମକ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହେଉଛି, ତାହା ହିଁ ଅନେକ ଗମ୍ଭୀର ପରିବେଶୀୟ ସଙ୍କଟର ସୂତ୍ରଧର ସାଜିଛି। ଏହି ପ୍ରକ୍ରିୟାରେ ବାୟୁମଣ୍ଡଳ ଗୁରୁତର ଭାବେ ପ୍ରଦୂଷିତ ହେଉଛି, ଯେଉଁଥିରେ ବିଭିନ୍ନ କ୍ଷତିକାରକ ରାସାୟନିକ, ଭୌତିକ କିମ୍ବା ଜୈବିକ ପଦାର୍ଥ ଦ୍ୱାରା ଏହାର ପ୍ରାକୃତିକ ଗୁଣରେ ପରିବର୍ତ୍ତନ ସଂଘଟିତ ହେଉଛି। ଏପରି ପ୍ରଦୂଷିତ ବାୟୁର ସେବନ ସମ୍ପ୍ରତି ମନୁଷ୍ୟ ତଥା ଅନ୍ୟ ଜୀବଜନ୍ତୁମାନଙ୍କର ଶରୀରରେ ବହୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରକ ପାଲଟିଛି।

ଆଧୁନିକ ମନୁଷ୍ୟର ଜୀବନଶୈଳୀ, ଉପଭୋକ୍ତାବାଦ ଆଭିମୁଖ୍ୟ ତଥା ଅସହନୀୟ ମାର୍ଗରେ ପରିଚାଳିତ ବିକାଶ ପ୍ରକ୍ରିୟା ଦ୍ୱାରା ପ୍ରକୃତି ଓ ପରିବେଶ ସମ୍ପ୍ରତି ବହୁ ଚାପର ସମ୍ମୁଖୀନ ହେଉଛନ୍ତି। ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପର ପରିଣାମରେ ବିବିଧ କ୍ଷତିକାରକ ରାସାୟନିକ ଏବଂ କଣିକା ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହୋଇ ଏହାର ଗୁଣାତ୍ମକ ଅବକ୍ଷୟର କାରଣ ହେଉଛନ୍ତି। ଏବେ ଶକ୍ତି ବିନିଯୋଗ କ୍ଷେତ୍ରରେ ଘଟୁଥିବା ଅନିୟନ୍ତ୍ରିତ, ବର୍ଦ୍ଧିତ ଚାହିଦାର ପୂରଣ ନିମନ୍ତେ କୋଇଲା, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ମାତ୍ରାଧିକ ବ୍ୟବହାର ଘଟୁଛି। ଏହି ପ୍ରକ୍ରିୟାରେ ବିଭିନ୍ନ ରାସାୟନିକ ପଦାର୍ଥ, ଯେପରିକି ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ, କାର୍ବନ ମନୋକ୍ସାଇଡ୍, ଗନ୍ଧକ ଓ ଯବକ୍ଷାରଜାନ ଅକ୍ସାଇଡ୍ସ, ସୀସା ଓ ପାରଦ ପରି ଭାରୀ ଧାତୁ ପଦାର୍ଥ ଏବଂ ବିଭିନ୍ନ ଆକାରର ସୂକ୍ଷ୍ମ କଣିକା ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହେଉଛି। ସମ ଭାବରେ ଖଣି ଉତ୍ତୋଳନ, ଶିଳ୍ପ, କଳ କାରଖାନା, ତାପଜ ବିଦ୍ୟୁତ୍ କେନ୍ଦ୍ର, ତୈଳ ବିଶୋଧନାଗାର, ଯାନବାହନ, ବ୍ୟବସାୟିକ ଓ ନିର୍ମାଣ କ୍ଷେତ୍ର ଇତ୍ୟାଦିରୁ ଏପରି ଅନେକ କ୍ଷତିକାରକ ପଦାର୍ଥ ନିର୍ଗତ ହୋଇ ବାୟୁ ପ୍ରଦୂଷଣରେ ବୃଦ୍ଧି ଘଟାଉଛି। ସେହିପରି ଘରୋଇ କ୍ଷେତ୍ରରେ କାଷ୍ଠ ଜାଳେଣୀରୁ, କୃଷି କ୍ଷେତ୍ରରେ କୀଟନାଶକ ସିଞ୍ଚନରୁ, ବର୍ଜ୍ୟ ପଦାର୍ଥର ବିଘଟନ ଓ ଜଳିବାରୁ ଏବଂ ଜଙ୍ଗଲ ଅଗ୍ନିରୁ ପ୍ରଦୂଷଣ ସୃଷ୍ଟି ହେଉଛି। ଭୂପୃଷ୍ଠସ୍ଥ ଓଜୋନ୍, ମିଥେନ୍,



କ୍ଲୋରୋଫ୍ଲୋରୋ କାର୍ବନ୍ ପରି ପ୍ରଦୂଷକ ପଦାର୍ଥ ମଧ୍ୟ ବିଭିନ୍ନ ଉତ୍ସରୁ ନିର୍ଗତ ହେଉଛି। ବାୟୁମଣ୍ଡଳର ଏପରି ଅପ୍ରାକୃତିକ ପ୍ରଦୂଷଣ ନିମନ୍ତେ ଗ୍ରହର ଶ୍ରେଷ୍ଠ ବୁଦ୍ଧିମାନ ଜୀବ ମନୁଷ୍ୟ ହିଁ ସମ୍ପୂର୍ଣ୍ଣ ଭାବରେ ଦାୟୀ।

ବାୟୁ ପ୍ରଦୂଷଣ ହେଉଛି ବିଶ୍ୱସ୍ତରରେ ଏକ ସର୍ବବୃହତ ଜନସ୍ୱାସ୍ଥ୍ୟ ସମସ୍ୟା, ଯାହାର ଭୟଙ୍କରତା କ୍ରମଶଃ ବୃଦ୍ଧିପ୍ରାପ୍ତ ହେବାରେ ଲାଗିଛି। ପୃଥିବୀର ସର୍ବାଧିକ ଜନସଂଖ୍ୟା ଏପରି ସ୍ଥାନରେ, ବିଶେଷତଃ ବିକାଶଶୀଳ ରାଷ୍ଟ୍ରମାନଙ୍କର ସହରାଞ୍ଚଳରେ, ବସବାସ କରନ୍ତି, ଯେଉଁଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାୟୁ ଗୁଣବତ୍ତା ନୀତି ନିୟମର ବ୍ୟତିକ୍ରମ ପରିଦୃଷ୍ଟ ହୁଏ। ସ୍ୱାସ୍ଥ୍ୟ ସଂଗଠନ ସୂତ୍ର ଅନୁଯାୟୀ ୨୦୧୯ରେ ବିଶ୍ୱର ୯୯ ଶତାଂଶ ଲୋକ ଏପରି ସ୍ଥାନରେ ବାସ କରୁଥିଲେ, ଯେଉଁଠାରେ ଏହାଦ୍ୱାରା ନିର୍ଣ୍ଣିତ ବାୟୁ ଗୁଣବତ୍ତା ମାନକର ସୀମା ଅତିକ୍ରମ ହୋଇଥିଲା। ବାହ୍ୟ ପରିବେଶ ଏବଂ ଘରୋଇ କ୍ଷେତ୍ରରେ ସଂଘଟିତ ବାୟୁ ପ୍ରଦୂଷଣର ସମ୍ମିଳିତ ପ୍ରଭାବ ବିଶ୍ୱରେ ବାର୍ଷିକ ୬୭ ଲକ୍ଷ ଅକାଳ ମୃତ୍ୟୁ ସହିତ ଜଡ଼ିତ ଓ ବାୟୁ ପ୍ରଦୂଷଣ କେବଳ ଆମ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର କରେ ନାହିଁ, ଏହା ଜୀବନର ଗୁଣାତ୍ମକ ମାନକୁ ନିମ୍ନଗାମୀ କରେ ଏବଂ ଜୀବନ ଅବଧିରେ ହ୍ରାସ ଘଟାଏ। କିନ୍ତୁ ପ୍ରଦୂଷିତ ବାୟୁ ପ୍ରଶ୍ୱାସରେ ଗ୍ରହଣ କରୁଥିବା ଅନେକ ବ୍ୟକ୍ତି ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ମନ୍ଦ ଗୁଣବତ୍ତା ବିଶିଷ୍ଟ ବାୟୁର ସମ୍ଭାବ୍ୟ ପ୍ରଭାବ ବିଷୟରେ ତିଳେମାତ୍ର ଅବଗତ ନ ଥା'ନ୍ତି। ପ୍ରଦୂଷିତ ବାୟୁ ଶ୍ୱାସକ୍ରିୟା ଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆଜ୍‌ମା, ବ୍ରୋଙ୍କାଇଟିସ୍, ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍, ହୃଦ୍‌ଘାତ, କର୍କଟ ଓ ଡିମେନ୍ସିଆ ଭଳି ମାରାତ୍ମକ ରୋଗ ଆକ୍ରମଣର ଆଶଙ୍କାରେ ବୃଦ୍ଧି ଘଟାଏ। ଆମେରିକାର ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଲାନ୍‌ସେଟ୍‌ର ସଦ୍ୟତମ ଅଧ୍ୟୟନରେ ଦର୍ଶାଯାଇଛି ଯେ ଟାଇପ୍ ୨ ଡାଇବେଟିସ୍ ରୋଗର ୨୦ ଶତାଂଶ ଘଟଣା ବାୟୁ ପ୍ରଦୂଷଣ ସହ ଜଡ଼ିତ। ଏଭଳି ରୋଗରେ ପ୍ରପୀଡ଼ିତ ଲକ୍ଷ ଲକ୍ଷ ସଂଖ୍ୟାର ବ୍ୟକ୍ତି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଉପନୀତ ହୁଅନ୍ତି ଏବଂ ଖର୍ଚ୍ଚାନ୍ତ ହୁଅନ୍ତି। ଏହିକ୍ରମରେ ପ୍ରତିବର୍ଷ ବହୁସଂଖ୍ୟାକ ବୟସ୍କ, ରୋଗାକ୍ରାନ୍ତ ଓ ଶିଶୁ ଅକାଳରେ ମୃତ୍ୟୁର ଶିକାର ହୁଅନ୍ତି। ବାୟୁ ପ୍ରଦୂଷଣ ପ୍ରଭାବରେ ଘଟୁଥିବା ମୃତ୍ୟୁସଂଖ୍ୟାର ୯୦ ଶତାଂଶ ହିଁ ନିମ୍ନ ଏବଂ ମଧ୍ୟମ ଆୟକାରୀ ରାଷ୍ଟ୍ରମାନଙ୍କରେ ସଂଘଟିତ ହୁଏ।

ଅଣସଂକ୍ରାମକ ରୋଗ ନିମନ୍ତେ ଦ୍ୱିତୀୟ ସର୍ବାଧିକ ବିପଦର କାରଣ ହୋଇଥିବା ବାୟୁ ପ୍ରଦୂଷଣର ସମାଧାନକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ ଏକାନ୍ତ ଅପରିହାର୍ଯ୍ୟ। କାରଣ ଜନସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ଏହା ଏକ ପ୍ରମୁଖ ପ୍ରସଙ୍ଗ। ଏହି ଉଦ୍ଦେଶ୍ୟରେ ଶକ୍ତି ଉତ୍ପାଦନ, ପରିବହନ, ଶିଳ୍ପ, ବର୍ଜ୍ୟବସ୍ତୁ ପରିଚାଳନା, କୃଷି, ନିର୍ମାଣ କାର୍ଯ୍ୟ ଏବଂ ସହରାଞ୍ଚଳ ଯୋଜନା ପରି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ଥାନୀୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ନୀତି ନିର୍ଦ୍ଧାରକଙ୍କ ଦ୍ୱାରା ମିଳିତ କାର୍ଯ୍ୟାନୁଷ୍ଠାନର ଯଥେଷ୍ଟ ଆବଶ୍ୟକତା ରହିଛି। ଶିଳ୍ପ କ୍ଷେତ୍ରରେ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ତଥା ଶକ୍ତି କ୍ଷେତ୍ରରେ ସୂର୍ଯ୍ୟାଲୋକ, ପବନ, ଜଳ, ସମୁଦ୍ର ଢେଉ, ଭୂଉତ୍ତାପ, ଉଦଜାନ, ଜୈବିକ ପଦାର୍ଥ, ନାଭିକୀୟ ଶକ୍ତି ପରି ସ୍ୱଚ୍ଛ ଏବଂ ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାର ଏବଂ ଜୀବାଶ୍ମ ଇନ୍ଧନର ବର୍ଜନ ଅତ୍ୟନ୍ତ ପ୍ରୟୋଜନୀୟ, ଯାହା ବାୟୁ ପ୍ରଦୂଷଣ ହ୍ରାସକୁ କରେ। ପରିବହନ କ୍ଷେତ୍ରରେ ଡିଜେଲ, ପେଟ୍ରୋଲ ଯାନବାହନ ବଦଳରେ ଅଧିକ ବିଦ୍ୟୁତ୍ ଚାଳିତ ଗାଡ଼ିର ପ୍ରଚଳନ ଏବଂ ସାଧାରଣ ପରିବହନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା ତଥା ସହରାଞ୍ଚଳଗୁଡ଼ିକରେ ଅଧିକ ସବୁଜିମା ପରିପୂର୍ଣ୍ଣ, ଶକ୍ତି ଦକ୍ଷତା-ବିଶିଷ୍ଟ କୋଠା ନିର୍ମାଣ, ସମ୍ବଳ ସଂରକ୍ଷଣ ଏବଂ ସଂହତ କରିବାକୁ ପ୍ରାଧାନ୍ୟ ପ୍ରଦାନ କରାଯିବା ବାଞ୍ଛନୀୟ। ସେହିପରି ସମ୍ବଳର ପୁନର୍ବ୍ୟବହାର ଓ ପୁନର୍ଚକ୍ରଣକୁ ଗୁରୁତ୍ୱ ପ୍ରଦାନ ସହ ବର୍ଜ୍ୟବସ୍ତୁ ହ୍ରାସ ନିମନ୍ତେ ଆବର୍ଜନାର ପୃଥକୀକରଣ, କମ୍ପୋଷ୍ଟ ପ୍ରସ୍ତୁତି ଇତ୍ୟାଦି ପ୍ରାଧାନ୍ୟ ହାସଲ କରିବା ଆବଶ୍ୟକ। ପ୍ରଦୂଷଣ ହ୍ରାସ ନିମନ୍ତେ ଏକ ନିମ୍ନ-ଅଙ୍ଗାରକ ବିକାଶ ପଥର ଅନୁସରଣ କରବା ଆମର ମୌଳିକ ଲକ୍ଷ୍ୟ ହେଉ। ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ଲକ୍ଷ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଯେଉଁ ନିର୍ଦ୍ଦେଶାବଳୀ ରହିଛି ତାହା ମାଧ୍ୟମରେ ପ୍ରଦୂଷକ ପଦାର୍ଥସବୁକୁ ଉଚ୍ଚମାତ୍ରାରୁ ନିମ୍ନସ୍ତରକୁ ଧୀରେ ଧୀରେ ପରିବର୍ତ୍ତନ କରିବାକୁ ଆମେ ପ୍ରୋତ୍ସାହିତ ହେବା ଆମ ବିଜ୍ଞତାର ପରିଚାୟକ ହେବ।

ସ୍ୱିଜରଲ୍ୟାଣ୍ଡର ଆଇକ୍ୟୁଏଆର୍ ସଂସ୍ଥାର ୨୦୨୩ ବାୟୁ ପ୍ରଦୂଷଣ ରିପୋର୍ଟ ଦର୍ଶାଇଛି ଯେ ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ରାଷ୍ଟ୍ର ରୂପେ ବାଂଲାଦେଶ, ପାକିସ୍ତାନ, ଭାରତ, ତାଜିକିସ୍ତାନ ଓ ବୁର୍କିନା ଫାସୋ ଶ୍ରେଷ୍ଠ ପାଞ୍ଚଟି ସ୍ଥାନ ଅଧିକାର କରିଛନ୍ତି। କେବଳ ୧୦ଟି ରାଷ୍ଟ୍ର ଏବଂ ବିଶ୍ୱର ୯ ଶତାଂଶ ସହରରେ ବାୟୁ ଗୁଣବତ୍ତା ଆବଶ୍ୟକ ସ୍ତରରେ ରହିଥିଲା, ଯାହା ଅତ୍ୟନ୍ତ କ୍ଷତିକାରକ ସୂକ୍ଷ୍ମ କଣିକା (ପିଏମ୍ ୨.୫) ପ୍ରଦୂଷଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶାବଳୀକୁ ପୂରଣ କରିଥିଲା। ପରିତାପର ବିଷୟ ଯେ କ୍ରମାଗତ ଭାବରେ ଚତୁର୍ଥ ଥର ନିମନ୍ତେ ମନ୍ଦ ବାୟୁ ଗୁଣବତ୍ତାର ଶ୍ରେଷ୍ଠ ରାଜଧାନୀ ସହର ହେବାର କୁଖ୍ୟାତି ଅର୍ଜନ କରିଛି ନୂଆଦିଲ୍ଲୀ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଦେଶରେ ୧୩୧ଟି 'ଅଣ-ହାସଲ' ସହର ଚିହ୍ନିତ ହୋଇଛି, ଯେଉଁଠି କ୍ରମାଗତ ଭାବରେ ଜାତୀୟ ବାହ୍ୟ ବାୟୁ ଗୁଣବତ୍ତା ମାନକ ଆବଶ୍ୟକ ମାତ୍ରାଠାରୁ ଖରାପ ସ୍ତରରେ ରହୁଛି। ଏଥିରେ ଓଡ଼ିଶାର ଭୁବନେଶ୍ୱର, କଟକ, କଳିଙ୍ଗ ନଗର, ବାଲେଶ୍ୱର, ତାଳଚେର, ଅନୁଗୁଳ ଏବଂ ରାଉରକେଲା ପରି ସାତଟି ସହର ଅନ୍ତର୍ଭୁକ୍ତ। ଜର୍ମାନୀର 'ମ୍ୟାକ୍ସ ପ୍ଲାନ୍କ ଇନଷ୍ଟିଚ୍ୟୁଟ୍ ଫର୍ କେମିଷ୍ଟ୍ରି' ସୂତ୍ରରୁ ପ୍ରକାଶ ଯେ ବାୟୁ ପ୍ରଦୂଷଣରେ ଘଟୁଥିବା ମୃତ୍ୟୁର ୬୫ ଶତାଂଶ ନିମନ୍ତେ ଜୀବାଶ୍ମ ଇନ୍ଧନ ହିଁ ଦାୟୀ। ଏପରି ଦୃଶ୍ୟପଟ୍ଟରେ ଭାରତ ସରକାର ଏହାର ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଦ୍ଧିତ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦିଷ୍ଟ ପ୍ରକାରର କଣିକା ପଦାର୍ଥ ତଥା ଅନ୍ୟ ପ୍ରଦୂଷକ ପଦାର୍ଥସବୁର ପରିଚାଳନା ଉଦ୍ଦେଶ୍ୟରେ ଉତ୍ତମ ଅଭ୍ୟାସ ଏବଂ ସବୁଜ ପ୍ରଯୁକ୍ତିର ପ୍ରୟୋଗ ଗୁରୁତ୍ୱ ହାସଲ କରିବା ଆବଶ୍ୟକ। ଏବେ ସମୟ ଉପନୀତ ହୋଇଛି ଯେତେବେଳେ ଆମେ ବାୟୁ ପ୍ରଦୂଷଣର ଉତ୍ସସବୁକୁ ଚିହ୍ନଟ କରି ପ୍ରାଥମିକତା ଆଧାରରେ ଦୀର୍ଘମିଆଦୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ସୁସ୍ଥ ଶରୀରରେ ଶାନ୍ତିପୂର୍ଣ୍ଣ ଜୀବନଯାପନ ନିମନ୍ତେ ବାୟୁର ସ୍ୱଚ୍ଛତା ଏକାନ୍ତ ଅପରିହାର୍ଯ୍ୟ; ଅନ୍ୟଥା ଶରୀରର ଜୀବକୋଷ ଉପରେ ରାସାୟନିକ ପ୍ରଦୂଷକ ପଦାର୍ଥସବୁର କ୍ଷତିକାରକ ପ୍ରଭାବ ଆଗାମୀ ସମୟରେ ନୂତନ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରଣ ହେବ।

# ଦାଦନ ଶ୍ରମିକ ସମସ୍ୟା



ଡ. ସମୀର କୁମାର ନନ୍ଦ
ଦେବଗଡ଼, ମୋ: ୯୪୩୭୨୧୮ ୯୧୭

୨୦୧୧ ମସିହାର ଜନଗଣନା ଅନୁସାରେ ଆମ ଦେଶରେ ୪୧, ୪, ୨, ୯୧୭ ପ୍ରବାସୀ ଶ୍ରମିକ ଥିଲା ବେଳେ ଆମ ରାଜ୍ୟର ସଂଖ୍ୟା ୧୪ତମ ସ୍ଥାନରେ ଥିଲା। ସେହିପରି ୨୦୨୧ ପ୍ରକାଶିତ ଆନ୍ତର୍ଜାତୀୟ ଶ୍ରମ ସଂଗଠନର ତଥ୍ୟ ଅନୁସାରେ ସମଗ୍ର ବିଶ୍ୱରେ ୧୬୯ ନିୟୁତ ପ୍ରବାସୀ ଶ୍ରମିକ ଅଛନ୍ତି, ଯାହାକି ବିଶ୍ୱ ଶ୍ରମ ଶକ୍ତିର ୪.୯ ଶତକଡ଼ା ଅଟେ। ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ କିଛି ଲୋକ ଅଳ୍ପ ସମୟ ପାଇଁ ତ କିଛିଲୋକ ବର୍ଷାଧିକ କାଳ ପାଇଁ ବାହାରକୁ ଯାଉଛନ୍ତି।

ସାଧାରଣତଃ, ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିବା ସବୁପ୍ରକାର ଶ୍ରମିକ, ଦାଦନ ଶ୍ରମିକ ବୋଲି ସାଧାରଣ ଲୋକଙ୍କ ଧାରଣା। କିନ୍ତୁ କିଛି ଅଗ୍ରୀମ ଟଙ୍କା ନେଇ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମିକମାନଙ୍କୁ ଦାଦନ ଶ୍ରମିକ କୁହାଯାଏ। କାରଣ 'ଦାଦନ' ଶବ୍ଦର ଅର୍ଥ ହିଁ ଅଗ୍ରୀମ। ଠିକାଦାରମାନେ ଏହି ଅଗ୍ରୀମ ଅର୍ଥ ଶ୍ରମିକମାନଙ୍କୁ ଦିଅନ୍ତି। ସେମାନେ ସେଥିପାଇଁ ବାହାର ରାଜ୍ୟର ବଡ଼ ଠିକାଦାର କିମ୍ବା ନିଯୋକ୍ତାଙ୍କ ପାଖରୁ ଆଗୁଆ ଟଙ୍କା ଆଣି ଥାଆନ୍ତି। କେବଳ ଅଗ୍ରୀମ ନୁହେଁ, ଏହିଭଳି ସଂଗୃହୀତ ଶ୍ରମିକମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଗାଡ଼ିଭଡ଼ା ଏବଂ ଖାଇବା ପିଇବା ଖର୍ଚ୍ଚ ମଧ୍ୟ ଠିକାଦାରମାନେ ଭରଣା କରନ୍ତି। ଅନ୍ତଃରାଜ୍ୟ ପ୍ରବାସିକ ଶ୍ରମିକ ଆଇନ, ୧୯୭୯ ଅନୁସାରେ ଏହି ସମସ୍ତ ଖର୍ଚ୍ଚ ଠିକାଦାର ନିଜ ହାତରୁ ବହନ କରିବେ ଏବଂ ଏହି ବାବଦରେ ଶ୍ରମିକ ମଜୁରିର କୌଣସି କାଟ ହେବ ନାହିଁ, ବରଂ ଶ୍ରମିକମାନେ ଅନ୍ୟ ରାଜ୍ୟରେ କାର୍ଯ୍ୟସ୍ଥଳରେ ପହଞ୍ଚିବା ପରେ ସେହି ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ଏବଂ ମହଙ୍ଗା ଭତ୍ତା ପାଇବା ପାଇଁ ହକଦାର ଅଟନ୍ତି।

ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁସାରେ କେବଳ ଅଗ୍ରୀମ ନେଇ ଠିକାଦାରଙ୍କ ଜରିଆରେ ୫ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବା ବ୍ୟବସ୍ଥାକୁ ଦାଦନ ଶ୍ରମିକ ବା ପ୍ରବାସିକ ଶ୍ରମିକ ଆଇନର ପରିସରଭୁକ୍ତ। ଏହି ଆଇନଗତ ବ୍ୟବସ୍ଥା ଅନୁସାରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସ୍ୱଇଚ୍ଛାରେ ଯାଉଥିବା ଶ୍ରମିକ, ଦାଦନ ଶ୍ରମିକ ସମ୍ପର୍କିତ ଆଇନର ପରିସରଭୁକ୍ତ ନୁହନ୍ତି। ଶ୍ରମିକ ମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯିବାର ଦୁଇଟି କାରଣ ହେଲା - ଅନ୍ୟ ରାଜ୍ୟରେ ନିୟମିତ କାର୍ଯ୍ୟ ଓ ଅଧିକ ମଜୁରି ପାଇବାର ଆଶା ଏବଂ ଶ୍ରମିକମାନେ ନିଜ ରାଜ୍ୟରେ ଥିବା କଳ କାରଖାନା, ଶିକ୍ଷାନୁଷ୍ଠାନ କିମ୍ବା ଅନ୍ୟାନ୍ୟ କାର୍ଯ୍ୟରେ ନିଜକୁ ବିନିଯୋଗ କରିପାରୁ ନାହାନ୍ତି।



ଅନ୍ୟ ରାଜ୍ୟରେ ଶ୍ରମିକମାନେ ନିର୍ଯାତିତ ହେଲେ ସେଠାକାର ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ତଦାରଖ କରିବା କଥା ଏବଂ ଏହି ନିର୍ଯାତନା ଅପରାଧମୂଳକ ହୋଇଥିଲେ ପୁଲିସ ବା ଆଇନ ଶୃଙ୍ଖଳା ବିଭାଗର ଦାୟିତ୍ୱ ଅଟେ। ଏପରିକି ଅନ୍ୟ ରାଜ୍ୟରେ ଶ୍ରମିକମାନଙ୍କ ରହିବା ସ୍ଥାନରେ ପାନୀୟ ଜଳ, ଚିକିତ୍ସା, ଶିକ୍ଷା ତଥା ଆନୁଷଙ୍ଗିକ ନାଗରିକ ସୁବିଧା ସେହି ରାଜ୍ୟର ସମ୍ପୃକ୍ତ ବିଭାଗ କରିବା କଥା। କେବଳ ବିନା ଲାଇସେନ୍ସରେ ଠିକାଦାରଙ୍କ ଦ୍ୱାରା ଶ୍ରମିକ ଚାଲାଣ, ଶ୍ରମିକମାନଙ୍କର ଆଇନଗତ ପ୍ରାପ୍ୟ ନ ମିଳିବା ଓ ଶ୍ରମିକମାନଙ୍କ ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦରେ ଶ୍ରମ ବିଭାଗର ଭୂମିକା ରହିଛି।

ଆମେ ସର୍ବଦା ଓଡ଼ିଆ ଦାଦନ ଶ୍ରମିକମାନଙ୍କ କଥା ଆଲୋଚନା କରୁଛେ। ଅଥଚ ଆମ ରାଜ୍ୟରେ ଅନ୍ୟ ରାଜ୍ୟମାନଙ୍କର କେତେ ଦାଦନ ଶ୍ରମିକ ରହିଛନ୍ତି ସେ ବିଷୟରେ ଚିନ୍ତା କରୁନାହୁଁ। ଅନ୍ୟ ରାଜ୍ୟକୁ ଯାଇ କାମ କରିବା ଫଳରେ ଆମ ରାଜ୍ୟର ଶ୍ରମିକମାନେ ତିରୋଟ ସମୟରେ ଯେଉଁ ଫାଇଦା ପାଉଛନ୍ତି ସେକଥା ବିଚାର କରାଯାଉ ନାହିଁ। ପଶ୍ଚିମବଙ୍ଗ ଓ ବିହାର ଆଦି ରାଜ୍ୟରୁ ଲକ୍ଷ ଲକ୍ଷ ଶ୍ରମିକ ଆସି ଓଡ଼ିଶାର ପ୍ରତ୍ୟେକ ସହର, ଗାଁଗଣ୍ଡା, ଗଳିକନ୍ଦିରେ କୋଠାବାଡ଼ି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସୁରଟ ସହରରେ କାମ କରୁଥିବା ଲକ୍ଷ ଲକ୍ଷ ଓଡ଼ିଆ ଶ୍ରମିକ ଆମ ରାଜ୍ୟର ସମୃଦ୍ଧି ବଢ଼ାଉଛନ୍ତି। ଆନ୍ଧ୍ର ପ୍ରଦେଶରେ ଓଡ଼ିଆ କୁଶଳୀ ଇଟା ତିଆରି କରିବା ମିସ୍ତ୍ରୀ ଅଧିକ ସମ୍ମାନ ଓ ମଜୁରି ପାଇଥାଆନ୍ତି। କେବଳ ସେତିକି ନୁହେଁ, ଦେଶର ବିଭିନ୍ନ ତୀର୍ଥ ସ୍ଥାନଗୁଡ଼ିକରେ ଓଡ଼ିଆ ଶ୍ରମିକମାନେ ନିଜର କାରୁକାର୍ଯ୍ୟର ଛାପ ଛାଡ଼ି ଦେଇଯାଇଛନ୍ତି।

ଭାରତର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଭାରତୀୟ ନାଗରିକଙ୍କୁ ସାରା ଦେଶରେ ମୁକ୍ତ ଭ୍ରମଣ ଅର୍ଥାତ୍ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ, ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଯିବା ଆସିବା ନିମନ୍ତେ ଅଧିକାର ରହିଛି। ଗୋଟିଏ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଶିଳ୍ପ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରିବାରେ କିଛି ଆଇନଗତ ବାରଣ ନାହିଁ। ଶ୍ରମିକଟିଏ ସ୍ୱଇଚ୍ଛାରେ ଅନ୍ୟ ରାଜ୍ୟକୁ ଯାଇ କେଉଁଠି କାର୍ଯ୍ୟରେ ନିଯୁକ୍ତି ପାଇଲେ କୌଣସି ଆଇନଗତ ବ୍ୟବସ୍ଥା ପାଳନ କରିବାକୁ ପଡୁନାହିଁ। ମାତ୍ର, ଅନ୍ତଃରାଜ୍ୟ ପ୍ରବାସିକ ଶ୍ରମିକ (ସେବା ସର୍ତ୍ତ ଏବଂ ନିଯୁକ୍ତି ନିୟନ୍ତ୍ରଣ) ଆଇନ, ୧୯୭୯ ବ୍ୟବସ୍ଥା ଅନୁସାରେ ଠିକାଦାରମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଶ୍ରମିକ ଚାଲାଣ କରିବାକୁ ହେଲେ କେତେଗୁଡ଼ିଏ ନିୟମ ଓ ସର୍ତ୍ତ ପାଳନ କରିବାକୁ ହେବ। ପ୍ରଥମେ ସମ୍ପୃକ୍ତ ଠିକାଦାର ଅନ୍ୟ ରାଜ୍ୟକୁ ଯାଇ ସେଠାକାର ମୁଖ୍ୟ ନିଯୁକ୍ତିଦାତାଙ୍କଠାରୁ ତାଙ୍କ ସଂସ୍ଥାରେ ଶ୍ରମିକ ଯୋଗାଣ ନିମନ୍ତେ ଅନୁମତିପତ୍ର ପ୍ରାପ୍ତ କରିବା, ଠିକାଦାର ନିଜ ରାଜ୍ୟକୁ ଆସି ଆବଶ୍ୟକ ଶ୍ରମିକମାନଙ୍କୁ ଚିହ୍ନଟ କରି ଫଟୋଗ୍ରାଫ, କାର୍ଯ୍ୟସ୍ଥଳୀର ବିବରଣୀ ସହିତ ପାସବୁକ ପ୍ରଦାନ କରିବା, ଆବଶ୍ୟକ ସଂଖ୍ୟକ ଦାଦନ ଶ୍ରମିକ ଚାଲାଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଅବଶ୍ୟକୀୟ ଫିସ ଜମା କରି ସ୍ଥାନୀୟ ଜିଲ୍ଲା ଶ୍ରମ ଅଧିକାରୀଙ୍କଠାରୁ ଲାଇସେନ୍ସ ବା ଅନୁମତି ପ୍ରାପ୍ତ କରିବା ଆଦି ପରେ ଯାଇ ଠିକାଦାରଙ୍କ ଶ୍ରମିକ ଚାଲାଣ ବୈଧ ହୋଇ ପାରିବ। ଏ ସମ୍ପର୍କରେ ସମସ୍ତ ଶ୍ରମିକ ମଧ୍ୟ ଅବଗତ ହେବା ଆବଶ୍ୟକ।

ପ୍ରବାସୀ ଶ୍ରମିକ ଏକ ସମାଜିକ ପ୍ରକ୍ରିୟା ଅଟେ। ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶ ମଧ୍ୟରେ ପ୍ରବାସୀ ଶ୍ରମିକ ହେବା ଏକ ଆନ୍ଦୋଳନରେ ପରିଣତ ହୋଇ ସାରିଛି। ଏହି ଆନ୍ଦୋଳନରେ ପେଟପାଟଣା ଉଦ୍ଦେଶ୍ୟରେ ଏବଂ ନିଜର ଆର୍ଥିକ ଅଭିବୃଦ୍ଧି ଘଟାଇବା ଲାଗି ଶ୍ରମ ଖୋଜୁଥିବା ବ୍ୟକ୍ତିବିଶେଷ ମନ ଭିତରେ ଆଶା ଓ ଉଦ୍ଦୀପନା ରଖି ଝାସ ଦେଇଥା'ନ୍ତି। ଏଥିପାଇଁ ସେମାନେ ଗୋଟିଏ ସ୍ଥାନ ଛାଡ଼ି ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ଅନ୍ୟତ୍ର ଗମନ କରିଥାଆନ୍ତି। ଦେଶରେ ଶିଶୁ ଶ୍ରମିକଙ୍କ ଚିହ୍ନଟ ଓ ଥଇଥାନ ନିମନ୍ତେ ଦଶନ୍ଧି ଦଶନ୍ଧି ଚାଲିଆସୁଥିବା ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ରେ ୨୦୨୧ ମସିହାଠାରୁ ବନ୍ଦ ହୋଇସାରିଛି ଏବଂ ଆଜି ଶିଶୁଶ୍ରମିକ ପ୍ରଥାର ବିଲୋପନ ପାଇଁ ଦେଶରେ କୌଣସି ବିଭାଗ କାର୍ଯ୍ୟ କରୁନାହିଁ। ଯାହାଫଳରେ ଲକ୍ଷଲକ୍ଷ ନୂତନ ଶିଶୁ ଶ୍ରମିକ ସୃଷ୍ଟି ହେବା ସହିତ ସେମାନଙ୍କ କଲ୍ୟାଣ ପାଇଁ ଦୀର୍ଘ ବର୍ଷ କାର୍ଯ୍ୟକରି ଜୀବନ ଓ ପରିବାରକୁ ଜଳାଞ୍ଜଳି ଦେଇ ବୟସର ଅପରାହ୍ନରେ ଥିବା ଲକ୍ଷଲକ୍ଷ ଶିକ୍ଷିତ କର୍ମଚାରୀ ଆଜି ଦାଦନ ଶ୍ରମିକ ସାଜି ଅନ୍ୟ ରାଜ୍ୟରେ ମଜୁରି ଖଟୁଛନ୍ତି। ତେଣୁ ତୃଣମୂଳ ସ୍ତରରେ ସରକାର ପଦକ୍ଷେପ ନେବା ସହିତ ନିଜେ ଶ୍ରମିକ ମାନେ ସଚେତନ ହେଲେ ଯାଇ ଏହି ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରିବ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ମହିଳାଙ୍କୁ ବୀଭତ୍ସ ହତ୍ୟା ଘଟଣା

# ଦୋଷୀକୁ ଆଜୀବନ ଜେଲ୍

**ନୟାଗଡ଼, ୩୦।୪ (ସମିସ):** ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ରତନପୁର ଗାଁରେ ଘଟିଥିବା ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣା ଏହି ମାମଲାର ବିଚାର କରି ଦୋଷୀ ସନ୍ତୋଷ ବେହେରାକୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଅଧିକ ୬ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ଜମିବାଡ଼ି ବିବାଦକୁ ନେଇ ସ୍ୱର୍ଗତ ଉଦୟନାଥ ସାହୁଙ୍କ ପତ୍ନୀ ରଜନୀ ସାହୁଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା ସନ୍ତୋଷ। ହତ୍ୟା ଦିନ ରଜନୀ କୌଣସି କାମରେ ଗାଁର ରାଧାମୋହନ ସାହୁଙ୍କ ଘରକୁ ଯାଇଥିଲେ। ସେ ଘର ଆଗରେ ଠିଆ ହୋଇଥିବା ବେଳେ ରଜନୀ ସହ ତାଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସନ୍ତୋଷ ଘର ଭିତରୁ ଏକ ଟାଙ୍ଗିଆ ଆଣି ରଜନୀଙ୍କ ବେକ ଓ ମୁଣ୍ଡକୁ ୩ ଚୋଟ ପକାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରଜନୀ ରଧାମୋହନଙ୍କ ଘର ଭିତରକୁ ପଶି ଯାଇଥିଲେ। ଅଚେତ ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୩ ଜଣ ସାକ୍ଷୀ ବୟାନ ଅନୁସାରେ ନୟାଗଡ଼ ଜିଲ୍ଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣା ଆସାମୀକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ସହ ଜରିମନା କରିଛନ୍ତି।୧୦ ହଜାର ଟଙ୍କା ନଦେଇ ପାରିଲେ ୬ ମାସ ଅଧିକ ଜେଲରେ ରହିବେ ବୋଲି ରାୟ ଦେଇଛନ୍ତି। ଏହି ମାମଲାରେ ସରକାରୀ ଆଇନଜୀବୀ ବିଷ୍ଣୁ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ।

# କଟକ ଓ ଭୁବନେଶ୍ୱର ରେଳ ଷ୍ଟେସନ୍‌ର ନିର୍ମାଣ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର, ୩୦।୪(ସମିସ):** ପୂର୍ବତଟ ରେଳପଥ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ଆଜି କଟକ ଓ ଭୁବନେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀମାନଙ୍କୁ ନିରାପଦ ତଥା ସୁଗମ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାକୁ ଆବଶ୍ୟକ ସତର୍କତା ଅବଲମ୍ବନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା ଠିକ୍ ସମୟରେ ସମାପ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇ ଧାର୍ଯ୍ୟଲକ୍ଷ୍ୟ ପୂରଣର ପ୍ରତିବଦ୍ଧତାକୁ ସାକାର କରିବାକୁ ଶ୍ରୀ ବେହେରା ଅଧିକାରୀମାନଙ୍କୁ କହିଛନ୍ତି।

ଭୁବନେଶ୍ୱର ଓ କଟକରେ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ସହିତ ସହରର ଆକର୍ଷଣୀୟ କେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟକୁ ସାକାର କରାଇବା ପାଇଁ ଏବଂ ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅଭିଜ୍ଞତା ବୃଦ୍ଧି କରାଇବା ପାଇଁ ଏହି ପୁନର୍ବିକାଶ କାର୍ଯ୍ୟର ଉଦ୍ଦେଶ୍ୟ। ପୁନର୍ବିକାଶ କାର୍ଯ୍ୟରେ ପ୍ରବେଶ ପଥ ଗୁଡିକ ସହିତ ଦୁଇ / ତିନ /ଚାରିଚକିଆ ଯାନ ପାଇଁ ପାର୍କିଂ, ପିକଅପ୍ ଏବଂ ଡ୍ରପ୍ ପଏଣ୍ଟ, ଆମ୍ବୁଲାନ୍ସ ପାଇଁ ପାର୍କିଂ, ଭିଆଇପି ଯାନ ଇତ୍ୟାଦି ସୁବିଧା ପାଇବା ସହିତ ପ୍ରଶସ୍ତ ଆପ୍ରୋଚ୍ ରୋଡ୍ ରହିବ। ଏହାସହ ଯାତ୍ରୀମାନଙ୍କ ପାଇଁ ଏୟାର କନକୋର୍ସ, ଫୁଟ ଓଭର୍‌ବ୍ରିଜ, ଯାତ୍ରୀ ଘୋଷଣା ପ୍ରଣାଳୀ, ଫୁଡ ଷ୍ଟଲ, ଦିବ୍ୟାଙ୍ଗଜନ ସୁବିଧା, ବ୍ୟାଗେଜ ସ୍କାନର, ରିଟାୟରିଙ୍ଗ ରୁମ୍, ସିସିଟିଭି ଇତ୍ୟାଦି ସୁବିଧା ଉପଲବ୍ଧ ହେବ। ପୂର୍ବତଟ ରେଳଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଏ ଜି ଶ୍ରୀନିବାସଙ୍କ ନେତୃତ୍ୱରେ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଏହି ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।



# ଅବଶିଷ୍ଟାଂଶ...

## ସବୁ ରେକର୍ଡ...

ସହର ମଧ୍ୟରେ ଓଡ଼ିଶାର ୪ଟି ସହର ରହିଛି। ଆଜି ବାରିପଦାରେ ଚଳିତ ବର୍ଷର ରାଜ୍ୟର ସର୍ବାଧିକ ୪୬.୪ ଡିଗ୍ରୀ ତାତି ରେକର୍ଡ ହୋଇଥିବା ବେଳେ ଏହା ବାରିପଦାର ସବୁ ତାତି ରେକର୍ଡକୁ ଭଙ୍ଗ କରିଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆଜି ତାପମାତ୍ରା ୪୫.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ଏପ୍ରିଲ ମାସର ଭୁବନେଶ୍ୱରର ଦ୍ୱିତୀୟ ସର୍ବକାଳୀନ ରେକର୍ଡରେ ପରିଣତ ହୋଇଛି। ଏହି ଦୁଇ ସହର ବ୍ୟତୀତ ଆଜି ରାଜ୍ୟରେ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ବାଲେଶ୍ୱରରେ ତାପମାତ୍ରା ୪୬ଡିଗ୍ରୀ ରେକର୍ଡ କରାଯାଇଛି। ଏହି ୩ଟି ସହ ବିଶ୍ୱର ୧୦ ଉତ୍ତପ୍ତ ସହର ମଧ୍ୟରେ ସାମିଲ ରହିଥିବା ବେଳେ ୪୪.୭ ଡିଗ୍ରୀ ସହ ଅନୁଗୁଳକୁ ମିଶାଇ ଉପରୋକ୍ତ ୪ଟି ସହର ଦେଶର ୧୦ ଉତ୍ତପ୍ତ ସହର ମଧ୍ୟରେ ରହିଛନ୍ତି।

ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟର ୧୫ ସହରରେ ତାପମାତ୍ରା ୪୪ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଏହାବ୍ୟତୀତ ୨୯ ସହରରେ ତାପମାତ୍ରା ୪୨ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ବଡ଼ କଥା ହେଉଛି, ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଯଥେଷ୍ଟ ଅଧିକ ରହିଥିଲା। ବାଲେଶ୍ୱରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧୦ ଡିଗ୍ରୀ ଅଧିକ ରେକର୍ଡ ହୋଇଥିବା ବେଳେ ବାରିପଦାରେ ୮.୯, ଭୁବନେଶ୍ୱରରେ ୭.୬, କଟକରେ ୭.୧ ଓ ଚାନ୍ଦବାଲିରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫.୭ ଡିଗ୍ରୀ ଅଧିକ ରହିଥିଲା। ଆଗାମୀ ୫ଦିନ ପର୍ଯ୍ୟନ୍ତ ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଓ ବୌଦ୍ଧରେ ଭୀଷଣ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ନୂଆପଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରିରେ ଗ୍ରୀଷ୍ମଲହରୀ ସ୍ଥିତି ପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଗତ ୧୬ଦିନ ହେବ ଲଗାତାର ଭାବେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ସାଧାରଣତଃ ଗୋଟିଏ ବର୍ଷରେ ୯ ଦିନ ଗ୍ରୀଷ୍ମ ପ୍ରବାହ ହେଲେ ଏହାକୁ ସ୍ୱାଭାବିକ ଧରାଯାଉଥିବା ବେଳେ ଚଳିତ ବର୍ଷ କେବଳ ଏପ୍ରିଲ୍ ମାସରେ ଦୁଇଟି ପର୍ଯ୍ୟାୟରେ ମୋଟ୍ ୧୮ ଦିନ ଗ୍ରୀଷ୍ମଲହରୀ ସ୍ଥିତି ସୃଷ୍ଟି ହୋଇସାରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟକୁ ଲଗାତାର ଭାବେ ଶୁଷ୍କ ଓ ଉଷ୍ମ ବାୟୁ ପ୍ରବାହିତ ହେଉଛି। ଏଥିପାଇଁ ରାଜ୍ୟରେ ଗ୍ରୀଷ୍ମଲହରୀ ସ୍ଥିତି ଜାରି ରହିଛି। ସାଧାରଣ ଭାବେ କୌଣସି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ କିମ୍ବା ତାପମାତ୍ରା ସ୍ୱାଭାବିକ ତୁଳନାରେ ୪.୫-୪.୬ ଡିଗ୍ରୀ ଅଧିକ ରହିଲେ ଏହାକୁ ଗ୍ରୀଷ୍ମ ଲହରୀ ଭାବେ ଗଣନା କରାଯାଏ। ସେହିପରି ତାପମାତ୍ରା ୪୭ ଡିଗ୍ରୀ କିମ୍ବା ସ୍ୱାଭାବିକ ତୁଳନାରେ ୬.୫ ଡିଗ୍ରୀରୁ ଅଧିକ ରହିଲେ ଏହାକୁ ଭୀଷଣ ଗ୍ରୀଷ୍ମ ଲହରୀ ଭାବେ ଗଣନା କରାଯାଇଥାଏ।

ସୂଚନାଥାଉ କି ପୂର୍ବରୁ ୨୧ ଏପ୍ରିଲ ୨୦୧୦ରେ ବାରିପଦାରେ ସର୍ବୋଚ୍ଚ ଦିନ ତାପମାତ୍ର ୪୬.୧ ଡିଗ୍ରୀ ରେକର୍ଡ ହୋଇଥିଲା। ଆଜି ୪୬.୪ ଡିଗ୍ରୀ ସହ ବାରିପଦାରେ ସମସ୍ତ ତାତି ରେକର୍ଡ ଭଙ୍ଗ ହୋଇଛି। ସେହିପରି ୧୧ ଏପ୍ରିଲ୍ ୨୦୧୬ରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୫.୮ ରେକର୍ଡ ରହିଛି। ଯାହାକି ଏପ୍ରିଲ ମାସର ଭୁବନେଶ୍ୱରରେ ସର୍ବକାଳୀନ ରେକର୍ଡ ଭାବେ ଗଣନା କରାଯାଉଛି।

ଅନ୍ୟପକ୍ଷରେ ଅତୀତରେ ଓଡ଼ିଶାର ତାପମାତ୍ରା ୫୦ ଡିଗ୍ରୀ ପର୍ଯ୍ୟନ୍ତ ରେକର୍ଡ ହୋଇଛି। ୨୦୦୩ ମସିହାରେ ଜୁନ୍ ୫ ତାରିଖରେ ଟିଟଲାଗଡ଼ରେ ତାପମାତ୍ରା ୫୦.୧ ଡିଗ୍ରୀ ଛୁଇଁଥିଲା। ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ସର୍ବାଧିକ ତାତି ରେକର୍ଡ ଭାବେ ଗଣା ହୋଇ ଆସୁଛି। ସେହିପରି ଏପ୍ରିଲ ମାସରେ ତାପମାତ୍ରା ମଧ୍ୟ ଉପର ମୁହାଁ ହୋଇଥିବାର ନଜୀର ରହିଛି। ୨୬ ଏପ୍ରିଲ ୧୯୭୬ ରେ ଟିଟିଲାଗଡ଼ରେ ତାପମାତ୍ରା ୪୯.୬ ଡିଗ୍ରୀ ତାତି ରେକର୍ଡ ହୋଇଛି। ଏହାକୁ ରାଜ୍ୟର ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ଭାବେ ଗଣନା କରାଯାଉଛି। ସେହିପରି ୨୨ ଏପ୍ରିଲ ୧୯୭୩ ରେ ବଲାଙ୍ଗିରରେ ତାପମାତ୍ରା ୪୯ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ଏପ୍ରିଲ୍ ମାସର ରାଜ୍ୟର ଦ୍ୱିତୀୟ ସର୍ବୋଚ୍ଚ ଦିନ ଭାବେ ପରିଗଣିତ ହେଉଛି।

## ନାମାଙ୍କନ କଲେ...

ବକ୍ସିପାତ୍ର, ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

ପ୍ରାର୍ଥୀ ପତ୍ର ଦାଖଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କାର୍ତ୍ତିକ ପାଣ୍ଡିଆନ ଦକ୍ଷିଣ ଓଡ଼ିଶାର ଆରାଧ୍ୟା ମା' ତାରାତାରିଣୀ ପୀଠରେ ପହଞ୍ଚିଥିଲେ। ସେଠାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଦଳର ମୁଖପାତ୍ର ଅମିତ୍ ମଲ୍ଲିକ ପ୍ରମୁଖ ସମେତ ବହୁ ଦଳୀୟନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପୂଜକ ଓ ସେବାୟତଙ୍କ ମନ୍ତ୍ରପାଠ ମଧ୍ୟରେ ମୁଖ୍ୟମନ୍ତ୍ରୀ ତାରାତାରିଣୀଙ୍କ ପୂଜାର୍ଚ୍ଚନା କରିଥିଲେ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଆଶିଷଭିକ୍ଷା କରି ନାମାଙ୍କନ ଦାଖଲ ନିମନ୍ତେ ଛତ୍ରପୁର ଅଭିମୁଖେ ଯାତ୍ରା କରିଥିଲେ।

ମୁଖ୍ୟମନ୍ତ୍ରୀ ତାରାତାରିଣୀରୁ ସିଧା ଛତ୍ରପୁର ସର୍କିଟ ହାଉସ ଯାଇଥିଲେ ଏବଂ କିଛି ସମୟ ପରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଯାତ୍ରା କରିଥିଲେ। ଛତ୍ରପୁରରେ ପହଞ୍ଚିବା ବେଳକୁ ସମଗ୍ର ଅଞ୍ଚଳ ଜନସମୁଦ୍ରରେ ପରିଣତ ହୋଇ ଯାଇଥିଲା। ଏହା ସହିତ ଛତ୍ରପୁର ସର୍କିଟ ହାଉସ୍‌ଠାରୁ ଉପଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖରେ ହଜାର ମହିଳା ଓ ପୁରୁଷ ଏବଂ ଯୁବ ବର୍ଗର ବିଜେଡି କର୍ମୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ବହୁ ଯୁବ, ଛାତ୍ର, ମହିଳାଙ୍କ ସହ ସହ ଦଳର କର୍ମୀ, କର୍ମକର୍ତ୍ତା, ବିଧାୟକ ଓ ସାଂସଦ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନାମାଙ୍କନ ସମୟରେ ଆଇନଜୀବୀ ବି. ଶ୍ରୀନିବାସ ସହଯୋଗ କରିଥିଲେ।

୧୯୯୭ ଆସିକା ଉପନିର୍ବାଚନ, ୧୯୯୮ ଓ ୧୯୯୯ରେ ଦୁଇ ଦୁଇଥର ଲୋକସଭା ନିର୍ବାଚନରେ ନିର୍ବାଚିତ ହେବା ପରେ ପରେ ୨୦୦୦ମସିହାରୁ ଲଗାତାର ହିଞ୍ଜିଳି ଆସନରୁ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ଓଡିଶା ରାଜନୀତିରେ ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ପାଲଟିଛନ୍ତି ।୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ କ୍ରମାଗତ ଭାବରେ ୫ ଥର ହିଞ୍ଜିଳିରୁ ନିର୍ବାଚିତ ହୋଇଛନ୍ତି ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି। ଚଳିତ ଥର ସେ ଷଷ୍ଠଥର ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୨୪ ବର୍ଷର ଶାସନରେ ଓଡ଼ିଶାକୁ ଆତ୍ମନିର୍ଭର, ଶିଳ୍ପ ସମୃଦ୍ଧ, ଆର୍ଥିକ ସ୍ୱଚ୍ଛଳ ରାଜ୍ୟ ଭାବେ ଗଢି ତୋଳିଛନ୍ତି। ପ୍ରତି ନିର୍ବାଚନରେ ତାଙ୍କର ଭୋଟ ହାର ଓ ବିଜୟ ବ୍ୟବଧାନ ଉଲ୍ଲେଖନୀୟ ରହିଛି। ୨୦୦୯ ରେ ନବୀନ ୬୧ ହଜାର ୨୭୩ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀଙ୍କୁ ୭୬ ହଜାର ୫୮୬ ଭୋଟରେ ପରାଜିତ କରି ଚତୁର୍ଥ ଥର ବିଧାୟକ ହୋଇଥିଲେ ନବୀନ। ୨୦୧୯ରେ ବିଜେପି ପ୍ରାର୍ଥୀଙ୍କୁ ୬୦ହଜାର ୧୬୦ଭୋଟରେ ପରାଜିତ କରିଥିଲେ ଓ ଏବେ ଷଷ୍ଠଥର ପାଇଁ ହିଞ୍ଜିଳି ଆସନରୁ ମୁଖ୍ୟମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।ଆସନ୍ତା ମେ ୨୦ ତାରିଖରେ ଏହି ଆସନ ନିମନ୍ତେ ମତଦାନ ହେବ ।ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଦକ୍ଷିଣାଞ୍ଚଳ ଆଇଜି ଜୟନାରାଣ ପଙ୍କଜ ଓ ଗଞ୍ଜାମ ଏସ୍.ପି. ଜଗମୋହନ ମୀନା ଏହାର ତଦାରଖ କରିଥିଲେ।

## 'ବେଲ୍'ରେ ଥିବା...

ବଡ କଥା କହିଥାନ୍ତି, କିନ୍ତୁ କାମ ବେଳକୁ ତାଙ୍କର ଦେଖା ନ ଥାଏ। ଏପରିକି ଆପଣଙ୍କ ଆବଶ୍ୟକତା ସମୟରେ ସେମାନଙ୍କୁ ଖୋଜିଲେ ବି ସେମାନଙ୍କର ଦେଖା ମିଳିବ ନାହିଁ। ଚିକିଟି ବରିଷ୍ଠ ନେତ୍ରୀ ଉଷା ଦେବୀଙ୍କ ସହିତ ମୋର ଗଭୀର ସଂପର୍କ ରହିଛି। ୧୫-୧୬ ବର୍ଷ ହେଲାଣି ମୁଁ ତାଙ୍କୁ ଜାଣିଛି। ସେ ମୋତେ ପୁଅ ବୋଲି ସମ୍ବୋଧନ କରନ୍ତି। ତାଙ୍କ ପ୍ରତି ମୋର ବହୁତ ସମ୍ମାନ ରହିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଆମେ ସମସ୍ତେ ମିଶି ଭଲ କାମ କରିବା, ଓଡିଶାକୁ ଆଗେଇ ନେବା। ମୁଖ୍ୟମନ୍ତ୍ରୀ ସବୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଭଲ ପାଆନ୍ତି, ଆପଣଙ୍କ ବ୍ୟକ୍ତିଗତ ଧାର୍ମିକ ବିଶ୍ୱାସକୁ ସମ୍ମାନ ଦିଅନ୍ତି। ତେଣୁ ମଠ,ମନ୍ଦିର, ଚର୍ଚ୍ଚ, ମସଜିଦ୍, ଗୁରୁଦ୍ୱାର ଆଦି ସମସ୍ତ ଆରାଧନାସ୍ଥଳୀର ଉନ୍ନତି କରିବାକୁ ସେ କାମ କରିଛନ୍ତି। ମା' ମାନଙ୍କୁ ମୁଖ୍ୟମନ୍ତ୍ରୀ ସବୁବେଳେ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି। ସେମାନଙ୍କ ପାଇଁ ମିଶନ ଶକ୍ତି କାର୍ଯ୍ୟକ୍ରମ, ମମତା, ବିନା ସୁଧରେ ଋଣ, ମା ମାନଙ୍କୁ ଦୁବାଇ ଗସ୍ତରେ ପଠାଇବା ଆଦି ଅନେକ କାମ କରିଛନ୍ତି। ସମାଜରେ ମା ମାନଙ୍କୁ ନୂଆ ପରିଚୟ ଦେଇଛନ୍ତି। ଘରର ମୁଖିଆ ଭାବରେ ମୁଖ୍ୟମନ୍ତ୍ରୀ ଗରିବଙ୍କୁ ସାହସ ଦେଇଛନ୍ତି। ଗରିବ ଲୋକଙ୍କ ଚିକିତ୍ସା ଚିନ୍ତା ଦୂର କରିଛନ୍ତି। ସେମାନେ ଆଜି ବଡ ବଡ ବେସରକାରୀ ହସ୍ପିଟାଲରେ ବିନା ଚିନ୍ତାରେ ଚିକିତ୍ସା ପାଉଛନ୍ତି। ପିଲାଙ୍କ ଭବିଷ୍ୟତ ପାଇଁ ସେ ହାଇସ୍କୁଲ ରୂପାନ୍ତର କରିଛନ୍ତି। ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତର ହୋଇଛି। ଜନଜାତି ପିଲାଙ୍କ ପାଇଁ ହଷ୍ଟେଲ, ଅନ୍ୱେଷା ଭଳି କାର୍ଯ୍ୟକ୍ରମ କରିଛନ୍ତି। ଆମ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏକମାତ୍ର ନେତା ଯିଏ ଆମକୁ ଲୋକଙ୍କ ପାଇଁ କଣ କାମ କରିଛ, ତାର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ଆଜି ମୁଁ ଆପଣଙ୍କ ଅଞ୍ଚଳରେ ବିକାଶ କାମର ପୁରା ହିସାବ ଦେବି।

ଶ୍ରୀ ପାଣ୍ଡିଆନ୍ କହିଥିଲେ, ଆପଣମାନଙ୍କ ଅନୁରୋଧ କ୍ରମେ ମୋହନାରେ ୧୮୦ କୋଟି ଟଙ୍କାର କାମ ଚାଲିଛି। ରାମାୟାପାଟଣା ଠାରେ ତଟ ସୁରକ୍ଷା ପାଇଁ ୨୩ କୋଟି ଟଙ୍କା, ପାତ୍ରପୁର ଓ ଚିକିଟି ବ୍ଲକ୍‌କୁ ଭାଘଲଟି ଡ୍ୟାମ୍‌ରୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ପାଇଁ ୪୦୦ କୋଟି ଟଙ୍କାର କାମ ଚାଲିଛି। ବିଏସ୍‌କେୱାଇରେ ଚିକିଟି ଅଞ୍ଚଳର ୬୧ ହଜାର ହିତାଧିକାରୀ ସାମିଲ ହୋଇଛନ୍ତି ଏବଂ ଚିକିଟିର କେ ଚିନାମା ଏବଂ ପାତ୍ରପୁର ଅଞ୍ଚଳର ତପସ୍ୱିନୀ ପଣ୍ଡା ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ଲେଖାଏ ପାଇ ଚିକିତ୍ସିତ ହୋଇଛନ୍ତି ବୋଲି ସେ କହିଥିଲେ। ଚିକିଟି ସମାବେଶରେ ଯୋଗଦେବା ପୂର୍ବରୁ ଶ୍ରୀ ପାଣ୍ଡିଆନ ମୋହନା ନିର୍ବାଚନମଣ୍ଡଳୀର ଚନ୍ଦ୍ରଗିରିରେ ଏକ ସମାବେଶରେ ଯୋଗ ଦେଇଥିଲେ। ଏଠାରେ ସେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର ସହ ବିଜେଡିକୁ ବିପୁଳ ବ୍ୟବଧାନରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ବିଜେପି ଓ କଂଗ୍ରେସ ନେତା ବିଜେଡ଼ିରେ ଯୋଗ ଦେଇଥିଲେ।

## ଡବଲ ଇଞ୍ଜିନ୍ ୩୦୦...

ଓ ପେଟ କଥା ବୁଝିଛନ୍ତି ।୫୦୦ ଟଙ୍କା ଭତ୍ତାକୁ ୧୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି ।ତେଣୁ ଆପଣମାନେ ରାଜ୍ୟର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ ।ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।

## ଶ୍ରମିକଙ୍କ 'ସଖା'...

ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କା ଏବଂ ଅତି କୁଶଳୀଙ୍କ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନ୍ୟ ବିଜେପି ଶାସିତ ରାଜ୍ୟଠାରୁ ଓଡ଼ିଶାରେ ସର୍ବନିମ୍ନ ମଜୁରୀ ତୁଳନାତ୍ମକ ଭାବରେ ଅଧିକ ରହିଛି । ଉତ୍ତରପ୍ରଦେଶରେ ସର୍ବନିମ୍ନ ମଜୁରୀ ୩୯୫.୧୯ ଟଙ୍କା ଥିବାବେଳେ ମଧ୍ୟପ୍ରଦେଶରେ ୩୭୭.୮୮ ଟଙ୍କା, ଗୁଜରାଟରେ ୩୬୩ ଟଙ୍କା, ବିହାରରେ ୩୮୮ ଟଙ୍କା, ରାଜସ୍ଥାନରେ ୨୮୫ ଟଙ୍କା ପ୍ରଦାନ କରାଯାଉଛି ।ମାତ୍ର ଓଡ଼ିଶାରେ ସର୍ବନିମ୍ନ ମଜୁରୀ ଏବେ ୪୫୦ ଟଙ୍କା ରହିଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ବେଶ୍ ଉପକୃତ ହୋଇପାରିଛନ୍ତି। ରାଜ୍ୟ ସରକାର ନିର୍ମାଣ କ୍ଷେତ୍ରରେ ନିୟୋଜିତ ଥିବା ଶ୍ରମିକଙ୍କ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି 'ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ଗଠନ କରାଯାଇଛି। ଏହି ବୋର୍ଡ ଅଧିନରେ ପଞ୍ଜିକୃତ ଶ୍ରମିକମାନଙ୍କର ପେନସନ୍ ମଧ୍ୟ ନିକଟରେ ବୃଦ୍ଧି କରାଯାଇଛି। ନୂଆ ନିଷ୍ପତ୍ତି ଅନୁଯାୟୀ ୬୦ ବର୍ଷ ଅତିକ୍ରମ କରିଥିବା ନିର୍ମାଣ ଶ୍ରମିକମାନେ ଏଣିକି ୫୦୦ ଟଙ୍କା ପରିବର୍ତ୍ତେ ୧୦୦୦ ଟଙ୍କା ମାସିକ ପେନ୍‌ସନ ପାଉଛନ୍ତି। ସେହିପରି ୮୦ ବର୍ଷ ବୟସରୁ ଉଦ୍ଧ୍ୱର୍ ନିର୍ମାଣ ଶ୍ରମିକ ମାନେ ୭୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କା ପାଉଛନ୍ତି। ସେହିପରି ନିର୍ମାଣ ଶ୍ରମିକ ଭାବେ ପଞ୍ଜିକୃତ ହିତାଧିକାରୀଙ୍କ ମାତୃତ୍ୱ ଲାଭ ସମୟରେ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଉଛି। ସେହିପରି ୧୮ ବର୍ଷରୁ ଉଦ୍ଧ୍ୱର୍ ପଞ୍ଜିକୃତ ମହିଳା ସଦସ୍ୟ କିମ୍ବା ସଦସ୍ୟ/ ସଦସ୍ୟାଙ୍କ ୧୮ ବର୍ଷରୁ ଉଦ୍ଧ୍ୱର୍ କନ୍ୟାଙ୍କ ବିବାହ କ୍ଷେତ୍ରରେ ରାଜ୍ୟ ସରକାର ୫୦ ହଜାର ଟଙ୍କା ଯାଏଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସେହିପରି ପଞ୍ଜିକୃତ ହିତାଧିକାରୀଙ୍କ ମୃତ୍ୟୁ ପରେ ହିତାଧିକାରୀଙ୍କ ନିକଟ ସମ୍ପର୍କୀୟଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫୦୦୦ ଟଙ୍କା ଏବଂ ହିତାଧିକାରୀଙ୍କ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ସହାୟତା ପ୍ରଦାନ କରାଯାଉଛି। ଏହାବ୍ୟତୀତ ନିର୍ମାଣ ଶ୍ରମିକଙ୍କ ପିଲିମାନଙ୍କ ପାଠପଢ଼ା କ୍ଷେତ୍ରରେ ରାଜ୍ୟ ସରକାର ସହାୟତା ପ୍ରଦାନ କରି ଆସୁଛନ୍ତି।

ସେହିପରି ରାଜ୍ୟର ପଶ୍ଚିମ ଓଡ଼ିଶାରେ କେନ୍ଦୁପତ୍ର ଉପରେ ନିର୍ଭରଶୀଳ ତୋଳାଳିଙ୍କ ପାଇଁ ମଧ୍ୟ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରି ଆସିଛନ୍ତି। ତୋଳାଳି ଓ ଶ୍ରମିକଙ୍କୁ ୫୦ ପ୍ରତିଶତ ବୋନସ୍ ସହ ୧୦ ପ୍ରତିଶତ ଇନସେନଟିଭର ବ୍ୟବସ୍ଥା କରାଯାଇଛି ।କେନ୍ଦୁପତ୍ର ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ପ୍ରାୟ ୨୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହା ସହିତ ସେମାନଙ୍କୁ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଏହି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ କନ୍ୟା ବିବାହ କ୍ଷେତ୍ରରେ ଆର୍ଥିକ ସହାୟତା ସହ ସେମାନଙ୍କ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି। ଏହାବ୍ୟତୀତ କାଳିଆ ଯୋଜନାରେ ଭୂମିହୀନ କୃଷକଙ୍କ ପାଇଁ ଏକାଧିକ ଲାଭଦାୟକ ପଦକ୍ଷେପ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଛନ୍ତି। ଚାଷୀ ପରିବାରର ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତିଠାରୁ ଆରମ୍ଭ କରି ସେମାନଙ୍କ ସମ୍ମାନ ଏବଂ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି। ଶ୍ରମିକମାନଙ୍କ ପାଇଁ ଏକାଧିକ ଜନମଙ୍ଗଳକାରୀ ଯୋଜନା ପ୍ରଣୟନ କରିବାରେ ଓଡ଼ିଶା ଅନ୍ୟରାଜ୍ୟ ଠାରୁ ବେଶ୍ ଆଗୁଆ ଥିବାବେଳେ ଓଡ଼ିଶାର ପଦକ୍ଷେପ ସେମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି।

## ଦିନେଶ ତ୍ରିପାଠୀ...

ପରେ ଦିନେଶ ୧୯୮୫ ମସିହାରେ ନୌସେନାର ଏକଜିକ୍ୟୁଟିଭ୍ ବ୍ରାଞ୍ଚରେ ଜଣେ କମ୍ୟୁନିକେଶନ ଏବଂ ଇଲେକଟ୍ରୋନିକ୍ ଯୁଦ୍ଧ ବିଶାରଦ ଭାବେ ଯୋଗ ଦେଇଥିଲେ । ଏହାପରେ ସେ ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଥିଲା ବେଳେ ତାଙ୍କର ୪୦ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ସେ ବହୁ ସାମୁଦ୍ରିକ ମିଶନର ମଧ୍ୟ ନେତୃତ୍ୱ ନେଇଛନ୍ତି। ନୌସେନା ଉପମୁଖ୍ୟ ଭାବେ ଯୋଗ ଦେବା ପୂର୍ବରୁ ସେ ପଶ୍ଚିମ-ନାଭାଲ କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ ମୁମ୍ବାଇ ନୌସେନା ବେସରେ କାର୍ଯ୍ୟରତ ଥିଲେ। ଇଲେକଟ୍ରୋନିକ୍ ଯୁଦ୍ଧ ବିଶେଷଜ୍ଞ ସହ ସିଗନାଲ କମ୍ୟୁନିକେସନ୍ କ୍ଷେତ୍ରରେ ତାଙ୍କର ଦୃଢ ଅଭିଜ୍ଞତା ରହିଥିଲା ବେଳେ ସେ ଗାଇଡେଡ୍ ମିସାଇଲ୍ ବିନାଶକାରୀ ଆଇଏନଏସ ମୁମ୍ବାଇର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରି ଦକ୍ଷତା ହାସଲ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଆତ୍ମ ନିର୍ଭର ଭାରତ କାର୍ଯ୍ୟକ୍ରମକୁ ଭାରତୀୟ ନୌସେନା ମାଧ୍ୟମରେ ତ୍ୱରାନ୍ୱିତ କରିବା ଏବଂ ବିକଶିତ ଭାରତ ସଂକଳ୍ପ ପୂରଣ ଦିଗରେ ମଧ୍ୟ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ଆଡ୍‌ମିରାଲ ଦିନେଶ କହିଛନ୍ତି।

## ରୋହିତ୍‌ଙ୍କୁ ନେତୃତ୍ୱ...

ଦୁର୍ଘଟଣାରେ ଗୁରୁତର ଆହତ ହୋଇ କ୍ରିକେଟ୍‌ରୁ ଦୂରେଇ ରହିଥିବା ପନ୍ତ ଏଥିସହ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ଆଇପିଏଲ୍‌ରେ ସେ ୧୧ ମ୍ୟାଚରୁ ୩୯୮ ରନ କରି ଟି-୨୦ ବିଶ୍ୱକପ୍ ଲାଗି ଦାବିଦାର ଥିଲେ। ପନ୍ତଙ୍କ ସହ ଦଳରେ ଦ୍ୱିତୀୟ ୱିକେଟ୍‌ରକ୍ଷକ ଭାବେ ସଞ୍ଜୁ ସାମସନଙ୍କୁ ସ୍ଥାନ ମିଳିଛି। ତେବେ ୱିକେଟ୍‌କିପର ଭାବେ ଅନ୍ୟତମ ଦାବିଦାର ଥିବା ଲୋକେଶ ରାହୁଲଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିନାହିଁ। ରାହୁଲଙ୍କ ସମେତ ଯୁବ ଫିନିଶର ଭାବେ ଚର୍ଚ୍ଚାରେ ଥିବା ରିଙ୍କୁ ସିଂଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଅବଶ୍ୟ ରିଙ୍କୁ ରିଜର୍ଭ ଖେଳାଳି ତାଲିକାରେ ରହିଛନ୍ତି।

ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ନେତୃତ୍ୱ ସମ୍ଭାଳୁଥିବା ରାହୁଲ ଚଳିତ ଆଇପିଏଲ୍‌ରେ ୯ ମ୍ୟାଚରୁ ୪୨ ହାରରେ ୩ଟି ଅର୍ଦ୍ଧଶତକ ସହ ୩୭୮ ରନ ସଂଗ୍ରହ କରିଛନ୍ତି। ଏହାସତ୍ତ୍ୱେ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନକର୍ତ୍ତା କମିଟି ତାଙ୍କୁ ଅଣଦେଖା କରିଛନ୍ତି। ସେହିଭଳି ଆଇପିଏଲ୍‌ରେ ଚମତ୍କାର ଫର୍ମରେ ଥିବା ଶିଭମ ଦୁବେଙ୍କୁ ପୁରସ୍କାର ସ୍ୱରୂପ ବିଶ୍ୱକପ୍ ଟିକଟ୍ ମିଳିଛି। ଜୁନ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ସେହିଭଳି ଜୁନ ୯ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ହାଇଭୋଲଟେଜ ଲଢ଼େଇରେ ରୋହିତ ସେନା ଅବତୀର୍ଣ୍ଣ ହେବ।

## ବିଜେପିରେ ଇସ୍ତଫା...

ଏକାମ୍ର ବିଜେପିର ବରିଷ୍ଠ ନେତା ଅମୀୟ ଦାଶ ମଧ୍ୟ ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ବିଜେପି ରାଜ୍ୟ ଉପସଭାପତି ପଦ ସହ ବହୁ ବର୍ଷ ଧରି ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ତଥା ଏବେ ପୁରୀ ଜିଲ୍ଲା ବିଜେପି ପ୍ରଭାରୀ ଦାୟିତ୍ୱ ତୁଲାଉଥିଲେ। ତାଙ୍କୁ ଦଳ ଏକାମ୍ର ନିର୍ବାଚନମଣ୍ଡଳୀରେ ବାରମ୍ବାର ଅଣଦେଖା କରିବାରୁ ସେ ଦଳ ଛାଡ଼ିଛନ୍ତି।

ଅନ୍ୟପକ୍ଷରେ ବରଗଡ଼ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ଅନୁରାଧା ଅଗ୍ରୱାଲ ମଧ୍ୟ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଦଳରେ ଇସ୍ତଫା ଝଡ଼ ସହ ଅସନ୍ତୋଷ ମଧ୍ୟ ଲାଗି ରହିଛି। ବାଲିକୁଦା-ଏରସମା ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ହୋଇଥିବା ସତ୍ୟ ସାରଥି ମହାନ୍ତିଙ୍କ ବିରୋଧରେ କ୍ରମାଗତ ଭାବେ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। ନିର୍ବାଚନମଣ୍ଡଳୀରେ ତାଙ୍କର ଗ୍ରହଣୀୟତା ନାହିଁ ଓ ତାଙ୍କ ନାମରେ ହରିୟାଣାର ଗୁରୁଗାଓଁରେ ଅପରାଧିକ ମାମଲା ଥିବା ଦଳୀୟ କର୍ମୀମାନେ ଅଭିଯୋଗ କରିଛନ୍ତି। ଏପରି ଜଣେ ଅଜଣା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରି ବିଜେପି ନେତୃତ୍ୱ ଆମକୁ ନିରାଶ କରିଛନ୍ତି। ତେଣୁ ତୁରନ୍ତ ସତ୍ୟ ସାରଥୀଙ୍କ ଟିକଟ ପରିବର୍ତ୍ତନ କରିବାକୁ ନିର୍ବାଚନମଣ୍ଡଳୀର ଅନେକ ନେତା ରାଜ୍ୟ କାର୍ଯ୍ୟାଳୟରେ ହାଜିରା ପକାଇଛନ୍ତି। ସେହିପରି ସୋର ନିର୍ବାଚନମଣ୍ଡଳିରେ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର ଦାସଙ୍କୁ ସ୍ଥାନୀୟ ବିଜେପି କର୍ମୀ ଲଗାତର ଭାବେ ବିରୋଧ କରିଆସୁଛନ୍ତି। ରାଜେନ୍ଦ୍ର ସୋର ପାଇଁ ସମ୍ପୂର୍ଣ୍ଣ ଅଜଣା ଅଟନ୍ତି, ତେଣୁ ସୋର ମାଟିରୁ ବିଜେପି ବିଧାନସଭା ଟିକଟ ପ୍ରଦାନ କରୁ ବୋଲି ଅସନ୍ତୁଷ୍ଟ କର୍ମୀଙ୍କ ମହଲରେ ଦାବି ହେଉଛି। ସେହିପରି ଧର୍ମଶାଳାରେ ଟିକଟ ଅସନ୍ତୋଷ ଜାରି ରହିଥିବା ବେଳେ ଆଶାୟୀ ହିମାଂଶୁ ସାହୁ ଏବେବି ଟିକଟ ଆଶାରେ ରହିଛନ୍ତି। ଏଠାରୁ ଟିକଟ ନ ମିଳିଲେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ତାଙ୍କ ସମର୍ଥକ ମହଲରେ ମତପ୍ରକାଶ ପାଇଛି। ବ୍ରଜରାଜନଗରରୁ ସୁରେଶ ପୂଜାରୀଙ୍କୁ ଟିକଟ ମିଳିବା ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା। ସୁରେଶ ଦଳୀୟ କର୍ମୀଙ୍କୁ ଅଣଦେଖା କରୁଛନ୍ତି ବୋଲି ସେ ଅଭିଯୋଗ କରିଥିବା ଖୁବଶୀଘ୍ର ଦଳ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି। ସେହିପରି ହିନ୍ଦୋଳରୁ ସୀମାରାଣୀ ନାୟକଙ୍କୁ ଟିକଟ ମିଳିବା ପରେ ସମାନ ରାସ୍ତା ଆପଣେଇଛନ୍ତି ଅଞ୍ଜଳି ବେହେରା। ସେ ମଧ୍ୟ ଖୁବଶୀଘ୍ର ବିଜେପି ଛାଡ଼ିପାରନ୍ତି ବୋଲି ତାଙ୍କ ସମର୍ଥକ କହି ବୁଲୁଛନ୍ତି। ବେଳେ ଅପରପକ୍ଷେ ବର୍ତ୍ତମାନ ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିବା ବେଳେ ଅନେକ ସ୍ଥାନରେ ବିଜେପିର ଅସନ୍ତୁଷ୍ଟ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦଳୀୟ ଅସନ୍ତୋଷ ଭିତରେ ବିଜେପି କ୍ରମଶଃ ଛନ୍ଦି ହୋଇପଡୁଥିବା ବେଳେ ଏହାର ସମାଧାନ କେମିତି ହେବ ସେନେଇ ବିଜେପି ରାଜ୍ୟ ନେତୃତ୍ୱ ଅସମଞ୍ଜସ୍ୟ ସ୍ଥିତିରେ ଥିବା ଜଣାପଡ଼ିଛି।

## ଲୋକକଥା



ଅଭିନୟ କରି ପେଟ ପୋଷୁଥିଲେ
ଶଙ୍ଖ କରିଦେଲା ନେତା,
ସାଂସଦ ସାଜିଲେ ସଂସଦକୁ ଗଲେ
ଭାବିଲେ ଜଗତଜିତା !
ଏବେ, ଘାରିଲା କ୍ଷମତା ଚିନ୍ତା ,
ଶଙ୍ଖ ଛାଡ଼ି ଫୁଲ ନାଡ଼କୁ କୁଣ୍ଢେଇ
ହୁଅନ୍ତି ଉଲ୍ଲୁକମତା !!

## ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଧନ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କ ଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ। ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ। ସମୟର ସଦୁପଯୋଗ କରନ୍ତୁ। ମାତାପିତାଙ୍କ କଥାକୁ ପାଳନ କରନ୍ତୁ।

**ସିଂହ:** ଅକସ୍ମାତ୍ ଧନଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ। ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିଯାଇପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅନ୍ୟମାନଙ୍କୁ ସାହାଯ୍ୟ କରି ଉଦାହରଣ ସୃଷ୍ଟି କରିବେ। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

# କଡ଼ା ସୁରକ୍ଷା ସତ୍ତ୍ୱେ ଅସୁରକ୍ଷିତ ବନ୍ଦର ନିଷିଦ୍ଧାଞ୍ଚଳ

**ପାରାଦୀପ, ୩୦।୪(ସମିସ)**

ପାରାଦୀପ ବନ୍ଦରରୁ କୋଇଲା ଚୋରି ନିତିଦିନିଆ ଘଟଣା ହୋଇ ଯାଇଛି।ବର୍ଷ ବର୍ଷ ଧରି ନଷିଦ୍ଧାଞ୍ଚଳରୁ ମୂଲ୍ୟବାନ କୋଇଲା ଓ ସାମଗ୍ରୀ ଚୋରି ହେବା ଓ ଏଥିରେ ବଡ ର୍‌ୟାକେଟ୍ କାମ କରୁଥିବା ସ୍ପଷ୍ଟ ଜଣାପଡୁଛି।ବନ୍ଦର ନିଷିଦ୍ଧାଞ୍ଚଳ ଭିତରେ ପ୍ରତ୍ୟେକ ପ୍ଲଟରେ ସିସିଟିଭି ଲାଗିଛି।ଏହା ସତ୍ତ୍ୱେ କିଭଳି ଚୋରି ହେବା ନେଇ ପ୍ରଶ୍ନ ଉଠିଛି।ଏଣୁ ବନ୍ଦର ମଧ୍ୟରେ ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ପ୍ରତି ଅଙ୍ଗୁଠି ଉଠିଛି।ପ୍ରତି ଚୋରି କୋଇଲା ଟ୍ରକ ଗୁଡିକ ୧ ନମ୍ବର ଗେଟ୍ ଓ ଅଠରବାଙ୍କୀ ଚେକ ଗେଟ୍ ଦେଇ କେମିତି ବାହାରକୁ ଆସୁଛନ୍ତି ତାକୁ ନେଇ ସନ୍ଦେହ ଆହୁରି ଦୃଢୀଭୁତ ହୋଇଛି।ଗତ କାଲି ଏକ ୧୬ ଚକିଆ ଟ୍ରକରେ ଚୋରା କୋଇଲା ଲୋଡ ହୋଇ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ବାହାରି ଅଠରବାଙ୍କୀରେ ବନ୍ଦରର ମେନ ଗେଟ୍‌ରୁ ପାର ହେବା ପରେ ଟର୍ମିନାଲ ଛକ ନିକଟରେ ଯାଉଥିବା ବେଳେ କିଛି ଟ୍ରକ ମାଲିକ ପୁଲିସକୁ ଜଣାଇଥିଲେ।ପୁଲିସ ପହଞ୍ଚି ଉକ୍ତ ଟ୍ରକକୁ ଜବତ କରି ଥାନାକୁ ଆଣିଥିଲା। ତେବେ ସେହିଭଳି ଆଉ ଦୁଇଟି ଟ୍ରକରେ ଚୋରା କୋଇଲା ଲୋଡ ହୋଇ ଗେଟ୍‌ରୁ ବାହାରିଯାଇଥିବା ନେଇ ମଧ୍ୟ ବିଶେଷ ସୂତ୍ରରୁ ଜଣାପଡ଼ିଛି।ତେବେ ପୁଲିସ ଜବତ ଟ୍ରକ ର ଡ୍ରାଇଭରକୁ ନେଇ ଡେମୋ ପ୍ରଦର୍ଶନ କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଆଉ ଦୁଇଜଣଙ୍କୁ ଆଣି ଥାନାରେ ଅଟକ ରଖିବା ଜଣା ପଡ଼ିଛି। ତେବେ ଡ୍ରାଇଭରକୁ ପୁଲିସ ପଚରା ଉଚରା ସମୟରେ କୋଇଲା ଚୋରି ଘଟଣାର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସ ହାତରେ ଲାଗିଛି। ଅନ୍ୟ ପକ୍ଷରେ ସମ୍ପୃକ୍ତ ଟ୍ରକଗୁଡିକ ପ୍ଲଟ୍‌ରୁ ଆସିବା ପରେ ଗେଟ୍ ନିରାପତ୍ତା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପାସ କରି କିଭଳି ବାହାରକୁ ଆସୁଛନ୍ତି।ତେବେ ଏଠାରେ ସମସ୍ତଙ୍କ ମିଳି ଭାଗତରେ ଏଭଳି ଲୁଟ କରାଯାଉଥିବା ସ୍ପଷ୍ଟ ପ୍ରମାଣିତ ହେଉଛି।ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଧରିବାକୁ ପ୍ରୟାସ ଚଳାଇଛି।ବନ୍ଦରାଞ୍ଚଳରେ ଏହା ଗୋଟିଏ ଘଟଣା ନୁହେଁ। ପୂର୍ବରୁ ଟନ ଟନ କୋଇଲା ଚୋରି ହେବା ସହ ଅନେକ ଟ୍ରକ କୁ ପୁଲିସ ଜବତ ମଧ୍ୟ କରିଛି।ତେବେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ କୋଇଲା ଗଛିତ ରଖିବା ପାଇଁ ପ୍ଲଟ ଆବଣ୍ଟନ କରାଯାଇଥାଏ।ଯେଉଁ କମ୍ପାନୀ ପ୍ଲଟ ନେଇଥାନ୍ତି ସେମାନେ ସେହି ନିର୍ଦ୍ଦିଷ୍ଟ ପ୍ଲଟରେ କୋଇଲା ଗଛିତ ରଖିଥାନ୍ତି।ତେବେ କେତେକ ଚତୁର ବ୍ୟବସାୟୀ ଅନ୍ୟ ପ୍ଲଟରୁ ଚୋରି କରିଥାନ୍ତି।ଟ୍ରକ ମାଧ୍ୟମରେ ବନ୍ଦର ନିରାପତ୍ତା ଦାୟିତ୍ୱ ରେ ଥିବା କର୍ମଚାରୀମାନଙ୍କୁ ହାତକରି ଗେଟ୍ ବାହାରକୁ ନେବାରେ ସକ୍ଷମ ହୋଇଥାନ୍ତି।ବର୍ଷ ବର୍ଷ ଧରି ଏମିତି ଚାଲି ଆସୁଛି।ଏନେଇ ଅନେକ ଥର ମଧ୍ୟ ଅଭିଯୋଗ ହୋଇ ଆସୁଛି।ମାତ୍ର ସେଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି।ବନ୍ଦର ନିରାପତ୍ତା ଦାୟିତ୍ୱରେ ଥିବା ସିଆଇଏସଏଫ କିଭଳି ଚୋରି ରୋକି ପାରୁନି ସେ ନେଇ ପ୍ରଶ୍ନ ଉଠିଛି।ଅନ୍ୟ ପକ୍ଷରେ ପ୍ଲଟ ଜଗୁଥିବା କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।ଏଣୁ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ଚୋରି ହେବା ଓ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନ ନେବା ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରମାଣିତ କରୁଛି।

> ବାରମ୍ବାର ଚୋରି ହେଉଛି
> ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ
> ସନ୍ଦେହରେ ସିଆଇଏସ୍ଏଫ୍‌ର ଭୂମିକା

## ଭୂତୁମୁଣ୍ଡାଇ ବିଜେଡିର କର୍ମୀ ସମ୍ମିଳନୀ

**କୁଜଙ୍ଗ, ୩୦।୪(ସମିସ):** କୁଜଙ୍ଗ ବ୍ଲକ ଭୂତୁମୁଣ୍ଡାଇ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଯାଇଛି। ପୂର୍ବତନ ସରପଞ୍ଚ ଈଂ ସଞ୍ଜୟ କୁମାର ସ୍ୱାଇଁଙ୍କ ସଂଯୋଜନା ଓ ଧୀରେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଏହି ସମାବେଶରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଦଳୀୟ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କ ପାଇଁ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସଭାପତି ନରେନ୍ଦ୍ର ପରିଡ଼ା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲ୍ଲା ମହିଳା ବିଜେଡି ସଭା ନେତ୍ରୀ ସବିତା ମହାପାତ୍ର, ଅଧ୍ୟକ୍ଷା ନୀନା ରାଣୀ ସାହୁ, ପୁଷ୍ପ ଲତା ବେହେରା, ବାଳକୃଷ୍ଣ ଜେନା, ସୁଧିରଞ୍ଜନ ମହାପାତ୍ର, ପ୍ରକାଶ କୁମାର୍ ସ୍ୱାଇଁ, କେଦାର ମାଝୀ, ପ୍ରଦୀପ୍ତ ରାୟ, ଉମେଶ ଚନ୍ଦ୍ର ବଳିୟାର ସିଂହ, ସାରଦା ପ୍ରସନ୍ନ ଦାସ, ସୁରେଶ ଚନ୍ଦ୍ର ଖଟେଇ, ରମେଶ ବାରିକ୍, ବସନ୍ତ ସ୍ୱାଇଁ, ଗୌରହରି ବେହେରା, ମନୋଜ ମହାନ୍ତି, ମନୋଜ କୁମାର ସ୍ୱାଇଁ, ସୂର୍ଯ୍ୟକାନ୍ତ ଚୌଧୁରୀ ଅରବିନ୍ଦ ସ୍ୱାଇଁ ବିଶୁ ତରାଇ, ଶିବ ପ୍ରାସାଦ ସ୍ୱାଇଁ, ପଙ୍କଜ ସାହୁ, ହିମାଂଶୁ ଦାସ, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ବହୁ ବରିଷ୍ଠ ମୁରବୀ ମାନେ ଯୋଗ ଦେଇଥିଲେ।

■ ବିଶ୍ୱାଳିରେ ବିଜେଡିର ମହିଳା ସମାବେଶ ଓ ମିଶ୍ରଣ ପର୍ବ

## ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ ବହୁ ମହିଳା ବିଜେପି ଛାଡ଼ିଲେ

**ପାରାଦୀପ, ୩୦।୪(ସମିସ):** ପାରାଦୀପ ନିର୍ବାଚନମଣ୍ଡଳୀ କୁଜଙ୍ଗ ବ୍ଲକ ବିଶ୍ୱାଳି ପଞ୍ଚାୟତ ରେ ବିଜେଡିର ପଞ୍ଚାୟତସ୍ତରୀୟ ମହିଳା ସମାବେଶ ଓ ମିଶ୍ରଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ହଜାରରୁ ଅଧିକ ମହିଳା ଏହି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ କରିଛନ୍ତି। ବିଶ୍ୱାଳୀ ପଞ୍ଚାୟତ ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ ଓ କୁଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ବିଜେଡି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ଯୋଗ ଦେଇଥିଲେ। ଏହି ସମାବେଶ ରେ ବିଶ୍ୱାଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁପ୍ରଭା ସାହୁ ନିଜ ସମର୍ଥକଙ୍କ ସହିତ ବିଜେପି ଦଳ ପରିତ୍ୟାଗ କରି ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ।ଏହି ମିଶ୍ରଣ କାର୍ଯ୍ୟକ୍ରମରେ ସମିତି ସଭ୍ୟା ସତ୍ୟଭାମା ସାମଲ, ସୁଜଳ ସ୍ୱାଇଁ, ସମାଜସେବୀ ରାଜକିଶୋର ପତି, ନାରୀ ନେତ୍ରୀ ସବିତା ମହାପାତ୍ରଙ୍କ ସମେତ ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

## ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ୩୦।୪(ସମିସ):** ତିର୍ତ୍ତୋଲସ୍ଥିତ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ ଓ ବ୍ୟାଙ୍କର ହିସାବ ନୀରିକ୍ଷକ ବିମଳ ଚନ୍ଦ୍ର ପଣ୍ଡାଙ୍କୁ ବ୍ୟାଙ୍କ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତରଜଙ୍ଗା କୃଷି ସମବାୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ତିର୍ତ୍ତୋଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ, ସମ୍ମାନିତ ଅତିଥି ତିର୍ତ୍ତୋଲ ସମବାୟ ସମିତିର ସଭାପତି ସୁଶାନ୍ତ ଚରଣ ସାହୁ, ବ୍ୟାଙ୍କର ସହ ଶାଖା ପରିଚାଳିକା ପ୍ରିୟଦର୍ଶିନୀ ପାଢ଼ୀ ପ୍ରମୁଖ ଯୋଗଦେଇ ଶାଖା ପରିଚାଳକ ଶ୍ରୀ ସ୍ୱାଇଁଙ୍କ ଚାକିରୀ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କର ଅବସରକାଳୀନ ଜୀବନ ନିରୋଗ ଓ ସୁଖପ୍ରଦ ହେଉ ବୋଲି କାମନା କରିଥିଲେ। ଜିତେନ୍ଦ୍ର ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ରୋଜାଲିନ ମହାପାତ୍ର, ସୁଶାନ୍ତ ମହାପାତ୍ର, ପରମାନନ୍ଦ ଦାସ, ଅଜୟ ରଥ, ବିଜୟାନନ୍ଦ ନାୟକଙ୍କ ସମେତ ବିଭିନ୍ନ ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସ୍ୱାଇଁ ଓ ଶ୍ରୀ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କେଦାର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଯାଦବ ମହାସଭା ତରଫରୁ ସାଙ୍ଗଠନିକ ବୈଠକ



**ବାଲିକୁଦା, ୩୦।୪(ସମିସ):** ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଇଚ୍ଛାପୁର ପଞ୍ଚାୟତ ଶ୍ରୀଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିକଟ କାଉହଣା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି।୧ନମ୍ବର ଜୋନର ଅରିଲୋ, ଗରାମ, ସଂଗ୍ରାମପୁର, ଇଚ୍ଛାପୁର, କୃଷ୍ଣଦାସପୁର, ଅଳାଡ଼ୋଳ, ବାଲିକୁଦା ପଞ୍ଚାୟତର ଯାଦବ ଭାଇ ମାନେ ଯୋଗ ଦେଇଥିଲେ। ବ୍ଲକ ଯାଦବ ମହାସଭାର ସଭାପତି ବାବାଜୀ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଉପସଭାପତି ଶରତ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବାହାଲିଆ, ଆର୍ତ୍ତ ବନ୍ଧୁ ଦାସ, ଗୌତମ ଦାସ, ଶୁକ ଦାସ, ସୁଶାନ୍ତ କୁମାର ଦାସ, ହେମନ୍ତ କୁମାର ଦାସ, ମିଟୁ ଦାସ, ବିଧାନ ଚନ୍ଦ୍ର ଦାସ, ପୂର୍ଣ୍ଣ ଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ଯାଦବ ସମିତିର କର୍ମକର୍ତ୍ତା ଯୋଗଦେଇ ଯାଦବ ମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତର ଗୋପାଳ ଭାଇମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ଯାଦବ ସଂଗଠନକୁ ସୁଦୃଢ କରିବା ପାଇଁ ବ୍ଲକ ସ୍ତରୀୟ ସମସ୍ତ ପଞ୍ଚାୟତର ଯୁବକମାନଙ୍କୁ ନେଇ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭା ଗଠନ କରାଯିବ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ବାଲିକୁଦା ବ୍ଲକ ସ୍ତରରେ ୩୦ଟି ପଞ୍ଚାୟତରେ ଯାଦବ ମାନଙ୍କର ସଂଗଠନକୁ ସୁଦୃଢ଼ କରିବା ସହିତ ଯାଦବ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ପାଇଁ ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ରଘୁନାଥପୁର, ୩୦।୪(ସମିସ):** ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ବର୍ତ୍ତୀଠାରେ ଆଜି ପ୍ରତ୍ୟୁଷରୁ ଏକ ଅଜଣା ଗାଡି ଧକ୍କାରେ ପାଟେଣୀ ଗାଁ ଗ୍ରାମର ତ୍ରିଲୋଚନ ସେଠୀଙ୍କ ଝିଅ ସୁଭଦ୍ରା ସେଠୀ(୨୭) ଙ୍କର ମୃତ୍ୟୁ ଘଟିଛି। ସୂଚନା ଯୋଗ୍ୟ, ମୃତ ସୁଭଦ୍ରା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ହୋଇଥିବା ବେଳେ ଦୀର୍ଘ ଦିନ ଧରି ସେ ନିଜ ବାପାଙ୍କ ଘରେ ରହୁଥିଲେ। ଆଜି ସକାଳୁ ସେ କଟକ- ପାରାଦ୍ୱୀପ ରାସ୍ତା ପାର୍ଶ୍ୱରେ ଫୁଲ ତୋଳିବାକୁ ଯାଇଥିବା ବେଳେ ଏକ ଅଜଣା ଗାଡି ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କର ବାପା ରଘୁନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ପଠାଇଛନ୍ତି।

## କାର୍ ଡୋର ଭାଙ୍ଗି ବ୍ୟାଟେରି ନେଇଗଲେ ଦୁର୍ବୃତ୍ତ

**ପାରାଦୀପ, ୩୦।୪(ସମିସ):** ପାରାଦୀପ ଆଦର୍ଶ ଥାନା ଅଧିନ ନୂଆବଜାର ମୁକ୍ତେଶ୍ୱର ମନ୍ଦିର ନିକଟରେ ଗତକାଲି ରାତିରେ ସମୀର କୁମାର ବେହେରାଙ୍କ ଥିବା କାର୍‌ର ଡୋର ଭାଙ୍ଗି କେହି ଦୁର୍ବୃତ୍ତ ବ୍ୟାଟେରି ଓ ପଛଡିକି ଭାଙ୍ଗି ସେଠାରେ ଥିବା କିଛି ଡିଜେଲ ଚୋରି କରିନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନା ଥାଉକି କିଛି ନିଶାଖୋର ଯୁବକ ରାତି ତମାମ ସହର ମଧ୍ୟରେ ବୁଲି ଖାଲି କ୍ୱାର୍ଟର୍ସ, ବାହାରେ ପାର୍କି ହୋଇଥିବା କାର୍ ଓ ବାଇକ୍‌ରୁ ଏଭଳି ଚୋରି କରି ନେଉଛନ୍ତି। ଏନେଇ ରାତି ପେଟ୍ରୋଲିଂ କଡାକଡି କରିବାକୁ କଲୋନୀବାସୀ ଦାବି କରିଛନ୍ତି।

## ସମାଜସେବୀଙ୍କ ପରଲୋକ

**ବାଲିକୁଦା, ୩୦।୪(ସମିସ):** ବାଲିକୁଦା ବ୍ଲକ ବାଲିସାହି ଦାମୋଦରପୁର ଗ୍ରାମର ନିର୍ମାଣ ଶ୍ରମିକ ଜଟାଧାରୀ ଦାସ(୮୦) ଙ୍କର ପରଲୋକ ହୋଇଯାଇଛି।ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ।ସେ ଜଗତସିଂହପୁର ଜିଲ୍ଲାର କୋଣ ଅନୁକୋଣରେ ବିଭିନ୍ନ ମନ୍ଦିର ନିର୍ମାଣ କରି ଖ୍ୟାତି ଅର୍ଜନ କରିଥିଲେ।ତାଙ୍କ ମୃତ୍ୟୁ ଖବର ପାଇ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଯୁବ ସମାଜସେବୀ ଶ୍ରୀକାନ୍ତ ଦାସ, ବିଜେଡି ଯୁବ ନେତା ଆଦିତ୍ୟ ନନ୍ଦନ ଦାସ, ୱାର୍ଡ ସଭ୍ୟ ବିନୟ କୁମାର ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକ ମାତ୍ର ପୁଅ ନିମାଇଁ ମୁଖାଗ୍ନି ଦେଇଥିଲେ।

■ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅବସର ଗ୍ରହଣ

## ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜଣାଇଲେ ସହକର୍ମୀ




**ଜଗତସିଂପୁର, ୩୦।୪(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର କ୍ଷେତ୍ରବାସୀ ଦାଶ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତାଙ୍କୁ ଭାବପୂର୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜଗତସିଂହପୁର ନିକଟସ୍ଥ ଚାନ୍ଦୁରା ଦାରୁବ୍ରହ୍ମ ପୀଠରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଡା. ଶତ୍ରୁଘ୍ନ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଇନଚାର୍ଜ ସଭାପତିତ୍ୱ କରିଥିଲେ।

ଏହି ବିଦାୟ ସଭାରେ ଆଇଏମଏର ସମ୍ପାଦକ ଡ଼ା ଅଚ୍ୟୁତଚରଣ ମହାନ୍ତି, ପୂର୍ବତନ ସିଡିଏମ୍‌ଓ ଡା. ରଘୁନାଥ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ ବାରିକ୍, ଡ଼ା ରଶ୍ମୀ ରଞ୍ଜନ ପଟ୍ଟନାୟକ, ଏଡିଏମ୍‌ଓ ମେଡ଼ିକାଲ ଇନ୍‌ଚାର୍ଜ ଡ଼ା. ସରୋଜ କୁମାର ଜେନା, ଅସ୍ଥିଶଲ୍ୟ ବିଭାଗର ଡା. ସତ୍ୟବ୍ରତ ଭୂୟାଁ, ଡିପିଏମ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଚକ୍ରଧର ଜେନା, ଡ୍ୟାମ ନୀଳମାଧବ ରଥ ପ୍ରମୁଖ ଉପସ୍ଥିତ ରହି ଡ଼ା.ଦାଶ ଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରିଟେଣ୍ଡେଣ୍ଟ ଡ଼ା.ଶୁଭଜ୍ୟୋତି ମହାନ୍ତି, ଡ଼ା ଅମୀୟ କୁମାର ସ୍ୱାଇଁ, ଡ଼ା. ସୁକାନ୍ତ କୁମାର ଦଳାଇ, ଡ଼ା. ପ୍ରସନ୍ନ ପଣ୍ଡା, ଡ଼ା ହିମାଂଶୁ ସାହୁ, ଡିଭିଏଲ୍ଏମ ପାର୍ଥ ସାରଥି କରଶର୍ମା, ସହକାରୀ ପରିଚାଳିକା ସ୍ୱସ୍ତି ମହାନ୍ତି, ଅମିତା ପଣ୍ଡା, ଭି ବି ଡି କନସଲ୍ଟାଣ୍ଟ ଅସିତ୍ କୁମାର ଦାସ ମଧ ଡ଼ା ଦାସଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମକର୍ତ୍ତା, ନର୍ସଂ ଅଫିସର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମକର୍ତ୍ତା ଏବଂ ବ୍ଲକରୁ ବିପିଓ, ପିଏଚ୍‌ଇଓ ମାନେ ଉପସ୍ଥିତ ଥିଲେ। ଏହି ଅବସର କାଳୀନ ସଭାକୁ ଅରବିନ୍ଦ କାନୁନଗୋ ଏବଂ ସୁଜିତ୍ ମିଶ୍ର ସଭା ପରିଚାଳନା କରିଥିଲେ।

## ଯାଦବ ସଂଘ ପକ୍ଷରୁ କାଠି ଲଉଡ଼ି ପ୍ରତିଯୋଗିତା

**ବାଲିକୁଦା, ୩୦।୪(ସମିସ):** ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ଭଗବାନ ସିନ୍ଧୋଳ ଗ୍ରାମସ୍ଥିତ ତ୍ରିନାଥ ଯାତ୍ରା ପଡ଼ିଆଠାରେ ତ୍ରିନାଥ ଯାଦବ ସଂଘ ପକ୍ଷରୁ ପାରମ୍ପରିକ କାଠି ଲଉଡ଼ି ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୈଳେନ୍ଦ୍ର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ବାଘୁଆ ବାରି, ବୁଦ୍ଧିସାହି, ଇଚ୍ଛାପୁର ଆଦି ଅଞ୍ଚଳର କାଠି ଲଉଡି ଦଳ ଅଂଶ ଗ୍ରହଣ କରିଥିଲେ। ଲଉଡିଆମାନେ ବିଭିନ୍ନ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଲଉଡି ଖେଳ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ବାଲିକୁଦା ବ୍ଲକ ତିନି ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଅଲେଖ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ପ୍ରଶାନ୍ତ କୁମାର ବାରିକ ନିରଞ୍ଜନ ଦାସ, ବ୍ରହ୍ମାନନ୍ଦ ଦାସ, ବାଲିକୁଦା ବ୍ଲକ ଯାଦବ ମହାସଭ ର ବାବାଜୀ ଚରଣ ଦାସ, କାର୍ତ୍ତିକଚନ୍ଦ୍ର ବେହେରା, ଶରତଚନ୍ଦ୍ର ଦାସ, ପ୍ରଫୁଲ୍ଲ ବାହାଲିଆ, ଯାଦବ ସଂଘର ସଭାପତି ସତ୍ୟ ପ୍ରକାଶ ଦାସ, ସମ୍ପାଦକ ଶୈଳେନ୍ଦ୍ର ଦାସ, ହେମନ୍ତ ଦାସ, ମିଟୁ ଦାସ, ସୌମେନ୍ଦ୍ର ଦାସ, ଶିଶିର ମହାନ୍ତି, ଶରତ ଦାସ, ନରେନ୍ଦ୍ର ଦାସ, ତୃପ୍ତି ରଞ୍ଜନ ଦାସ, ବିପିନ ଦାସ, ଗୋପୀନାଥ ଦାସ, ଜଗା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଲଉଡି ଖେଳର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅତିଥିମାନେ ସମସ୍ତ ଲଉଡିଆଙ୍କୁ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।



## ବିପଦକୁ ଡାକୁଛି ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ଏରସମା, ୩୦।୪(ସମିସ):** ଏରସମା ବ୍ଲକ ପଏଦା ପଞ୍ଚାୟତ ଡିହସାହି ବସଷ୍ଟାଣ୍ଡ ଛକ ନିକଟରେ ବିପଦସଂକୁଳ ଅବସ୍ଥାରେ ରହିଛି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ସେଥିରେ ଗଛଲତା ମାଡ଼ିଗଲାଣି। ଏହା ନିକଟରେ ଦୋକାନ ବଜାର ରହିଥିବାବେଳେ ଗୃହପାଳିତ ପଶୁ ମଧ ଚରାବୁଲା କରିଥାନ୍ତି। ଟ୍ରାନ୍ସଫର୍ମର ଜାତୀୟ ରାଜପଥ ୫୫ ରାସ୍ତା ଦେଇ ଯାଇଛି। ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ନଥିବାରୁ କେତେବେଳେ ଯେ, ଦୁର୍ଘଟଣା ଘଟିବ ତାହା କହି ହେଉନାହିଁ। ଏଠାରେ ଥିବା ଅନାବନା ଗଛଲତା ପରିଷ୍କାର କରିବା ସହ ଚାରିପାଖରେ ବାଡ଼ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଜବରଦଖଲକାରୀଙ୍କ କବ୍‌ଜାରେ ଅଲକା ଆଶ୍ରମ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନ

**ଜଗତସିଂହପୁର, ୩୦।୪(ସମିସ)**






ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ପ୍ରଶାସନ ପକ୍ଷରୁ ଅଳକାଆଶ୍ରମ ସ୍ମାରକୀ ଓ ଗୃହ ନିର୍ମାଣକୁ ନେଇ ଜିଲ୍ଲାରେ ବିବାଦ ସୃଷ୍ଟି ହୋଇଥିବା ସମୟରେ ଜଗତସିଂହପୁର ସହରର ହରିହରପୁର ମୌଜାରେ ଥିବା ଅଳକା ଆଶ୍ରମ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନ ନିଜସ୍ୱ ଜଗା ବିଭିନ୍ନ ଜବରଦଖଲକାରୀଙ୍କ କବ୍ଜାରେ ରହିଥିବା ସୂଚନା ମିଳିଛି। ଏପର୍ଯ୍ୟନ୍ତ ବେଆଇନ ଜବରଦଖଲକାରୀଙ୍କ କବଳରୁ ଏହି ଜାଗାକୁ ଉଦ୍ଧାର କରାଯାଇ ପାରିନଥିବା ସମୟରେ, ସ୍ୱଳ୍ପ ଜାଗାରେ ଗଠିଉଠିଥିବା ଅଳକା ଆଶ୍ରମ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନ ଗୃହକୁ ଜବରଦଖଲକୁ ନେବା ପାଇଁ କିଛି ବ୍ୟକ୍ତି ଉଦ୍ୟମ ଆରମ୍ଭ କରିଥିବା ନେଇ ଅଭିଯୋଗ ହେଉଛି। ଅଳକା ଆଶ୍ରମ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନ କରିଥିବା ଜିଲ୍ଲାର ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ମାନେ ସ୍ୱର୍ଗାରୋହଣ କରିଥିବା ସମୟରେ ପ୍ରଶାସନ ପକ୍ଷରୁ ଏହି ମୂଲ୍ୟବାନ ଜାଗାର ସୁରକ୍ଷା ତଥା ଉଦ୍ଧାର କରାଯିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ଅନୁସାରେ, ଦେଶର ସ୍ୱାଧୀନତା ସଂଗ୍ରାମରେ ଅଳକା ଆଶ୍ରମର ଗୁରୁତ୍ୱପୂର୍ଣ୍ଣ ଭୁମିକା ରହିଥିଲା। ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସାଧନାର ପ୍ରମୁଖ ପୀଠସ୍ଥଳୀ ଅଳକା ଆଶ୍ରମ ରହିଥିଲା। ୧୯୩୨ ମସିହାରେ ଐତିହାସିକ ଅଳକାଆଶ୍ରମର ପବିତ୍ର ଗୃହ ଜଳିଯିବା ପରେ ମାଟିରେ ମିଶିଯାଇଥିଲା। ତେବେ ଏହି ଜାଗାରେ ପୁଣିଥରେ ଏହି ଆଶ୍ରମ ନିର୍ମାଣ ଆରମ୍ଭ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ଜମିର ମାଲିକାନା ସତ୍ତ୍ୱ ବ୍ୟକ୍ତିଗତ ହୋଇଥିବାରୁ ଓ ଏହି ଜମିର ସତ୍ତ୍ୱାଧିକାରୀ ଆଳକା ଆଶ୍ରମ ନିର୍ମାଣ ପାଇଁ ଜମି ଦାନ କରିବାକୁ ନଚାହିଁବାରୁ ଏହା ସମ୍ଭବ ହୋଇନଥିଲା। ଅଳକା ଆଶ୍ରମ ସ୍ମୃତି ଭବନ ନିର୍ମାଣ କରିବାକୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱମ୍ବର ପରିଡ଼ା, ବୃନ୍ଦାବନ ଦାସ, ପ୍ରହ୍ଲାଦ ମହାନ୍ତି, ବୈଦନାଥ ନାୟକ, ପ୍ରିୟନାଥ ଦେ, ଗୌରୀ ଶ୍ୟାମ ନାୟକ, ରବୀନ୍ଦ୍ର ନାଥ ରାୟ ପ୍ରମୁଖ ଉଦ୍ୟମ କରିଥିଲେ। ଅଳକା ଆଶ୍ରମର ସ୍ମୃତିରକ୍ଷା ପାଇଁ ସମସ୍ତ ସଂଗ୍ରାମୀଙ୍କ ଉଦ୍ୟମରେ ସ୍ୱାଧିନତା ସଂଗ୍ରାମୀ ଅଳକା ଆଶ୍ରମ ସ୍ମୃତି ଭବନ ପରିଷଦ ଗଠନ ହୋଇଥିଲା। ଏଥିପାଇଁ ପରିଷଦ ପକ୍ଷରୁ ସରକାରଙ୍କ ନିକଟରେ କରାଯାଇଥିବା ଆବେଦନକୁ ବିଚାରକୁ ନେଇ ଅତିରିକ୍ତ ଜିଲ୍ଲାପାଳ, କଟକଙ୍କ ଆଦେଶନାମା ନମ୍ବର ୨୩୨୭/ ୧୭-୦୫-୮ ୯ରେ ତହସିଲଦାର ଜଗତସିଂହପୁର ହରିହରପୁର ମୌଜାର ଖାତା ନମ୍ବର ୨୦୧, ପ୍ଲଟ ନମ୍ବର ୨୧୭, ରକବା ମୋଟ ୧ ଏକର ୫୦ ଡିସମିଲରୁ ୪୦ ଡିସମିଲ ଜମିକୁ ସ୍ୱାଧୀନତା ସଂଗ୍ରାମ ସ୍ମୃତି ଭବନ ପାଇଁ ସଂରକ୍ଷିତ ରଖିଥିଲେ।

ଧିରେ ଧିରେ ଏହି ଜାଗାକୁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପକ୍ଷରୁ ବେଆଇନ ଜବରଦଖଲ କରାଯାଇଥିବା ନେଇ ୧୯୯୭ରେ ଜଣାପଡ଼ିଥିଲା। ସେତେବେଳେ ପରିଷଦକୁ ମିଳିଥିବା ମୋଟ ୪୦ ଡିସମିଲ ଜାଗାରୁ ମାତ୍ର ୧୦ ଡିସମିଲ ଜାଗା ଜବରଦଖଲ ମୁକ୍ତ ଥିବାରୁ ତତ୍କାଳୀନ ଜିଲା୍ଲପାଳ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ପରାମର୍ଶରେ ଏହି ୧୦ ଡିସମିଲ ଜାଗାରେ ପ୍ରାଚୀର ନିର୍ମାଣ କରାଯିବା ସହିତ ଏହା ମଧ୍ୟରେ ଅଳକା ଆଶ୍ରମ ସ୍ମୃତି ଭବନ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର ପର ବର୍ତ୍ତୀ ସମୟରେ ଉକ୍ତ ଜାଗାକୁ ଉଦ୍ଧାର କରିବାକୁ କୌଣସି ଉଦ୍ୟମ ହୋଇନଥିଲା।

## ଯଶୋବନ୍ତ ସାମଲଙ୍କ "ଅଳ୍ପ ଗଳ୍ପ" ଉନ୍ମୋଚିତ




**କେନ୍ଦ୍ରାପଡ଼ା,୩୦।୪(ସମିସ):** କଥାକାର ଡ. ଯଶୋବନ୍ତ ସାମଲଙ୍କର ଅଷ୍ଟମ ଗଳ୍ପ ସଂକଳନ "ଅଳ୍ପ ଗଳ୍ପ' ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ରେଡ଼କ୍ରସ ଭବନରେ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥିଭାବେ ବିଶିଷ୍ଟ କଥାକାର ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ଡ଼ ଗୌରହରି ଦାସ ଯୋଗଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱତନ୍ତ୍ର ସଚିବ କବି ମଧୁସୂଦନ ଦାସ ସଭାରେ ପୌରାହିତ୍ୟ କରିଥିବାବେଳେ ଡଃ ଅଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପକ ଡ଼ ବିରଞ୍ଚି କୁମାର ସାହୁ ପୁସ୍ତକଟିର ଆଲୋଚନା କରିଥିଲେ ଏବଂ ଗଳ୍ପପାଠ କରିଥିଲେ କବି ଇପ୍ସିତା ଷଡ଼ଙ୍ଗୀ, ଅଧ୍ୟାପକ ହରେକୃଷ୍ଣ ଦାସ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଯେଉଁ ଗପ ପାଠକର ମନକୁ ଚହଲାଇ ଦିଏ, ଆପଣାର କଥା ଭଳି ଲାଗେ ତାହାର ଆୟୁଷ ଦୀର୍ଘସ୍ଥାୟୀ ହୋଇଥାଏ। ଏହା ଅଣୁ ଗଳ୍ପ ହେଉ ବା ଦୀର୍ଘଗପ ବୋଲି ମତବ୍ୟକ୍ତ କରିଥିଲେ।

### ରାଜକନିକା ବ୍ଲକରେ ଅଚଳ ଥଣ୍ଡା ପାନୀୟ ଜଳ ମେସିନ୍

# ତୃଷ୍ଣାରେ ଆଉଟୁପାଉଟୁ ଲୋକେ; ବ୍ଲକ୍ ଷ୍ଟାଫ୍ ବି ହୀନସ୍ତା

**ରାଜକନିକା,୩୦।୪(ସମିସ):** ତହ ତହ ଖରାରେ ମୁଣ୍ଡକାନ ଝାଇଁ ମାରୁଛି।ଦଣ୍ଡିଏ ଠିଆ ହେଲେ ମୁଣ୍ଡରେ ନିଆଁ ହୁଳା ପଡୁଛି।ଏଭଳି ଦୟନୀୟ ସ୍ଥିତିରେ ରାଜକନିକା ବ୍ଲକକୁ ଆସୁଥିବା ଲୋକେ କିନ୍ତୁ ବ୍ଲକ ପରିସରରେ ପାଣି ଟୋପେ ନ ପାଇ ଦରାଣ୍ଡି ହେଉଛନ୍ତି।ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋଦ୍ ରାଜକନିକା ବ୍ଲକ ସରକାରୀ କାର୍ଯ୍ୟାଳୟରେ। ଯାହାକୁ ନେଇ ଚର୍ଚ୍ଚା ବି ହେଉଛି। ଆଉ ବ୍ଲକ ଭଳି ସ୍ଥାନରେ ପାଣି ଟୋପେ ନ ମିଳିବା ପ୍ରଶାସନର ପାରିଲା ପଣିଆକୁ ପଦାରେ ପକାଇଛି।ସୂଚନା ଅନୁସାରେ ଖରାର ପାରଦ ଉପର ମୁହାଁ ଥିବାରୁ ସରକାରୀ ଭାବେ ଏହାର ନିରାକରଣ ପାଇଁ ପଦକ୍ଷେପ ନିଆ ଯାଇଛି।ତା ସହିତ ସଚେତନତା ବି କରାଯାଉଛି। ବିଭିନ୍ନ ସ୍ଥାନରେ ଜଳଛତ୍ର ବି ଖୋଲା ଯାଇଛି।ହେଲେ ରାଜକନିକା ବ୍ଲକ ପରିସରରେ ଥିବା ଥଣ୍ଡା ପାଣି ମେସିନ୍‌ଟି ପାଣି ଯୋଗାଇବାରେ ବିଫଳ ହୋଇଛି। ମେସିନ୍ ଖରାପ ଯୋଗୁଁ ଅକାମୀ ହୋଇ ପଡ଼ିଛି। ସବୁଠାରୁ ଚକିତ କଲା ଭଳି କଥା ହେଉଛି ବ୍ଲକର ୨୯ ପଞ୍ଚାୟତର ଦୂରଦୂରାନ୍ତରୁ ବିଭିନ୍ନ କାମ ପାଇଁ ଆସୁଥିବା ଜନସାଧାରଣ କିନ୍ତୁ ପାଣି ଟୋପେ ନ ପାଇ

- **ବୋତଲ ଧରି ବୁଲୁଛନ୍ତି**
- **ବହୁ ଆଡ଼ମ୍ବରରେ ଲଘୁକ୍ରିୟା**

ହିନସ୍ତା ଭୋଗୁଛନ୍ତି।ତୃଷା ମେଣ୍ଟାଇବା ପାଇଁ ବୋତଲ ଧରି ଶହ ଶହ ସଂଖ୍ୟାରେ ବୟସ୍କ ଲୋକ ,ମହିଳା ଜନସାଧାରଣ ମେସିନ୍ ପାଖକୁ ଆସି ନିରାଶ ହେଉଛନ୍ତି। ଏଥିରେ ବି ମହିଳାମାନେ ବେଶୀ ପ୍ରଭାବିତ ହେଉଛନ୍ତି।ରୋଚକ କଥା ହେଉଛି ବ୍ଲକର ଅଧିକାଂଶ କର୍ମଚାରୀ ବୋତଲ ଧରି ପାଣି ନେବାର ବେଳେ ଅଚଳ ମେସିନ୍ ଦେଖି ନିରାଶ ହୋଇ ଫେରୁଥିବା ଦେଖା ଯାଉଛି।ବ୍ଲକ କର୍ମଚାରୀ ବି ମେସିନ୍ ଖରାପ ନେଇ ଅବଗତ ଥିବା ଭଳି ମନେ ହେଉନି। ଏଥିପାଇଁ ସେମାନେ ବି ପାଣି ନ ପାଇ ଫେରୁଛନ୍ତି।ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କାରେ ବସିଥିବା ଏହି ମେସିନ୍ କିପରି ଖରାପ ହେଲା ,ତାହାର ମରାମତି କଣ ପାଇଁ ହେଉନି ତାହା ଏବେବି ଅସ୍ପଷ୍ଟ ଥିବା ବେଳେ ବ୍ଲକ ପ୍ରଶାସନର ଅପରିଣାମଦର୍ଶିତା ଯୋଗୁଁ ଏଭଳି ହୋଇଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ବ୍ଲକରେ ଅନୁପସ୍ଥିତି ଥିବାରୁ ମତାମତ ମିଳିନାହିଁ। ଅପରପକ୍ଷରେ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଯେ ଜଳ ପରିମଳ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ଯୋଗାଣର ବୈଷୟିକ ତୃଟି ଯୋଗୁଁ ଏଭଳି ସଙ୍କଟ ଦେଖା ଦେଇଛି।ତେବେ ଖୁବ୍ ଶୀଘ୍ର ଏହାର ମରାମତି କରାଯାଇ ବ୍ୟବସ୍ଥିତ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ଅପରପକ୍ଷରେ ବ୍ଲକ ପରିସର ମଧ୍ୟରେ ସୁପ୍ତ ହୋଇ ପଡିଥିବା ମିଶନ ଶକ୍ତି କାଫେ ଭିତରେ କିନ୍ତୁ ପାଣି ଟୋପେ ମିଳୁ ନ ଥିଲା। ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ମେସିନ୍ ସଚଳ କରାଯାଇ ପାଣି ଯୋଗାଇ ଦେବାକୁ ଦାବି ହେଉଛି।



# ବିଜୁ ଜନତା ଦଳର ବନ୍ଧୁମିଳନ






**କେନ୍ଦ୍ରାପଡ଼ା,୩୦।୪(ସମିସ):** ବିଜୁ ଜନତା ଦଳ କେନ୍ଦ୍ରାପଡ଼ା ନଗରର ବନ୍ଧୁମିଳନ କାର୍ଯ୍ୟକ୍ରମ ସହରସ୍ଥ ଦି ଡେଷ୍ଟିନେସନ୍ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ବିଜେଡିର ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଯୋଗ ଦେଇଥିଲେ। ଦଳର ପୂର୍ବତନ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପୁରାତନ ଓ ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମକର୍ତ୍ତା ପରସ୍ପର ମଧ୍ୟରେ ସୁସମ୍ପର୍କ ରଖି ନିର୍ବାଚନ ଲଢିବା ସମ୍ବନ୍ଧରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଥିଲା। ଏହି ବନ୍ଧୁମିଳନ ସଭାରେ ନଗର ସଭାପତି ଯଯାତି କେଶରୀ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ଧିରେନ ସାହୁ ସଭାପତିତ୍ୱ କରିଥିଲେ। ଏହି ସଭାରେ ପୌରଧକ୍ଷା ସରିତା ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ତଥା ଜିଲ୍ଲା ନିର୍ବାଚନ ସଂଯୋଜକ ରାଜେଶ ଦାସ, ଉପନଗରପାଳ ଆକବରୀ ଖାତୁନ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସଭାପତି ମହମ୍ମଦ ସେକ୍ ଇନାୟତ, ନଗର ମହିଳା ବିଜେଡି ସଭାପତି ସ୍ୱର୍ଣ୍ଣପ୍ରଭା କର ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ହିରଣ୍ୟ କୁମାର ପଣ୍ଡା, ନିରାକାର ସ୍ୱାଇଁ, ଶ୍ରୀକାନ୍ତ ପଣ୍ଡା, ଉମେଶ ନାୟକ, ଅଭୟ ବେହେରା, ପ୍ରଦୀପ କୁମାର ଜେନା, ମହମ୍ମଦ ନିୟାଜ, ବିଜୟ ଚନ୍ଦ୍ର ପତି, ସଞ୍ଜୟ କୁମାର ଜେନା, ଜ୍ୟୋତିର୍ମୟୀ ମହାପାତ୍ର, ଅକମଲ ଅଲ୍ଲୀ, ବିଭୂତି ପଣ୍ଡା, ଦୁର୍ଗା ପତି, କ୍ଷୀରୋଦ ମେକାପ, ଅକ୍ଷୟ ମେକାପ, ମହେନ୍ଦ୍ର ମିଶ୍ର, ଉମାକାନ୍ତ ସିଂ, ବିଜୟ ମଣ୍ଡଳ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଭ୍ରାନ୍ତିକର ଖବରକୁ ବିରୋଧ କଲା ବିଜେଡି



**ଗରଦପୁର,୩୦।୪(ସମିସ):** ଗରଦପୁର ବ୍ଲକ୍ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତରେ ବିଜେଡି ତରଫରୁ ଆୟୋଜିତ ମିଶ୍ରଣ ପର୍ବ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଖବର କାଗଜ ରୁଦ୍ଧ ଦ୍ୱାର ବୈଠକରେ ଛିଣ୍ଡିଲାନି ବିବାଦ, ପୁରୁଖାଙ୍କୁ ଅଣଦେଖା ନେଇ ଅସନ୍ତୋଷ. ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଯାହାକୁ ଆଜି ବିରୋଧ କରିଛି ବିଜେଡି। ସମ୍ପୃକ୍ତ ଖବର କାଗଜ ଉଦ୍ଦେଶ୍ୟମୂଳକ ଭାବରେ ବିଜୁ ଜନତା ଦଳକୁ ବଦନାମ କରିବାକୁ ପ୍ରଚେଷ୍ଟା କରିଥିବାରୁ ଏହାର ପ୍ରତିବାଦରେ ଆଜି ବଙ୍ଗାଳପୁର ପଞ୍ଚାୟତ ବିଜେଡି ପକ୍ଷରୁ ସମ୍ପୃକ୍ତ ଖବରକୁ ଖଣ୍ଡନ କରି ଏକ ପ୍ରେସ୍ ମିଟ୍ ର ଆୟୋଜନ କରାଯାଇଥିଲା। ଏଥିରେ ଦଳରେ କୌଣସି ବିବାଦ ନ ଥିବା କୁହାଯାଇଥିବା ବେଳେ ଦଳ ଏକଜୁଟ ହୋଇ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ପାଟକୁରା ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କ ପାଇଁ କାର୍ଯ୍ୟ କରୁଥିବା କୁହାଯାଇଥିଲା। ଭବିଷ୍ୟତରେ ଯଦି ସମ୍ପୃକ୍ତ ଖବର କାଗଜ ଏହିଭଳି ଭ୍ରମାତ୍ମକଖବର ପରିବେଷଣ କରେ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୧୦ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ବଙ୍ଗାଳପୁର ସରପଞ୍ଚ ଅମୀୟ କୁମାର ଜେନା, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସୁଧିର ଚନ୍ଦ୍ର ସାମଲ ପ୍ରମୁଖ ପ୍ରେସ୍ ବିବୃତିରେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ମିଶ୍ର, ଜ୍ଞାନ ରଞ୍ଜନ ନାୟକ, ମଙ୍ଗୁଳି ଚରଣ ନାୟକ, ପ୍ରଶାନ୍ତ କୁମାର ସେଠୀ, ଦିପକ ପରିଡା, ବିଷ୍ଣୁ ଚରଣ ପ୍ରଧାନ, ପ୍ରମୋଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ୨ ବଖରା ଜଳିଗଲା



**ଏରସମା,୩୦।୪(ସମିସ):** ଏରସମା ଯୋଗୀ ସାହିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଛପର ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାରୁ ଜଣାପଡିଛି ସୋମବାର ଅପରାହ୍ନରେ ଦେବଦତ୍ତ ନାଥଙ୍କ ଘରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା।ଏ ସମ୍ପର୍କରେ ତୁରନ୍ତ ଏରସମା ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା।ଅଗ୍ନିଶମ ବାହିନୀ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି।ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବାର ଜଣାପଡିଛି।

## ତାଲୁକ ଆଇନ ସେବା ତାଲିମ ଶିବିର



**ରାଜକନିକା /ଆଳି,୩୦।୪(ସମିସ):** ଆଳି ତାଲୁକ ଆଇନ ସେବା ପକ୍ଷରୁ ଆଜି ଅପରାହ୍ନରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଆଳି ତାଲୁକ ଆଇନ ସେବା ଚେୟାରମ୍ୟାନ ତଥା ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦିପ୍ତୀରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ସିନିୟର କୋର୍ଟର ଆଡ଼ଭୋକେଟ ମୃତ୍ୟୁଞ୍ଜୟ ସାମଲ, ଅକ୍ଷୟ କୁମାର ମଲିକ ପ୍ରମୁଖ ଆଇନ ସେବା ବ୍ୟବସ୍ଥାରେ ସମାଜର ଅବହେଳିତ ନିଷ୍ପେସିତ ତଥା ନିର୍ଯ୍ୟାତିତ ବ୍ୟକ୍ତିମାନଙ୍କୁ ମାଗଣା ଆଇନ ସେବା ପହଞ୍ଚାଇବାକୁ ଉପସ୍ଥିତ ପିଏଲଭି ଓ ଛାତ୍ରଛାତ୍ରୀମାନଙ୍କୁ ଆଇନ ସେବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ବ୍ୟବସ୍ଥା ଅନୁସାରେ ଦଙ୍ଗା ପୀଡିତ, ଘରୋଇ ହିଂସା, କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ, ପୋକସ ଓ କନ୍ୟାଭ୍ରୁଣ ହତ୍ୟା,ଲିଙ୍ଗ ନିରୂପଣ, ମାନବ ଚାଲାଣ ଦାଦନ ଶ୍ରମିକ ଶୋଷଣ ଭଳି ବିବିଧ ସାମାଜିକ ଓ ଅର୍ଥନୈତିକ ଶୋଷଣ ପାଇଁ ମାଗଣା ଆଇନ ସେବା ଯୋଗାଇବାକୁ ବିଚାରପତି ଆଜିର ଶିବିରରେ ସଚେତନ କରାଇଥିଲେ। ଆଳି କୋର୍ଟ ପରିସରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତାଲିମ ଶିବିରରେ ରାଜକନିକା ଓ ଆଳି ବ୍ଲକର ପିଏଲଭି, ସାଇ କମ୍ପୁଟର ପ୍ରତିଷ୍ଠାନର ଛାତ୍ର ଛାତ୍ରୀ ମାନେ ତାଲିମ ନେଇଥିଲେ। କୋର୍ଟର ସହାୟକ ସୀତାକାନ୍ତ ସ୍ୱାଇଁ ଓ ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ କାଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ।

- **ସୋସିଆଲ ମିଡିଆରେ ଘୁରି ବୁଲୁଛି ସିଟିଜେନ ପୋର୍ଟାଲ ତଥ୍ୟ**

## ବିଜେପି ବିଧାୟକ ପ୍ରାର୍ଥୀଙ୍କ ନାଁରେ ୭ ଅପରାଧିକ ମାମଲା

**ରାଜନଗର,୩୦।୪(ସମିସ):** ରାଜନଗର ରାଜନୀତି ବିଜେପି ଗୋଷ୍ଠୀ କନ୍ଦଳ ଓ ପ୍ରାର୍ଥୀ ପରିବର୍ତ୍ତନ ଦାବୀକୁ ନେଇ ଉଷ୍ମ ଥିବାବେଳେ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ସିଟିଜେନ ପୋର୍ଟାଲ ତଥ୍ୟ ବିଜେପି ପାଇଁ ଅଡୁଆ ସୃଷ୍ଟି କରିଛି। ବିଜେପି ଯୁବନେତା ଲଳିତ କୁମାର ବେହେରାଙ୍କୁ ପ୍ରାର୍ଥୀ କରିଛି। ଲଳିତଙ୍କ ନାମ ଘୋଷଣା ଦିନଠାରୁ ୧୫ଦିନ ହେଲା ବିଜେପି କର୍ମକର୍ତ୍ତାଙ୍କ ବିରୋଧ ଜାରି ରହିଛି। ବିଜେପି ପ୍ରାର୍ଥୀଙ୍କ କୁଶ ପୁତଳିକା ଦାହ ଠାରୁ ଆରମ୍ଭ କରି ଟିକେଟ ବିକ୍ରି ନେଇ ଚର୍ଚ୍ଚା ଏଯାଏଁ ଥମିନି। ସୋସିଆଲ ମିଡିଆରେ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସଭାପତି ଓ ଦଳୀୟ ପ୍ରାର୍ଥୀଙ୍କୁ ଯୋରଦାର ବିରୋଧ ଜାରି ରଖିଛନ୍ତି। ଗତ ୨ଦିନ ହେଲା ସୋସିଆଲ ମିଡିଆରେ ସିଟିଜେନ ପୋର୍ଟାଲରୁ ମିଳିଥିବା ଅପରାଧିକ ମାମଲାର ତଥ୍ୟ ଘୁରି ବୁଲୁଛି। ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଲଳିତ କୁମାର ବେହେରାଙ୍କ ଘର ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁରେ ହୋଇଥିଲେ ମଧ୍ୟ ସେ ରାଜକନିକାରେ ରହି ଚିଙ୍ଗୁଡି ବ୍ୟବସାୟ କରନ୍ତି। ତାଙ୍କ ନାଁରେ ଆଳି, ରାଜକନିକା, ରାଜନଗର ଥାନାରେ ୭ଟି ମାମଲା ଥିବା ଜଣାପଡିଛି। ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ କିପରି ବିଜେପି ଟିକେଟ ଦେଲା, ସେ ନେଇ ବିଜେପି କାର୍ଯ୍ୟକର୍ତ୍ତାମାନେ ସୋସିଆଲ ମିଡିଆରେ ଆକ୍ଷେପ କରୁଛନ୍ତି। ବିଜେପି କାର୍ଯ୍ୟକର୍ତ୍ତାମାନେ ୧୫ଦିନ ହେଲା ପ୍ରାର୍ଥୀ ପରିବର୍ତ୍ତନ ପାଇଁ ବିକ୍ଷୋଭ ଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଦାବି କରି ଆସୁଥିବା ବେଳେ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ବିଷୟ ରାଜନଗର ରାଜନୀତିକୁ ଅଧିକ ଉଷ୍ମ କରିଛି।

## ବିଦ୍ୟୁତ୍ ଆଘାତରେ ପାନଚାଷୀଙ୍କ ମୃତ୍ୟୁ

**ଏରସମା,୩୦।୪(ସମିସ):** ଏରସମା ବ୍ଲକ୍ ଅନ୍ତର୍ଗତ ଡ଼ିଙ୍କିଆ ଗ୍ରାମର ଜଣେ ପାନଚାଷୀଙ୍କର ବିଦ୍ୟୁତ ଆଘାତରେ ଡ଼ିଙ୍କିଆ ଗ୍ରାମର ସୁଧୀର ଡାଲୁଆ (୫୦)ଙ୍କର ମୃତ୍ୟୁ ହୋଇଛି। ସୋମବାର ପୂର୍ବାହ୍ନରେ ସୁଧୀର ଡାଲୁଆ ନିଜ ଘରନିକଟରେ ଥିବା ପାନବରଜରେ ପାଣି ପକାଉଥିଲେ। ଘରନିକଟରେ ପାନବରଜ ଥିବାରୁ, ଘରୁ ବିଦ୍ୟୁତ ସଂଯୋଗ କରି ମେସିନ ଯୋଗେ ପାଣି ପକାଉଥିଲେ। ପାଣି ପକାଇ ସାରି ମେସିନ୍ ବନ୍ଦ କରୁଥିବାବେଳେ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସିବା କାରଣରୁ ସେହି ପାନବରଜରେ ତାଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା



**ରାଜନଗର,୩୦।୪(ସମିସ):** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଳା ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସହ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଏହି ଗାଁର ଦାମୋଦର ଦାସ ଓ ପ୍ରଫୁଲ୍ଲ ଦାସଙ୍କର ୪ ବଖରା ଘର ସହିତ ଆସବାସପତ୍ର ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି।

## ଅଗ୍ନିକାଣ୍ଡ; ଯୁବକଙ୍କ ସହ ୨ ଗୋରୁ ଅର୍ଦ୍ଧଦଗ୍ଧ

**ରାଜକନିକା,୩୦।୪(ସମିସ):** ରାଜକନିକା ଥାନାନ୍ତର୍ଗତ ଡାଏଣିଗିରି ଗାଁ ରେ ଅଗ୍ନିକାଣ୍ଡ ଘଟି ଗୋଟେ ପରିବାରର ଦୁଇ ବଖରା ଚାଳ ଘର ପୋଡ଼ିଯିବା ସହ ଜଣେ ଯୁବକ, ଦୁଇ ଗାଈ ଦୁଇ ବାଛୁରୀ ପୋଡି ଯାଇଛନ୍ତି ।ଗତକାଲି ବିଳମ୍ବିତ ରାତି ପ୍ରାୟ ଗୋଟାଏ ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ରହି ଗାଁ ର ସ୍ୱର୍ଣ୍ଣଲତା ସାହୁ ଙ୍କ ଦୁଇ ବଖରା ଚାଳଘର ପୋଡିବା ପରେ ଘର ନିକଟରେ ଥିବା ଗୁହାଳ ଘରେ ନିଆଁ ପଡି ଜଳି ଯାଇଥିଲା ।ଜଳୁଥିବା ଘର ଭିତରୁ ଗାଈ ବାଛୁରୀ ଙ୍କୁ କାଢିବା ସ୍ୱର୍ଣ୍ଣଲତାଙ୍କ ପୁଅ ଅମର ସାହୁ ହାତ ଗୋଡ଼ ମଧ୍ୟ କେତେକାଂଶରେ ପୋଡି ଯାଇଛି । ଅତ୍ୟନ୍ତ ଗରିବ ପରିବାରର ସ୍ୱର୍ଣ୍ଣଲତାଙ୍କ ଏଭଳି ଦୁଃଖଦ ସ୍ଥିତିରେ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# କୁନି ଶିଶୁର ଜନ୍ମଦିନରେ ପଶୁପକ୍ଷୀଙ୍କ ପାଇଁ ଗ୍ରୀଷ୍ମକାଳୀନ ସେବା

**କେନ୍ଦ୍ରାପଡ଼ା,୩୦।୪(ସମିସ):** ପୃଥିବୀରେ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି କିନ୍ତୁ ଆଜିର ଦିନରେ ମଣିଷ ନିଜର ସ୍ୱାର୍ଥ ପାଇଁ ବୃକ୍ଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତଙ୍କ ପାଇଁ ଘାତକ ସାଜିଛି। କୁନି ଶିଶୁର ଜନ୍ମ ଦିନରେ ପଶୁପକ୍ଷୀଙ୍କ ପେଟ କଥା ବୁଝିବା ଓ ସେମାନଙ୍କର ବଞ୍ଚିବାର ବ୍ୟବସ୍ଥା କରି ଏକ ଅନନ୍ୟ ଉଦାହରଣ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବନ୍ଧୁମାନେ ସୃଷ୍ଟି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଗୁଣୁପୁର ପଟଣାର ସଂଜୀବ କୁମାର ତରାଇଙ୍କ ଶିଶୁକନ୍ୟା ପ୍ରିତୀସଂପୂର୍ଣ୍ଣାର ୫ମ ବାର୍ଷିକ ଜନ୍ମ ଦିନରେ ଏପରି ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଟ୍ରଷ୍ଟର ସଭାପତ ଦମନ ମହାନ୍ତିଙ୍କ ସହ ଅନ୍ୟ ବନ୍ଧୁମାନେ ଶ୍ରୀ ତରାଇଙ୍କ ଘରେ ପହଞ୍ଚି ପ୍ରିତୀସଂପୂର୍ଣ୍ଣାଙ୍କୁ ଆଶୀର୍ବାଦ କରିବା ସହିତ ଏକ ନିଆରା ଉପହାର ପ୍ରଦାନ କରିଥଲେ। ଶିଶୁ କନ୍ୟାଟିକୁ କିଛି ମାଟିପାତ୍ର ଉପହାର ପ୍ରଦାନ କରିବା ସହ ଉକ୍ତ ପାତ୍ରଟିକୁ ଛାତ ଉପରେ ସଜାଡି ରଖିବା ସହ ପଶୁପକ୍ଷୀଙ୍କୁ ଖାଦ୍ୟ ଓ ପାନୀୟ ଦେବାକୁ ପ୍ରିତୀସଂପୂର୍ଣ୍ଣାଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଦ୍ୱାରା ଯେଉଁ ବୟସରେ ଶିଶୁଟି ଦୁଷ୍ଟାମୀ କରିବା କଥା ସେହି ବୟସରେ ପଶୁପକ୍ଷୀଙ୍କର ସାଥୀ ପାଲଟି ଯାଇଛି। ଏହା ସମାଜ ପାଇଁ ଏକ ନୂତନ ଉଦାହରଣ ବୋଲି କିଛି ଗ୍ରାମବାସୀମାନେ ମତ ରଖିଛନ୍ତି। ଏହା ଆଗାମୀ ପିଢ଼ି ପାଇଁ ସମାଜ ରକ୍ଷକ ସୃଷ୍ଟି କରି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ପଣ୍ଡିତ ପ୍ରମୋଦ ତ୍ରିପାଠୀ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ କାଳନ୍ଦୀ ମଲ୍ଲିକ, ସାଗର ଜେନା, ରମାକାନ୍ତ ଦାସ, ଉତ୍କଳ କେଶରୀ ପାହାଡ ସିଂ, ଅମିୟ ସାହୁ, ଚିନ୍ମୟ କୁମାର ଦାସ, ଲିଜାରାଣୀ ତରାଇ ଓ ସଞ୍ଜୀବ କୁମାର ତରାଇ ପ୍ରମୁଖ ସହଯୋଗ କରିଥିଲେ।







ପ୍ରଚଣ୍ଡ ଖରାରେ ଜନଶୂନ୍ୟ ହୋଇପଡିଛି ଅନୁଗୋଳ ସହର (ଫଟୋ- ଚିକୁ)

### ବହୁଚର୍ଚ୍ଚିତ ନଗଡ଼ାର ପାର୍ଶ୍ୱବର୍ତ୍ତୀ ଏକୁଲ ଗାଁ

# ଏବେ ବି ରାସ୍ତା, ପାଣି ଓ ବିଜୁଳି ଆଲୁଅ ସ୍ୱପ୍ନ

ଢେଙ୍କାନାଳ, ୩୦।୪ (ସମିସ) : ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକର କାନ୍ତୋଲ ପଞ୍ଚାୟତ ଅନ୍ତର୍ଗତ ଏକୁଲ ଗାଁକୁ ପଞ୍ଚାୟତ କିମ୍ବା ବ୍ଲକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାଟିଏ ନଥିବା ବେଳେ ଏଠାରେ ପାଣି ଓ ବିଜୁଳି ଆଲୋକ ଓ ଭଲ ରାସ୍ତାର ବ୍ୟବସ୍ଥା ହୋଇ ନଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ଗାଁକୁ ରାସ୍ତା, ଘରକୁ ବିଜୁଳି ଓ ପାନୀୟ ଜଳର ବ୍ୟବସ୍ଥା ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ଯୋଜନା ଦିଗହରା ହୋଇଛି। ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ ତଥା ବହୁଚର୍ଚ୍ଚିତ ନଗଡ଼ାର ପାର୍ଶ୍ୱବର୍ତ୍ତୀ ଏହି ଏକୁଲ ଗାଁରେ ଏକ ସରକାରୀ ବିଦ୍ୟାଳୟଟିଏ ଅଛି। ପ୍ରାୟ ୧୧୫ ଟି ଆଦିବାସୀ ପରିବାର ଏହି ଗାଁରେ ବାସ କରୁଛନ୍ତି। ୧୦୦ ବର୍ଷ ପୂର୍ବରୁ ବାସକରି ଆସୁଥିବା ଏହି ଆଦିବାସୀ ଗାଁରେ ଦେହୁରୀ ସମ୍ପ୍ରଦାୟର ଅତି ଗରିବ ଶ୍ରେଣୀର ଲୋକଙ୍କ ପାଇଁ କୌଣସି ମୌଳିକ ସୁବିଧା ସୁଯୋଗ ପହଞ୍ଚି ପାରିନାହିଁ। ଗାଁ ଠାରୁ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା କାହିଁ ଅନାଦି କାଳରୁ ସେହି ଚଲାବାଟ ହୋଇ ରହିଛି। ଏପର୍ଯ୍ୟନ୍ତ ଗାଁକୁ ବିଜୁଳି ଆଲୋକ ସାତସପନ ଭଳି ରହିଛି। କିଛି ଘରେ ସୋଲାର ଲାଇଟ ଲାଗିଥିଲେ ମଧ୍ୟ ସେଥିରୁ ବିଜୁଳି ଆଲୋକ କିଛିରେ ଆସୁଛି ତ କିଛି ଅକାମି ହୋଇ ପଡ଼ିଛି। ପାନୀୟ ଜଳର ବ୍ୟବସ୍ଥା କହିଲେ କେବଳ ଝରଣାର ଚୁଆ ପାଣି। ତାହା ପୁଣି



ଘର ଠାରୁ ଦୀର୍ଘ ୩ କିଲୋମିଟର ଦୂରରେ। ଖରାଦିନେ ଗାଁରେ ଥିବା କିଛି ଖୋଲା କୂଅ ଶୁଖିଲା ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଏପରିକି ଗାଁର ଛୋଟଛୋଟ ପିଲା ଏବଂ ମହିଳାମାନେ ସ୍ନାନ, ଶୌଚ କରିବା ପାଇଁ ଦୀର୍ଘ ୧ କିଲୋମିଟର ଦୂରକୁ ଯାଉଥିବା ଦେଖିବାକୁ ମିଳିଛି। ଏପରିକି ଏହି ଆଦିବାସୀ ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ଗୃହପାଳିତ ପଶୁ ପକ୍ଷୀମାନେ ମଧ୍ୟ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏକୁଲ ଗାଁର ଅର୍ଜୁନ ଦେହୁରୀ, ଦିଗାମ୍ବର ଦେହୁରୀ, ଝରି ଦେହୁରୀ, ଅମର ଦେହୁରୀ, ବିଭୀଷଣ ଦେହୁରୀ କୁହନ୍ତି ଯେ, କେବଳ ଭୋଟ ସମୟରେ ନେତା ମନ୍ତ୍ରୀ ଆସନ୍ତି ଏବଂ ଗାଁର ସବୁ ଅସୁବିଧା ଦୂର କରିଦେବୁ କହି ନିରୀହ ଆଦିବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଚାଲିଯାନ୍ତି। ଗତ କିଛିଦିନ ପୂର୍ବେ କଙ୍କଡ଼ାହାଡ଼ ବିଡିଓ ଏହି ଗାଁକୁ ପରିଦର୍ଶନରେ ଯାଇଥିଲେ। ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ତ୍ୱରିତ ଗତିରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ଟାଟା ପାୱାରର ଅଧିକାରୀଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଥିଲା ହେଲେ ଏପରି ଦୁର୍ଗମ ଅଞ୍ଚଳକୁ ବିଜୁଳି ଆଲୋକ ସଂଯୋଗ ପ୍ରକ୍ରିୟା ବିଳମ୍ବ ହେବ କହି କଥା କାଟି ଦେଇଥିଲେ। ଗାଁକୁ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁଯାୟୀ ଅନେକ କାମ ଆସୁଥିଲେ ମଧ୍ୟ ଗ୍ରାମର କେହି ଜଣିଏ ହେଲେ ଲୋକ କେବେ କାମ ପାଉନଥିବାର ଅଭିଯୋଗ ମଧ୍ୟ ଆସିଛି। ତେବେ କେବଳ ଭଗବାନ ଭରସାରେ ଜଙ୍ଗଲ ମଧ୍ୟରେ ଏକ ବିପଦ ସଂକୁଳ ଇଲାକାରେ ବସବାସ କରିବାକୁ ବାଧ୍ୟ ହେଉଥିବା ଗ୍ରାମବାସୀଙ୍କୁ କେବେ ଏଥିରୁ ନିସ୍ତାର ମିଳିବ, ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପବିତ୍ରନଗର., ୩୦।୪(ସମିସ): କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନର ଡେମୋନଷ୍ଟ୍ରେଟର ବ୍ରହ୍ମାନନ୍ଦ ପ୍ରଧାନ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଉକ୍ତ ବିଦ୍ୟାଳୟର ବିଜ୍ଞାନ ଶାଖା ଗଢ଼ିବାରେ ତାଙ୍କର ଅବଦାନ ଅତୁଳନୀୟ। ଅଧ୍ୟକ୍ଷ ରମାକାନ୍ତ ସାହୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କ ଅବସର ସମୟ ଈଶ୍ୱରଙ୍କ କୃପାରୁ ମଙ୍ଗଳମୟ ହେବା ପାଇଁ କାମନା କରିଥିଲେ। ଏହି ଅବସରକାଳୀନ ସଭାରେ ଅଧ୍ୟାପକ ରବୀନ୍ଦ୍ର କୁମାର ଗଡ଼ନାୟକ, ଯାଦବ କୁମାର ସାହୁ, ମମତା ପ୍ରଧାନ, ରୋହିଣୀ ମିଶ୍ର, ବିନିତା ପ୍ରଧାନ ଓ ଅଣଶିକ୍ଷକ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବୈକୁଣ୍ଠ ବିହାରୀ ସାହୁ, ପ୍ରଣବ ଗଡ଼ନାୟକ, ବିରଞ୍ଚି ପ୍ରଧାନ, ତ୍ରିଲୋଚନ ପ୍ରଧାନ, ମଦନ ସାହୁ, ଦୁଷ୍ମନ୍ତ ଜେନା, କାଳିଆ ବେହେରା ଓ ମଦନ ନାଥ ଉପସ୍ଥିତ ଥିଲେ।

## ନିର୍ବାଚନ ଖର୍ଚ୍ଚର ସମୀକ୍ଷା ନେଇ ପର୍ଯ୍ୟବେକ୍ଷକଙ୍କ ବୈଠକ



ଅନୁଗୋଳ, ୩୦।୪(ସମିସ): ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେରେ ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଆୟୋଗ ଦ୍ୱାରା ଆଜି ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଟି ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ଉପରେ ନଜର ରଖିବା ହେବା ସହ ଏହାର ସଠିକ୍ ଆକଳନ କିପରି ହୋଇପାରିବ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଜିଲ୍ଲା ପ୍ରଶାସନ ତରଫରୁ ଏକ ପାୱାର ପଏଣ୍ଟ ୮ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ସମେତ ପୁଲିସ, ଅବକାରୀ, ଆୟକର ବିଭାଗ, ଜିଏସଟି ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱାଧୀନ ଭାବେ ସନ୍ତୋଷ ନାଏକଙ୍କ ପ୍ରାର୍ଥିପତ୍ର ଦାଖଲ

ଅନୁଗୋଳ, ୩୦।୪(ସମିସ): ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଅନୁଗୋଳ ବିଧାନସଭାର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ନାଏକ ଏକ ଶୋଭାଯାତ୍ରାରେ ଆସି ଅନୁଗୋଳ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିଛନ୍ତି। ଅପରପକ୍ଷରେ ତାଳଚେର, ପାଲଲହଡ଼ା ଏବଂ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଆଜି କୌଣସି ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରି ନଥିବା ଜଣାଯାଇଛି।

## ଚାଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ

ଅନୁଗୋଳ, ୩୦।୪(ସମିସ): ଅନୁଗୋଳ ସ୍ଥିତ ସ୍ଥାନୀୟ ଏକ ହୋଟେଲରେ ଚାଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଏକ ସମିଳନୀ




ଅନୁଷ୍ଠିତ ହୋଇଯାଇଛି। ଏହି ସମିଳନୀରେ ୪୦ରୁ ଊର୍ଦ୍ଧ୍ୱ ପେସାଦାର ଚାଟାର୍ଡ ଏବଂ ବାଣିଜ୍ୟକାରୀମାନେ ଉପସ୍ଥିତ ଥିଲେ। ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ, ତଥ୍ୟ ସଂଗ୍ରହ ଓ ତାର ଚାର୍ଜ ଏବଂ ସମ୍ପତ୍ତିର ସର୍ବାଧିକ ପରିମାଣ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ସମିଳନୀରେ ଦୁଇ ବିଶିଷ୍ଟ ବ୍ୟକ୍ତିତ୍ୱ ଡ଼ଃ ପରେଶ କୋଚାର ଓ ସିଏ ନୀତେଶ ମୋରେ ଏକକ୍ସ ଚେୟାରମ୍ୟାନ ଇ ଆଇ ଆର ସି କୋଲକତା ପ୍ରାକ୍ଟିକାଲ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ ସିଏ ଏସ କେ ଖଟୁଆ, ସିଏ ରାଜେଶ ସରାଫ ଏବଂ ସିଏ ମୁରଲୀ ଲାଲ ଅଗ୍ରୱାଲ ଟିକସ, ଆକାଉଣ୍ଟିଂ, ଫାଇନାନ୍ସ ଏବଂ ଅଡିଟ୍ କ୍ଷେତ୍ରରେ ଅଧିକ ଉନ୍ନତ ସେବା ପ୍ରଦାନ କରିବା ପାଇଁ ଅନୁଗୋଳର ସିଏ ସମୁଦାୟ ମଧ୍ୟରେ ନିୟମିତ ଅପଡେଟ ପାଇବା ପାଇଁ ଏକ ଆଇସିଏଆଇ ମାନ୍ୟତାପ୍ରାପ୍ତ ଷ୍ଟଡି ସର୍କଲ ଖୋଲିବାର ଯୋଜନା ଉପସ୍ଥାପନା କରିଥିଲେ।

## ବିଜେପିକୁ ଅନୁଗୋଳ ଜିଲ୍ଲା କଂଗ୍ରେସର ସମାଲୋଚନା



ଅନୁଗୋଳ, ୩୦।୪(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟିର ଏକ ସାମ୍ବାଦିକ ସମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢ଼େଙ୍କାନାଳ ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ସସ୍ମିତା ବେହେରା, ଜିଲ୍ଲା ସଭାପତି ତଥା ଅନୁଗୋଳ ବିଧାନସଭା ପ୍ରାର୍ଥୀ ପାଇଁ ଲଢୁଥିବା ଇଂ ଅମ୍ବିକା ପ୍ରସାଦ ଭଞ୍ଜ, ତାଳଚେର ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ଦାସ, ରାଜ୍ୟ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଅନୁଗୋଳ ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର ଏବଂ ମିଡିଆ ପ୍ରଭାରୀ ଗୋପାଳ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ରାଜ୍ୟ କଂଗ୍ରେସ ମୁଖପାତ୍ର ଶ୍ରୀ ପ୍ରଧାନ ଦେଶରେ ବଢ଼ି ଚାଲିଥିବା ବେରୋଜଗାରୀ, ଦରଦାମ ବୃଦ୍ଧି ପାଇଁ ବିଜେପିକୁ ଦାୟୀ କରିବା ସହ ଏବେ ଲୋକଙ୍କ ମୁଣ୍ଡ ପିଛା ଆୟ କମିଥିବା ପ୍ରକାଶ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସ ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି ସହ ନିର୍ବାଚନ ମଇଦାନକୁ ଓହ୍ଲାଇଛି ଏବଂ ବିଜେପିକୁ ଲୋକେ ଉପଯୁକ୍ତ ଶାସ୍ତି ଦେବେ ବୋଲି କହିଥିଲେ। ସସ୍ମିତା ବେହେରା ଏନ୍ ଏଚ୍ ୫୫ ର ସ୍ଥିତି ଦେଖି କଂଗ୍ରେସ ଏହାର ମରାମତି କାର୍ଯ୍ୟ କରିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆଗାମୀ ନିର୍ବାଚନରେ ଜିଲ୍ଲା ଓ ରାଜ୍ୟର ବିକାଶ ପାଇଁ ହାତ ଚିହ୍ନରେ ଭୋଟଦେବାକୁ ସେ ନିବେଦନ କରିଥିଲେ।

## ଧରାହେବେ ନକଲି ଡାକ୍ତର, ଗଢ଼ାହେବ ଟିମ୍

ଅନୁଗୋଳ, ୩୦।୪(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚିଠି ସଂଖ୍ୟା ୧୦୩୫୫/୨୪.୪.୨୦୨୪ ଅନୁସାରେ ଖୁବ୍ ଶୀଘ୍ର ରାଜ୍ୟରେ ନକଲି ଡାକ୍ତରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିନେଇ ଜିଲ୍ଲାରେ ଏକ ସେଲ୍ ଗଠନ କରାଯିବ। ଏଥିରେ ଜିଲ୍ଲାପାଳଙ୍କ ପ୍ରତିନିଧି, ଆରକ୍ଷୀ ଅଧିକ୍ଷକଙ୍କ ପ୍ରତିନିଧି, ସିଡିଏମଓ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିନିଧି ଏବଂ ଇଣ୍ଡିଆନ ମେଡିକାଲ ଆସୋସିଏସନର ଜଣେ ପ୍ରତିନିଧି ରହିବେ। ଗଣମାଧ୍ୟମ, ସୋସିଆଲ ମିଡିଆ କିମ୍ବା ବ୍ୟକ୍ତିଗତ ଅଭିଯୋଗ ଆଧାରରେ ଏହି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବ। ଏଠାରେ ସୂଚନାଯୋଗ୍ୟ ଯେ, ଆଇନ ସେବା ପ୍ରାଧିକରଣ ପକ୍ଷରୁ ୨୦୧୯ ମସିହାରେ ନକଲି ଡାକ୍ତରଙ୍କୁ ଧରିବା ପାଇଁ ହାଇକୋର୍ଟରେ ଏକ ଅଭିଯୋଗ କରାଯାଇଥିଲା। ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନକଲି ଡାକ୍ତରଙ୍କୁ ଧରିବା ପାଇଁ ଏବେ ଅଭିଯାନ ଆରମ୍ଭ ହେବ। ତେବେ ଏବେ ବିଭିନ୍ନ ପ୍ରକାରର ନକଲି ଡାକ୍ତର ଦୃଷ୍ଟି ଗୋଚର ହେଉଛନ୍ତି। କୌଣସି ଶିକ୍ଷାଗତ ଯୋଗ୍ୟତା ନ ଥାଇ ଆୟୁର୍ବେଦିକ ଡାକ୍ତର ବୋଲାଇବା, ଔଷଧ ଦୋକାନରେ ସେଲସ୍ ଅଭିଜ୍ଞତାରୁ ଗାଁରେ ଡାକ୍ତରୀ ଚିକିତ୍ସା କରିବା, ଏମବିବିଏସ କରି ବିଶେଷଜ୍ଞ ଡାକ୍ତର ବୋଲାଇବା ଏପରିକି ସୁପର ସ୍ପେଶାଲିଟି ବୋର୍ଡ ମାରିବା ଆଦି ବିଭିନ୍ନ ନକଲି ଡାକ୍ତର ଏବେ ଅନୁଗୋଳ ଜିଲ୍ଲାରେ ଦେଖିବାକୁ ମିଳୁଥିବା ବେଳେ ଏହି ଟିମ୍ କିଭଳି ନକଲି ଡାକ୍ତରଙ୍କୁ ଧରୁଛି, ତାହା ଦେଖିବାକୁ ବାକି ରହିଲା।

## ଅଂଶୁଘାତରେ ଟଳିପଡ଼ିଲା ଷଣ୍ଢ



ଅନୁଗୋଳ ୩୦।୪(ସମିସ): ଆଜି ଅପରାହ୍ନ ପ୍ରାୟ ଚାରିଟା ବେଳେ ଅନୁଗୁଳ ବସଷ୍ଟାଣ୍ଡରୁ ବାଳିକା ଉଚ୍ଚ ବିଦ୍ୟାଳୟ ରାସ୍ତାରେ ଗୋଟିଏ ଷଣ୍ଢ ହଠାତ୍ ପଡିଯାଇଥିଲା। କିଛି ସମୟ ମଧ୍ୟରେ ତା'ର ପ୍ରାଣ ବାୟୁ ଉଡ଼ି ଯାଇଥିଲା। ଏବେ ସହରରେ ଯେଭଳି ଖରା ହେଉଛି, ସେଥିରେ ବୁଲା ଗାଇଗୋରୁଙ୍କ ପାଇଁ ଖାଦ୍ୟ ଓ ପାଣିର ଅଭାବ ଦେଖାଦେଇଛି। ଫଳରେ ବୁଲା ଗାଇଗୋରୁ ରାସ୍ତାରେ ପଡୁଥିବା ଜରି କାଗଜ ଖାଇ ଅସୁସ୍ଥ ହୋଇ ପଡୁଛନ୍ତି। ଏହି ଷଣ୍ଢଟି ସକାଳ ବେଳା ଅସୁସ୍ଥ ଜଣାପଡୁଥିଲେ ମଧ୍ୟ ସାହାଯ୍ୟ କରିବାକୁ କେହି ଆଗେଇ ଆସି ନଥିଲେ। ଶେଷରେ ଅପରାହ୍ନରେ ଷଣ୍ଢଟି ଆଖି ବୁଜିଥିଲା। ଷଣ୍ଢଟିର ମୃତ୍ୟୁରେ ଅନ୍ୟ ଷଣ୍ଢମାନେ ପାଖକୁ ଆସି ଶୋକବ୍ୟକ୍ତ କରୁଥିବା ମନେ ହେଉଥିଲା। ଷଣ୍ଢର ଶବଟି ରାସ୍ତାରେ ପଡ଼ି ରହିଥିବାରୁ ଟ୍ରାଫିକ ଜାମ୍ ହୋଇଥିଲା।

### କୋଇଲା ଖଣି ଅଧିକାରୀଙ୍କୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା

## ନୂତନ ଅଧିକାରୀଙ୍କ ଯୋଗଦାନ

କଣିହାଁ, ୩୦।୪(ସମିସ): ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣିରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ନୂତନ ଭାବେ ଯୋଗଦାନ କରିଥିବା ଅଧିକାରୀଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କର୍ମଚାରୀ, ଶ୍ରମିକ ସଂଗଠନ ତରଫରୁ ଏନେଇ କଣିହାଁ ଖଣି କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୂଚନାରୁ ଜଣାଯାଏ ଯେ, କଣିହା ଓସିପିରେ ଜିଏମ୍ ଭାବେ କିଶୋର କୁମାର ରାଉଳ ୨୦୨୧ ରେ ଯୋଗଦାନ କରି






ଅବସର ନେଇଛନ୍ତି। ସେହିପରି ନାରାୟଣ ପ୍ରସାଦ ପାତ୍ର ୨୦୧୮ ରୁ ପଦୋନ୍ନତିକୁ ନେଇ ପ୍ରକଳ୍ପ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେହିପରି ବରିଷ୍ଠ ଖଣି ଯନ୍ତ୍ରୀ ଶରତ କୁମାର ପାତ୍ର ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିବାବେଳେ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ଖଣିର ନୂତନ ମହାପ୍ରବନ୍ଧକ ଭାବେ ନରେଶ ସିଂ, ପ୍ରକଳ୍ପ ଅଧିକାରୀ ଭାବେ ଆର୍ ଶ୍ରୀରାମ ଯୋଗଦାନ କରି ବିଦାୟ ଅଧିକାରୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ନବନିର୍ମିତ ଜିଏମ କାର୍ଯ୍ୟାଳୟ ଓ ଚିକିତ୍ସା ସେବା ୟୁନିଟ୍‌କୁ ଉଦଘାଟନ କରିଥିଲେ। ଖଣି ଜନସମ୍ପର୍କ ଅଧିକାରୀ ଜଗବନ୍ଧୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଖଣି ବିଭାଗୀୟ ଅଧିକାରୀ ଶିଶିର କୁମାର ଶତପଥୀ, ମନୋଜ କୁମାର ବିଶ୍ୱାଳ, ଭବାନୀ ଶଙ୍କର ସାହୁ, ଧରଣୀ ଧର ବେହେରା, ବିଭିନ୍ନ ଶ୍ରମିକ ସଙ୍ଗଠନ କାର୍ଯ୍ୟକର୍ତ୍ତା ଦୁଷ୍ମନ୍ତ ପ୍ରଧାନ, ଅଭୟ କୁମାର ସାହୁ, ଜ୍ଞାନେନ୍ଦ୍ର ପ୍ରଧାନ, ଚିନ୍ମୟ ପ୍ରଧାନ, ରଣଜିତ୍ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଇଡିକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ କାହିଁକି ଗିରଫ କଲ

ନୂଆଦିଲ୍ଲୀ,୩୦।୪(ଏଜେନ୍ସି)

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିବା ପ୍ରସଙ୍ଗରେ ମଙ୍ଗଳବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଇଡିର ଗିରଫଦାରୀକୁ କେଜ୍ରିୱାଲ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲା ବେଳେ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବା ପରିପ୍ରେକ୍ଷୀରେ ଇଡି ପ୍ରତି ଏକ ବଡ଼ ପ୍ରଶ୍ନ

- ଜୀବନ ଓ ବ୍ୟକ୍ତି ସ୍ୱାଧୀନତା ସବୁଠୁ ଗୁରୁତ୍ୱପୂର୍ଣ୍ଣ
- ଅର୍ଥ ଦେଣନେଣ ନେଇ କେଜ୍ରିୱାଲଙ୍କ ବିରୋଧରେ କି ପ୍ରମାଣ ଅଛି କୁହ

ଉଠାଇଛନ୍ତି। ବିଶେଷକରି କେଜ୍ରିୱାଲଙ୍କ ଗିରଫ ସମୟକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇବା ସହିତ ନିର୍ବାଚନ ପୂର୍ବରୁ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ଇଡିକୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ଆସନ୍ତା ଶୁକ୍ରବାର ସୁଦ୍ଧା ଇଡି ଏହାର ଜବାବ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ



କେଜ୍ରିୱାଲ ତାଙ୍କ ଗିରଫଦାରୀକୁ ବିରୋଧ କରି ପୂର୍ବରୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଗିରଫ କରାଯାଇଥିବା ସେ ଯୁକ୍ତି ରଖିଥିଲେ। କିନ୍ତୁ ହାଇକୋର୍ଟ ଏହାକୁ ଗ୍ରହଣ କରି ନଥିଲା ବେଳେ କେଜ୍ରିୱାଲଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ସର୍ବୋଚ୍ଚ ନ୍ୟାୟାଳୟ ଏହି ବିଷୟକୁ ଗୁରୁତ୍ୱ ସହ ଗ୍ରହଣ କରି ଇଡିକୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଅତିରିକ୍ତ ସଲିସିଟର ଜେନେରାଲ ଏସ ଭି ରାଜୁଙ୍କୁ କେଜ୍ରିୱାଲଙ୍କ ଗିରଫ କରିବା ସମୟକୁ ନେଇ ପ୍ରଶ୍ନ କରି କହିଛନ୍ତି ଯେ,' ମଣିଷର ଜୀବନ ଏବଂ ସ୍ୱାଧୀନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଆପଣ ଅସ୍ୱୀକାର କରିପାରିବେ ନାହିଁ। ଏହାବ୍ୟତୀତ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା କାହା ଠାରୁ ଟଙ୍କା ଜବତ କରିବାକୁ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଆଉ ଯଦି ଏହା ହୋଇଥାଏ ତେବେ ସେଥିରେ କେଜ୍ରିୱାଲ କିଭଳି ଭାବେ ଜଡ଼ିତ ରହିଛନ୍ତି ତାହାର ପ୍ରମାଣ ଦେବାକୁ ହେବ' ବୋଲି ଖଣ୍ଡପୀଠ କହିଛନ୍ତି। ସେହିପରି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡି ନ୍ୟାୟିକ ପ୍ରକ୍ରିୟାରେ ନ ଯାଇ ସିଧା ଅପରାଧିକ ବିଚାର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ କି ବୋଲି ଖଣ୍ଡପୀଠ ରାଜୁଙ୍କୁ ପ୍ରଶ୍ନ କରିଛନ୍ତି। ଏହି ମାମଲାରେ ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିରୋଧରେ ଇଡି ପ୍ରମାଣ ପାଇଥିବା ଦାବି କରିଛି। କିନ୍ତୁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ବିରୋଧରେ କିଛି ବି ସାମ୍ନାକୁ ଅଣାଯାଇ ନାହିଁ। ତେଣୁ କେଉଁ ଆଧାରରେ ଏବଂ ନିର୍ବାଚନ ପୂର୍ବରୁ ତାଙ୍କୁ କେମିତି ଗିରଫ କରାଗଲା ବୋଲି ସଂପୃକ୍ତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସେହିପରି କେଜ୍ରିୱାଲଙ୍କୁ ଗିରଫ କରାଯିବା ପରେ ବହୁ ବିଳମ୍ବରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବାର କାରଣ କ'ଣ ବୋଲି ମଧ୍ୟ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ରାଜୁଙ୍କୁ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ଗତ ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିବା ପରେ ତାଙ୍କୁ ୨ ଥର ରିମାଣ୍ଡରେ ନେଇଥିଲା। କେଜ୍ରିୱାଲ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ ହେଁ ଏହା ଖାରଜ ହୋଇଯାଇଥିଲା। ଫଳରେ ସେବେ ଠାରୁ ସେ ତିହାର ଜେଲରେ ରହିଛନ୍ତି। ତେବେ ସର୍ବୋଚ୍ଚ ନ୍ୟାୟାଳୟ ମଙ୍ଗଳବାର ଏହି ମାମଲାରେ ଶୁଣାଣି କରି ଇଡି ପ୍ରତି ଯେଉଁସବୁ ପ୍ରଶ୍ନ ଉତ୍ଥାପନ କରିଛନ୍ତି ତଦ୍ୱାରା ଆଗାମୀ ଦିନରେ କେଜ୍ରିୱାଲଙ୍କୁ ଆଶ୍ୱସ୍ତି ମିଳିପାରେ ବୋଲି କୁହାଯାଉଛି।

## ନିରାଶ ସିସୋଦିଆ; ମିଳିଲାନି ଜାମିନ



ନୂଆଦିଲ୍ଲୀ,୩୦।୪(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ବର୍ଷକରୁ ଅଧିକ ସମୟ ଧରି ଜେଲରେ ରହିଥିବା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଅଦାଲତରୁ ପୁଣି ଝଟ୍କା ଲାଗିଛି। ରାଉଜ ଆଭେନ୍ୟୁ କୋର୍ଟ ସିସୋଦିଆଙ୍କ ଜାମିନ ଆବେଦନକୁ ପୁଣିଥରେ ଖାରଜ କରିଦେଇଛନ୍ତି। ଏହାକୁ ମିଶାଇ ଦ୍ୱିତୀୟ ଥର ପାଇଁ ତାଙ୍କର ଜାମିନ ଆବେଦନ ଖାରଜ ହୋଇଛି।ଏହା ପୂର୍ବରୁ ନିମ୍ନ ଅଦାଲତଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ମଧ୍ୟ ସିସୋଦିଆଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ। ତେବେ ରାଉଜ ଆଭେନ୍ୟୁ କୋର୍ଟଙ୍କ ନିଷ୍ପତ୍ତିକୁ ସିସୋଦିଆ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇ ୨୦୨୩ ଫେବୃଆରୀ ୨୬ ତାରିଖରେ ମନୀଷ ସିସୋଦିଆଙ୍କୁ ଗିରଫ କରିଥିଲା। ସେବେ ଠାରୁ ସେ ଜେଲରେ ରହିଛନ୍ତି।

● ଖାଇକୁ ଖସି ନଦୀରେ ପଡ଼ିଲା ବସ୍

## ଭାସିଗଲେ ଯାତ୍ରୀ; ୨୫ ମୃତ

ଲିମା, ୩୦।୪ ( ଏଜେନ୍ସି): ଦକ୍ଷିଣ ଆମେରିକାର ପେରୁରେ ସୋମବାର ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ବସ୍ ନିୟନ୍ତ୍ରଣ ହରାଇ ୬୫୦ ମିଟର ଗଭୀର ଖାଇକୁ ଖସି ନଦୀରେ ପଡ଼ିଛି। ବସରେ ଯାଉଥିବା ଯାତ୍ରୀ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ହୋଇଛି। ୧୨ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ୧୩ରୁ ଅଧିକ ବ୍ୟକ୍ତି ନିଖୋଜ ଅଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି। ଉଦ୍ଧାରକାରୀ ଟିମ୍ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉପସ୍ଥିତି ଅଛନ୍ତି। ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡି ନାହିଁ। ଏହା ଜାଣିବା ପାଇଁ ଯାଞ୍ଚ ଆରମ୍ଭ ହୋଇଛି।ଅନ୍ୟପକ୍ଷରେ ସ୍ଥାନୀୟ ପ୍ରଶାସନ ଏହି ଘଟଣାକୁ ନେଇ ୪୮ ଘଣ୍ଟାର ଶୋକ ଘୋଷଣା କରିଛି। ସୂଚନାଯୋଗ୍ୟ ଯେ ପେରୁରେ ସଡ଼କ ଦୁର୍ଘଟଣା ସାଧାରଣ ଘଟଣା ପାଲଟି ଯାଇଛି। ଖରାପ ରାସ୍ତା, ଟ୍ରାଫିକ ବ୍ୟବସ୍ଥା, ବେପରୁଆ ଗାଡି ଚାଳନା, ଦ୍ରୁତ ଗତି, ପ୍ରଶାସନର ଅବହେଳା ଯୋଗୁଁ ପ୍ରତି ବର୍ଷ ଅନେକ ଲୋକଙ୍କ ଜୀବନ ଯାଉଛି। କେବଳ ଗତ ବର୍ଷ ସଡ଼କ ଦୁର୍ଘଟଣାରେ ୩୩୦୦ ଲୋକଙ୍କ ଜୀବନ ଯାଇଥିଲା।

## ଜମ୍ମୁ- କାଶ୍ମୀରରେ ଭୂସ୍ଖଳନ; ୫ ମୃତ

ଶ୍ରୀନଗର, ୩୦।୪ (ଏଜେନ୍ସି): ଜମ୍ମୁ - କାଶ୍ମୀରରେ ରବିବାର ଠାରୁ ପ୍ରବଳ ବର୍ଷା ଜାରି ରହିଛି। ଏହା ସହିତ ପାହାଡିଆ ଅଞ୍ଚଳରେ ତୁଷାରପାତ ମଧ୍ୟ ହେଉଛି। କୁପୱାଡାରେ ଭୂସ୍ଖଳନ ଏବଂ ବନ୍ୟାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିଯୋଗୁଁ ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନେକ ଲୋକ ପ୍ରଭାବିତ ହୋଇଛନ୍ତି। ଜମ୍ମୁ କ୍ଷେତ୍ରର ଡୋଡ଼ା, ରିୟାସି, କିସ୍ତୱାଡ, ରାମବନ୍ ଏବଂ କାଶ୍ମୀରର କିସ୍ତୱାଡ ସହିତ ଅନେକ ପାହାଡି ଜିଲ୍ଲାରେ ବର୍ଷା ଏବଂ ଭୂସ୍ଖଳନ ହୋଇଛି। ଏହା ପୂର୍ବରୁ ସୋମବାର ରାମବନ୍ ଜିଲ୍ଲାର ଅନେକ ସ୍ଥାନରେ ଭୂସ୍ଖଳନ ହେବା ଯୋଗୁ ଶ୍ରୀନଗର - ଜମ୍ମୁ ରାସ୍ତାକୁ ବନ୍ଦ୍ କରି ଦିଆ ଯାଇଥିଲା। ପ୍ରବଳ ବର୍ଷା ଜନିତ ବନ୍ୟାରେ କୁପୱାଡ଼ା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ୫ ଟି ପୋଲ ଭାଙ୍ଗି ଯାଇଛି। ଅନେକ ରାସ୍ତା ଧୋଇ ହୋଇଯାଇଛି। ଲୋକଙ୍କ ଘରେ ପାଣି ପଶି ଯାଇଛି।

● ମାଳଦ୍ୱୀପରେ ସ୍ଥାନୀୟ ଲୋକ - ଭାରତୀୟଙ୍କ ମଧ୍ୟରେ ସଂଘର୍ଷ

## ୨ ଗୁରୁତର, ସ୍ଥିତି ଉତ୍ତେଜନାପୂର୍ଣ୍ଣ

ମାଲେ, ୩୦।୪(ଏଜେନ୍ସି): ମାଳଦ୍ୱୀପରେ ସ୍ଥାନୀୟ ଲୋକ - ଭାରତୀୟ ନାଗରିକଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ମାମଲାରେ ଜଣେ ସ୍ଥାନୀୟ ନାଗରିକଙ୍କୁ ଗିରଫ କରାଯାଉଛି। ରିପୋର୍ଟ ଅନୁଯାୟୀ ମାଲେରୁ ୭ କିମି ଦୂର ହୁଲହୁମଲେ ସ୍ଥିତ ସେଣ୍ଟ୍ରାଲ ପାର୍କରେ ସୋମବାର ରାତି ୯ ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ତେବେ ଏହି ସଂଘର୍ଷର କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ପୁଲିସ ମାମଲାର ତଦନ୍ତ କରୁଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି। ମାଳଦ୍ୱୀପର ମହମ୍ମଦ ମୋଇଜ୍ଜୁ ସରକାର ଚୀନ କଥାରେ ଉଠବସ୍ ହୋଇ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ ଅଛନ୍ତି। ଗୋଟିଏ ପରେ ଗୋଟିଏ ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିବାରେ ଲାଗିଛନ୍ତି। ସଂସଦୀୟ ନିର୍ବାଚନରେ ବିପୁଳ ବିଜୟ ହାସଲ କରିବା ପରେ ତାଙ୍କ ମନୋବଳ ଅଧିକ ବୃଦ୍ଧି ପାଇଛି।

● ଅମିତ ଶାହାଙ୍କ ଜାଲ୍ ଭିଡିଓ ପ୍ରସାରଣ ମାମଲା

## ଅହମ୍ମଦାବାଦରୁ ୨ ଗିରଫ

ଅହମଦାବାଦ, ୩୦।୪ (ଏଜେନ୍ସି): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଜାଲ୍ ଭିଡିଓ ମାମଲାରେ ଗୁଜରାଟ ଅହମଦାବାଦରୁ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରାଯାଇଛି। ଜଣେ ଅଭିଯୁକ୍ତ କଂଗ୍ରେସ୍ ବିଧାୟକ ଜିଗ୍ନେଶ ମେୱାଣିଙ୍କ ପିଏ ହୋଇଥିବାବେଳେ ଅନ୍ୟ ଜଣେ ଆମ ଆଦମୀ ପାର୍ଟି (ଆପ୍) ସଦସ୍ୟ ସାମିଲ ଅଛନ୍ତି। ଏହା ପୂର୍ବରୁ ସୋମବାର ଆସାମରୁ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଦିଲ୍ଲୀ ପୁଲିସର ଆଇଏଫ୍ଏସଓ ଏହି ମାମଲାରେ ୭ ରୁ ୮ ରାଜ୍ୟର ୧୬ ଜଣଙ୍କୁ ସମନ୍ ଜାରି କରିଛି। ଏମାନଙ୍କ ମଧ୍ୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ୍ ରେଡ୍ଡୀ ସାମିଲ ଅଛନ୍ତି। ସମସ୍ତଙ୍କୁ ୧ ତାରିଖରେ ହଜାର ହେବାକୁ କୁହାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୬ ରୁ ୬ ଜଣ ତେଲେଙ୍ଗାନା କଂଗ୍ରେସର ସଦସ୍ୟ। ପୁଲିସ ସମସ୍ତଙ୍କୁ କାଗଜପତ୍ର ସହିତ ମୋବାଇଲ ଲ୍ୟାପଟପ୍ ପରି ଇଲେକ୍ଟ୍ରୋନିକ ଡିଭାଇସ୍ ନେଇ ଆସିବାକୁ କହିଚି। ଏହି ଜାଲ ଭିଡିଓକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ସୋମବାର କହିଥିଲେ ଯେ କଂଗ୍ରେସ ତାଙ୍କର ଜାଲ ଭିଡିଓ ବନାଇ ଭାଇରଲ୍ କରିଛି। ସେ ଆସାମରେ ସାମ୍ବାଦିକ ସମ୍ମିଳନୀ କରି ଅସଲି ଏବଂ ନକଲି ଭିଡିଓ ମଧ୍ୟ ପ୍ରଦର୍ଶନ କରିଥିଲେ। ଏବେ କ୍ଷୀର ଓ ପାଣି ଅଲଗା ଅଲଗା ହୋଇଯାଇଛି ବୋଲି କହିଥିଲେ।

## ଫଳ ବିକ୍ରେତା ମୋହିନୀ ଗୌଡ଼ଙ୍କୁ ଭେଟିଲେ ମୋଦୀ



ବେଙ୍ଗାଲୁରୁ,୩୦।୪(ଏଜେନ୍ସି): କର୍ଣ୍ଣାଟକର ଉତ୍ତର କନ୍ନାଡ ଜିଲ୍ଲାସ୍ଥ ଶିର୍ଷିକୁ ନିର୍ବାଚନ ପ୍ରଚାରରେ ଯିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଶିର୍ଷିର ଆଙ୍କୋଲା ଅଞ୍ଚଳର ଏକ ବସଷ୍ଟାଣ୍ଡରେ ଫଳ ବିକୁଥିବା ମହିଳା ମୋହିନୀ ଗୌଡ଼ଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ହେଲିପ୍ୟାଡରେ ଅବତରଣ କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ସେଠାରେ ମୋହିନୀଙ୍କୁ ଭେଟି ସ୍ୱଚ୍ଛତା ରକ୍ଷା ପ୍ରତି ତାଙ୍କର ନିଷ୍ଠାପର କାର୍ଯ୍ୟର ପ୍ରଶଂସା କରିଥିଲେ। ମୋହିନୀ ବସଷ୍ଟାଣ୍ଡରେ ଲେକେ ଫୋପାଡୁଥିବା ପତ୍ର, ଫଳଚୋପା ଆଦିକୁ ଗୋଟାଇ କିଛି ଦୂରରେ ଥିବା ଡଷ୍ଟବିନରେ ପକାଇବାର ଶ୍ରମ ସ୍ୱେଚ୍ଛାରେ କରୁଥିଲେ। ତାଙ୍କର ସେହି କାର୍ଯ୍ୟର ଭିଡିଓ ଭାଇରାଲ ହୋଇ ସମୟକ୍ରମେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନଜରକୁ ଆସିଥିଲା। ଫଳ ବିକୁଥିବା ମୋହିନୀ ଫଳକୁ ପତ୍ରରେ ଭଲଭାବେ ଗୁଡ଼େଇ ପ୍ୟାକ୍ କରି ଗ୍ରାହକଙ୍କୁ ଦେଉଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ତାହାକୁ ପରିବେଶ-ସାଶ୍ରୟ ବା ଇକୋ-ଫ୍ରେଣ୍ଡଲୀ ପ୍ୟାକେଜିଂ ବୋଲି ମତ ଦେଇଛନ୍ତି।

ମଣିପୁରର ୨ ମହିଳାଙ୍କୁ ଉଲଗ୍ନ ବୁଲାଇବା ମାମଲାରେ ସିବିଆଇର ଦାବି

## ପୁଲିସ ହିଁ ମହିଳାଙ୍କୁ ଭିଡ଼ ମଧ୍ୟରେ ଛାଡ଼ିଥିଲା

ଇମ୍ଫାଲ, ୩୦।୪ (ଏଜେନ୍ସି): ମଣିପୁରରେ ଗତ ବର୍ଷ କୁକି - ଜୋ ସମ୍ପ୍ରଦାୟର ଦୁଇ ମହିଳାଙ୍କୁ ଉଲଗ୍ନ କରି ବୁଲା ଯାଇଥିଲା। ମେ' ରେ ହୋଇଥିବା ଏହି ଘଟଣାର ଭିଡିଓ ଜୁଲାଇରେ ଭାଇରାଲ ହୋଇଥିଲା। ଏବେ ସିବିଆଇ ଏହି ମାମଲାରେ ଆରୋପପତ୍ର ଦାଖଲ କରିଛି। ଏଥିରେ ଦାବି କରାଯାଇଛି ଯେ ପୁଲିସ ଅଧିକାରୀମାନେ ହିଁ ଏହି ଦୁଇ ମହିଳାଙ୍କୁ ନେଇ କାଙ୍ଗପୋକପି ଜିଲ୍ଲାର ମେଇତି ସମ୍ପ୍ରଦାୟର ହଜାରେ ଲୋକଙ୍କ ମଧ୍ୟରେ ପହଞ୍ଚି ଥିଲେ। ଏହି ଦୁଇ ମହିଳା ପୁଲିସକୁ ଶରଣ ମାଗି ଗାଡ଼ିରେ ରଖିବା ପାଇଁ କହିଥିଲେ। କିନ୍ତୁ ପୁଲିସ ଏପରି ନ କରି ଦୁଇ ମହିଳାଙ୍କୁ ମେଇତି ଲୋକଙ୍କ ମଧ୍ୟରେ ଛାଡ଼ି ଦେଇଥିଲା। ପରେ ଉପଦ୍ରବୀ ମହିଳାଙ୍କୁ ଉଲଗ୍ନ କରି ପରେଡ କରାଇ ଥିଲେ ଯୌନ ଉତ୍ପୀଡନ ଦେଇଥିଲେ। ଏହି ମହିଳାଙ୍କ ମଧ୍ୟରେ ଜଣେ କାରଗିଲ ଯୁଦ୍ଧ ଲଢ଼ିଥିବା ସୈନିକଙ୍କ ପତ୍ନୀ ଥିଲେ। ଆରୋପପତ୍ର ବିଷୟରେ ସୂଚନା ଦେଇ ଅଧିକାରୀ କହିଛନ୍ତି ଯେ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ମହିଳା ପୁଲିସକୁ ସହାୟତା ମାଗିଥିଲେ। କିନ୍ତୁ ପାଖରେ ଗାଡ଼ି ଚାବି ନାହିଁ ବୋଲି ପୁଲିସ କର୍ମଚାରୀ ତାଙ୍କୁ କହିଥିଲେ। କୌଣସି ସହାୟତା ମଧ୍ୟ କରି ନ ଥିଲେ।ଆରୋପପତ୍ର ଅନୁଯାୟୀ ଏହି ଭିଡ଼ (ଉପଦ୍ରବୀ ଗୋଷ୍ଠୀ) ମହିଳାଙ୍କ ଗାଁରେ ପ୍ରବେଶ କରିଥିଲେ। ଏହା ଦେଖି ମହିଳା ଜଙ୍ଗଲ ଆଡେ ଦୌଡ଼ି ପଳେଇ ଥିଲେ। ଏହି ସମୟରେ ସେହି ଭିଡ଼ରେ ସାମିଲ କିଛି ଭଲ ଲୋକ ରାସ୍ତା କଡ଼ରେ ଛିଡା ହୋଇଥିବା ପୁଲିସକୁ ଯାଇ ସହାୟତା ମାଗିବାକୁ କହିଥିଲେ। ମହିଳା ଯେକୌଣସି ଉପାୟରେ ସେଠି ପହଞ୍ଚି ଥିଲେ ଏବଂ ଗାଡ଼ି ଭିତରେ ବସି ଥିଲେ। କିନ୍ତୁ ପୁଲିସ ସୁରକ୍ଷିତ ସ୍ଥାନକୁ ନେବା ପରିବର୍ତ୍ତେ ଭିଡ଼ ମଧ୍ୟରେ ଛାଡ଼ି ଚାଲିଯାଇଥିଲା।

## ଗାଈଙ୍କୁ ବାର୍ଡ ଫ୍ଲୁ ସଂକ୍ରମଣ ଆଶଙ୍କା

ଜେନେଭା,୩୦।୪(ଏଜେନ୍ସି): ବାର୍ଡ ଫ୍ଲୁ ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚ୍ଓ) ପକ୍ଷରୁ ମଙ୍ଗଳବାର ସତର୍କତା ଜାରି କରାଯାଇଛି। ବିଦେଶାଗତ ପକ୍ଷୀମାନଙ୍କ ମାଧ୍ୟମରେ ଗାଈମାନଙ୍କୁ ଏଚ-୫ଏନ-୧ ବାର୍ଡ ଫ୍ଲୁ ଭୁତାଣୁ ସଂକ୍ରମଣ

**ସତର୍କତା ଜାରିକଲା ଡବ୍ଲ୍ୟୁଏଚ୍ଓ**

ହେବାର ଆଶଙ୍କା ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର 'ଗ୍ଲୋବାଲ୍ ଇନଫ୍ଲୁଏଞ୍ଜା ପ୍ରୋଗ୍ରାମ' ମୁଖ୍ୟ ୱେଙ୍କିଙ୍ଗ ଝାଙ୍ଗ ସୂଚନା ଦେଇଛନ୍ତି। ପ୍ରବାସୀ ପକ୍ଷୀମାନଙ୍କ ଠାରୁ ଏହି ଭୂତାଣୁ ସାରା ବିଶ୍ୱରେ ବ୍ୟାପିବା ସହିତ ନିଶ୍ଚିତ ଭାବରେ ଅନ୍ୟ ଦେଶରେ ଗାଈଙ୍କୁ ସଂକ୍ରମିତ କରିପାରେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଆମେରିକାର ୯ ରାଜ୍ୟରେ ୩୪ଟି ଗାଈ ଏଚ-୫ ଏନ-୧ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ନିଶ୍ଚିତ ହୋଇଥିଲା। ଏହାପରେ ଟେକ୍ସାସର ଜଣେ ବ୍ୟକ୍ତି ମଧ୍ୟ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା।

## ଅନନ୍ତନାଗ-ରାଜୌରୀରେ ମତଦାନ ତାରିଖ ବଦଳିଲା

ନୂଆଦିଲ୍ଲୀ,୩୦।୪(ଏଜେନ୍ସି): ଜମ୍ମୁ-କଶ୍ମୀରର ଅନନ୍ତନାଗ-ରାଜୌରୀ ଲୋକସଭା ଆସନ ପାଇଁ ମତଦାନ ତାରିଖରେ ନିର୍ବାଚନ କମିସନ ପରିବର୍ତ୍ତନ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ଆସନରେ ତୃତୀୟ ପର୍ଯ୍ୟାୟରେ ମେ ୭ ତାରିଖରେ ମତଦାନ ହେବାର ଥିଲା। ତାରିଖ ବଦଳାଇବା ପାଇଁ ବହୁ ରାଜନୈତିକ ଦଳ ପକ୍ଷରୁ ଦାବି କରାଯାଇଥିଲା ବେଳେ ନିର୍ବାଚନ କମିସନ ଏହି ନିଷ୍ପତ୍ତି ନେଇଛନ୍ତି।

■ ସୀମାନ୍ତରେ ଏନ୍କାଉଣ୍ଟର

## ଦୁଇ ମହିଳାଙ୍କ ସମେତ ୧୦ ମାଓବାଦୀ ମୃତ



ମାଲକାନଗିରି/ରାୟପୁର,୩୦।୪ (ସମିସ)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ସୁରକ୍ଷାବଳ ଏନକାଉଣ୍ଟରରେ ୧୦ ମାଓବାଦୀ ନିହତ ହୋଇଛନ୍ତି।ମୃତ ମାଓବାଦୀଙ୍କ ମଧ୍ୟରେ ଦୁଇ ଜଣ ମହିଳା କ୍ୟାଡର ରହିଥିଲା ବେଳେ ଦୁଇ ଜଣ ହାର୍ଡକୋର୍(ଡିଭିଜିନାଲ କମିଟି ସଦସ୍ୟ)ମାଓବାଦୀ ରହିଥିବା ସୂଚନା ମିଳିଛି। ମିଳିଥିବା ଖବର ଅନୁସାରେ ମଙ୍ଗଳବାର ସକାଳେ ବିଜାପୁର ଜିଲ୍ଲାର ଡିଆରଜି ଓ ଏସ୍.ଟି.ଏଫ୍ ବାହିନୀ ସର୍ଚ୍ଚ ଅପରେସନ ଚଳାଇଥିବା ସମୟରେ ବିଜାପୁର ଜିଲ୍ଲା ଆବୁଜମାଡ ଓ ଟେରମେଟ, କାକୁର ଜଙ୍ଗଲରେ ରହିଥିବା କିଛି ମାଓବାଦୀ ସୁରକ୍ଷାବଳ ଉପରକୁ ଗୁଳିଚାଳନା କରିଥିଲେ। ଜବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଯାହାକୁ ନେଇ ପ୍ରାୟ ଦୁଇ ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ଚାଳନା ଚାଲିଥିଲା। ତେବେ ମାଓବାଦୀମାନେ ଜବାନଙ୍କ ଆକ୍ରମଣକୁ ସାମନା କରି ନପାରି ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ପରେ ଜବାନମାନେ ଉକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ୨ ମହିଳା ମାଓବାଦୀଙ୍କ ସହ ଅନ୍ୟ ୮ ଜଣ ମାଓବାଦୀଙ୍କ ମୃତଦେହ ପାଇଥିଲେ। ମୃତ ମାଓବାଦୀଙ୍କ ନିକଟରୁ ଏକେ ୪୭ ରାଇଫଲ ସମେତ ବହୁ ବନ୍ଧୁକ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୃତ ମାଓବାଦୀଙ୍କ ପରିଚୟ ମିଳି ନାହିଁ ବୋଲି ବସ୍ତର ଡିଆଇଜି ସୁନ୍ଦରଲାଲ ପି ସୂଚନା ଦେଇଛନ୍ତି।

କର୍ଣ୍ଣାଟକ ଯୌନ କେଳେଙ୍କାରୀ ମାମଲା

# ଦଳରୁ ନିଲମ୍ବିତ ହେଲେ ପ୍ରଜ୍ୱଳ ରେଭନ୍ନା

ବେଙ୍ଗାଲୁରୁ, ୩୦।୪ (ଏଜେନ୍ସି)

କର୍ଣ୍ଣାଟକ ଯୌନ କେଳେଙ୍କାରୀ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡ଼ାଙ୍କ ନାତି ପ୍ରଜ୍ୱଳ ରେଭନ୍ନାଙ୍କୁ ଜେଡିଏସରୁ ନିଲମ୍ବିତ କରି ଦିଆଯାଇଛି।

- ଜେଡିଏସ କୋର କମିଟି ବୈଠକରେ ନିଷ୍ପତ୍ତି
- ହସନରୁ ସାଂସଦ ରହିଛନ୍ତି ଦେବଗୌଡାଙ୍କ ନାତି ପ୍ରଜ୍ୱଳ

ଜେଡିଏସ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚଡ଼ି କୁମାରସ୍ୱାମୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଥିବା ଦଳର କୋର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଜ୍ୱଳ ହାସନରୁ ଦଳୀୟ ସାଂସଦ ଏବଂ ଲୋକସଭା ପ୍ରାର୍ଥୀ ଅଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୨୬ ତାରିଖରେ ଏହି ଆସନରେ ମତଦାନ ଶେଷ ହେବା ପରେ ସେ ଜର୍ମାନୀ ପଳାଇ ଥିଲେ। ଏହି ମାମଲାରେ କୁମାରସ୍ୱାମୀ କହିଛନ୍ତି ଯେ ଏସଆଇଟି ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ରେଭନ୍ତଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଭୁଲ କରିଥିବା ଲୋକଙ୍କୁ କଦାପି ସୁରକ୍ଷା ଦିଆଯିବ ନାହିଁ। କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏହି ମାମଲାରେ ସରକାରଙ୍କ ଦାୟିତ୍ୱ ଅଧିକ। ଏହା ଏକ ଗୁରୁତର ମାମଲା। ସରକାରଙ୍କୁ ଅସଲ ଚିତ୍ର ସାମ୍ନାକୁ ଆଣିବାକୁ ପଡ଼ିବ। ଏହି ଦାୟିତ୍ୱ ସରକାରଙ୍କ, ମୋର ନୁହେଁ ବୋଲି କୁମାରସ୍ୱାମୀ କହିଛନ୍ତି। ସେ ଏହି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଦେବଗୌଡ଼ାଙ୍କ ନାମ ନେବା ଅନୁଚିତ୍





ବୋଲି ଉଲ୍ଲେଖ କରିଛନ୍ତି। କଂଗ୍ରେସ ପରିବାରରେ ଫାଟ ସୃଷ୍ଟି କରିବା ପାଇଁ ଏପରି କରୁଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ସରକାର ମାମଲାର ତଦନ୍ତ ପାଇଁ ଏଡିଜି ବିଜେ ସିଂହଙ୍କ ନେତୃତ୍ୱରେ ଆଇପିଏସ୍ ଅଧିକାରୀଙ୍କ ତିନି ସଦସ୍ୟ ବିଶିଷ୍ଟ ଟିମ୍ ଗଠନ କରିଛନ୍ତି। ଏହା ମଧ୍ୟରେ ମାମଲାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ବିଜେପି ମାତୃଶକ୍ତିଙ୍କ ସହ ରହିଛି। ମାମଲାର ଯାଞ୍ଚକୁ ଆଗକୁ ବଢ଼ାଯାଉ। ପ୍ରଜ୍ୱଳ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରଦେଶ ଅଧ୍ୟକ୍ଷ ମଧ୍ଯ ଏ ନେଇ ଦଳର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଛନ୍ତି। ଏଭଳି ମାମଲାକୁ କୌଣସି ଦଳ ସମର୍ଥନ ଦେବ ନାହିଁ ବୋଲି କହିଛନ୍ତି।ଏହା ପୂର୍ବରୁ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଭଦ୍ରା ଏହାକୁ ନେଇ ବିଜେପିକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଯେଉଁ ନେତାଙ୍କ କାନ୍ଧରେ ହାତ ରଖି ପ୍ରଧାନମନ୍ତ୍ରୀ ଫଟୋ ଉଠାଉଛନ୍ତି, ଯେଉଁ ନେତାଙ୍କ ନିର୍ବାଚନ ପ୍ରଚାର ପାଇଁ ୧୦ ଦିନ ଆଗରୁ ଯାଉଛନ୍ତି, ମଞ୍ଚରେ ଯାହାର ପ୍ରଶଂଶା କରୁଛନ୍ତି, କର୍ଣ୍ଣାଟକର ସେହି ନେତା ଏବେ ଦେଶରୁ ଫେରାର ଅଛନ୍ତି। ତାଙ୍କର ଅପରାଧ ବିଷୟରେ ଶୁଣିଲା ମାତ୍ରେ ହିଁ ଛାତିଥରି ଯାଉଛି। ଶହ ଶହ ମହିଳାଙ୍କ ଜୀବନକୁ ଯିଏ ବର୍ବାଦ କରିଦେଇଛି, ସେହି ମାମଲାରେ ପ୍ରଧାନମନ୍ତ୍ରୀ ଏବେ ଚୁପ୍ ରହିବେ କି ବୋଲି ପ୍ରିୟଙ୍କା ପଚାରିଛନ୍ତି।ସେହିପରି ପ୍ରଜ୍ୱଳଙ୍କ ପିତା ଏଚଡି ରେଭନ୍ନା କହିଛନ୍ତି ଯେ ପୁଅ ବିରୋଧରେ କି ଷଡ଼ଯନ୍ତ୍ର କରାଯାଇଛି ସେ ଜାଣିନାହାନ୍ତି। ଏବେ ଯେଉଁ ଭିଡିଓ ଜାରି କରାଯାଇଛି ତାହା ୪- ୫ ବର୍ଷ ତଳର। ଯାଞ୍ଚ ହେବାକୁ ଦିଅନ୍ତୁ। କଂଗ୍ରେସର ୪୦ ବର୍ଷର ଶାସନ ସମୟର ଅନେକ ଯାଞ୍ଚର ସମ୍ମୁଖୀନ ହୋଇଛୁ।ସୂଚନାଯୋଗ୍ୟ ଯେ ପ୍ରଜ୍ୱଳ ଏବଂ ତାଙ୍କ ବାପାଙ୍କ ବିରୋଧରେ ଘରୋଇ ସହାୟିକା ଯୌନ ଉତ୍ପୀଡନ ଅଭିଯୋଗ ଲଗାଇଛନ୍ତି। ଏହା ପରେ ପ୍ରଜ୍ୱଳଙ୍କ ୨୦୦ ରୁ ଅଧିକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ମହିଳା ନିଜକୁ ତାଙ୍କ କବଳରୁ ଛଡ଼ାଇବା ପାଇଁ କାକୁତି ମିନତି ହେଉଥିବା ଦେଖା ଯାଉଛି। କିନ୍ତୁ ପ୍ରଜ୍ବଳ ଏହାକୁ ଭ୍ରୁକ୍ଷେପ ନ କରି ଭିଡିଓ ବନାଇବାରେ ଲାଗିଛନ୍ତି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଏହାକୁ ରାଜ୍ୟର ସବୁଠାରୁ ବଡ଼ ଯୌନ କେଳେଙ୍କାରୀ ବୋଲି କହିଛନ୍ତି।

## ହାଇପ୍ରୋଫାଇଲ୍ ସିଟ୍ : କେଶରଗଞ୍ଜ (ୟୁପି)

# ବ୍ରିଜ୍‌ଭୂଷଣଙ୍କୁ ନେଇ ବିଜେପି ପାଇଁ କଠିନ ଆହ୍ୱାନ

ବର୍ତ୍ତମାନ ସୁଦ୍ଧା ମୋଟ ୫୪୩ ଲୋକସଭା ଆସନ ମଧ୍ୟରୁ ଏକ ତୃତୀୟାଂଶ ଆସନରେ ମତଦାନ ଶେଷ ହୋଇଛି। ଏପ୍ରିଲ ୧୯ ଏବଂ ୨୬ରେ ହୋଇଥିବା ଦୁଇ ପର୍ଯ୍ୟାୟ ନିର୍ବାଚନରେ ୧୯୦ ଆସନ ପାଇଁ ମତଦାନ ଶେଷ ହୋଇଥିଲା ବେଳେ ଦେଶର ଉତ୍ତରପୂର୍ବାଞ୍ଚଳ, ପୂର୍ବ ଏବଂ ଦକ୍ଷିଣ ଭାଗର ଅଧିକାଂଶ ଆସନରେ ମତଦାନ ହୋଇସାରିଛି। ଏବେ ଆଗାମୀ ପର୍ଯ୍ୟାୟରେ ବିଶେଷକରି ଉତ୍ତର ଏବଂ ପଶ୍ଚିମ ଭାରତର ସର୍ବାଧିକ ଆସନ ପାଇଁ ମତଦାନ ହେବ। ତେବେ ଏହାମଧ୍ୟରୁ ରାଜନୀତି ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱ ରଖୁଥିବା ରାଜ୍ୟ ଉତ୍ତରପ୍ରଦେଶର କେତେକ ଆସନ ଉଭୟ କଂଗ୍ରେସ ଏବଂ ବିଜେପି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଉତ୍ତରପ୍ରଦେଶର ଆମେଥି, ରାଏବରେଲି ଭଳି ଦୁଇଟି ଆସନ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ବେଳେ କେଶରଗଞ୍ଜ ଆସନ ବିଜେପି ପାଇଁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ତିନୋଟି ଆସନ ପାଇଁ ଆସନ୍ତା ମାସ ୨୦ ତାରିଖରେ ଏବଂ ପଞ୍ଚମ ପର୍ଯ୍ୟାୟରେ ମତଦାନ ହେବାକୁ ଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଉଭୟ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ତେବେ ମେ' ୩ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ହୋଇଥିବାରୁ ଉଭୟ କଂଗ୍ରେସ ଏବଂ ବିଜେପି ପକ୍ଷରୁ ପ୍ରାର୍ଥୀ ଘୋଷଣା ଲାଗି ତତ୍ପରତା ପ୍ରକାଶ ପାଇଛି। ତେବେ ରାଏବରେଲି ଏବଂ ଆମେଥିରେ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି ତାହା ରାଜନୀତିକ ମହଲ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ଯାଏଁ ଉତ୍ସୁକତା ଆଣିଥିଲା ବେଳେ କେଶରଗଞ୍ଜ ଆସନରେ ବିଜେପି କାହାକୁ ପ୍ରାର୍ଥୀ କରୁଛି ତାହା ମଧ୍ୟ ସବୁ ମହଲରେ ପ୍ରଶ୍ନ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ଏଠାକାର ବର୍ତ୍ତମାନ ସାଂସଦ ବ୍ରିଜଭୂଷଣ ଶରଣ ସିଂଙ୍କୁ ଦଳ ପ୍ରାର୍ଥୀ କରିବ କି ନାହିଁ ତାହା ବିଭିନ୍ନ ମହଲରେ ଆଲୋଚନା ଚାଲିଥିଲା ବେଳେ ବିଜେପି ପାଇଁ ମଧ୍ୟ ଏହା ଏକ ବଡ଼ ଆହ୍ୱାନ ହୋଇ ଛିଡା ହୋଇଛି। ନାରୀ ଅସ୍ମିତାକୁ ନେଇ ବିଜେପି ସବୁ ବେଳେ ବଡ଼ ବଡ଼ କଥା କହିଆସିଛି। ଦେଶରେ କୌଣସି ସ୍ଥାନରେ ନାରୀ ସମ୍ମାନର କଥା ଉଠିଲେ ବିଜେପି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଆସିଛି। ନିକଟରେ ପଶ୍ଚିମବଙ୍ଗର ସନ୍ଦେଶଖାଲି ଘଟଣା ଏହାର ଏକ ପ୍ରମୁଖ ଉଦାହରଣ ବୋଲି କୁହାଯାଇପାରେ। ଏଠାରେ ନାରୀ ଓ ମହିଳାମାନଙ୍କ ଉପରେ ଯେଉଁଭଳି ଅତ୍ୟାଚାର, ଶୋଷଣ ହୋଇଥିଲା ତାହାକୁ ବିଜେପି ମୁଦ୍ଦା କରି ମମତା ବାନାର୍ଜୀଙ୍କ ସରକାରଙ୍କୁ କାଠଗଡ଼ାରେ ଛିଡା କରିଛି। ମହିଳାମାନଙ୍କ ସମ୍ମାନ ଏବଂ ଅସ୍ମିତାକୁ ଗୁରୁତ୍ୱ ଦେଇ ବିଜେପି ସବୁ ବେଳେ ପ୍ରଯତ୍ନଶୀଳ ରହିଆସିଥିଲା ବେଳେ କେଶରଗଞ୍ଜ ଆସନ ପାଇଁ କି ନିଷ୍ପତ୍ତି ନେବ ତାହା ଦଳ ପାଇଁ ଏକ ବଡ଼ ପ୍ରଶ୍ନ ହୋଇଛି। କେଶରଗଞ୍ଜ ସାଂସଦ ଏବଂ ଭାରତୀୟ କୁସ୍ତିଯୋଦ୍ଧା ସଂଘ ସଭାପତି ଭାବେ ବ୍ରିଜଭୂଷଣଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାଙ୍କୁ ନେଇ ଯେଉଁଭଳି ଯୌନ ଶୋଷଣ ମାମଲା ଆସିଥିଲା ତାହା ଏବେ ମଧ୍ୟ ଲୋକଙ୍କ ମନରୁ ଯାଇ ନାହିଁ। ତେଣୁ ସନ୍ଦେଶଖାଲି ଘଟଣା ବିରୋଧରେ ତୁମ୍ବିତୋଫାନ କରିଥିବା ଦଳ ଏଠାରେ ବ୍ରିଜଭୂଷଣଙ୍କୁ କିଭଳି ପ୍ରାର୍ଥୀ କରିବ ତାହା ବିଜେପି ପାଇଁ ଚିନ୍ତାର କାରଣ ହୋଇଛି। କେଶରଗଞ୍ଜ ବ୍ୟତୀତ ଏବେ କର୍ଣ୍ଣାଟକର ହାସନ ଲୋକସଭା ଆସନ ମଧ୍ୟ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିଛି। କର୍ଣ୍ଣାଟକରେ ବିଜେପି ଜେଡିଏସ୍ ସହ ମେଣ୍ଟ କରି ନିର୍ବାଚନ ଲଢୁଥିଲା ବେଳେ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜେଡିଏସ୍ ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଳ ରାଭାନ୍ନା ଏବେ ସେକ୍ସ ସ୍କାଣ୍ଡାଲରେ ଛନ୍ଦି ହୋଇଯାଇଛନ୍ତି। ତାଙ୍କ ବିରୋଧରେ ସାଂଘାତିକ ଯୌନ ଶୋଷଣ ଅଭିଯୋଗ ଆସିଥିବାରୁ ଜେଡିଏସ୍ ପ୍ରଜ୍ୱଳଙ୍କୁ ମଙ୍ଗଳବାର ଦଳର ସସ୍ପେଣ୍ଡ କରିଛି। କିନ୍ତୁ ଏହି ବିଷୟକୁ ନେଇ ବିରୋଧୀ ବିଜେପିକୁ ଘେରିବାକୁ ପଛାଇ ନାହାନ୍ତି। ଏବେ ଠାରୁ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ବିଜେପିର ନାରୀ ଅସ୍ମିତା ଆଭିମୁଖ୍ୟକୁ ନେଇ ଟିକା ଟିପ୍ପଣୀ ଦେବା ଆରମ୍ଭ କରିଦେଇଛନ୍ତି। ଏଭଳି ସ୍ଥଳେ କେଶରଗଞ୍ଜରେ ବ୍ରିଜଭୂଷଣଙ୍କୁ ବିଜେପି ପ୍ରାର୍ଥୀ କରିବା ସମ୍ଭବ ନୁହେଁ ବୋଲି ଦଳ ପକ୍ଷରୁ ବିଚାର କରାଯାଉଥିବା କୁହାଯାଉଛି। କାରଣ ଏହା ହେଲେ ବିରୋଧୀଙ୍କୁ ବିଜେପି ବିରୋଧରେ ଆଉ ଏକ ପ୍ରସଙ୍ଗ ମିଳିଯିବ ଏବଂ ଆଗାମୀ ପର୍ଯ୍ୟାୟ ନିର୍ବାଚନରେ ଏହାକୁ ମୁଦ୍ଦା କରାଯାଇ କଂଗ୍ରେସ ବିଜେପିକୁ ନିଶାଣ କରିବାକୁ ପଛାଇବ ନାହିଁ ବୋଲି ରାଜନୀତିକ ପଣ୍ଡିତମାନେ ଆକଳନ କରୁଛନ୍ତି। ବିଜେପି ଯଦି ତାଙ୍କୁ ପୁଣି ଏଠାରେ ପ୍ରାର୍ଥୀ କରୁଛି ତେବେ ସେଭଳି କୌଣସି ମହିଳା କ୍ରୀଡ଼ାବିତ୍‌ଙ୍କୁ କଂଗ୍ରେସ ଏଠାରେ ପ୍ରାର୍ଥୀ କରି ବିଜେପି ବିପକ୍ଷରେ ଫାଇଦା ଉଠାଇବାକୁ ଉଦ୍ୟମ କରିବ ବୋଲି ସେମାନେ କହୁଛନ୍ତି। କିନ୍ତୁ କେଶରଗଞ୍ଜ ଆସନରେ ବ୍ରିଜ୍‌ଭୂଷଣଙ୍କୁ ବିଜେପି ପ୍ରାର୍ଥୀ ନ କଲେ ଏହି ଆସନ ବ୍ୟତୀତ ଉତ୍ତରପ୍ରଦେଶର ଆଉ କିଛି ଆସନର ଫଳାଫଳ ପ୍ରଭାବିତ ହେବା ଆଶଙ୍କାକୁ ମଧ୍ୟ ବିଜେପି ଏଡାଇ ଦେଇପାରୁନି। ତେଣୁ ଦଳ ପାଇଁ ତ୍ରିଶଙ୍କୁ ସ୍ଥିତି ସୃଷ୍ଟି ହୋଇଛି।






## କର୍ଣ୍ଣାଟକକୁ ଛାଡ଼ି ମତଦାନ ହାର ସବୁ ରାଜ୍ୟରେ କମିଛି

ଚଳିତ ଲୋକସଭା ନିର୍ବାଚନ ପ୍ରଥମ ଦୁଇ ପର୍ଯ୍ୟାୟର ମତଦାନ ଡାଟାରୁ ଜଣାପଡ଼ିଛି ଯେ ସମସ୍ତ ହିନ୍ଦୀ ଭାଷାଭାଷୀ ରାଜ୍ୟରେ ମତଦାନ ହାର ୨୦୧୯ ଲୋକସଭା ନିର୍ବାଚନ ତୁଳନାରେ କମିଛି। କେବଳ କର୍ଣ୍ଣାଟକରେ ମତଦାନ ହାର ବଢ଼ିଛି। କର୍ଣ୍ଣାଟକର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୨୮। ସେଥିରୁ ୧୪ଟି ଆସନରେ ମତଦାନ ସରିଛି। ମତଦାନ ହାର ରହିଛି ୬୯.୫୬%। ୨୦୧୯ ଲୋକସଭା ନିର୍ବାଚନରେ ସେହି ୧୪ଟି ଆସନରେ ମତଦାନ ହାର ଥିଲା ୬୮.୯୬%। ବେଙ୍ଗାଲୁରୁର ୩ଟି ଲୋକସଭା ଆସନରେ ସବୁଠାରୁ କମ୍ ମତଦାନ ହୋଇନଥିଲେ କର୍ଣ୍ଣାଟକର ମତଦାନ ହାର ଆହୁରି ଅଧିକ ହୋଇଥାନ୍ତା। ମତଦାନ ହାର ବେଙ୍ଗାଲୁରୁ (ଦକ୍ଷିଣ)ରେ ୫୩.୧୭%, ବେଙ୍ଗାଲୁରୁ (ଉତ୍ତର)ରେ ୫୪.୪୫% ଓ ବେଙ୍ଗାଲୁରୁ (ମଧ୍ୟ)ରେ ୫୪.୦୬% ରହିଛି। କର୍ଣ୍ଣାଟକକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟରେ ମତଦାନ ହାର କମିଛି। ରାଜସ୍ଥାନରେ ମତଦାନ ହାର ୨୦୧୯ ତୁଳନାରେ ୩% କମିଛି। ମଧ୍ୟ ପ୍ରଦେଶରେ ମୋଟ ୨୯ ଲୋକସଭା ଆସନରୁ ୧୨ଟିରେ ମତଦାନ ସରିଛି। ମତଦାନ ହାର ୨୦୧୯ ନିର୍ବାଚନ ତୁଳନାରେ ହାରାହାରି ୮.୫%କମିଛି। ମହାରାଷ୍ଟ୍ରରେ ମତଦାନ ହାର ୩% କମିଛି। ଉତ୍ତରପ୍ରଦେଶର ମୋଟ ୮୦ ଲୋକସଭା ଆସନରୁ ୧୬ଟିରେ ମତଦାନ ସରିଛି। ମତଦାନ ହାର ୨୦୧୯ ନିର୍ବାଚନ ତୁଳନାରେ ହାରାହାରି ୬%କମିଛି। ପଶ୍ଚିମବଙ୍ଗରେ ୬ଟି ଆସନରେ ମତଦାନ ସରିଛି ଓ ମତଦାନ ହାର ୨୦୧୯ ତୁଳନାରେ ୪% କମିଛି। ବିହାରର ମୋଟ ୪୦ଟି ଲୋକସଭା ଆସନରୁ ୮ଟିରେ ମତଦାନ ସରିଛି ଓ ମତଦାନ ହାର ୬% କମିଛି। ଦୁଇ ଦାକ୍ଷିଣାତ୍ୟ ରାଜ୍ୟ ତାମିଲନାଡୁ ଓ କେରଳର ସମସ୍ତ ଲୋକସଭା ଆସନରେ ମତଦାନ ସରିଛି। କେରଳରେ ଚଳିତ ଲୋକସଭା ନିର୍ବାଚନରେ ମତଦାନ ହାର ୭୧.୨୭% ରହିଛି। ରାଜ୍ୟର ସମସ୍ତ ୨୦ ଲୋକସଭା ଆସନରେ ଗତ ୨୬ ତାରିଖରେ ମତଦାନ ହୋଇଥିଲା। ୨୦୧୯ ଲୋକସଭା ନିର୍ବାଚନରେ କେରଳରେ ମତଦାନ ହାର ଥିଲା ୭୭.୮୪%। ଅର୍ଥାତ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର ୫.୫% କମିଛି। ତାମିଲନାଡୁରେ ଚଳିତ ଲୋକସଭା ନିର୍ବାଚନରେ ମତଦାନ ହାର ୬୯.୪୬% ରହିଛି। ରାଜ୍ୟର ସମସ୍ତ ୩୯ ଲୋକସଭା ଆସନରେ ଗତ ୧୯ ତାରିଖରେ ମତଦାନ ହୋଇଥିଲା। ୨୦୧୯ ଲୋକସଭା ନିର୍ବାଚନରେ ତାମିଲନାଡୁରେ ମତଦାନ ହାର ଥିଲା ୭୨.୦୯%। ଅର୍ଥାତ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର ପ୍ରାୟ ୩% କମିଛି।




## କେରଳ ବି ଭୋଟରଙ୍କ ଅନାଗ୍ରହ

ନିର୍ବାଚନ କମିଶନ ଆଜି ସଦ୍ୟତମ ଡାଟା ଦେଇ ଜଣାଇଛନ୍ତି ଯେ କେରଳରେ ଚଳିତ ଲୋକସଭା ନିର୍ବାଚନରେ ମତଦାନ ହାର ୭୧.୨୭% ରହିଛି। ରାଜ୍ୟର ସମସ୍ତ ୨୦ ଲୋକସଭା ଆସନରେ ଗତ ୨୬ ତାରିଖରେ ମତଦାନ ହୋଇଥିଲା। ୨୦୧୯ ଲୋକସଭା ନିର୍ବାଚନରେ କେରଳରେ ମତଦାନ ହାର ଥିଲା ୭୭.୮୪%। ଅର୍ଥାତ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର ୫.୫% କମିଛି। ରାଜ୍ୟରେ ୨କୋଟି ୭୭ଲକ୍ଷ ୪୯ହଜାର୧୫୮ ଜଣ ଯୋଗ୍ୟ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରୁ ୧କୋଟି ୯୭ଲକ୍ଷ ୭୭ ହଜାର ୪୭୮ ଜଣ ଭୋଟ ଦେଇଛନ୍ତି। ରାଜ୍ୟ ଜନସଂଖ୍ୟାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ ଦେଇଛନ୍ତି। ଚଳିତ ନିର୍ବାଚନରେ ୯୪ଲକ୍ଷ ୭୫ହଜାର ୯୦ଜଣ ପୁରୁଷ ଭୋଟ ଦେଇଥିବା ବେଳେ ୧କୋଟି ୩ ଲକ୍ଷ ୨ହଜାର ୨୩୮ ଜଣ ମହିଳା ଭୋଟ ଦେଇଛନ୍ତି। ଉତ୍ତର କେରଳର ଭାଟାକାରା ଲୋକସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ସର୍ବାଧିକ ୭୮.୪୧% ରହିଛି। ସେଠାରେ ୟୁଡିଏଫ' ପ୍ରାର୍ଥୀ ସାଫି ପାରାମ୍ବିଲ ଓ ଏଲଡିଏଫ' ପ୍ରାର୍ଥୀ କେ କେ ଶୈଳଜାଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦକ୍ଷିଣ କେରଳର ପଠାନାମିଟହିଟ୍ଟା ଲୋକସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ସର୍ବନିମ୍ନ ୬୩.୩୭% ରହିଛି। ସେଠାରେ ୟୁଡିଏଫ' ପ୍ରାର୍ଥୀ ଆଣ୍ଟୋ ଆଣ୍ଟୋନୀ, ଏଲଡିଏଫ' ପ୍ରାର୍ଥୀ ଟିଏମ ଥୋମାସ ଆଇଜାକ ଓ ବିଜେପି ପ୍ରାର୍ଥୀ ଅନୀଲ କେ ଆଣ୍ଟୋନୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉତ୍ତର କେରଳରେ ମତଦାନ ହାର ଦକ୍ଷିଣ କେରଳ ତୁଳନାରେ ଅଧିକ ରହିଥିଲା। ମତଦାନ ହାର କନ୍ନୁରରେ ୭୭.୨୧%, କୋଝିକୋଡିରେ ୭୫.୫୨% ଓ ୱେୟନାଡରେ ୭୩.୫୭% ରହିଥିଲା। ଦକ୍ଷିଣ କେରଳର ସମସ୍ତ ୫ ଲୋକସଭା ଆସନରେ ମତଦାନ ହାର ୭୦%ରୁ କମ୍ ରହିଥିଲା। ତିରୁଭନନ୍ତପୁରମରେ ୟୁଡିଏଫ' ପ୍ରାର୍ଥୀ ଶଶି ଥରୁର, ଏନଡିଏ ପ୍ରାର୍ଥୀ ରାଜୀବ ଚନ୍ଦ୍ରଶେଖରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଥିଲା। ତିରୁଭନନ୍ତପୁରମରେ ମତଦାନ ହାର ଥିଲା ୬୬.୪୭%। ରାଜ୍ୟର ମୋଟ ୨୦ ଲୋକସଭା ଆସନରୁ ୧୮ଟିରେ ମହିଳା ଭୋଟର ସଂଖ୍ୟା ପୁରୁଷ ଭୋଟର ସଂଖ୍ୟାଠାରୁ ଅଧିକ।






### ଭୋପାଳରେ ଭୋଟରଙ୍କ ପାଇଁ ଲକି ଡ୍ର

## ମିଳିବ ହୀରା ମୁଦି, ଟିଭି, ସ୍କୁଟର୍ ଓ ବାଇକ୍, ରେଫ୍ରିଜିରେଟର୍

ଲୋକସଭା ନିର୍ବାଚନ-୨୦୨୪ରେ ମଧ୍ୟପ୍ରଦେଶର ମତଦାନ ହାର ୨୦୧୯ ନିର୍ବାଚନ ତୁଳନାରେ ହାରାହାରି ୮.୫% କମିଥିବାରୁ ଭୋପାଳ ଜିଲ୍ଲା ପ୍ରଶାସନ ଭୋଟରଙ୍କ ପାଇଁ ଲକି ଡ୍ର'ର ଆୟୋଜନ କରିଛି। ଲକି ଡ୍ର'ରେ ଭୋଟରଙ୍କୁ ହୀରା ମୁଦି, ଟିଭି, ସ୍କୁଟର, ବାଇକ୍, ଲାପଟପ୍, କମ୍ପ୍ୟୁଟର ମାଉସ୍, ୱାଲ କ୍ଲକ୍, ଡିନର ସେଟ୍, ଡାଇନିଂ ଟେବୁଲ, ମୋବାଇଲ ଫୋନ୍, ଓ ରେଫ୍ରିଜିରେଟର୍ ଆଦି ମୂଲ୍ୟବାନ ସାମଗ୍ରୀ ମିଳିବ। ଭୋପାଳର ୯୨ଟି ବ୍ୟବସାୟ ସଂସ୍ଥା ଏହି ପ୍ରାଇଜଗୁଡ଼ିକୁ ଯୋଗାଇଦେବାକୁ ରାଜି ହୋଇଛନ୍ତି। ଭୋପାଳର ନ୍ୟୁ ମାର୍କେଟରେ ଲକି ଡ୍ର ପାଇଁ କୁପନ ବକ୍ସ ରଖାଯାଇଛି। ସହରର ସମସ୍ତ ମଲ୍ ମାର୍କେଟ ଆଦିରେ ଲକି ଡ୍ର ପାଇଁ କୁପନ ବକ୍ସ ରଖାଯାଉଛି। ଭୋପାଳ ସଂସଦୀୟ କ୍ଷେତ୍ରରେ ୨୦୯୭ଟି ପୋଲିଂ ବୁଥ୍ ରହିଛି। ଭୋଟରମାନଙ୍କ ପାଇଁ ବମ୍ପର ପ୍ରାଇଜ୍ ସମେତ ୬୦୦୦ରୁ ଅଧିକ ସଂଖ୍ୟକ ପ୍ରାଇଜ୍ ରଖାଯାଇଛି। ଭୋଟର କୁପନ ବକ୍ସ ରଖାଯାଇଥିବା ସ୍ଥାନରେ ଓ ପ୍ରତ୍ୟେକ ପୋଲିଂ ବୁଥରେ ମିଳୁଥିବା ଫର୍ମରେ ନାମ, ମୋବାଇଲ ନମ୍ବର, ଭେଟର ଆଡି ନମ୍ବର ଭରି ଫର୍ମଟିକୁ କୁପନ ବକ୍ସରେ ପକାଇବେ। ଲକି ଡ୍ର ବିଜେତା ତାଙ୍କ ଅଙ୍ଗୁଳିରେ ଲାଗିଥିବା ଅଲିଭା କାଳି ଚିହ୍ନ ଦେଖାଇ ପ୍ରାଇଜ୍ ସଂଗ୍ରହ କରିବେ। ମତଦାନ ଦିନ ପ୍ରତି ପୋଲିଂ ବୁଥରେ ପୂର୍ବାହ୍ନ ୧୦ଟାରେ, ଅପରାହ୍ନ ୩ଟାରେ ଓ ସନ୍ଧ୍ୟା ୬ଟାରେ–ଏହି ଭଳି ୩ଥର ଲକି ଡ୍ର ଆୟୋଜିତ ହେବ। ମତଦାନ ଦିବସର ଦିନେ ଦୁଇଦିନ ପରେ ଏକ ମେଗା ଲକି ଡ୍ର କରାଯିବ ଯେଉଁଥିରେ ବଡ଼ ପ୍ରାଇଜଗୁଡ଼ିକ ଦିଆଯିବ। ଯୁବ ଭୋଟରମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଟେଲିଫୋନ ନମ୍ବର ରହିବ। ଭୋଟର ସେହି ନମ୍ବରକୁ ଫୋନ କଲେ ତାଙ୍କୁ ୩ଟି ପ୍ରଶ୍ନ ପଚରାଯିବ। ସଠିକ୍ ଉତ୍ତର ଦେଇଥିବା ଭୋଟରଙ୍କୁ ପୁରସ୍କୃତ କରାଯିବ। ଭୋଟର ଅଧିକ ସଂଖ୍ୟାରେ ଭୋଟ କେନ୍ଦ୍ରକୁ ଯାଇ ଭୋଟ ଦିଅନ୍ତୁ, ଗଣତନ୍ତ୍ରର ଏହି ମହାପର୍ବରେ ଅଂଶଗ୍ରହଣ କରନ୍ତୁ-ଏହାକୁ ନଜରରେ ରଖି ଅନେକ ବ୍ୟବସାୟ ସଂସ୍ଥା ଭୋଟରଙ୍କୁ ବିଭିନ୍ନ ରିହାତି ଦେବାକୁ ସ୍ୱେଚ୍ଛାରେ ପ୍ରସ୍ତୁତ ହୋଇଛନ୍ତି।



### ଦ୍ୱନ୍ଦ୍ୱରେ ବିଜେପି

## ମହିଳା ଭୋଟରଙ୍କୁ ରୁଷ୍ଟ କରି କ'ଣ ମେଣ୍ଟ ଧର୍ମ ପାଳିବ?

ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ କର୍ଣ୍ଣାଟକରେ ଜନତା ଦଳ (ଧର୍ମନିରପେକ୍ଷ) ବା ଜେଡିଏସ୍ ସହ ବିଜେପି ମେଣ୍ଟ କରିଛି। ଜେଡିଏସ୍ ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡ଼ାଙ୍କ ଦଳ। ତାଙ୍କ ନାତି ପ୍ରଜ୍ୱଳ ରିଭାନ୍ନା ହେଉଛନ୍ତି କର୍ଣ୍ଣାଟକର ହାସନ ସଂସଦୀୟ କ୍ଷେତ୍ରର ସାଂସଦ। ପ୍ରଜ୍ୱଳଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ମିଳିଛି ଯେ ସେ ଯୌନ କେଲେଙ୍କାରୀରେ ସଂପୃକ୍ତ। ତାଙ୍କ ବିରୋଧରେ ଉଠିଥିବା ଯୌନ ଶୋଷଣ ଅଭିଯୋଗର ତଦନ୍ତ ପାଇଁ କର୍ଣ୍ଣାଟକ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ବା ଏସଆଇଟି ଗଠନ କରିଛନ୍ତି। ପ୍ରଜ୍ୱଳ ହେଉଛନ୍ତି ହାସନ ସଂସଦୀୟ କ୍ଷେତ୍ରର ଏନଡିଏ ପ୍ରାର୍ଥୀ। ସେ ଏବେ ଦେଶ ଛାଡ଼ି ଜର୍ମାନୀ ଚାଲିଯାଇଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତାରେ ବା ନିଷ୍କ୍ରିୟତାରେ ତାଙ୍କର ବିଦେଶ ପଳାୟନ ସମ୍ଭବ ହୋଇପାରିଛି ବୋଲି ସରକାରଙ୍କ ବିପକ୍ଷ ଦଳଗୁଡ଼ିକ ଦୋଷାରୋପ କରିଛନ୍ତି। ଏ ଘଟଣା ଏବେ ବହୁଚର୍ଚ୍ଚିତ ହୋଇ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ନାରୀ ମହଲ ବିଚଳିତ ବୋଧ କରିବା, କ୍ରୋଧିତ ହେବା ସ୍ୱାଭାବିକ। ଏବେ ବିଜେପି କରିବ କ'ଣ? ବିଜେପି ନେତୃତ୍ୱାଧୀନ ଏନଡିଏ'ର ଅଂଶୀଦାର ଏକ ଦଳର ଜଣେ ସାଂସଦଙ୍କ କୁକର୍ମକୁ ଅଣଦେଖା କରି ମେଣ୍ଟ ଧର୍ମ ପାଳନ କରିପାରିବ? ବିଜୟ ପାଇଁ ବିଜେପି ମହିଳା ଭୋଟରଙ୍କ ସମର୍ଥନ ଲୋଡ଼ିଛି ଓ ବିଜେପି ତା'ର ନିର୍ବାଚନୀ ଜୟଯାତ୍ରାରେ ମହିଳା ଭୋଟରଙ୍କ ଅବଦାନକୁ ସ୍ୱୀକାର କରୁଛି। ବିଜେପି ଏବେ କ'ଣ ମହିଳା ଭୋଟରଙ୍କୁ ପ୍ରାଥମିକତା ନ ଦେଇ ମେଣ୍ଟ ଧର୍ମ ପାଳିବାକୁ ଅଗ୍ରସର ହେବ? ଏବେ ଏହା ଜଣାପଡ଼ିଛି ଯେ ପ୍ରଜ୍ୱଳଙ୍କ କଳଙ୍କ ସମ୍ପର୍କରେ ବିଜେପି ନେତୃମହଲଙ୍କୁ ଆଗରୁ ବହୁତ କିଛି ଜଣାଥିଲା। ସେତେବେଳେ କାହିଁକି ପ୍ରାର୍ଥୀ ବଦଳାଇବା ପାଇଁ ଜେଡିଏସକୁ କୁହାଗଲା ନାହିଁ? ବିଜେପି କହୁଛି ଜେଡିଏସ୍ ସହ କେବଳ ଆସନ ବଣ୍ଟନ ବୁଝାମଣା ହୋଇଥିଲା। ପ୍ରାର୍ଥୀ ଚୟନ କିମ୍ବା ପ୍ରାର୍ଥୀଙ୍କ ଚରିତ୍ର ଅଧ୍ୟୟନ ଆଦି ନେଇ କୌଣସି ଆଲୋଚନା ହୋଇନଥିଲା। ଜେଡିଏସ୍ ଭାଗର ଆସନରେ କିଏ ପ୍ରାର୍ଥୀ ହେବେ ତାହା ଜେଡିଏସର ଦଳୀୟ ବା ନିଜସ୍ୱ ବ୍ୟାପାର, ସେଥିରେ ବିଜେପି ହସ୍ତକ୍ଷେପ କରିବାର ଅବକାଶ କିମ୍ବା ଆବଶ୍ୟକତା ନଥିଲା। କିନ୍ତୁ ବିଜେପିର ଏହି ଉତ୍ତର ଅନେକଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ପଶ୍ଚିମବଙ୍ଗର ବାରବାଙ୍କି ଆସନରେ ବିଜେପି ଉପେନ୍ଦ୍ର ସିଂହ ରାୱତଙ୍କୁ ପ୍ରାର୍ଥୀ କରିଥିଲା। ଯେତେବେଳେ ତାଙ୍କର କିଛି ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ପ୍ରଦର୍ଶିତ ହେଲା ସେତେବେଳେ ବିଜେପି ବାଧ୍ୟହୋଇ ପ୍ରାର୍ଥୀ ବଦଳ କରିଥିଲା। ଉତ୍ତରପ୍ରଦେଶର କାଇସରଗଞ୍ଜ ଲୋକସଭା ଆସନର ସାଂସଦ ବ୍ରଜ ଭୂଷଣ ଶରନ ସିଂହଙ୍କ ବିରୋଧରେ ମହିଳା କୁସ୍ତିବିତଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ରହିଥିବାରୁ ବିଜେପି ଏଯାଏଁ ସେହି ଆସନରେ ବ୍ରଜ ଭୂଷଣଙ୍କୁ କିମ୍ବା ତାଙ୍କ ବଦଳରେ ଅନ୍ୟ କାହାରିକୁ ପ୍ରାର୍ଥୀ କରିବ ତାହା ସ୍ଥିର କରିପାରୁନାହିଁ। ଚାରିତ୍ରିକ ସ୍ଖଳନ କ୍ଷେତ୍ରରେ ବିଜେପି ତୁଙ୍ଗ ନେତୃତ୍ୱ ଶୂନ୍ୟ ସହନ ନୀତି ଆପଣାଇଥାନ୍ତି। ପୁଣି ମହିଳାଙ୍କ ସମର୍ଥନ ପାଇବା ପାଇଁ ବିଜେପି 'ବେଟି ବଚାଓ ବେଟି ପଢ଼ାଓ' ସ୍ଲୋଗାନ ଦେଇଛି, ଲାଖପତି ଦିଦି ସ୍କିମ୍ ଆଣିଛି। ମହିଳାଙ୍କୁ ସାମାଜିକ ଓ ଆର୍ଥିକ ଭାବେ ସଶକ୍ତ କରାଯିବା ଉପରେ ବିଜେପି ଅଗ୍ରାଧିକାର ହେଉଛି। ମହିଳାଙ୍କ ବିରୋଧରେ ହିଂସା ଆଚରିଥିବା, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ସନ୍ଦେଶଖାଲିର ଅପରାଧୀଙ୍କୁ ଧରୁନଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିଜେପି ଦୋଷ ଦେଉଛି। ହିଂସାରେ ବର୍ତ୍ତିଯାଇଥିବା ରେଖା ପାତ୍ରଙ୍କୁ ବସିରହାଟ ଲୋକସଭା ଆସନରୁ ଲଢ଼ିବା ପାଇଁ ବିଜେପି ଟିକେଟ୍ ଦେଇଛି ଓ ତାଙ୍କ ସୁରକ୍ଷା ପାଇଁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ସିଆଇଏସଏଫ୍) ଯବାନଙ୍କୁ କେନ୍ଦ୍ର ସରକାର ମୁତୟନ କରିଛନ୍ତି। ପଶ୍ଚିମବଙ୍ଗରେ ମମତାଙ୍କ ଶାସନରେ ମହିଳାମାନେ ସୁରକ୍ଷିତ ନୁହଁନ୍ତି –ଏହା ହୋଇଛି ବିଜେପିର ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାରର ଅନ୍ୟତମ ମୁଖ୍ୟ ବିଷୟବସ୍ତୁ। ଏହି ପୃଷ୍ଠଭୂମୀରେ ପ୍ରଜ୍ୱଳ କାଣ୍ଡକୁ ନେଇ କେନ୍ଦ୍ର ସରକାର କିଛି ପଦକ୍ଷେପ ନେବା ଆଶା କରାଯାଏ।



# ସିନ୍ଧୁ, ପ୍ରଣୟଙ୍କ ସମେତ ୭ ଭାରତୀୟଙ୍କୁ ଯୋଗ୍ୟତା

**ପ୍ୟାରିସ ଅଲିମ୍ପିକ୍ସ**

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ଆଗାମୀ ଜୁଲାଇ- ଅଗଷ୍ଟରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ୭ଜଣ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଯୋଗ୍ୟତା ଅର୍ଜନ କରିଛନ୍ତି। ଅଲିମ୍ପିକ୍ସର ଏହି ୩୩ତମ ସଂସ୍କରଣ ପାଇଁ ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର 'ପ୍ୟାରିସ ର୍ୟାଙ୍କିଙ୍ଗ୍ ଲିଷ୍ଟ' ଜାରି କରିଛି। ୨୦୨୩ ମେ ୧ ଓ ୨୦୨୪ ଏପ୍ରିଲ ୩୦ ମଧ୍ୟରେ ପ୍ରତ୍ୟେକ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କର ୧୦ଟି ଶ୍ରେଷ୍ଠ ପ୍ରଦର୍ଶନ ବା ଫଳାଫଳର ର୍ୟାଙ୍କିଙ୍ଗ୍ ପଏଣ୍ଟକୁ ଭିତ୍ତି କରି 'ପ୍ୟାରିସ ର୍ୟାଙ୍କିଙ୍ଗ୍ ଲିଷ୍ଟ' ନିର୍ଦ୍ଧାରିତ ହୋଇଛି। ଏଥିରେ ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ଓ ପୁରୁଷ ତାରକା ଏଚ୍‌ଏସ୍ ପ୍ରଣୟଙ୍କ ସମେତ ୭ଜଣ ଭାରତୀୟ ସ୍ଥାନ ପାଇଛନ୍ତି।



## କ୍ରମାଗତ ତୃତୀୟ ଅଲିମ୍ପିକ୍ସ ଖେଳିବେ ସିନ୍ଧୁ

ଦୁଇଥର ଅଲିମ୍ପିକ ପଦକ ଜିତିଥିବା ସିନ୍ଧୁ ଏଥିସହ କ୍ରମାଗତ ତୃତୀୟଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବାର ସୁଯୋଗ ପାଇବେ। ପ୍ୟାରିସ ଅଲିମ୍ପିକ୍ସ ମହିଳା ଏକକ ପ୍ରତିଯୋଗିତା ପାଇଁ ୧୬ ଜଣ ଖେଳାଳି ସ୍ୱତଃପ୍ରବୃତ୍ତ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ସିନ୍ଧୁ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ସିନ୍ଧୁ ୨୦୧୬ ରିଓ ଡି ଜାନେଇରେ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ଏକକରେ ଅଭିଜ୍ଞ ପ୍ରଣୟ ଓ ଯୁବ ତାରକା ଲକ୍ଷ୍ୟ ସେନ୍ ଯଥାକ୍ରମେ ୯ମ ଓ ତ୍ରୟୋଦଶ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଏକକରେ ୩୮ ଜଣ ଲେଖାଏ ଖେଳାଳି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ତାରକା ବ୍ୟାଡମିଣ୍ଟନ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପୂର୍ବରୁ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱର ଶ୍ରେଷ୍ଠ ୮ ଯୁଗଳ ଯୋଡି ତାଲିକାରେ ଏହି ଯୋଡି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଯୁଗଳରେ ଅଶ୍ୱିନୀ ପୋନାପ୍ପା ଓ ତନୀଷା କ୍ରାଷ୍ଟୋ ଶ୍ରେଷ୍ଠ-୮ରେ ସ୍ଥାନ ପାଇ ନଥିଲେ ମଧ୍ୟ ବାକିଥିବା ସ୍ଥାନଗୁଡିକ ପାଇଁ ଗୋଟିଏ ଦେଶରୁ ଗୋଟିଏ ଯୋଡି ସ୍ଥାନ ପାଇବା ନିୟମରେ ୧୩ତମ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଛନ୍ତି। କିନ୍ତୁ ମିଶ୍ରିତ ଯୁଗଳରେ କୌଣସି ଭାରତୀୟ ଯୋଡି ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି।

# ଭାରତକୁ ଫେରିଲା ବିଡବ୍ଲ୍ୟୁଏଫ୍ କନିଷ୍ଠ ବିଶ୍ୱ ଚାମ୍ପିଅନସିପ୍

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ଆସନ୍ତା ବର୍ଷ ଭାରତରେ ଆୟୋଜନ ହେବ ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ (ବିଡବ୍ଲ୍ୟୁଏଫ୍) କନିଷ୍ଠ ବିଶ୍ୱ ଚାମ୍ପିଅନସିପ୍। ମଙ୍ଗଳବାର ବିଡବ୍ଲ୍ୟୁଏଫ୍ ଏ ନେଇ ଘୋଷଣା କରିଛି। ଗୌହାଟୀର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଓଇ)ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିସହ ଦୀର୍ଘ ୧୭ ବର୍ଷ ପରେ ଏହି ବିଶ୍ୱ ଚାମ୍ପିଅନସିପ୍ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛି। ଶେଷଥର ପାଇଁ ୨୦୦୮ରେ ପୁଣେରେ ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଖେଳାଯାଇଥିଲା। ଏହି ବର୍ଷ ସାଇନା ନେହ୍ୱାଲ ଏକମାତ୍ର ଭାରତୀୟ ଖେଳାଳି ଭାବେ ଜୁନିଅର ବିଶ୍ୱ ଚାମ୍ପିଅନସିପ୍‌ରେ ଏକକରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରି ଇତିହାସ ସୃଷ୍ଟି କରିଥିଲେ। ସେତେବେଳେ ଫାଇନାଲରେ ସେ ଜାପାନର ସାୟାକା ସାଟୋଙ୍କୁ ୨୧-୯, ୨୧-୧୮ରେ ପରାସ୍ତ କରି ବିଶ୍ୱ ଜୁନିଅର ଚାମ୍ପିଅନ ବିବେଚିତ ହୋଇଥିଲେ। ଏନସିଓଇରେ ୧୪ଟି ବ୍ୟାଡମିଣ୍ଟନ କୋର୍ଟ ରହିଛି। ଏଠାରେ ଅନ୍ତର୍ଜାତୀୟ ମାନର ଜିମ୍ନାସିୟମ ରହିଛି ଓ ୪,୦୦୦ ଦର୍ଶକ ବସି ମ୍ୟାଚ୍ ଦେଖିବାର ସୁବିଧା ରହିଛି।

## ଜାତୀୟ ମହିଳା ହକି ଲିଗ୍ ଉଦ୍‌ଘାଟିତ

# ବିଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୩୦।୪ (ସମିସ)**

ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ମଙ୍ଗଳବାରଠାରୁ ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ରାଞ୍ଚିର ଜୟପାଲ୍ ସିଂହ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଓଡ଼ିଶା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ମହିଳା ଦଳ ଏହାର ପ୍ରଥମ ମ୍ୟାଚରେ ୪-୧ ଗୋଲରେ ଜାତୀୟ ଚାମ୍ପିଅନ ଶକ୍ତିଶାଳୀ ହରିୟାଣାକୁ ମାତ୍ ଦେଇଛି। ଏଥିସହ ଓଡ଼ିଶା ୩ ପଏଣ୍ଟ ପାଇ ଖାତା ଖୋଲିଛି। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚରେ ବୁଧବାର ସନ୍ଧ୍ୟା ୬ଟାରେ ମଧ୍ୟପ୍ରଦେଶକୁ ଭେଟିବ।

ନିକଟରେ ୧୪ତମ ଜାତୀୟ ମହିଳା ହକି ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିବା ହରିୟାଣା ଆଶାନୁଯାୟୀ ଏହି ମୁକାବିଲାରେ ଓଡ଼ିଶା ବିପକ୍ଷରେ ପ୍ରାରମ୍ଭରୁ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ପ୍ରଥମ କ୍ୱାର୍ଟରର ୩ୟ ମିନିଟ୍‌ରେ ହରିୟାଣାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଯାହାର ଭରପୁର ଫାଇଦା ଉଠାଇ ଶଶୀ ଖାସ୍ ହରିୟାଣାକୁ ୧-୦ରେ ଆଗୁଆ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ କୌଣସି ଗୋଲ୍ ହୋଇ ନ ଥିଲା। ଫଳରେ ପ୍ରଥମାର୍ଦ୍ଧରେ ହରିୟାଣା ଏହି ଅଗ୍ରଣୀକୁ ବଳବତ୍ତର ରଖିଥିଲା।



### ଦ୍ୱିତୀୟାର୍ଦ୍ଧରେ ଦମ୍ ଦେଖାଇଲା ଓଡ଼ିଶା

ଏହାପରେ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ଓ ୪ର୍ଥ କ୍ୱାର୍ଟରରେ ୨ଟି ଲେଖାଏ ଗୋଲ୍ ଦେଇ ଓଡ଼ିଶା ୪-୧ ଗୋଲରେ ମ୍ୟାଚକୁ ହାତେଇନେଇଥିଲା। ୩୩ତମ ମିନିଟ୍‌ରେ ଓଡ଼ିଶା ପାଇଁ ଗୋଲ୍ ସ୍କୋର ଖାତା ଖୋଲିଥିଲେ ରମ୍ଭା କୁଜୁର। ମିଳିଥିବା ପେନାଲ୍ଟି କର୍ଣ୍ଣରକୁ କୌଣସି ତ୍ରୁଟି ନ କରି ରମ୍ଭା ବଲ୍‌କୁ ପ୍ରତିପକ୍ଷ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ୫ ମିନିଟ୍ ପରେ ସୋନାଲି ଏକ୍କା ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ଫଳରେ ୩ୟ କ୍ୱାର୍ଟର ଶେଷ ସୁଦ୍ଧା ଓଡ଼ିଶା ୨-୧ରେ ଆଗୁଆ ରହିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ସୋନାଲି ବ୍ୟକ୍ତିଗତ ୨ୟ ଓ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ୪୯ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ସେ ଏହି ଗୋଲ୍ କରିଥିଲେ। ମ୍ୟାଚ ଶେଷ ହେବାକୁ ୩ ମିନିଟ୍ (୫୭ତମ) ବାକି ଥିବାବେଳେ ଦୀପ ମୋନିକା ଟପ୍ପୋ ପେନାଲ୍ଟି କର୍ଣ୍ଣର ଜରିଆରେ ଓଡ଼ିଶା ପାଇଁ ୪ର୍ଥ ଗୋଲ୍‌ଟି ଦେଇଥିଲେ। ଫଳରେ ଓଡ଼ିଶା ୪-୧ରେ ସହଜରେ ମ୍ୟାଚ୍‌କୁ ଜିତିନେଇଥିଲା।

### ମହାରାଷ୍ଟ୍ର, ଝାଡ଼ଖଣ୍ଡ ବିଜୟୀ

ସେହିଭଳି ଜାତୀୟ ମହିଳା ହକି ଲିଗ୍‌ର ପ୍ରଥମ ଦିବସରେ ଖେଳାଯାଇଥିବା ଅନ୍ୟ ୩ଟି ମ୍ୟାଚରେ ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ବିଜୟୀ ହୋଇ ଖାତା ଖୋଲିଛନ୍ତି। ମହାରାଷ୍ଟ୍ର ୫-୧ ଗୋଲରେ ମଣିପୁରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସାନିକା ମାନେ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ମଧ୍ୟପ୍ରଦେଶ ୧-୦ ଗୋଲରେ ବେଙ୍ଗଲକୁ, ଝାଡ଼ଖଣ୍ଡ ୩-୦ ଗୋଲରେ ମିଜୋରାମକୁ ହରାଇଛି। ପ୍ରକାଶଯୋଗ୍ୟ, ଏହି ପ୍ରତିଯୋଗିତାରେ ଦେଶର ଶ୍ରେଷ୍ଠ-୮ ଗୋଟି ମହିଳା ହକି ଦଳ ଖେଳୁଛନ୍ତି।



# ୩୭ ବର୍ଷରେ ରୋହିତ୍

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ଭାରତୀୟ କ୍ରିକେଟ ଦଳ ଅଧିନାୟକ ରୋହିତ ଶର୍ମା ମଙ୍ଗଳବାର ୩୭ତମ ଜନ୍ମଦିନ ପାଳନ କରିଛନ୍ତି। ରୋହିତ ୧୯୮୭ ଏପ୍ରିଲ ୩୦ରେ ନାଗପୁରରେ ଜନ୍ମଗ୍ରହଣ କରିଥିଲେ। ଜନ୍ମଦିନରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଦିନିକିଆ ଫର୍ମାଟ୍‌ରେ ରୋହିତ ବିଶ୍ୱର ଏକମାତ୍ର ବ୍ୟାଟର ଭାବେ ୩ଟି ଦ୍ୱିଶତକ ଅର୍ଜନ କରି ରେକର୍ଡ କରିଛନ୍ତି। ଦିନିକିଆରେ ସେ ବ୍ୟକ୍ତିଗତ ଭାବେ ସର୍ବାଧିକ ସ୍କୋର କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ସେ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ୧୭୩ ବଲର ସମ୍ମୁଖୀନ ହୋଇ ୨୬୪ ରନର ଦ୍ୱିଶତକୀୟ ପାଳି ଖେଳିଥିଲେ। ଏଥିରେ ତାଙ୍କର ୩୩ଟି ଚୌକା ଓ ୯ଟି ଛକା ସାମିଲ ରହିଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସେ ସର୍ବାଧିକ ଛକା ମାରି ମଧ୍ୟ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଟେଷ୍ଟ, ଦିନିକିଆ ଓ ଟି-୨୦ ଫର୍ମାଟ୍‌ରେ ସେ ମୋଟ୍ ୪୭୨ଟି ମ୍ୟାଚ୍ ଖେଳି ସର୍ବାଧିକ ୫୯୭ଟି ଛକା ମାରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କୁ ଅନ୍ୟତମ ସଫଳ ବ୍ୟାଟର ବିବେଚନା କରାଯାଉଛି।

## ବାଂଲାଦେଶ ବିପକ୍ଷ ମହିଳା ୨ୟ ଟି-୨୦

# ଡିଏଲ୍‌ଏସ୍‌ରେ ଜିତିଲା ଭାରତ

**ସିଲ୍‌ହେଟ୍, ୩୦।୪ (ଏଜେନ୍ସି)**

ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବା ଲାଗି ବାଂଲାଦେଶ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳାବର ଏଠାରେ ଘରୋଇ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ୨ୟ ମ୍ୟାଚ୍‌କୁ ଭାରତ ଡର୍କୱର୍ଥ-ଲୁଇସ୍ ପଦ୍ଧତିରେ ୧୯ ରନରେ ବିଜୟୀ ହୋଇଛି। ଏଥିସହ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ପ୍ରଥମ ମ୍ୟାଚକୁ ୪୪ ରନରେ ଜିତିଥିଲା। ଗୁରୁବାର ୩ୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ଦଳ ୮ ୱିକେଟ୍‌ରେ ୧୧୯ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ମୁର୍ସିଦା ଖାତୁନ ସର୍ବାଧିକ ୪୬ ରନ କରିଥିଲେ। ଭ୍ରମଣକାରୀ ଭାରତୀୟ ଦଳ ପକ୍ଷରୁ ସ୍ପିନର ରାଧା ଯାଦବ ୩ ଏବଂ ଶ୍ରେୟଙ୍କା ପାଟିଲ ଓ ଦୀପ୍ତି ଶର୍ମା ୨ଟି ଲେଖାଏ ୱିକେଟ୍ ପାଇଥିଲେ। ଜବାବରେ ଭାରତ ୫.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୭ ରନ କରିଥିବାବେଳେ ଲଗାଣ ବର୍ଷା ହୋଇଥିଲା। ସେତେବେଳେ ସ୍ମୃତି ମନ୍ଧାନା ୫ ଓ ଦୟାଲନ ହେମଲତା ୨୪ ବଲରୁ ୪୧ ରନ କରି ଅପରାଜିତ ରହିଥିଲେ। ଶେଫାଳି ବର୍ମା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ବର୍ଷା ନ ଛାଡ଼ିବାରୁ ଡିଏଲ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଯେଉଁଥିରେ ଭାରତ ସେହି ସମୟରେ ଅଧିକ ୧୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ହେମଲତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।




## ୨୦୨୭ ମହିଳା ଫିଫା ବିଶ୍ୱକପ୍

# ଆୟୋଜନ ଦୌଡ଼ରୁ ଓହରିଲେ ଆମେରିକା, ମେକ୍ସିକୋ

**ନ୍ୟୁୟର୍କ,୩୦।୪(ଏଜେନ୍ସି):** ୨୦୨୭ ମହିଳା ଫିଫା ବିଶ୍ୱକପ୍ ଆୟୋଜନରୁ ଉତ୍ତର ଆମେରିକାର ଦୁଇ ପଡୋଶୀ ଦେଶ ଆମେରିକା ଓ ମେକ୍ସିକୋ ଓହରିଯାଇଛନ୍ତି। ଏହି ଦୁଇ ଦେଶ ଯୁଗ୍ମ ଭାବେ ଆୟୋଜନ ପାଇଁ ବିଡ୍ ଦାଖଲ କରିଥାନ୍ତେ। ଏହି ଦୁଇ ଦେଶ ଏବେ ସେମାନଙ୍କ ନିଷ୍ପତ୍ତି ବଦଳାଇଛନ୍ତି ଓ ବିଡ୍ ଦାଖଲରୁ ଓହରିଯାଇଛନ୍ତି। ତେବେ ୨୦୩୧ ବିଶ୍ୱକପ୍ ଆୟୋଜନ କରିବାକୁ ଆମେରିକା ଓ ମେକ୍ସିକୋ ଆଗ୍ରହ ପ୍ରକାଶ କରିଛନ୍ତି। ଆମେରିକା ଓ ମେକ୍ସିକୋର ଫୁଟବଲ ଫେଡେରେସନ ମିଳିତ ଭାବେ ଏ ନେଇ ଘୋଷଣା କରିଛନ୍ତି। ଏବେ ଦକ୍ଷିଣ ଆମେରିକା ଫୁଟବଲ ପାୱାର ହାଉସ୍ ବ୍ରାଜିଲ କିମ୍ବା ୟୁରୋପର ୩ ଦେଶ ଜର୍ମାନୀ, ନେଦରଲାଣ୍ଡସ ଓ ବେଲଜିୟମ ମିଳିତ ଭାବେ ୨୦୨୭ ବିଶ୍ୱକପ୍ ଆୟୋଜନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଆସନ୍ତା ୧୭ରେ ବ୍ୟାଙ୍କକ୍‌ରେ ଆୟୋଜନ ହେବାକୁ ଥିବା ଫିଫା କଂଗ୍ରେସ୍‌ରେ ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେବ। ଆମେରିକା ପୂର୍ବରୁ ୧୯୯୯ ଓ ୨୦୦୩ରେ ସଫଳତାର ସହ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିଥିଲା।

# ଚୀନଠାରୁ ୫-୦ରେ ହାରିଲା ଭାରତ

**ଉବର କପ ବ୍ୟାଡମିଣ୍ଟନ**

**ନୂଆଦିଲ୍ଲୀ, ୩୦।୪(ଏଜେନ୍ସି)**

ଚୀନ୍‌ର ଚେଙ୍ଗଡୁଠାରେ ଚାଲିଥିବା ଉବରକପ୍ ବ୍ୟାଡମିଣ୍ଟନରେ ଭାରତୀୟ ମହିଳା ଦଳ କ୍ରମାଗତ ବିଜୟ ପରେ ପରାଜୟର ସ୍ୱାଦ ଚାଖିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ୫-୦ରେ ଭାରତକୁ ପରାସ୍ତ କରି ଏହି ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିଛି। ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ଉଭୟ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଏହି ଗ୍ରୁପ୍‌ରେ ପୂର୍ବରୁ ଖେଳାଯାଇଥିବା ଦୁଇଟି ଲିଗ୍ ମ୍ୟାଚ୍‌ରେ ଭାରତ ଯଥାକ୍ରମେ କାନାଡାକୁ ୪-୧ ଓ ସିଙ୍ଗାପୁରକୁ ୪-୧ ବ୍ୟବଧାନରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିନେଇଥିଲା। ସେହିପରି ଥମାସ କପ୍‌ରେ ଭାରତ ଗ୍ରୁପ୍-ସି'ରେ କ୍ରମାଗତ ଦୁଇଟି ମ୍ୟାଚ୍ ଜିତି କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛି। ଦଳ ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୪-୧ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ୫-୦ରେ ପରାସ୍ତ କରିଥିଲା। ଦଳ ତାହାର ଶେଷ ଗ୍ରୁପ୍-ସି' ମ୍ୟାଚ୍ ଇଣ୍ଡୋନେସିଆ ସହ ଖେଳିବ। ଏହି ମ୍ୟାଚ୍ ପରେ କେଉଁ ଦଳ ପ୍ରଥମ ଓ କିଏ ଦ୍ୱିତୀୟରେ ରହିବେ ତାହା ସ୍ଥିର ହେବ।


ତନ୍‌ଭି ଶର୍ମା

ଏଥର ଟୁର୍ଣ୍ଣାମେଣ୍ଟରୁ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଶେଷମୁହୂର୍ତ୍ତରେ ଓହରିଯାଇଥିଲେ। ଭାରତ କିନ୍ତୁ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଏମାନଙ୍କ ମଧ୍ୟରୁ ଜଣେ ହେଲେ ଖେଳାଳି ଶକ୍ତିଶାଳୀ ଚୀନ୍ ବିପକ୍ଷରେ ମ୍ୟାଚ୍ ଜିତିବା ତ ଦୂରର କଥା ଲଢ଼େଇ ମଧ୍ୟ କରି ପାରି ନଥିଲେ। ଦଳର ସବୁଠାରୁ ଶକ୍ତିଶାଳୀ ଖେଳାଳି ଅନ୍‌ମୋଲ ଖରାବ ମ୍ୟାଚ୍ ଖେଳୁଥିବାବେଳେ ଆହତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। କିନ୍ତୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଭାରତକୁ ବେଶ ଉତ୍ସାହିତ କରିଛି।

ମଙ୍ଗଳବାର ମହିଳା ବିଭାଗରେ ଚୀନ୍ ସହ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ୨୪ ବର୍ଷୀୟ ଅସ୍ମିତା ଚଲିଆ ଅଂଶଗ୍ରହଣ କରି ନ ଥିଲେ। ପ୍ରଥମ ମ୍ୟାଚ୍ ଖେଳିଥିଲେ ଇଶାରାଣୀ ବରୁଆ। ବିଶ୍ୱର ନଂ-୨ ଖେଳାଳି ଚେନ୍ ୟୁଙ୍କ ବିପକ୍ଷରେ ସେ ବେଶିସମୟ ତିଷ୍ଠି ପାରି ନ ଥିଲେ। ୟୁ ଏହି ମ୍ୟାଚ୍‌କୁ ୨୧-୧୨, ୨୧-୧୨ରେ ଜିତିନେଇଥିଲେ। ଦ୍ୱିତୀୟ ମୁକାବିଲା ଯୁଗଳରେ ହୋଇଥିଲା। ଭାରତର ଜାତୀୟ ଚାମ୍ପିଅନ ପ୍ରିୟା ଓ ଶ୍ରୁତି ମିଶ୍ରଙ୍କ ଯୋଡି ଚୀନ୍‌ର ବିଶ୍ୱଚାମ୍ପିଅନ ଯୋଡି ଚେନ୍ କ୍ୱିଙ୍ଗ ଚେନ୍ ଓ ଜ୍ରା ୟି ଫ୍ୟାନ୍‌ଙ୍କଠାରୁ ୨-୦ରେ ପରାଜିତ ହୋଇଯାଇଥିଲେ। କିନ୍ତୁ ତୃତୀୟ ମ୍ୟାଚ୍ ଭାରତୀୟଙ୍କ ଲାଗି ନିରାଶା ଆଣିଥିଲା। ଦେଶର ଉଦୀୟମାନ ଖେଳାଳ ଅନ୍‌ମୋଲ ଖରାବ ଏହି ମୁକାବିଲାରେ ୯-୨୧, ୧-୪ରେ ପଛୁଆ ଥିଲାବେଳେ ହାନ୍ ୟୁଏଙ୍କ ବିପକ୍ଷରୁ ଓହରିଯାଇଥିଲେ। ଚିକିତ୍ସା ସତ୍ତ୍ୱେସେ ସୁସ୍ଥ ହୋଇ ନ ଥିଲେ। ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ର ଫଳାଫଳ ମଧ୍ୟ ସମାନ ହୋଇଥିଲା। ଯୁଗଳ ବିଭାଗେ ଲିଉ ସେନ୍ ଶୁ ଓ ତାନ ନିଙ୍ଗ୍ ୨୧-୯, ୨୧-୧୦ରେ ଭାରତର ସିମରନ ସିଂ ଓ ରିତିକା ଠାକରଙ୍କ ଯୋଡିଙ୍କୁ ହରାଇଥିଲେ। ସେହିପରି ଶେଷ ମୁକାବିଲାରେ ତନ୍‌ଭି ଶର୍ମାଙ୍କ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ସେ ତାଙ୍କ ଚୀନା ପ୍ରତିଦ୍ୱନ୍ଦ୍ୱ ୱାଙ୍ଗ ଝି ୟିଙ୍କଠାରୁ ୨୧-୭, ୨୧-୧୦ ସିଧାସଳଖ ସେଟ୍‌ରେ ହାରିଯାଇଥିଲେ। ଏହିପରି ଭାବେ ଭାରତ ଏହି ମୁକାବିଲାକୁ ୦-୫ ବ୍ୟବଧାନରେ ହାରିଯାଇଥିଲା। ଏହି ଗ୍ରୁପ୍‌ରୁ ଚୀନ୍ ଓ ଭାରତ ଦୁଇ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

TARIFF CARD
W.e.f. 1st April, 2024

RNI REGD NO: 42041/83
www.sakalaepaper.com
Sakalanews
Sakalanews
www.thesakala.in

ସକାଳ THE SAKALA
A unit of Nandighosha Network Pvt. Ltd.

Email: advt@thesakala.com | Phone: 0674 - 2955342

DISPLAY

| POSITION | HUE | EDITIONS ALL | BBSR | SBP | JPR | BLS |
|---|---|---|---|---|---|---|
| FRONT PAGE | COLOR | 1200 | 700 | 600 | 500 | 400 |
| | B/W | 1000 | 500 | 450 | 400 | 350 |
| BACK PAGE | COLOR | 1000 | 500 | 400 | 350 | 300 |
| | B/W | 800 | 350 | 300 | 275 | 250 |
| INNER PAGE | COLOR | 800 | 350 | 250 | 225 | 200 |
| | B/W | 600 | 275 | 225 | 200 | 175 |

SKYBUS / NAVIGATOR
FRONT PAGE
COLOR
₹ 1,00,000/-
ALL EDITION

STRIP ADVT.
BACK PAGE
COLOR
₹ 50,000/-
ALL EDITION

COMMERCIAL NOTICE/TENDER
INNER PAGE
B/W
₹ 400
ALL EDITION

FILM / ENTERTAINMENT
INNER PAGE
COLOR
₹ 250
ALL EDITION

APPOINTMENT (1+1)
INNER PAGE
COLOR
₹ 300
ALL EDITION

INNER PAGE
B/W
₹ 200
ALL EDITION

CLASSIFIEDS

Birthday/ Obituary / Marriage Wish

| DAYS | SIZE IN SQCM. | RATE |
|---|---|---|
| EVERYDAY | 4X10 | Rs.1000/- |

DISPLAY CLASSIFIEDS

| DAYS | SIZE IN SQCM. | RATE |
|---|---|---|
| 7 DAYS | 8X5 | ₹ 10,000/- |
| 15 DAYS | 8X5 | ₹ 16,000/- |
| 30 DAYS | 8X5 | ₹ 30,000/- |

AFFIDAVIT, SALE, PURCHASE, LOST

| | | |
|---|---|---|
| EVERYDAY RUN ON WORDS | Rs. 20/- per word | Highlight Rs.100/- Extra |
| | SCHEME | 3+1 |
| | | 5+2 |
| | | 10+5 |
| | | 30+30 |

| | | | |
|---|---|---|---|
| Ph.D / Foreign Trip | EVERYDAY | 4X10 to 4x15 | ₹ 1500/- |
| SCHOLARSHIP | EVERYDAY | 4X10 | ₹ 1200/- |
| MISSING | EVERYDAY | 4X10 | ₹ 200/- |

I&PR Rs.71.19
DAVP Rs.76.52

• GST Applicable

MECHANICAL DATA
The Sakala: Print Area-33cm x 51 cm, **Front Full Page** - 32.5cm x 44 cm, **Inner Full Page** - 32.5 cm x 50 cm, **Half Page** - 32.5cm x 25 cm (Horizontal), **Half page** - 16cmx50cm (Vertical), **Quarter Page** - 16cmx25cm, Tabloid : Print Area-24.5 cm X 30 cm, Minimum Point size : Odia-9.5 Pts, English-7.5 pts, Screen 45 (B&W), 90(Col), Printing Process : (Offset Column Size) 1 Col= 4cm, 2 Col=8cm, 3 Col=12.2cm, 4 Col=16cm, 5 Col=20.5 Cm, 6 Col= 24.7 Cm, 7Col= 28.8Cm, 8 Col=33 Cm.

THE SAKALA
(A UNIT OF NANDIGHOSHA NETWORK PVT. LTD)
Plot No. - 90 & 91, Bhagabanpur I/E, Patrapara, Bhubaneswar - 751019
Contact No : 0674-2955342, 0674-2954342

ଟି-୨୦ ବିଶ୍ୱକପ୍ ଭାରତୀୟ ଦଳ ଘୋଷିତ

# ପନ୍ତ, ଦୁବେ, ଚହଲ ଓ ସାମସନ ସାମିଲ

**ନୂଆଦିଲ୍ଲୀ, ୩୦।୪(ଏଜେନ୍ସି)**

ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍ ୧ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଫିଟ୍‌ନେସ ଓ ଫର୍ମ ଦେଖାଇଥିବା ୱିକେଟରକ୍ଷକ ତଥା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଋଷଭ ପନ୍ତ, ବିସ୍ଫୋରକ ବ୍ୟାଟର ଚେନ୍ନାଇ ସୁପର କିଙ୍ଗ୍‌ସର ଶିବମ ଦୁବେ ଓ ଦ୍ୱିତୀୟ ୱିକେଟରକ୍ଷକ ଭାବେ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ୍‌ଙ୍କୁ ସାମିଲ କରାଯାଇଛି। ରୋହିତ ଶର୍ମାଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଡେପୁଟି ଚୟନ ହୋଇଛନ୍ତି। ଏହି ଦଳରେ ୪ ଜଣ ସ୍ପିନରଙ୍କୁ ମନୋନୀତ କରାଯାଇଥିଲାବେଳେ ଏମାନଙ୍କ ସହ ଯୁଜବେନ୍ଦ୍ର ଚହଲ ରହିଛନ୍ତି। ନିକଟରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍‌ରେ ଚହଲଙ୍କୁ ସ୍ଥାନ ମିଳି ନ ଥିଲା। କିନ୍ତୁ ଚଳିତ ଆଇପିଏଲ୍‌ରେ ସେ ଜବରଦସ୍ତ ଫର୍ମରେ ରହିଛନ୍ତି ଓ ଆୟୋଜକ ଦେଶର ପିଚ୍ ମନ୍ଥର ହୋଇଥିବାରୁ ଚହଲଙ୍କୁ ଦଳରେ ସାମିଲ କରାଯିବାର ଯଥାର୍ଥ ହୋଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ୩ଜଣ ଯାକ ସ୍ପିନର ହେଉଛନ୍ତି ବାମହାତୀ। ସେମାନେ ହେଲେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ କୁଲଦୀପ ଯାଦବ।

ସେହିପରି ଦଳରେ ମାତ୍ର ୩ ଜଣ ବିଶେଷଜ୍ଞ ସ୍ପିନରଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ବାମହାତୀ ଅର୍ଶଦୀପ ସିଂ। ଏମାନଙ୍କୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ମିଡିୟମ୍ ପେସ୍ ବୋଲିଂରେ ସହାୟତା ଯୋଗାଇଦେବେ। ସେହିପରି ରୋହିତ ଶର୍ମାଙ୍କ ଓପନିଂ ପାର୍ଟନର ଭାବେ ଯଶସ୍ୱୀ ଜୟସ୍ୱାଲଙ୍କୁ ମନୋନୀତ କରାଯାଇଛି। ଅନ୍ୟତମ ଆଶାୟୀ ତଥା ଗୁଜରାଟ ଜାଏଣ୍ଟସ ଅଧିନାୟକ ଶୁବମାନ ଗିଲ୍‌ଙ୍କୁ ରିଜର୍ଭରେ ରଖାଯାଇଛି। ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ ଅନ୍ୟ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ସ୍ଥାନ ପାଇଛନ୍ତି।

ଗିଲ୍‌ଙ୍କ ସହ ଲୋକେଶ ରାହୁଲ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କୁ ଚୂଡାନ୍ତ ଦଳରେ ସ୍ଥାନ ମିଳିନାହିଁ। ରାହୁଲ ଏବେ ଭଲ ଫର୍ମରେ ଅଛନ୍ତି ଓ ଲକ୍ଷ୍ନୌ ସୁପର ଜାଏଣ୍ଟସର ନେତୃତ୍ୱ ନେଉଛନ୍ତି। ପ୍ରତିଯୋଗିତା ଲାଗି ୧୫ ଜଣ ଖେଳାଳିଙ୍କ ଚୟନ କରାଯାଇଛି ଓ ୪ଜଣ ରିଜର୍ଭ ଖେଳାଳିଙ୍କୁ ନିଆଯାଇଛି। ଏହି ୪ଜଣ ହେଲେ ଗିଲ, ରିଙ୍କୁ ସିଂ, ଖଲୀଲ ଅହମ୍ମଦ୍ ଓ ଆଭେଷ ଖାନ୍। ଏମାନେ ସମସ୍ତେ ଭଲ ପ୍ରଦର୍ଶନ କରି ପୂର୍ବରୁ ଜାତୀୟ ଦଳରେ ଖେଳିସାରିଛନ୍ତି। ଏତେ ସଂଖ୍ୟକ ରିଜର୍ଭ ଖେଳାଳି ନେବାର ଆବଶ୍ୟକତା ହେଲା ଏବେ ଆଇପିଏଲ୍ ଚାଲିଥିବା କିଛି ଖେଳାଳି ଆହତ ହେବାର ସମ୍ଭାବନା ରହିଛି। ଏହାକୁ ଆଖିଆଗରେ ରଖି ଏତେ ସଂଖ୍ୟକ ଖେଳାଳିଙ୍କୁ ନିଆଯାଇଛି।

ଚଳିତ ବିଶ୍ୱକପ୍‌ରେ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଦଳ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷ ମୁକାବିଲାରୁ ତାହାର ଅଭିଯାନେ ଆରମ୍ଭ କରିବ। ଜୁନ୍ ୯ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଜୁନ୍ ୧୨ରେ ଆମେରିକା, ଜୁନ୍ ୧୫ରେ କାନାଡା ସହ ଖେଳି ଗ୍ରୁପ ପର୍ଯ୍ୟାୟ ଶେଷ କରିବ। ଜୁନ୍ ୧୯ରୁ ୨୪ ଯାଏ ସୁପର-୮ ପର୍ଯ୍ୟାୟ, ଜୁନ୍ ୨୬ ଓ ୨୭ରେ ଦୁଇଟି ସେମିଫାଇନାଲ ଓ ଜୁନ୍ ୨୯ରେ ଫାଇନାଲ ଖେଳାଯିବ।













## ଭାରତୀୟ ଦଳ

**ବ୍ୟାଟର(୪):** ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, **ୱିକେଟରକ୍ଷକ/ବ୍ୟାଟର(୨):** ଋଷଭ ପନ୍ତ ଓ ସଞ୍ଜୁ ସାମସନ, **ଅଲରାଉଣ୍ଡର (୪):** ହାର୍ଦ୍ଦିକ ପାଣ୍ଡ୍ୟା-ପେସ୍ (ଉପଅଧିନାୟକ), ଶିବମ ଦୁବେ-ପେସ, ରବୀନ୍ଦ୍ର ଜାଡେଜା-ସ୍ପିନ୍ ଓ ଅକ୍ଷର ପଟେଲ-ସ୍ପିନ୍, **ପେସ୍ ବୋଲର (୩):** ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଅର୍ଶଦୀପ ସିଂ, **ସ୍ପିନର (୨)-** କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ। **ରିଜର୍ଭ ଖେଳାଳି (୪):** ଶୁବମାନ ଗିଲ୍, ରିଙ୍କୁ ସିଂ, ଖଲୀଲ ଅହମ୍ମଦ୍ ଓ ଆଭେଷ ଖାନ୍।

## ଇଂଲଣ୍ଡ ଦଳରେ ଜୋଫ୍ରା ଆର୍ଚର



**ଲଣ୍ଡନ, ୩୦।୪(ଏଜେନ୍ସି):** ଆଘାତ ସମସ୍ୟା ଯୋଗୁ ଦୀର୍ଘଦିନ ସଂଘର୍ଷ କରିବା ପରେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଘୋଷିତ ଇଂଲଣ୍ଡ ଦଳରେ ସ୍ଥାନ ମିଳିଛି। ଡାହାଣହାତ କହୁଣୀରେ ଆଘାତ ଲାଗିବାରୁ ୨୦୨୧ରେ ଓ ପିଠିରେ ଆଘାତ ଯୋଗୁ ୨୦୨୨ରେ ବିଶେଷ ମ୍ୟାଚ୍ ଖେଳି ନ ଥିଲେ। ଏଥିଲାଗି ତାଙ୍କର ଦୁଇଥର ଅସ୍ତ୍ରୋପଚାର କରାଯାଇଥିଲା। ଏବେ ଫିଟ୍ ଘୋଷିତ ହେବା ପରେ ନିଜ ଦେଶରେ କ୍ରିକେଟ ଖେଳିବାକୁ ଯାଉଛନ୍ତି। ତାଙ୍କୁ ପ୍ରଥମେ ପାକିସ୍ତାନ ବିପକ୍ଷ ଟି-୨୦ ସିରିଜ୍‌ରେ ଖେଳାଯିବ। ମ୍ୟାଚ୍ ଫିଟ୍ ହେଲେ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ। ଜୋଶ ବଟ୍ଲରଙ୍କ ନେତୃତ୍ୱରେ ଗଠିତ ଦଳରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଖେଳୁଥିବା ପ୍ରାୟ ସମସ୍ତ ଖେଳାଳି ସ୍ଥାନ ପାଇଛନ୍ତି। ଜନ୍ନି ବେୟାରଷ୍ଟୋ, ଫିଲିପ ସଲ୍ଟ, ୱିଲ ଜ୍ୟାକ୍ସ, ହ୍ୟାରୀ ବ୍ରୁକ୍, ସାମ କରାନ, ଲିଆମ ଲିଭିଙ୍ଗଷ୍ଟୋନ୍ ଓ ରିସି ଟୋପ୍‌ଲେ ପ୍ରମୁଖ ଆଇପିଏଲରେ ଭଲ ଖେଳୁଛନ୍ତି। ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଟମ୍ ହର୍ଟଲୀ ଏକମାତ୍ର ନବାଗତ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି। ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ତାହାର ପ୍ରଥମ ମ୍ୟାଚ୍ ଜୁନ୍-୪ରେ ସ୍କଟଲାଣ୍ଡ ସହ ଖେଳିବ।

**ଇଂଲଣ୍ଡ ଦଳ:** ଜୋଶ ବଟ୍ଲର (ଅଧିନାୟକ), ଜନ୍ନି ବେୟାରଷ୍ଟୋ, ବେନ୍ ଡକେଟ, ଫିଲିପ ସଲ୍ଟ, ୱିଲ ଜ୍ୟାକ୍ସ, ହ୍ୟାରୀ ବ୍ରୁକ୍, ଲିଆମ ଲିଭିଙ୍ଗଷ୍ଟୋନ୍, ମୋଇନ୍ ଅଲି (ଉପଅଧିନାୟକ), ସାମ କରାନ, ଜୋଫ୍ରା ଆର୍ଚର, କ୍ରିସ୍ ଜୋର୍ଡାନ, ରିସି ଟୋପ୍‌ଲେ, ମାର୍କ ଉଡ୍, ଆଦିଲ ରଶିଦ୍ ଓ ଟମ୍ ହର୍ଟଲୀ।

## ମାର୍କରାମଙ୍କୁ ଦକ୍ଷିଣ ଆଫ୍ରିକାର ନେତୃତ୍ୱ



**ଜୋହାନ୍ସବର୍ଗ, ୩୦।୪ (ଏଜେନ୍ସି):** ଆଇଡେନ ମାର୍କରାମଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଘୋଷିତ ୧୫ ଜଣିଆ ଦଳରେ ଦୁଇଜଣ ନୂଆ ଖେଳାଳି ଯଥା ବ୍ୟାଟର ର୍‌ୟାନ୍ ରିକେଲଟନ ଓ ପେସ ବୋଲର ଓଟ୍ଟନିଏଲ ବାର୍ଟମ୍ୟାନଙ୍କୁ ସ୍ଥାନ ମିଳିଛି। ଆହତ ହେବା ପରେ ଆଇପିଏଲ୍ ଖେଳି ଫିଟ ହୋଇଥିବା ଫାଷ୍ଟ ବୋଲର ଆନରିଚ୍ ନୋର୍ଜେଙ୍କୁ ମଧ୍ୟ ଚୂଡାନ୍ତ ଦଳରେ ନିଆଯାଇଛି। ସେ ଗୋଟିଏ ବର୍ଷ ହେଲା ଟି-୨୦ ଖେଳିନାହାନ୍ତି। ମାର୍କରାମଙ୍କ ନେତୃତ୍ୱରେ ୩ ପାୱାର ହିଟର କ୍ୱିଣ୍ଟନ ଡି କକ୍, ଡେଭିଡ୍ ମିଲର ଓ ହେନ୍‌ରିକ୍ କ୍ଲାସେନଙ୍କୁ ନିଆଯାଇଛି। ଦଳରେ ମଧ୍ୟ ୩ଜଣ ସ୍ପିନରଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ଜନ ଫର୍ଚୁଇନ୍, କେଶବ ମହରାଜ ଓ ତାବ୍ରେଜ୍ ସାମସି। ଦକ୍ଷିଣ ଆଫ୍ରିକା ପୂର୍ବରୁ ଆଦୌ ବିଶ୍ୱକପ୍ ଜିତିନାହିଁ। ଏଥର ଗ୍ରୁପ୍-ଡି'ରେ ବାଂଲାଦେଶ, ନେଦରଲାଣ୍ଡସ, ନେପାଳ ଓ ଶ୍ରୀଲଙ୍କା ସହ ସ୍ଥାନ ପାଇଛି।

**ଖେଳାଳି ଦଳ:** ଆଇଡେନ ମାର୍କରାମ (ଅଧିନାୟକ), କ୍ୱିଣ୍ଟନ ଡି କକ୍, ରିଜା ହେଣ୍ଡ୍ରିକ୍ସ, ହେନ୍‌ରିକ୍ କ୍ଲାସେନ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, ର୍‌ୟାନ୍ ରିକେଲଟନ, ମାର୍କୋ ଜାନ୍‌ସେନ୍, କାଗିସୋ ରାବାଡା, ଆନ୍‌ରିଚ୍ ନୋର୍ଜେ, ଓଟ୍ଟିନିଏଲ ବାର୍ଟମ୍ୟାନ୍, ଜନ ଫର୍ଚୁଇନ୍, କେଶବ ମହରାଜ ଓ ତାବ୍ରେଜ୍ ସାମସି। **ରିଜର୍ଭ:** ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡି।

## ହର୍ଷିତ ରାଣା ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

ନୂଆଦିଲ୍ଲୀ,୩୦।୪(ଏଜେନ୍ସି): କୋଲକାତା ନାଇଟ ରାଇଡର୍ସ ଦ୍ରୁତ ବୋଲର ହର୍ଷିତ ରାଣା ଚଳିତ ଆଇପିଏଲ୍‌ର ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ସୋମବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମୁକାବିଲାରେ ସେ ଆଚରଣ ବିଧି ଉଲ୍ଲଂଘନ କରି ବାସନ୍ଦ ହେବା ସହ ଶତ ପ୍ରତିଶତ ମ୍ୟାଚ୍ ପାଉଣା ଜରିମାନା ଆକାରରେ ଦେବେ। ଫଳରେ ସେ ଆସନ୍ତା ୩ ତାରିଖରେ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡିବେ। ତେବେ ତାଙ୍କୁ ଦଣ୍ଡିତ କରିବାର କାରଣ ନେଇ ଆଇପିଏଲ ତରଫରୁ କିଛି କୁହାଯାଇନାହିଁ। ପାଳିର ସପ୍ତମ ଓଭରରେ ସେ ଦିଲ୍ଲୀର ଅଭିଷେକ ପୋରେଲଙ୍କୁ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇବା ପରେ ଅତ୍ୟଧିକ ଭାବେ ଉତ୍ସାହିତ ହୋଇ ତାଙ୍କୁ ସେଣ୍ଡ-ଅଫ୍ ଦେଖାଇଥିଲେ। ଚଳିତ ସଂସ୍କରଣରେ ସେ ଦ୍ୱିତୀୟଥର ପାଇଁ ଏଭଳି ତ୍ରୁଟି କରିଛନ୍ତି।

## ପ୍ଲେ-ଅଫ୍ ଖେଳିବେନି ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିଥିବା ଇଂଲଣ୍ଡ କ୍ରିକେଟରମାନେ ପ୍ଲେ-ଅଫ୍ ଖେଳିବେ ନାହିଁ। ଇଂଲଣ୍ଡ ଖେଳାଳିମାନେ ପାକିସ୍ତାନ ବିପକ୍ଷରେ ଆୟୋଜନ ହେବାକୁ ଥିବା ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳିବେ। ମେ ୨୧ରୁ ଆଇପିଏଲ ପ୍ଲେ-ଅଫ୍ ମୁକାବିଲା ଖେଳାଯିବ। ସେହିପରି ମେ ୨୨ରୁ ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଟି-୨୦ ସିରିଜ ଆରମ୍ଭ ହେବ। ଫଳରେ ଇଂଲଣ୍ଡ ଖେଳାଳିମାନେ ଆଇପିଏଲ ପ୍ଲେ-ଅଫ୍ ନ ଖେଳି ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଛି। ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପାଇଁ ଘୋଷିତ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ପାକିସ୍ତାନ ବିପକ୍ଷ ସିରିଜ ଖେଳିବେ ଓ ଏଥିପାଇଁ ଉପଲବ୍ଧ ହେବା ଜରୁରୀ ବୋଲି ଇସିବି ତରଫରୁ ସ୍ପଷ୍ଟ କରାଯାଇଛି। ଫଳରେ ଯେଉଁ ଖେଳାଳି ଦଳରେ ସ୍ଥାନ ପାଇଛନ୍ତି ସେମାନେ ଆଇପିଏଲ ପ୍ଲେ-ଅଫ୍ ନ ଖେଳି ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବେ। ଟି-୨୦ ବିଶ୍ୱକପ୍ ଜୁନ୍ ୧ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

ଚଳିତ ଆଇପିଏଲର ପ୍ଲେ- ଅଫ୍ ମୁକାବିଲା ମେ ୨୧ରୁ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ମେ୍ ୨୬ରେ ଖେଳାଯିବ। ପ୍ଲେ-ଅଫ୍‌ରେ ୪ଟି ମ୍ୟାଚ୍ ଖେଳାଯିବ। ଏଥିରେ ୨୧ ତାରିଖରେ କ୍ୱାଲିଫାୟର-୧, ୨୨ରେ ଏଲିମିନେଟର, ୨୪ରେ କ୍ୱାଲିଫାୟର-୨ ଓ ଫାଇନାଲ ମୁକାବିଲା ସାମିଲ ରହିଛି। ଇଂଲଣ୍ଡର ୮ ଜଣ ଖେଳାଳି ପ୍ଲେ -ଅଫ୍ ଖେଳିବାରୁ ବଞ୍ଚିତ ହେବେ। ସେମାନେ ହେଲେ ଜୋସ ବଟଲର (ରାଜସ୍ଥାନ ରୟାଲ୍ସ), ମୋଇନ୍ ଅଲି (ଚେନ୍ନାଇ ସୁପର କିଙ୍ଗ୍‌ସ), ଜନି ବେୟାରଷ୍ଟୋ, ସାମ କୁରାନ, ଲିୟମ ଲିଭିଂଷ୍ଟୋନ (ପଞ୍ଜାବି କିଙ୍ଗ୍‌ସ), ୱିଲ ଜ୍ୟାକ, ରିସି ଟୋପ୍‌ଲେ (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ଫିଲ ସଲ୍ଟ (କୋଲକାତା ନାଇଟ ରାଇଡର୍ସ)।

## ମାଦ୍ରିଦ୍ ଓପନ୍ ଟେନିସ୍: ସେମିରେ ସ୍ୱିଆଟେକ୍

**ମାଦ୍ରିଦ୍,୩୦।୪(ଏଜେନ୍ସି):** ଏଠାରେ ଚାଲିଥିବା ମାଦ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଏକକ ପ୍ରତିଯୋଗିତାରେ ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ସ୍ୱିଆଟେକ୍ ୪-୬, ୬-୦, ୬-୨ ସେଟ୍‌ରେ ୧୧ତମ ସିଡ୍ ବ୍ରାଜିଲର ବିଟ୍ରିଜ ହାଡେଡ ମଇଆଙ୍କୁ ହରାଇ ସେମିକୁ ଉଠିଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ପ୍ରି- କ୍ୱାର୍ଟର ଫାଇନାଲରେ ୪-୬, ୬-୪, ୬-୩ ସେଟ୍‌ରେ ଆମେରିକାର ୧୩ତମ ସିଡ୍ ଖେଳାଳି ଡାନିଏଲେ କଲିନ୍ସଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ଏକକରେ ରୁଷିଆର ଡାନିଲ ମେଦେଭେ, ଆନ୍ଦ୍ରେ ରୁବଲେଭ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଜୟୀ ହୋଇଛନ୍ତି। ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ତୃତୀୟ ସିଡ ମେଦଭେଦେଭ ୭-୬, ୬-୪ ସେଟ୍‌ରେ ୧୭ତମ ସିଡ୍ କାଜାଖସ୍ତାନର ଆଲେଜାଣ୍ଡର ବଲ୍‌ବିକଙ୍କୁ, ୭ମ ସିଡ୍ ରୁବଲେଭ ୬-୨, ୬-୪ ସେଟ୍‌ରେ ନେଦରଲାଣ୍ଡସର ଟାଲୋନ ଗ୍ରିକ୍ସପୋରଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ୧୬ତମ ସିଡ୍ ରୁଷିଆର କାରେନ ଖାଚାନୋଭ ୭-୫, ୬-୪ ସେଟ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସ୍ପେନ୍ ଅଭିଜ୍ଞ ଖେଳାଳି ରାଫେଲ ନାଦାଲ ରାଉଣ୍ଡ ଅଫ୍ ୩୨ରେ ୬-୧, ୬-୭, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ପେଡ୍ରୋ କାଚିନଙ୍କୁ ହରାଇଛନ୍ତି।

ରୋହିତ୍, ସୂର୍ଯ୍ୟକୁମାର ଫେଲ୍; ମୁମ୍ବାଇର ୭ମ ପରାଜୟ

# ଷ୍ଟୋଇନିସଙ୍କ ଅର୍ଦ୍ଧଶତକରେ ଲକ୍ଷ୍ନୌ ବିଜୟୀ



ଅର୍ଦ୍ଧଶତକୀୟ ପାଳି ଅବସରରେ ମାର୍କସ ଷ୍ଟୋଇନିସ୍

**ଲକ୍ଷ୍ନୌ, ୩୦।୪ (ଏଜେନ୍ସି)**

ଚଳିତ ଆଇପିଏଲ୍‌ର ୪୮ତମ ମୁକାବିଲାରେ ମଙ୍ଗଳବାର ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ୪ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ମୁମ୍ବାଇ ପ୍ରଦତ୍ତ ୧୪୫ ରନର ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ୧୯.୨ ଓଭରରେ ୬ ୱିକେଟ୍ ହରାଇ ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ମାର୍କସ ଷ୍ଟୋଇନିସ ସର୍ବାଧିକ ୬୨ ରନ (୪୫ ବଲ, ୭ଚୌକା ଓ ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲୋକେଶ ରାହୁଲ ୨୮, ଦୀପକ ହୁଡା ୧୮, ଆଷ୍ଟନ ଟର୍ଣ୍ଣର ୫, ଆୟୁଷ ବଦୋନୀ ୬ ରନ କରିଥିଲେ। ଖେଳ ଶେଷ ବେଳକୁ ନିକୋଲସ ପୁରନ ୧୪ ଓ କ୍ରୁନାଲ ପାଣ୍ଡ୍ୟା ୧ ରନରେ ଅପରାଜିତ ରହିଥିଲେ। ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଥିଲା। ଏଥିସହ ଲକ୍ଷ୍ନୌ ୧୦ମ ମ୍ୟାଚରୁ ୬ଷ୍ଠ ବିଜୟ ଓ ମୁମ୍ବାଇ ୭ମ ପରାଜୟବରଣ କରିଛି।

ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ମୁମ୍ବାଇ ଇଣ୍ଡିଆନ୍ସ ୨୭ ରନ ମଧ୍ୟରେ ୪ଜଣ ବ୍ୟାଟର୍‌ଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ୍ ଶର୍ମା (୪ ରନ), ସୂର୍ଯ୍ୟକୁମାର ଯାଦବ (୧୦), ତିଲକ ବର୍ମା (୭) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିବା ପୂର୍ବରୁ ବିଦାୟ ନେଇଥିଲେ। ନବୀନ ଉଲ୍-ହକ୍‌ଙ୍କ ଆଉଟ୍ ସୁଇଂ ବଲକୁ ବୁଝି ନ ପାରି ପାଣ୍ଡ୍ୟା ୱିକେଟ୍ ପଛରେ ରାହୁଲଙ୍କ ହାତରେ ଧରାପଡ଼ିଥିଲେ। ତେବେ ଓପନିଂରୁ ଆସି ଧିମା ଖେଳୁଥିବା ୱିକେଟ୍‌ରକ୍ଷକ ଇଶାନ କିଶାନଙ୍କ ସହ ମିଶି ନେହାଲ ୱାଧେର ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍ ଭାଗୀଦାରିରେ ୫୩ ରନ ସଂଗ୍ରହ କରିଥିଲେ। ତେବେ ଦଳୀୟ ସ୍କୋର ୮୦ ରନ ହୋଇଥିବାବେଳେ ଇଶାନଙ୍କୁ ଆଉଟ୍ କରି ଲେଗ୍-ସ୍ପିନର ରବି ବିଷ୍ଣୋଇ ଏହି ଯୋଡ଼ି ଭାଙ୍ଗିଥିଲେ। ଓପନିଂରୁ ଆସିଥିବା ଇଶାନ ୩୬ ବଲରୁ ୩ ଚୌକା ମାଧ୍ୟମରେ ୩୨ ରନ କରିଥିଲେ। ଏହାପରେ ୱାଧେରଙ୍କ ସହ ଅଷ୍ଟ୍ରେଲିଆର ଟିମ୍ ଡେଭିଡ୍ ଯୋଗଦେଇଥିଲେ। ଏହି ଯୋଡ଼ି ଦଳୀୟ ସ୍କୋରକୁ ଶହେ ଅତିକ୍ରମ କରାଇବାରେ ସଫଳ ହୋଇଥିଲେ। ତେବେ ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହେଉଥିବା ବାମହାତୀ ବ୍ୟାଟର୍ ୱାଧେର ୪୬ ରନ କରିଥିବାବେଳେ ମୋହସିନ ଖାନଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ୪୧ ବଲର ଏହି ପାଳିରେ ସେ ୪ଟି ଚୌକା ଓ ୨ଟି ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ନେହାଲ ୬ଷ୍ଠ ୱିକେଟ୍‌ରେ ଡେଭିଡ୍‌ଙ୍କ ସହ ୩୨ ରନ ସଂଗ୍ରହ କରିଥିଲେ। ଶେଷ ଭାଗରେ ଡେଭିଡ୍ ଗୋଟିଏ ପାଶ୍ୱର୍ରୁ ବଡ଼ ସଟ୍‌ମାନ ଖେଳିବା ଯୋଗୁ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୪ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଖେଳ ଶେଷ ବେଳକୁ ଡେଭିଡ୍ ୧୮ ବଲରୁ ୩ ଚୌକା ଓ ଗୋଟିଏ ଛକା ବଳରେ ୩୫ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ନବୀ ୧ ଓ ଗେରାଲ୍ଡ କୋଏର୍ଜ ଅପରାଜିତ ୧ ରନ କରିଥିଲେ। ଘରୋଇ ସୁପର୍ ଜାଏଣ୍ଟସର ବୋଲରମାନେ ବେଶ୍ ମାପଚୁପ ବୋଲିଂ କରିଥିଲେ। ମୋହସିନ ୨ଟି ୱିକେଟ୍ ନେଇଥିବାବେଳେ ମାର୍କସ ଷ୍ଟୋଇନିସ, ନବୀନ ଉଲ୍-ହକ୍, ମୟଙ୍କ ଯାଦବ ଓ ବିଷ୍ଣୋଇଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ଚେନ୍ନାଇ-ପଞ୍ଜାବ**
ସ୍ଥାନ- ଚେନ୍ନଇ, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ପୁଣି ଆହତ ହେଲେ ମୟଙ୍କ ଯାଦବ

ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ୨୧ ବର୍ଷୀୟ ଦ୍ରୁତ ବୋଲର ମୟଙ୍କ ଯାଦବ ପୁଣିଥରେ ଆହତ ହୋଇଛନ୍ତି। ଆଘାତ ସମସ୍ୟାରୁ ଫେରିବା ପରେ ସେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳିଥିଲେ। ତେବେ ସେ ମାତ୍ର ୧୯ଟି ବଲ ବୋଲିଂ କରିବା ପରେ ପୁଣି ଆହତ ହୋଇଥିଲେ। ଫଳରେ ସେ ତାଙ୍କ ସ୍ପେଲ୍ ଶେଷ କରିପାରି ନଥିଲେ ଅର୍ଥାତ ଚତୁର୍ଥ ଓଭରର ବାକି ୫ଟି ବଲ୍ ପକାଇପାରି ନଥିଲେ। ଚତୁର୍ଥ ଓଭରର ପ୍ରଥମ ବଲ୍‌ରେ ମହମ୍ମଦ ନବୀଙ୍କୁ ପ୍ରଥମ ବଲ୍‌ରେ ବୋଲ୍ଡ କରିବା ପରେ ସେ ବଲ ପକାଇପାରି ନଥିଲେ ଓ ତାଙ୍କୁ ପଡ଼ିଆ ଛାଡି ପ୍ୟାଭିଲିଅନ ଫେରିବାକୁ ପଡିଥିଲା। ଫଳରେ ନବୀନ ଉଲ ହକ ତାଙ୍କର ସ୍ପେଲ୍‌ର ବାକି ୫ଟି ବଲ୍ ବୋଲିଂ କରିଥିଲେ। ତେବେ ସେ କାହିଁକି ପଡିଆ ଛାଡିଲେ ସେ ନେଇ ଆଇପିଏଲ ତରଫରୁ କିଛି କୁହାଯାଇନାହିଁ। ଚଳିତ ଆଇପିଏଲରେ ଦ୍ରୁତତମ ବଲ ପକାଇ ସେ ଚର୍ଚ୍ଚା କେନ୍ଦ୍ରବିନ୍ଦୁ ସାଜିଥିଲେ। ପୂର୍ବରୁ ତାଙ୍କ ତଳି ପେଟ୍‌ରେ ସମସ୍ୟା ରହିଥିଲା ଓ କେତୋଟି ମ୍ୟାଚ୍ ଖେଳିପାରି ନଥିଲେ।




## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା | ୯ | ୬ | ୩ | ୧୨ | +୧.୦୯୬ |
| ଲକ୍ଷ୍ନୌ | ୧୦ | ୬ | ୪ | ୧୨ | +୦.୦୯୪ |
| ଚେନ୍ନାଇ | ୯ | ୫ | ୪ | ୧୦ | +୦.୮୧୦ |
| ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୦୭୫ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ଗୁଜରାଟ | ୧୦ | ୪ | ୬ | ୮ | -୧.୧୧୩ |
| ପଞ୍ଜାବ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ | ୧୦ | ୩ | ୭ | ୬ | -୦.୨୭୨ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA